# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୨/୨୦୨୨ (୧୬ ପୃଷ୍ଠା) | Bhubaneswar, Thursday, September 22/2022 Page 16 | ₹ 7.00 | ★★★★★★

୪୮ଶ ଭାଗ ୨୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 298 | ମୂଲ୍ୟ ₹୭/-




**ପୁଟିନ୍‌ଙ୍କ ଧମକକୁ ଗମ୍ଭୀରତାର ସହ ନିଆଯାଉ: ବ୍ରିଟେନ**
ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କ ଆଣବିକ ଅସ୍ତ୍ର ବ୍ୟବହାର ଧମକକୁ ଗମ୍ଭୀରତା ସହ ନିଆଯିବା ଜରୁରୀ ବୋଲି ବ୍ରିଟେନ ବହିର୍ବ୍ୟାପାର ମନ୍ତ୍ରୀ ଜିଲିଆନ୍ କିଗନ୍ କହିଛନ୍ତି। କିଗନ୍‌ଙ୍କ ମତରେ ବର୍ତ୍ତମାନ ରୁଷିଆ ହେଉ କି ପାଶ୍ଚାତ୍ୟ ନିୟନ୍ତ୍ରଣରେ କେହି ନାହାନ୍ତି। ଏଥିରୁ ଉତ୍ତେଜନା ବୃଦ୍ଧି ହେବା ସ୍ପଷ୍ଟ ଜଣାପଡୁଛି।



## ସଂକ୍ଷେପରେ

### ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା
### ଶ୍ରେଣୀଗୃହରେ ୧୮ ଘଣ୍ଟା ବନ୍ଦ ରହିଲେ ଛାତ୍ରୀ

**ଲକ୍ଷ୍ନୌ,୨୧।୯:** ଉତ୍ତର ପ୍ରଦେଶ ସମ୍ଭାଲର ଧନାରିପତି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀର ଜଣେ ଛାତ୍ରୀ ୧୮ ଘଣ୍ଟା କାଳ ଶ୍ରେଣୀଗୃହରେ ବନ୍ଦ ରହିଥିବା ଘଟଣା ସାମ୍ନାକୁ ଆସିଛି। ମଙ୍ଗଳବାର ସ୍କୁଲ ଛୁଟି ହେବା ପରେ ଛାତ୍ରୀ ଜଣକ ଘରକୁ ଫେରି ନ ଥିଲେ। ଛାତ୍ରୀଙ୍କୁ ଖୋଜିବାପାଇଁ ତାଙ୍କ ଆଈ ସ୍କୁଲରେ ଯାଇ ପହଞ୍ଚି ଥିଲେ ହେଁ ନାତୁଣୀଙ୍କୁ ପାଇ ନ ଥିଲେ। ଘରନିକଟରେ ଥିବା ଜଙ୍ଗଲ ଓ ପଡ଼ୋଶୀଙ୍କ ଘର ବୁଲି ଖୋଜାଖୋଜି କରିଥିଲେ ପରିବାର ଲୋକେ। କିନ୍ତୁ ୭ ବର୍ଷୀୟା ନାବାଳିକାଙ୍କ ବିଷୟରେ କୌଣସି ସୂଚନା ମିଳି ନ ଥିଲା। ବୁଧବାର ସକାଳ ୮ଟାବେଳେ ସ୍କୁଲ ଖୋଲିବା ପରେ ଜଣାପଡ଼ିଥିଲା ଯେ, ଛାତ୍ରୀ ଜଣକ ସାରା ରାତି ଶ୍ରେଣୀଗୃହରେ ବନ୍ଦ ଥିଲେ। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ଏପରି ହୋଇଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବ୍ଲକ୍ ଏଜୁକେଶନ୍ ଅଫିସର କହିଛନ୍ତି।

### ଏବିଜି ଶିପ୍‌ୟାର୍ଡ ମୁଖ୍ୟ ରିଶି ଅଗ୍ରୱାଲ ଗିରଫ



**ନୂଆଦିଲ୍ଲୀ,୨୧।୯:** ବ୍ୟାଙ୍କରୁ ୨୨,୮୦୦ କୋଟି ଟଙ୍କା ଠକେଇ ମାମଲାରେ ଏବିଜି ଶିପ୍‌ୟାର୍ଡ କମ୍ପାନୀର ଅଧକ୍ଷ ରିଶି କମଲେଶ ଅଗ୍ରୱାଲଙ୍କୁ ସିବିଆଇ ଗିରଫ କରିଛି। ଏହି କମ୍ପାନୀ ଆଇସିଆଇସିଆଇ ବ୍ୟାଙ୍କ ସମେତ ୨୮ଟି ବ୍ୟାଙ୍କରୁ ଋଣ ଆଣିଥିବାବେଳେ କେବଳ ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ୨,୪୬୮.୫୧ କୋଟି ଟଙ୍କା ଋଣ ସ୍ୱରୂପ କମ୍ପାନୀ ପକ୍ଷରୁ ଅଣାଯାଇଥିବା ତଦନ୍ତକାରୀ ସଂସ୍ଥା କହିଛି। ରିଶି ଏବଂ କମ୍ପାନୀର ପୂର୍ବତନ ଅଧକ୍ଷ ମିଳିତ ଭାବେ ବେଆଇନ୍ କାରବାର କରୁଥିବା ଇରନଷ୍ଟ ଏବଂ ୟଙ୍ଗ ପକ୍ଷରୁ କରାଯାଇଥିବା ଫୋରେନ୍ସିକ୍ ଅଡିଟ୍‌ରେ ଜଣାପଡ଼ିଥିଲା। ଭାରତୀୟ ଦଣ୍ଡସଂହିତାର ଦୁର୍ନୀତି ଆଇନ ଅନ୍ତର୍ଗତ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

### କୁମ୍ଭୀରକୁ ତାଲା ପକାଇଲେ

**ଲକ୍ଷ୍ନୌ, ୨୧।୯:** ଉତ୍ତର ପ୍ରଦେଶ କାଶିମପୁର ସରକାରୀ ସ୍କୁଲର ଶ୍ରେଣୀଗୃହରେ ଏକ କୁମ୍ଭୀରକୁ ତାଲା ପକାଇଥିଲେ ଗ୍ରାମବାସୀ। ବନ ବିଭାଗ ଏ ନେଇ ସୂଚନା ପାଇବା ପରେ ବୁଧବାର କୁମ୍ଭୀରଟିକୁ ଉଦ୍ଧାର କରି ଗଙ୍ଗା ନଦୀରେ ଛାଡ଼ି ଦେଇଥିବା ଡିଏଫ୍‌ଓ ଦିବାକର ବଶିଷ୍ଠ କହିଛନ୍ତି। ମଙ୍ଗଳବାର ସ୍କୁଲ ପରିସରରେ କୁମ୍ଭୀର ଦେଖିବା ପରେ ଗ୍ରାମବାସୀ ସେଠାରେ ପହଞ୍ଚି ଜୀବଟିକୁ ଏକ କଠୋରିରେ ବନ୍ଦ କରି ବନ ବିଭାଗକୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ବନ୍ୟା ଯୋଗୁ ନଦୀ ଜଳ ଗ୍ରାମରେ ପ୍ରବେଶ କରିବା ଯୋଗୁ ଏହି ଜଳରେ କୁମ୍ଭୀର ଗାଁ ମଧକୁ ଭାସି ଆସୁଥିବା କୁହାଯାଉଛି।



ଇରାନରେ ବୁର୍ଖା ପରିଧାନ ନ କରିବାରୁ ଧର୍ମୀୟ ବ୍ୟାପାର ପୋଲିସ ବର୍ବରତାର ଶିକାର ହୋଇ ପ୍ରାଣ ହରାଇଥିବା ମାହସା ଆମିନି ପ୍ରତିବାଦର ପ୍ରତୀକ ପାଲଟିଛନ୍ତି। ତାଙ୍କ ମୃତ୍ୟୁ ପରେ ମୁଣ୍ଡ ଟେକିଥିବା ଆନ୍ଦୋଳନ ଅନେକ ମୁସ୍‌ଲିମ ଦେଶକୁ ବ୍ୟାପିଲାଣି। ତୁର୍କୀର ଇସ୍ତାନବୁଲସ୍ଥିତ ଇରାନ୍ କନ୍‌ସୁଲେଟ୍ ବାହାରେ ଇରାନୀୟ ମହିଳା ନସିବେ ସମ୍‌ସାଇଏ ବୁଧବାର ନିଜ ଚୁଟି କାଟି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଘୃଣା ମନ୍ତବ୍ୟ ହତ୍ୟା ସଦୃଶ

### କେନ୍ଦ୍ର ନୀରବଦ୍ରଷ୍ଟା କାହିଁକି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୧।୯

ଘୃଣା ମନ୍ତବ୍ୟ ପ୍ରସଙ୍ଗରେ ସୁପ୍ରିମକୋର୍ଟ ବୁଧବାର ଟିଭି ଉପସ୍ଥାପକଙ୍କ ଭୂମିକାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇବା ସହ ଚ୍ୟାନେଲଗୁଡ଼ିକ ଉପରେ ବର୍ଷିଛନ୍ତି। ଏଥିସହ ସରକାର କାହିଁକି ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ମୁଖ୍ୟସ୍ରୋତର ଗଣମାଧ୍ୟମ କିମ୍ବା ସୋସିଆଲ ମିଡିଆରେ ଘୃଣା ମନ୍ତବ୍ୟ ଉପରେ ଲଗାମ ଲଗାଯାଇପାରୁ ନାହିଁ। ଟିଭି ଚ୍ୟାନେଲ ଉପସ୍ଥାପକଙ୍କ କର୍ତ୍ତବ୍ୟ ହେଉଛି ଖବର ଉପସ୍ଥାପନ ଓ ବିତର୍କ ବେଳେ ଯେପରି ଏପରି ମନ୍ତବ୍ୟ ନ ଆସେ ତାହା ସୁନିଶ୍ଚିତ କରିବା। ପ୍ରେସ୍ ସ୍ୱାଧୀନତା ଗୁରୁତ୍ୱପୂର୍ଣ୍ଣ। ଆମେରିକା ଭଳି ଭାରତରେ ଗଣମାଧ୍ୟମର ସ୍ୱାଧୀନତା ନାହିଁ। କିନ୍ତୁ ସୀମା କେଉଁଠି ଅଙ୍କାଯିବ ତାହା ଆମେ ଜାଣିରଖିବା ଉଚିତ ବୋଲି ଜଷ୍ଟିସ୍ କେ.ଏମ୍. ଜୋସେଫ୍ ଗତବର୍ଷ ଦାଖଲ ହୋଇଥିବା କେତେକ ଆବେଦନର ଶୁଣାଣି କରି କହିଛନ୍ତି। ଘୃଣା ମନ୍ତବ୍ୟ ଦେବା ହେଉଛି ଜଣକୁ ହତ୍ୟା କରିବା ସଦୃଶ। ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ବିପରୀତ ଆଭିମୁଖ୍ୟ ଗ୍ରହଣ ନ କରି କୋର୍ଟଙ୍କୁ ସହଯୋଗ କରିବା ଉଚିତ ବୋଲି ଜଷ୍ଟିସ୍ ଜୋସେଫ୍‌ଙ୍କ ଖଣ୍ଡପୀଠ କହିଛନ୍ତି। ଏହି ପ୍ରସଙ୍ଗରେ ଆସନ୍ତା ନଭେମ୍ବର ୨୩ରେ ପରବର୍ତ୍ତୀ ଶୁଣାଣି କରାଯିବ। ଏହା ଭିତରେ ଘୃଣା ମନ୍ତବ୍ୟ ଉପରେ ରୋକ୍ ଲଗାଇବା ପାଇଁ ଲ' କମିଶନଙ୍କ ସୁପାରିସକୁ କେନ୍ଦ୍ର ସରକାର କିପରି କାର୍ଯ୍ୟକାରୀ କରୁଛନ୍ତି ସେନେଇ ନିଜ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ଖଣ୍ଡପୀଠ କହିଛନ୍ତି। ପ୍ରକାଶ ଯେ, ଦେଶରେ ହେଟ୍ ସ୍ପିଚ୍ ମାମଲା ବଢ଼ିଚାଲିଥିବାବେଳେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ୨୦୧୭ରେ ଲ' କମିଶନ କେତେକ ନିର୍ଦ୍ଦିଷ୍ଟ ଆଇନ ଆଣିବା ପାଇଁ ରିପୋର୍ଟ ଦାଖଲ କରିଥିଲେ। ଘୃଣା ମନ୍ତବ୍ୟକୁ ବର୍ତ୍ତମାନ ସୁଦ୍ଧା ଭାରତର କୌଣସି ଆଇନରେ ପରିଭାଷିତ କରାଯାଇ ନାହିଁ। ତେବେ କେତେକ ନିର୍ଦ୍ଦିଷ୍ଟ ଆଇନ ପ୍ରଣୟନ କରାଗଲେ ଏହା ଉପରେ ଅଙ୍କୁଶ ଲଗାଯାଇପାରିବ ବୋଲି ଲ' କମିଶନ ନିଜ ରିପୋର୍ଟରେ ପ୍ରସ୍ତାବ ଦେଇଥିଲେ।

# ଭୟ ଦେଖାଇଲେ ପୁଟିନ୍

## ପାଶ୍ଚାତ୍ୟକୁ ଆଣବିକ ଅସ୍ତ୍ର ପ୍ରୟୋଗ ଧମକ ଦେଲେ

- ୟୁକ୍ରେନ୍‌କୁ ପଠାଇବେ ୩ ଲକ୍ଷ ରିଜର୍ଭ ସୈନ୍ୟ
- ଲୁହାନ୍‌ସ୍କ, ଡୋନେସ୍କ, ଖେରସୋନ ଓ ଜାପୋରିଝିଆରେ ଗଣଭୋଟକୁ ସମର୍ଥନ

ମସ୍କୋ/କିଭ୍/ଲଣ୍ଡନ,୨୧।୯

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବୁଧବାର ୩ ଲକ୍ଷ ରିଜର୍ଭ ସୈନ୍ୟଙ୍କୁ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ପାଇଁ ପଠାଇବାକୁ ଘୋଷଣା କରିଛନ୍ତି। ଏଥିସହ ୟୁକ୍ରେନ୍‌ର କେତେକ ଅଞ୍ଚଳକୁ ରୁଷିଆ ସହ ମିଶ୍ରଣ ଯୋଜନା ଉପରେ ମୋହର ମାରିଛନ୍ତି। ରୁଷିଆକୁ ସୁରକ୍ଷା ଦେବା ପାଇଁ ଆଣବିକ ଅସ୍ତ୍ର ପ୍ରୟୋଗ କରିବାକୁ ପ୍ରସ୍ତୁତ ବୋଲି ପାଶ୍ଚାତ୍ୟକୁ ଧମକ ଦେଇଛନ୍ତି। ଏହା ହେଉଛି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ରୁଷିଆ ପକ୍ଷରୁ ଏହି ଧରଣର ପ୍ରଥମ ସୈନ୍ୟଠୁଳ। ରୁଷିଆ ଷ୍ଟ୍ରଙ୍ଗ୍‌ମ୍ୟାନ୍‌ଙ୍କ ଏହି ଘୋଷଣା ପରେ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ମସ୍କୋର ଆକ୍ରମଣ ପରଠୁ ଦୁଇ ପଡ଼ୋଶୀ ଶତ୍ରୁ ରାଷ୍ଟ୍ର ମଧ୍ୟରେ ସର୍ବାଧିକ ଉତ୍ତେଜନା ସୃଷ୍ଟି ହୋଇଛି।

ନିକଟରେ ୟୁକ୍ରେନୀୟ ସୈନ୍ୟ ଦେଶର ଉତ୍ତର-ପୂର୍ବାଞ୍ଚଳ ଯୁଦ୍ଧଭୂମିରୁ ରୁଷୀୟ ସଶସ୍ତ୍ର ବଳକୁ ଘଉଡ଼ାଇ ସମ୍ପୃକ୍ତ ଅଞ୍ଚଳକୁ ପୁନଃ ଦଖଲ କରିଥିଲେ। ଏହାକୁ ନେଇ କ୍ଷୁବ୍ଧ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ମସ୍କୋରେ ବୁଧବାର ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ସାମରିକ ରିଜର୍ଭ ବଳ ୟୁକ୍ରେନ୍‌ରେ 'ସ୍ୱତନ୍ତ୍ର ମିଲିଟାରି ଅପରେଶନ' ପାଇଁ ପୁନଃ ସଙ୍ଗଠିତ ହେବେ। ଜବାବ ଦେବା ପାଇଁ ଆମ ପାଖରେ ପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର ରହିଛି। ଏହା ଅତିରଞ୍ଜିତ ନୁହେଁ ବୋଲି ପୁଟିନ୍ ସ୍ପଷ୍ଟ କରିଥିବାବେଳେ ତାଙ୍କ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁ କହିଛନ୍ତି, ଯୁଦ୍ଧ ଅଭିଜ୍ଞତାସମ୍ପନ୍ନ ୩ ଲକ୍ଷ ଅସ୍ଥାୟୀ ସୈନ୍ୟଙ୍କୁ ଲଢ଼େଇ କରିବା ପାଇଁ ଡକାଯାଇଛି। ରାଷ୍ଟ୍ରପତି ପୁଟିନ୍ ଓ ପ୍ରତିରକ୍ଷା ମନ୍ତ୍ରୀ ଶୋଇଗୁ ବୁଧବାର ସକାଳେ ରୁଷୀୟ ଟିଭି ଚ୍ୟାନେଲରେ ଭାଷଣ ଦେଉଥିବାବେଳେ ଏହି ସୈନ୍ୟଠୁଳକୁ ଆଂଶିକ ବୋଲି ଦର୍ଶାଇଥିଲେ। ରୁଷୀୟ ରାଷ୍ଟ୍ରପତୀୟ ପ୍ରେସ୍ ସର୍ଭିସ୍ ପକ୍ଷରୁ ଏହାର ଭିଡିଓ ଜାରି କରାଯାଇଛି। କେତେକ ଅନ୍ତର୍ଜାତୀୟ ଗଣମାଧ୍ୟମ ପୁଟିନ୍‌ଙ୍କ ଅଭିଭାଷଣକୁ 'ଉଦ୍ଧତ ଓ ଯୁଦ୍ଧଖୋର' ବୋଲି ଅଭିହିତ କରିଛନ୍ତି।

ଗାର୍ଡିଆନ୍‌ରେ ପ୍ରକାଶିତ ରିପୋର୍ଟ ଅନୁସାରେ ପୁଟିନ୍ ଆହୁରି କହିଥିଲେ, ଲୁହାନ୍‌ସ୍କ, ଡୋନେସ୍କ, ଖେରସୋନ ଓ ଜାପୋରିଝିଆକୁ ରୁଷୀୟ ମହାସଂଘରେ ସାମିଲ କରିବା ପାଇଁ ଏହି ସପ୍ତାହାନ୍ତରେ ହେବାକୁ ଥିବା ଗଣଭୋଟକୁ ମସ୍କୋ ସମ୍ପୂର୍ଣ୍ଣ ସମର୍ଥନ କରିବ। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ୟୁକ୍ରେନ୍‌ରେ ରୁଷିଆ ବିରୋଧରେ ୨୦୧୪ରୁ ଯୁଦ୍ଧ ଆରମ୍ଭ କରିଥିବା ପୁଟିନ୍ ଅଭିଯୋଗ ଆଣିଛନ୍ତି। ରୁଷୀୟ ନୀତି ବିରୋଧୀ ଆକ୍ରମଣାତ୍ମକ ଆଭିମୁଖ୍ୟରେ ପାଶ୍ଚାତ୍ୟ ନିଜ ସବୁ ସୀମା ଲଂଘିସାରିଛି। କେବଳ ଏତିକି ନୁହେଁ, ରୁଷିଆକୁ ଧ୍ୱଂସ କରିବା ଓ ଆଣବିକ ଅସ୍ତ୍ର ଭୟ ଜରିଆରେ ବ୍ଲାକ୍‌ମେଲ୍ ଲାଗି ମଧ ପାଶ୍ଚାତ୍ୟ ଯୋଜନା କରୁଛି। କିନ୍ତୁ ଆମେ ରୁଷୀୟ ଭୂଖଣ୍ଡକୁ ସୁରକ୍ଷା ଦେବା ପାଇଁ ଉପଲବ୍ଧ ଥିବା ସବୁ ଉପାୟ ଆପଣାଇବୁ। ପ୍ରକାଶ ଯେ, ରୁଷିଆ ଦଖଲରେ ଥିବା ୪ ଅଞ୍ଚଳ ଡୋନେସ୍କ, ଲୁହାନ୍‌ସ୍କ, ଖେରସୋନ ଓ ଜାପୋରିଝିଆରେ ଆସନ୍ତା ଶୁକ୍ରବାରଠାରୁ ୫ ଦିନ ଧରି ଗଣଭୋଟ କରାଯିବ।



> ଆମ ଭୂଖଣ୍ଡର ଅଖଣ୍ଡତା ପ୍ରତି ବିପଦ ସୃଷ୍ଟିହେଲେ ଆମେ ରୁଷିଆ ଓ ନିଜ ଲୋକଙ୍କ ସୁରକ୍ଷା ପାଇଁ ଉପଲବ୍ଧ ସବୁ ଉପାୟ ନିଃସନ୍ଦେହରେ ଆପଣାଇବୁ। ଏହା ଅତିଶୟୋକ୍ତି ନୁହେଁ।
>
> **-ଭ୍ଲାଡିମିର ପୁଟିନ୍, ରୁଷିଆ ରାଷ୍ଟ୍ରପତି**

## ଆଣବିକ ଅସ୍ତ୍ର ବ୍ୟବହାର କରିବାକୁ ଦେବ ନାହିଁ ବିଶ୍ୱ: ଜେଲେନ୍‌ସ୍କି



ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ବିଶ୍ୱ ଆଣବିକ ଅସ୍ତ୍ର ପ୍ରୟୋଗ କରିବାକୁ ଦେବା ବିଶ୍ୱାସ ହେଉନାହିଁ ବୋଲି ବୁଧବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଏଥିସହ ରୁଷୀୟ ସୈନ୍ୟଙ୍କ କବଳରୁ ୟୁକ୍ରେନୀୟ ଭୂଖଣ୍ଡକୁ ମୁକ୍ତ କରିବା ପ୍ରକ୍ରିୟା ଜାରି ରହିବ ବୋଲି ସ୍ପଷ୍ଟ କରିଛନ୍ତି। ଜର୍ମାନୀର ବର୍ଲିନରେ ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ ଜେଲେନ୍‌ସ୍କି କହିଛନ୍ତି, ପୁଟିନ୍ ଏଭଳି ଅସ୍ତ୍ର ବ୍ୟବହାର କରିବେ ବୋଲି ବିଶ୍ୱାସ ହେଉନାହିଁ। ବିଶ୍ୱ ସମୁଦାୟ ମଧ ତାଙ୍କୁ ଏପରି କରିବାକୁ ଦେବ ନାହିଁ। ଆସନ୍ତା ୨୩ରୁ ୨୭ ପର୍ଯ୍ୟନ୍ତ ୟୁକ୍ରେନୀୟ ଅଞ୍ଚଳଗୁଡ଼ିକୁ ରୁଷିଆରେ ମିଶ୍ରଣ ପାଇଁ କରାଯିବାକୁ ଥିବା ଗଣଭୋଟକୁ ଜେଲେନ୍‌ସ୍କି ପ୍ରହସନ ବୋଲି କହିଛନ୍ତି।

### ଆଲୋଚନା ଜରିଆରେ ସମାଧାନ ହେଉ: ଚାଇନା

ସମସ୍ତ ପକ୍ଷ ଆଲୋଚନା ଜରିଆରେ ସମାଧାନର ବାଟ ବାହାର କରିବା ଆବଶ୍ୟକ ବୋଲି ପୁଟିନ୍‌ଙ୍କ ଧମକ ପରେ ଚାଇନା କହିଛି। ୟୁକ୍ରେନ୍ ପ୍ରସଙ୍ଗରେ ଚାଇନାର ଆଭିମୁଖ୍ୟ ସ୍ପଷ୍ଟ ଓ ଅପରିବର୍ତ୍ତିତ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ୍ ଏକ ବିବୃତିରେ କହିଛନ୍ତି।

> ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ) ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହଯୋଗ, ସୁରକ୍ଷା ଓ ସମୃଦ୍ଧିକୁ ଗୁରୁତ୍ୱ ଦେଉଥିବାବେଳେ କ୍ରେମଲିନ୍ ମୋବିଲାଇଜେଶନ୍ ଘୋଷଣା କରିଛି। ଏହି ଯୁଦ୍ଧରେ କେବଳ ଗୋଟିଏ ଆକ୍ରମଣକାରୀ ରହିଛି। ତାହା ହେଲା ରୁଷିଆ। ଆକ୍ରମଣର ଶିକାର ହୋଇଥିବା ଦେଶ ୟୁକ୍ରେନ୍ ପ୍ରତି ୟୁରୋପୀୟ ସଂଘ (ଇୟୁ)ର ସମର୍ଥନ ଜାରି ରହିବ।
>
> **-ଚାର୍ଲ୍ସ ମାଇକେଲ, ୟୁରୋପିଆନ୍ କାଉନ୍‌ସିଲ୍ ଅଧ୍ୟକ୍ଷ**

## କର୍ନାଟକ ବିଧାନସଭାରେ ଧର୍ମାନ୍ତରୀକରଣ ନିରୋଧୀ ବିଲ୍ ଗୃହୀତ

ବେଙ୍ଗାଲୁରୁ, ୨୧।୯



କର୍ନାଟକ ବିଧାନସଭାରେ ବୁଧବାର ବିରୋଧୀ କଂଗ୍ରେସ ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଧର୍ମାନ୍ତରୀକରଣ ନିରୋଧୀ ବିଲ୍ ଗୃହୀତ ହୋଇଛି। ଗତ ସପ୍ତାହରେ ସାମାନ୍ୟ ସଂଶୋଧନ ପରେ ବିଧାନ ପରିଷଦରେ ଗୃହୀତ ହୋଇଥିବା ଏହି ବିଲ୍‌କୁ ବିଧାନସଭାର ମଞ୍ଜୁରୀ ମିଳିବା ପରେ ଆଇନରେ ପରିଣତ କରିବା ପାଇଁ ରାଜ୍ୟପାଳଙ୍କ ନିକଟକୁ ପଠାଯିବ।

କର୍ନାଟକ ଧର୍ମ ସ୍ୱାଧୀନତା ଅଧିକାର ସୁରକ୍ଷା ବିଲ୍ ୨୦୨୧ ଡିସେମ୍ବରରେ ରାଜ୍ୟ ବିଧାନସଭାରେ ଗୃହୀତ ହୋଇଥିଲା। ତେବେ ଏହା ବିଧାନ ପରିଷଦରେ ବିଚାରାଧୀନ ଥିବାବେଳେ ଶାସକ ଭାଜପା ଏ ସଂକ୍ରାନ୍ତରେ ଏକ ଅଧ୍ୟାଦେଶ ଆଣିଥିଲା। ଚଳିତ ବର୍ଷ ଉଚ୍ଚ ସଦନରେ ଭାଜପା ସଂଖ୍ୟା ଗରିଷ୍ଠତା ଲାଭ କରିବା ପରେ ଗତ ସପ୍ତାହରେ ଏହାକୁ ବିଧାନ ପରିଷଦରେ ଆଗତ କରାଯାଇଥିଲା। ବୁଧବାର ଗୃହମନ୍ତ୍ରୀ ଅରଗା ଜ୍ଞାନେନ୍ଦ୍ର କର୍ନାଟକ ପ୍ରୋଟେକ୍ସନ ଅଫ୍ ରାଇଟ୍ ଟୁ ଫ୍ରିଡମ୍ ଅଫ୍ ରିଲିଜିଅନ ବିଲ୍, ୨୦୨୨ ଆଗତ କରିଥିଲେ। ରାଜ୍ୟପାଳ ମୋହର ଦେବା ପରେ ୨୦୨୨ ମେ ୧୭ରୁ ଏହା ପିଛିଲା ଭାବେ କାର୍ଯ୍ୟକାରୀ ହେବ। କାରଣ ଏହି ଦିନ ରାଜ୍ୟ ସରକାର ଅଧ୍ୟାଦେଶ ଆଣିଥିଲେ। ଅନ୍ୟପକ୍ଷେ କଂଗ୍ରେସ ଉକ୍ତ ବିଲ୍‌କୁ କୋର୍ଟରେ ଚ୍ୟାଲେଞ୍ଜ କରିବା ପାଇଁ ଚେତାବନୀ ଦେଇଛି। ବିଲ୍‌ର ଉଦ୍ଦେଶ୍ୟ ମନ୍ଦ ଏବଂ ରାଜନୈତିକ ଅଭିସନ୍ଧି ରଖି ଏହାକୁ ଅଣାଯାଇଛି। ଏହି ବେଆଇନ ତଥା ଅସାମ୍ବିଧାନିକ ବିଧେୟକ ଉପରେ ସ୍ଥଗିତାଦେଶ କିମ୍ବା ଏହାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବା ପାଇଁ କୋର୍ଟର ଆଶ୍ରୟ ନେବୁ ବୋଲି ଗୃହରେ କଂଗ୍ରେସ ଉପନେତା ୟୁ.ଟି. ଖଦେର କହିଛନ୍ତି।

## ତିସ୍ତାଙ୍କ ବିରୋଧରେ ଚାର୍ଜଶିଟ୍



**ଅହମଦାବାଦ, ୨୧।୯:** ୨୦୦୨ ଗୁଜରାଟ ଦଙ୍ଗା ମାମଲାରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ବୁଧବାର ଆକ୍ଟିଭିଷ୍ଟ ତିସ୍ତା ସିତଲଭାଡ୍‌ଙ୍କ ସମେତ ୩ ଅଭିଯୁକ୍ତଙ୍କ ବିରୋଧର ଚାର୍ଜଶିଟ୍ ଦାଖଲ କରିଛି। ଅନ୍ୟ ଦୁଇଜଣ ହେଲେ ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ଆର୍.ବି. ଶ୍ରୀକୁମାର ଓ ପୂର୍ବତନ ଆଇପିଏସ୍ ଅଫିସର ସଞ୍ଜୀବ ଭଟ୍ଟ। ଏହି ୩ ଜଣ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମାମଲାରେ ଫସାଇବା ପାଇଁ ଜାଲ୍ ତଥ୍ୟ ଯୋଗାଡ଼ କରିଥିବା ଚାର୍ଜଶିଟ୍‌ରେ ଦର୍ଶାଯାଇଛି। ଏସ୍‌ଆଇଟି ଚାର୍ଜଶିଟ୍ ଅନୁଯାୟୀ, ୩ ଅଭିଯୁକ୍ତ ଗୁଜରାଟ ଦଙ୍ଗାବେଳେ ମୋଦିଙ୍କ ବିରୋଧରେ ସାଂଘାତିକ ଷଡ଼ଯନ୍ତ୍ର ରଚିଥିଲେ। ଏପରିକି ମୋଦିଙ୍କୁ ମୃତ୍ୟୁଦଣ୍ଡ ଦେବାପାଇଁ ଆବଶ୍ୟକ ଦସ୍ତାବିଜ୍ ପ୍ରସ୍ତୁତ କରି କୋର୍ଟରେ ଦାଖଲ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ଜଙ୍ଗଲରେ ଶିକ୍ଷକ, ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

### ପ୍ରେମ ସମ୍ପର୍କରୁ ଆତ୍ମହତ୍ୟା

**ଲକ୍ଷ୍ନୌ,୨୧।୯:** ଉତ୍ତରପ୍ରଦେଶର ସାହାରନ୍‌ପୁର ନିକଟ ଜଙ୍ଗଲରୁ ବୁଧବାର ଜଣେ ଶିକ୍ଷକ ଓ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ଉଭୟେ ଗତ ୩ ତାରିଖରୁ ନିଖୋଜ ଥିଲେ। ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା ବୋଲି ଚର୍ଚ୍ଚା ହେଉଛି। ପୋଲିସ ସୂଚନା ଅନୁସାରେ, ଶିକ୍ଷକ ବୀରେନ୍ଦ୍ର (୪୦) ଏବଂ ନବମ ଶ୍ରେଣୀ ଛାତ୍ରୀ ଗୋଟିଏ ସ୍କୁଲର। ଝିଅ ନିଖୋଜ ଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପ୍ରାୟ ୧୦ ଦିନ ତଳେ ଉଭୟଙ୍କ ମୃତ୍ୟୁ ଘଟିଛି। ଏହା ଆତ୍ମହତ୍ୟା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତଦେହ ନିକଟରୁ ଏକ ବାଇକ୍ ମିଳିଛି।

## ନିରା ରାଡିଆଙ୍କୁ ସିବିଆଇ କ୍ଲିନ୍‌ଚିଟ୍

- ଅଡିଓ ଟେପ୍‌ରୁ ମିଳିନି ଅପରାଧ ପ୍ରମାଣ
- ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୧।୯



ଉପା ସରକାର-୨ ଅମଳରେ ବହୁଚର୍ଚ୍ଚିତ ରାଡିଆ ଟେପ୍ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କର୍ପୋରେଟ ଲବିଷ୍ଟ ନିରା ରାଡିଆଙ୍କୁ କ୍ଲିନ୍ ଚିଟ୍ ଦେଇଛି। ନିରା ରାଡିଆ ପ୍ରମୁଖ ରାଜନେତା, ବ୍ୟବସାୟୀ, ଗଣମାଧ୍ୟମ କର୍ମଚାରୀଙ୍କ ସହ କଥା ହୋଇଥିବା ୫,୮୦୦ ଟେପ୍‌ର ଯାଞ୍ଚ ପରେ ସେଥିରେ କୌଣସି ଆପତ୍ତିଜନକ ଆଲୋଚନା ହୋଇ ନ ଥିବା ସିବିଆଇ ବୁଧବାର ସୁପ୍ରିମକୋର୍ଟରେ ଜଣାଇଛନ୍ତି। ୮,୦୦୦ ପୃଥକ୍ ଟେପ୍ ବାର୍ତ୍ତାଳାପ ସହ ସମ୍ପୃକ୍ତ ୧୪ଟି ମାମଲାରେ ପ୍ରାଥମିକ ତଦନ୍ତ ହୋଇଥିଲା। କିନ୍ତୁ କୌଣସି ଠୋସ୍ ପ୍ରମାଣ ନ ମିଳିବାରୁ ପଚରାଉଚରା ବନ୍ଦ କରାଯାଇଥିବା ନେଇ ସିବିଆଇ ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠଙ୍କୁ ଜଣାଇଛି। ଏହା ଉପରେ ସୁପ୍ରିମକୋର୍ଟ ସିବିଆଇକୁ ଏକ ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ସପ୍ତାହରେ ଏହାର ପରବର୍ତ୍ତୀ ଶୁଣାଣି ହେବ।

ସରକାରୀ ସ୍ତରରେ ପଡ଼ିରହିଥିବା ବଡ଼ ବ୍ୟବସାୟୀ ଏବଂ ଅନ୍ୟ ପ୍ରମୁଖ ବ୍ୟକ୍ତିଙ୍କ ଫାଇଲ କାମ କରାଇବା ପାଇଁ ନିରା ରାଡିଆ ଲବି କରୁଥିଲେ। ୨୦୧୦ ନଭେମ୍ବରରେ 'ଓପନ୍ ମାଗାଜିନ୍'ରେ କଭର ଷ୍ଟୋରୀରେ 'ଦ ଏକ୍ସ ଟେପ୍' ଶୀର୍ଷକ ରିପୋର୍ଟ ସେତେବେଳେ ପୂରା ଦେଶରେ ହଇଚଇ ସୃଷ୍ଟି କରିଥିଲା। ଏଥିରେ ନିରା ରାଡିଆଙ୍କ କଥାବାର୍ତ୍ତାର କେତେକ ଅଡିଓ ଟେପ୍‌ର ଅଂଶ ପ୍ରକାଶ ପାଇଥିଲା। ନିରା ଏବଂ ସେତେବେଳେ ଟେଲିକମ୍ ମନ୍ତ୍ରୀ ଥିବା ଏ. ରାଜା, ବରିଷ୍ଠ ଖବରଦାତା, ରାଜନେତା, କର୍ପୋରେଟ୍ ହାଉସ୍ ଅଧିକାରୀଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା ଏଥିରେ ରେକର୍ଡ ଥିଲା। ଏଥିରେ ୨ଜି ସ୍କାମ୍ ସହ ଜଡ଼ିତ ତଥ୍ୟ ମଧ ସାମ୍ନାକୁ ଆସିଥିଲା। ମାତ୍ର ୯ ବର୍ଷ ମଧ୍ୟରେ ନିରା ୩୦୦ କୋଟି ଟଙ୍କା ମୂଲ୍ୟର ବିଜନେସ୍ ଏମ୍ପାୟାର କରିପାରିଥିଲେ ବୋଲି ଅଭିଯୋଗ ଆସିଥିଲା। ତେବେ ଏପରି କର୍ପୋରେଟ୍ ବାର୍ତ୍ତାଳପର ଅଡିଓ ଲିକ୍‌କୁ ନେଇ ଟାଟା ସନ୍ସର ପୂର୍ବତନ ଅଧ୍ୟକ୍ଷ ରତନ ଟାଟା ପ୍ରିଭେସି ସୁରକ୍ଷା ଦାବିରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୨/୨୦୨୨ | Bhubaneswar, Thursday, September 22/2022 | ପୃଷ୍ଠା-୧



## କଳାକାର ହେବା ସହଜ

ଆଜିର ସମୟରେ ସୋସିଆଲ ମିଡିଆର ବହୁଳ ପ୍ରସାର ଫଳରେ କଳାକାରଟିଏ ହେବା ଅତି ସହଜ ବୋଲି ଦକ୍ଷିଣ ଭାରତୀୟ ଫିଲ୍ମ ଅଭିନେତ୍ରୀ ଆଭିକା ଗୋର କହିଛନ୍ତି।

୧୦

୧୪

## ହରମନପ୍ରୀତଙ୍କ ଶତକ

କାଣ୍ଟରବରିଠାରେ ବୁଧବାର ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଦିନିକିଆ କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ କୌର।





# ଗାଜଲବାଡ଼ି ଘାଟିରେ ଭୂସ୍ଖଳନ



**ଦାରିଙ୍ଗବାଡ଼ି, ୨୧।୯(ଡି.ଏନ୍.ଏ.)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିକୁ ସଂଯୋଗ କରୁଥିବା ଗାଜଲବାଡ଼ି ଘାଟିର ୩ଟି ବୁଲାଣି ରାସ୍ତାରେ ବୁଧବାର ଅପରାହ୍ନରେ ଭୂସ୍ଖଳନ ହୋଇଛି। ଘାଟି ନଂ.୩, ୪ ଓ ୫ର ବୁଲାଣି ରାସ୍ତାରେ ପଥର, ମାଟି ଧସିଥିବାରୁ ୫୯ନଂ. ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। କନ୍ଧମାଳ ଜିଲା

### ଦାରିଙ୍ଗବାଡ଼ି-ସୋରଡ଼ା ଯାତାୟାତ ଠପ୍

ବାଲିଗୁଡାଠାରୁ ଦାରିଙ୍ଗବାଡି ଦେଇ ଗଞ୍ଜାମ ଜିଲା ସୋରଡ଼ା, ବ୍ରହ୍ମପୁରକୁ କୌଣସି ଗାଡିକୁ ଛଡାଯାଉନାହିଁ। ସୁରକ୍ଷାକୁ ଦୃଷ୍ଟିରେ ରଖି ଦାରିଙ୍ଗବାଡି ଏବଂ ସୋରଡ଼ା ପୋଲିସ ପକ୍ଷରୁ ଉକ୍ତ ରାସ୍ତାକୁ ଦୁଇପଟୁ ☞ପୃଷ୍ଠା-୨

# ଚାଇନାକୁ ହିମାଳୟ ଭୂମି ଛାଡ଼ି ଦେଇଛି ଭାରତ

**ନୂଆଦିଲ୍ଲୀ, ୨୧।୯**

ସୀମାରେ ଚାଇନା ସହ ବିବାଦ ପରେ ଭାରତ ସରକାର ହିମାଳୟ ନିକଟ ଭୂମିକୁ ବେଜିଂକୁ ଛାଡ଼ି ଦେଇଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଉଭୟ ପକ୍ଷ ସେନା ମଧ୍ୟରେ ବିବାଦୀୟ ସୀମାରୁ ସୈନ୍ୟ ପ୍ରତ୍ୟାହାର ଏବଂ ସେଠାରେ ବଫର ଜୋନ୍ କରିବା ପାଇଁ ବୁଝାମଣା ସମୟରେ ଭାରତ ସରକାର ପୂର୍ବରୁ ନୂଆଦିଲ୍ଲୀ ନିୟନ୍ତ୍ରଣରେ ଥିବା ଜାଗାକୁ ଚାଇନାକୁ ଟେକି ଦେଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି।

୨୦୨୦ ଜୁନ୍‌ରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରଠାରୁ ସୀମାରେ ଉତ୍ତେଜନାମୂଳକ ସ୍ଥିତି ଲାଗି ରହିଥିଲା। ଚଳିତ ମାସରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ପରେ ଗୋଗ୍ରା-ହଟ୍ ସ୍ପ୍ରିଙ୍ଗ୍‌ରୁ ସୈନ୍ୟ ପ୍ରତ୍ୟାହାର ପାଇଁ ଦୁଇ ଦେଶ ରାଜି ହୋଇଥିଲେ। ବିବାଦୀୟ ସ୍ଥାନରୁ ସୈନ୍ୟ ଫେରିବା ପରେ ବଫର ଜୋନ୍ ସୃଷ୍ଟି ହୋଇଥିବା ଏବଂ ସୀମାରେ ଭାରତର ପୂର୍ବ ସ୍ଥିତି ବଜାୟ ରହିଥିବା ଭାରତ ସରକାର କହିଥିଲେ। ହେଲେ

### ପୂର୍ବରୁ ନୂଆଦିଲ୍ଲୀ ଅଧୀନରେ ଥିଲା

ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଏବଂ ବାସିନ୍ଦାଙ୍କ କହିବା ଅନୁସାରେ, ସୈନ୍ୟ ପ୍ରତ୍ୟାହାର ପରେ ଭାରତ ସୀମା ଭିତରେ ଥିବା ଅଞ୍ଚଳରେ ବଫର ଜୋନ୍ କରାଯାଇଛି। ତାହା ପୂର୍ବରୁ ନୂଆଦିଲ୍ଲୀ ନିୟନ୍ତ୍ରଣରେ ଥିଲା। ଚାଇନା ଚାଲାକି କରି ଭାରତ ଦଖଲରେ ଥିବା ଭୂମିକୁ ପଶିଆସିଛି। ଯେଉଁ ସ୍ଥାନ ଭାରତର ଥିଲା ସେଠାରୁ ଭାରତୀୟ ସୈନ୍ୟ ପଛକୁ ଫେରିଆସିଛନ୍ତି ବୋଲି ସ୍ଥାନୀୟ କାଉନସିଲର ଓନ୍‌ଚୋକ୍ ଷ୍ଟାଞ୍ଜିନ୍ କହିଛନ୍ତି। ଷ୍ଟାଞ୍ଜିନ୍ ଆହୁରି କହିଛନ୍ତି, ୨୦୨୧ରେ ଲଦାଖର ପାଙ୍ଗୋଙ୍ଗ୍ ହ୍ରଦ ନିକଟରୁ ସୈନ୍ୟ ପ୍ରତ୍ୟାହାର ପାଇଁ ଭାରତ ଓ ଚାଇନା ରାଜି ହୋଇଥିଲା। ସେତେବେଳେ ମଧ୍ୟ ଭାରତ ନିଜ ଅଞ୍ଚଳର ବଡ଼ ଭାଗ ଚାଇନାକୁ ଦେଇଥିଲା। ଚାଇନା ହାତକୁ କେତେକ ଅଞ୍ଚଳ ଚାଲିଯିବା ଦ୍ୱାରା ସେଠାକାର ବାସିନ୍ଦାଙ୍କ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଜନ୍ମ, ଜୀବନ ଓ ମୃତ୍ୟୁ**







# ସ୍ୱାମୀଙ୍କୁ ମାଡ଼, ସ୍ତ୍ରୀଙ୍କୁ ଗଣବଳାତ୍କାର

**ବାଲେଶ୍ୱର ଅଫିସ, ୨୧।୯**

ବାଲେଶ୍ୱର ସହରର ସହଦେବଖୁଣ୍ଟା ମଡେଲ ଥାନା ଅଞ୍ଚଳରେ ୧୮ ତାରିଖ ବିଳମ୍ବିତ ରାତିରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ୬ଜଣ ବ୍ୟକ୍ତି ଜଣେ ଯୁବକଙ୍କୁ ମାଡ଼ ମାରି କଟୁରିରେ ହାଣି କ୍ଷତାକ୍ତ କରିବା ପରେ ତାଙ୍କ ସ୍ତ୍ରୀଙ୍କୁ ଜବରଦସ୍ତ ଏକ ପଡ଼ିଆକୁ ନେଇ ଗଣବଳାତ୍କାର କରିଛନ୍ତି। ଏନେଇ ପୀଡିତା ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଆଇପିସି ଦଫା ୩୯୪, ୩୦୭, ୩୭୬(ଡି), ୩୪ ଏବଂ ଆର୍/ଡବ୍ଲ୍ୟୁ ସେକ୍‌ସନ ୩(୨)(ଭି) ଏସ୍‌ସି/ଏସ୍‌ଟି (ପିଓଏ) ଆକ୍ଟ ଅନୁଯାୟୀ ମାମଲା (ନଂ. ୩୦୦/୨୨) ରୁଜୁ କରି ୬ ଅଭିଯୁକ୍ତଙ୍କୁ ଅଟକ ରଖିଥିଲା। ସେମାନଙ୍କ ମଧ୍ୟରୁ ୨ଜଣ ନାବାଳକ ଥିବାରୁ ଅନ୍ୟ ୪ଜଣଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି ବୋଲି ସହଦେବଖୁଣ୍ଟା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏସ୍‌ପି ମାନସ ଦେଓ ସୂଚନା ଦେଇଛନ୍ତି।

ଅରଡ଼ବଜାର ଅଞ୍ଚଳରେ ଭଡ଼ାରେ ରହୁଥିବା ଉକ୍ତ ଦମ୍ପତି ରେଲୱେ ମାଲଗୋଦାମରେ କାମ କରନ୍ତି। ଗତ ରବିବାର ରାତିରେ କେତେଜଣ ଶ୍ରମିକଙ୍କୁ ସେମାନେ ଟ୍ରେନ୍‌ରେ ଚଢ଼ାଇ ରାତି ପ୍ରାୟ ୨ଟା ବେଳେ ଘରକୁ ଫେରୁଥିବା ବେଳେ ଆନନ୍ଦବଜାର ଛକ ନିକଟରେ ୬ଜଣ ବ୍ୟକ୍ତି ସେମାନଙ୍କୁ ଅଟକାଇଥିଲେ। ଅଭିଯୁକ୍ତମାନେ ମାରପିଟ୍ କରିବା ସହ ତାଙ୍କ ପାଖରେ ଥିବା ଜିନିଷପତ୍ର ଛଡ଼ାଇବା ପାଇଁ ଚେଷ୍ଟା କରିଥିଲେ। ଏହାଦେଖି ଉଭୟେ ଅରଡ଼ବଜାରସ୍ଥିତ ଭଡ଼ା ଘର ଆଡ଼କୁ ଦୌଡ଼ି ପଳାଉଥିଲେ। ଅଭିଯୁକ୍ତମାନେ ସେମାନଙ୍କୁ ଅଟକାଇ ସ୍ୱାମୀଙ୍କୁ ମାଡ଼ ମାରିବା ସହ କଟୁରିରେ ତାଙ୍କ ହାତକୁ ହାଣି କ୍ଷତାକ୍ତ କରିଥିଲେ। ଏଥିରେ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଥିବା ବେଳେ ତାଙ୍କ ନିକଟରେ ଥିବା ୧୦ହଜାର ଟଙ୍କା ନେଇଯାଇଥିଲେ। ପରେ ତାଙ୍କ ସ୍ତ୍ରୀଙ୍କୁ ଏକ ସ୍କୁଟିରେ ବସାଇ ଦୁର୍ବୃତ୍ତମାନେ ନିକଟରେ ଥିବା ଗୋଧିବସା ପଡ଼ିଆକୁ ନେଇଯାଇଥିଲେ। ସେଠାରେ ମହିଳାଙ୍କୁ ଗଣବଳାତ୍କାର କରିଥିଲେ। କୌଶଳକ୍ରମେ ମହିଳା ଜଣକ ସେଠାରୁ ପଳାଇ ଆସି ସ୍ୱାମୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେବା ସହ ନିଜେ ଚିକିତ୍ସିତ ହୋଇଥିଲେ। ଏହାପରେ ପୀଡ଼ିତା ଗତ ସୋମବାର ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ମାମଲା ରୁଜୁ କରି ସ୍ୱାମୀଙ୍କୁ ପଚରାଉଚରା କରିଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ସହଦେବଖୁଣ୍ଟା ଥାନା ଅଧୀନ ଗୋଧିବସା ଅଞ୍ଚଳର ଦେବେନ୍ଦ୍ର ସିଂ (୨୮) ବୋଲି ସ୍ୱାମୀ ଚିହ୍ନଟ କରିଥିଲେ। ପରେ ପୋଲିସ ଦେବେନ୍ଦ୍ରଙ୍କୁ ଗିରଫ କରିଥିଲା। ତାଙ୍କ ବୟାନକୁ ଭିତ୍ତି କରି ପୋଲିସ ଦେବେନ୍ଦ୍ରଙ୍କ ସହଯୋଗୀ କଙ୍କ ସିଂ (୨୫), ବୁଲା ସାହୁ (୨୬) ଓ ସାଲଖା ମୁର୍ମୁ (୨୭)ଙ୍କୁ ଗିରଫ କରିବା ସହ ୨ ନାବାଳକଙ୍କୁ ଅଟକ ରଖିଛି। ସେମାନଙ୍କ ନିକଟରୁ ୨୫ଶହ ଟଙ୍କା, ବ୍ୟବହୃତ ସ୍କୁଟି, କଟୁରି, ଦେଶୀ ବନ୍ଧୁକ, ୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ସାଲ୍‌ଖା ମୁର୍ମୁଙ୍କ ନାମରେ ପୂର୍ବରୁ ସହଦେବଖୁଣ୍ଟା ଥାନାରେ ୫ଟି ବିଭିନ୍ନ ପ୍ରକାର ମାମଲା ଥିବା ପୋଲିସ ସୂଚନା ଦେଇଛି। ଖବରଦାତା ସମ୍ମିଳନୀରେ ସହଦେବଖୁଣ୍ଟା ଥାନାଧିକାରୀ ଶୁଭ୍ରାଂଶୁ ଶେଖର ନାୟକ, ସବ୍‌ଇନ୍ସପେକ୍ଟର ବାସୁଦେବ ଜୟସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ବାଲେଶ୍ୱରରେ ଲଜ୍ଜା

### ୪ ଗିରଫ, ୨ ନାବାଳକ ଅଟକ

# ମନେରହିବେ ଗଜୋଧର ଭୈୟା

### ପରଲୋକରେ ରାଜୁ ଶ୍ରୀବାସ୍ତବ



**ନୂଆଦିଲ୍ଲୀ, ୨୧।୯**

ଅଶୀ ଦଶକରୁ କୋଟି କୋଟି ଲୋକଙ୍କ ହୃଦୟରେ ଘର କରିଥିବା କମେଡି କିଙ୍ଗ୍ ରାଜୁ ଶ୍ରୀବାସ୍ତବ ଆଉ ଆମ ଗହଣରେ ନାହାନ୍ତି। ଦୀର୍ଘ ୪୨ ଦିନ ଧରି ଚେତା ଫେରିପାଇବା ପାଇଁ ସଂଘର୍ଷ କରି ବୁଧବାର ସେ ଦିଲ୍ଲୀ ଏମ୍‌ସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୫୮ ବର୍ଷ ହୋଇଥିଲା। ଗଜୋଧର ଭାୟା ନାଁରେ ବେଶ୍ ପରିଚିତ ଏହି ହାସ୍ୟ ଅଭିନେତାଙ୍କ ପରଲୋକରେ ସାରା ଦେଶରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଗୁରୁବାର ସକାଳେ ଦିଲ୍ଲୀରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ। ଅଗଷ୍ଟ ୧୦ରେ ଜିମ୍ ଟ୍ରେଡ୍‌ମିଲ୍‌ରେ ଦୌଡୁଥିବାବେଳେ ରାଜୁ ଶ୍ରୀବାସ୍ତବଙ୍କୁ ହୃଦ୍‌ଘାତ ହୋଇଥିଲା। ସେବେଠାରୁ ସେ ଦିଲ୍ଲୀ ଏମ୍‌ସରେ ଭର୍ତ୍ତି ହୋଇଥିଲେ। ଡାକ୍ତରଙ୍କ ଶତଚେଷ୍ଟା ସତ୍ତ୍ୱେ ତାଙ୍କ ଚେତା ☞ପୃଷ୍ଠା-୨

# ଅକ୍ଟୋବର ୧୬ରେ ଓସିଏସ୍ ପ୍ରିଲିମ୍

**କଟକ ଅଫିସ, ୨୧।୯**

ଆସନ୍ତା ଅକ୍ଟୋବର ୧୬ ତାରିଖରେ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍)-୨୦୨୧ ପ୍ରିଲିମନାରି ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ବୁଧବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ତାରିଖ ଘୋଷଣା କରାଯାଇଛି। ରାଜ୍ୟର ୫ଟି ଜୋନ୍ ଅର୍ଥାତ୍ ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ ଓ ସମ୍ବଲପୁରରେ ଏହି ପରୀକ୍ଷା ହେବ । ଏଥିପାଇଁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଉକ୍ତ ଦିନ ଦୁଇଟି ସିଟିଂରେ ପରୀକ୍ଷା କରାଯିବ। ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଜେନେରାଲ ଷ୍ଟଡିଜ୍ ପେପର୍-୧ ଓ ଅପରାହ୍ନ ସାଢେ ୧ଟାରୁ ସାଢେ ୩ଟା ପର୍ଯ୍ୟନ୍ତ ଜେନେରାଲ୍ ଷ୍ଟଡିଜ୍ ପେପର୍-୨ ରହିଛି। ଭିନ୍ନକ୍ଷମ ପ୍ରାର୍ଥୀମାନଙ୍କୁ ୪୦ ମିନିଟ ଅତିରିକ୍ତ ସମୟ ଦିଆଯିବ। ଏ ସମ୍ପର୍କରେ ସବିଶେଷ ସୂଚନା ଓପିଏସ୍‌ସି ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିବ। ଏଥିସହ ୱେବ୍‌ସାଇଟ୍‌ରେ ଆଡମିଶନ ସାର୍ଟିଫିକେଟ ଓ ନିୟାମବଳୀ ଡାଉନ୍‌ଲୋଡ୍ କରିବାକୁ ଓପିଏସ୍‌ସି ପକ୍ଷରୁ କୁହାଯାଇଛି। ପ୍ରାର୍ଥୀମାନେ ଓପିଏସ୍‌ସି ୱେବ୍‌ସାଇଟ୍ https://opsc.govt.inକୁ ଯାଇ ସବିଶେଷ ତଥ୍ୟ ପାଇପାରିବେ।

# ରତନ ଟାଟା ପିଏମ୍ କେୟାର୍ସ ଟ୍ରଷ୍ଟି



**ନୂଆଦିଲ୍ଲୀ, ୨୧।୯**

କୋଭିଡ୍ ମହାମାରୀ ସମୟରେ ଲୋକଙ୍କୁ ସହାୟତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଗଠିତ ପ୍ରାଇମିନିଷ୍ଟର୍ସ ସିଟିଜେନ୍ ଆସିଷ୍ଟାନ୍ସ ଆଣ୍ଡ୍ ରିଲିଫ୍ ଇନ୍ ଏମର୍ଜେନ୍ସି ସିଚୁଏସନ୍ସ(ପିଏମ୍‌କେୟାର୍ସ) ପାଣ୍ଠିର ଟ୍ରଷ୍ଟି ଭାବେ ପ୍ରତିଷ୍ଠିତ ଶିଳ୍ପପତି ରତନ ଟାଟାଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି କେ.ଟି. ଥୋମାସ୍ ☞ପୃଷ୍ଠା-୨

# ବନ୍ୟା ଜଳରେ ଭାସି ମା'-ପୁଅ ନିଖୋଜ

**ଭଞ୍ଜନଗର, ୨୧।୯(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳରେ ବୁଧବାର ରାତିରେ ପ୍ରବଳ ବର୍ଷା ହୋଇଛି। ଭଞ୍ଜନଗର ବ୍ଲକ ବ୍ରାହ୍ମଣପଦର ପଞ୍ଚାୟତ ଟିଙ୍କୁଖୋଲାର ରଞ୍ଜିତ ନାୟକ ତାଙ୍କ ସ୍ତ୍ରୀ ଏବଂ ନାବାଳକ ପୁଅକୁ ଧରି ବାଇକ୍‌ରେ ଫେରୁଥିବା ବେଳେ କୁପାଟି ନାଳ ବନ୍ୟାପାଣିରେ ଭାସି ଯାଇଛନ୍ତି। ରଞ୍ଜିତ ଏକ ଗଛକୁ ଧରି ରହିଯାଇଥିବା ବେଳେ ମା', ପୁଅ ନିଖୋଜ ଅଛନ୍ତି। ଖବର ଲେଖାହେବା ସୁଦ୍ଧା ଦମକଳବାହିନୀ ତାଙ୍କୁ ଉଦ୍ଧାର ପାଇଁ ଚେଷ୍ଟା ଚଳାଇଛି।

# ବିହାର ଗଲା ପୋଲିସ ଟିମ୍

### ନକଲି ମେଡିସିନ କାରବାର ମାମଲା

**କଟକ ଅଫିସ, ୨୧।୯**

ରାଜ୍ୟରେ ନକଲି ମେଡିସିନ କାରବାର ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇଛି। ବିଶେଷକରି ପୋଲିସ ନକଲି ମେଡିସିନର ମୂଳଉତ୍ସ ନିକଟରେ ପହଞ୍ଚିବାକୁ ଚେଷ୍ଟା କରୁଛି। ଏହିକ୍ରମରେ ପୁରୀଘାଟ ଥାନା ଆଇଆଇସିଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍ ବିହାର ଯାଇଥିବା କଟକ ଡିସିପି ପିନାକ ମିଶ୍ର ବୁଧବାର ସୂଚନା ଦେଇଛନ୍ତି।

ନକଲି ମେଡିସିନ କାରବାର କରୁଥିବା ଦୁଇ ଅଭିଯୁକ୍ତ ଯାଉଁଳିଆପଟି ପୂଜା ଏଣ୍ଟରପ୍ରାଇଜର୍ସ ସଞ୍ଜୟ ଜଲାନ ଓ ମାଣିକଘୋଷ ବଜାର ଭି.ଆର୍. ଡ୍ରଗ ଏଜେନ୍ସିର ରାହୁଲ କୁମାର କ୍ୟାଲଙ୍କୁ ରିମାଣ୍ଡରେ ଆଣି ଜେରାବେଳେ ନକଲି ମେଡିସିନ ଗୟା ଓ ☞ପୃଷ୍ଠା-୨

### ତଦନ୍ତ ଭାର ସିବିଆଇକୁ ଦେବାକୁ ହାଇକୋର୍ଟରେ ମାମଲା

ନକଲି ମେଡିସିନ କାରବାର ମାମଲାରେ ଓଡ଼ିଶାର ଦୁଇ ଷ୍ଟକିଷ୍ଟଙ୍କ ସହ ବାଙ୍ଗାଲୋର, ଗୟା ଓ କୋଲକାତାର ଷ୍ଟକିଷ୍ଟମାନେ ସାମିଲ ଅଛନ୍ତି। ଏହା ଆନ୍ତଃରାଜ୍ୟ ମାମଲା ହୋଇଥିବାରୁ ରାଜ୍ୟ ପୋଲିସ ପକ୍ଷରେ ତଦନ୍ତ କରିବା ସହଜ ନୁହେଁ। ଏଥିପାଇଁ ସିବିଆଇ ତଦନ୍ତର ଆବଶ୍ୟକତା ଥିବା ଦର୍ଶାଇ ସାମାଜିକ କର୍ମୀ ଅଭିଷେକ ଦାସ ହାଇକୋର୍ଟରେ ବୁଧବାର ଏକ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ନକଲି ମେଡିସିନର ପ୍ରସ୍ତୁତକାରୀ ଧରାଯିବାର ଆବଶ୍ୟକତା ରହିଛି। ନଚେତ ନକଲି ମେଡିସିନ ଅନ୍ୟତ୍ର ବିକ୍ରି ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ତୁରନ୍ତ ନିର୍ମାତାଙ୍କ ନିକଟରେ ପହଞ୍ଚିବା ଜରୁରୀ ବୋଲି ଦାସ ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ଏଥିରେ ସେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ, ସିବିଆଇ, ରାଜ୍ୟ ମୁଖ୍ୟ ଶାସନ ସଚିବ, ରାଜ୍ୟ ଗୃହ ସଚିବ ଓ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଥିବା ଜଣାପଡ଼ିଛି।

# ମଣିଷଠୁ ୨.୫ ନିୟୁତ ଗୁଣ ଅଧିକ ପିମ୍ପୁଡ଼ି ସଂଖ୍ୟା

**ହଂକଂ, ୨୧।୯**

ଜୀବଜଗତର ପରିଶ୍ରମୀ କୀଟ କହିଲେ ପିମ୍ପୁଡିକୁ ବୁଝାଏ। ଘର, ଗଛ, ମାଟିତଳ ହେଉ ଅବା ଗାତ ପ୍ରତ୍ୟେକ ସ୍ଥାନରେ ଏମାନେ ଦେଖାଯାଆନ୍ତି। ବିଶେଷ କରି ସ୍ଥଳ ଭାଗ ଏମାନଙ୍କ ପାଇଁ ବାସୋପଯୋଗୀ। ପିମ୍ପୁଡ଼ିଙ୍କ ପରିମାଣ ଅନ୍ୟ କୀଟପତଙ୍ଗ ତୁଳନାରେ କାହିଁ କେତେଗୁଣରେ ଅଧିକ। ବିଶ୍ୱରେ ପାଖାପାଖି ୧୨ ନିୟୁତ ଟନ୍ ଓଜନର ପିମ୍ପୁଡ଼ି ରହିଥିବା ବିଶେଷଜ୍ଞମାନେ କହିଛନ୍ତି। ସେହିପରି ପିମ୍ପୁଡ଼ିଙ୍କ ସଂଖ୍ୟା ମଣିଷ ସଂଖ୍ୟାର ୨.୫ ନିୟୁତ ଗୁଣ ଅଧିକ। ଅଷ୍ଟ୍ରେଲିଆ, ଜର୍ମାନୀ ଏବଂ ହଂକଂର ଗବେଷକମାନେ ପିମ୍ପୁଡ଼ିଙ୍କ ଉପରେ ଅଧ୍ୟୟନ କରୁଥିବାବେଳେ ପୃଥିବୀରେ ୨୦,୦୦୦,୦୦୦,୦୦୦,୦୦୦,୦୦୦ ତଥା ୨୦ କ୍ୱାଡ୍ରିଲିୟନ୍ ପିମ୍ପୁଡ଼ି ଥିବା କହିଛନ୍ତି। ପିମ୍ପୁଡ଼ିଙ୍କ ଗଣନା ପାଇଁ ଗବେଷକଙ୍କ ଦ୍ୱାରା ମୋଟ ୪୮୯ଟି ଷ୍ଟଡି କରାଯାଇଥିବା କୁହାଯାଇଛି। ପିମ୍ପୁଡ଼ିଙ୍କ ଅବସ୍ଥିତିକୁ ନେଇ ଏକ ରିପୋର୍ଟ ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସରେ ପ୍ରକାଶ ପାଇଛି। ପୃଥିବୀର ପ୍ରତ୍ୟେକ ସ୍ଥାନରେ ପିମ୍ପୁଡ଼ିମାନେ ବାଣ୍ଟି ହୋଇ ରହିଛନ୍ତି। ପକ୍ଷୀ, ପଶୁ ଓ ମନୁଷ୍ୟଙ୍କୁ ଏକତ୍ର ଓଜନ କରାଗଲେ ସେମାନଙ୍କ ଓଜନ ୨ ମିଲିୟନ ଅର୍ଥାତ୍ ୨୦ ଲକ୍ଷ ଟନ୍ ହେବ। ମାଟି ଖୋଳୁଥିବା ପିମ୍ପୁଡ଼ିର ପରିମାଣ ଅନ୍ୟ ପିମ୍ପୁଡ଼ି ପ୍ରଜାତି ତୁଳନାରେ ବହୁଗୁଣା । ଜୈବ ବିବିଧତାରେ ପିମ୍ପୁଡ଼ିମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ହଂକଂର ବାୟୋଲୋଜିକାଲ ସାଇନ୍ସ ୟୁନିଭର୍ସିଟି ବିଶେଷଜ୍ଞ ମାର୍କ ୱଙ୍ଗ୍ କହିଛନ୍ତି।



୧୦୦ ମିଲିୟନ୍ ବର୍ଷ ପୂର୍ବରୁ ପିମ୍ପୁଡ଼ିମାନେ ପୃଥିବୀରେ ରହିଆସୁଛନ୍ତି। ବିଶ୍ୱରେ ମୋଟ ୧୨ ହଜାର ପ୍ରଜାତିର ପିମ୍ପୁଡ଼ି ରହିଥିବା ବିଶେଷଜ୍ଞ କହିଛନ୍ତି। ହାରଭାର୍ଡ ଫରେଷ୍ଟ ମୁତାବକ ମାଟିରେ ଜଳବାୟୁ ପରିମାଣରେ ସାମଞ୍ଜସ୍ୟ ରକ୍ଷା କରିବା ପାଇଁ ପିମ୍ପୁଡ଼ିମାନେ ବଡ଼ ମାଧ୍ୟମ। ଏହାଦ୍ୱାରା ମାଟିରେ ଥିବା ପାଣି ଓ ଅମ୍ଳଜାନ ଚେର ଦେଇ ଗଛକୁ ଯାଇଥାଏ। ମାଟିତଳେ ରହୁଥିବା ପିମ୍ପୁଡ଼ିମାନେ ବିଭିନ୍ନ ପ୍ରକାର ଫଳ ବା ମଞ୍ଜିକୁ ନେଇ ମାଟି ତଳେ ରଖିବା ଦ୍ୱାରା ମଞ୍ଜିରୁ ଗଜା ବାହାରିବା ପ୍ରକ୍ରିୟା ସହଜ ହୋଇଥାଏ। ପିମ୍ପୁଡ଼ିମାନେ ବହୁ ପ୍ରକାରର ଖାଦ୍ୟ ଖାଇବା ଫଳରେ ଏହା ଅନ୍ୟ ଜୀବଙ୍କୁ ମଧ୍ୟ ଖାଦ୍ୟ ଯୋଗାଇବାରେ ସହାୟକ ହୋଇଥାଏ।

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଧାରଣ ଲୋକଙ୍କ ଟଙ୍କା ତାଙ୍କ ପ୍ରିୟ ପୁଞ୍ଜିବାଦୀ ବନ୍ଧୁଙ୍କ ପକେଟ୍‌ରେ ପୂରାଉଛନ୍ତି। ସେହି ବନ୍ଧୁଙ୍କ ମଧ୍ୟରୁ ଜଣେ ନିକଟରେ ବିଶ୍ୱର ଦ୍ୱିତୀୟ ଧନୀ ହୋଇଥିଲେ। -ରାହୁଲ ଗାନ୍ଧୀ, କଂଗ୍ରେସ ନେତା



**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଶ୍ରଦ୍ଧା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୨୮ରେ ମୁଖ୍ୟମନ୍ତ୍ରୀଙ୍କ ୨ ଦିନିଆ ବେଙ୍ଗାଲୁରୁ ଗସ୍ତ

**ଭୁବନେଶ୍ୱର,୨୧ା୯(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୮ ତାରିଖରୁ ୨ ଦିନିଆ ବେଙ୍ଗାଲୁରୁ ଗସ୍ତରେ ଯିବେ। ସେଠାରେ ଆୟୋଜିତ 'ଓଡିଶା ଇନଭେଷ୍ଟର୍ସ ମିଟ୍'ରେ ସେ ଯୋଗଦେବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ନିବେଶକମାନଙ୍କୁ ୱାନ ଟୁ ୱାନ୍ ଭେଟି ଓଡିଶାରେ ସେମାନଙ୍କୁ ପୁଞ୍ଜି ନିବେଶ ପାଇଁ ନିମନ୍ତ୍ରଣ ଦେବେ। ଏଥିସହ ଓଡିଶା ଇନଭେଷ୍ଟର୍ସ ମିଟ୍‌ରେ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ କ'ଣ ସବୁ ସୁଯୋଗ ରହିଛି ତାହା ମଧ୍ୟ ଜଣାଇବେ। ବିଶେଷ କରି ଇନଭେଷ୍ଟର୍ସ ମିଟ୍‌ରେ ଆଇଟି ଶିଳ୍ପ ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି। କାହିଁକି ନା ବାଙ୍ଗାଲୁରୁ ଆଇଟି ହବ୍ ଭାବେ ପରିଚିତ। ସେଠାରେ ଥିବା ଆଇଟି କମ୍ପାନୀକୁ କିପରି ଓଡ଼ିଶା ଆଣିହେବ ସେଥିପ୍ରତି ରାଜ୍ୟ ସରକାର ବିଶେଷ ଧ୍ୟାନ ଦେବେ। ଏହାଦ୍ୱାରା ରାଜ୍ୟରେ ଅଧିକ ପୁଞ୍ଜିନିବେଶ ହେବା ସହିତ ବ୍ୟାପକ ନିଯୁକ୍ତି ସୃଷ୍ଟି ହେବ। ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ ପାଣ୍ଡିଆନ, ଶିଳ୍ପ ସଚିବ, ମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗସ୍ତ କରିବାର କାର୍ଯ୍ୟକ୍ରମ ଥିବା ଜଣାପଡିଛି।

# ବିବାହିତ ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା

- **ପରକୀୟାପ୍ରୀତିକୁ ବିରୋଧ କରିବାରୁ ବିଷ ପିଇଲେ**
- **୫ ଦିନ ହେବ ଏକାଠି ରହୁଥିଲେ**

**ଭୁବନେଶ୍ୱର, ୨୧ା୯(ବ୍ୟୁରୋ)**

ଭୁବନେଶ୍ୱରର ଭରତପୁର ଥାନା ଅନ୍ତର୍ଗତ ଫୁଲେଶ୍ୱରୀ ବସ୍ତିରେ ବିବାହିତ ପ୍ରେମୀଯୁଗଳ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ସୋମନାଥ ସାହୁ (୩୬) ଓ ସୁଲୋଚନା ନାୟକ (୩୨)। ବୁଧବାର ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୯୭/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ପରକିୟାପ୍ରୀତିକୁ ନେଇ ସୃଷ୍ଟି ହୋଇଥିବା ପାରିବାରିକ ବିବାଦ ଆତ୍ମହତ୍ୟାର କାରଣ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ଥାନାଧିକାରୀ ବିଭୁଦତ୍ତ ରାଉତରାୟ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସୋମନାଥଙ୍କ ଘର ନୟାଗଡ଼ ଜିଲା ସଦର ଥାନା ଅନ୍ତର୍ଗତ ମାଛିପଡ଼ା ଗ୍ରାମରେ ହୋଇଥିବାବେଳେ ସେ ୮ବର୍ଷ ହେଲା ଫୁଲେଶ୍ୱରୀ ବସ୍ତିରେ ରହି ଅଟୋ ଚଳାଉଥିଲେ। କିଛିବର୍ଷ ହେଲା ୨ପୁଅ ଓ ସ୍ତ୍ରୀ ତାଙ୍କ ପାଖରେ ରହୁଥିଲେ। ଅନ୍ୟପଟେ ଢେଙ୍କାନାଳ ଜିଲା ରାଣୋଳ ଥାନା ଅନ୍ତର୍ଗତ କରୋଣ୍ଡା ଗ୍ରାମର ସୁଲୋଚନା ଖଣ୍ଡଗିରି ଥାନା ଅନ୍ତର୍ଗତ ତପୋବନ ବସ୍ତିରେ ରହି କାମ କରୁଥିଲେ। ତେବେ ସୋମନାଥ ଅଟୋ ଚଳାଉଥିବାବେଳେ ବର୍ଷେ ତଳେ ସୁଲୋଚନାଙ୍କ ସହ ଦେଖା ହୋଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଏନେଇ ସୋମନାଥଙ୍କ ସ୍ତ୍ରୀ ଜାଣିବା ପରେ ବିରୋଧ କରିଆସୁଥିଲେ। ଏହାକୁ ନେଇ ତାଙ୍କ ପରିବାରରେ ଅଶାନ୍ତି ସୃଷ୍ଟି ହୋଇଥିଲା। ତେଣୁ ସୋମନାଥ କିଛି ମାସ ତଳେ ନିଜ ସ୍ତ୍ରୀ ଓ ପିଲାଙ୍କୁ ନେଇ ଗାଁରେ ଛାଡ଼ି ଆସିଥିଲେ। ଗତ ୫ଦିନ ହେଲା ସୁଲୋଚନାଙ୍କୁ ଆଣି ପାଖରେ ରଖିଥିଲେ। ସ୍ଥାନୀୟ ଅଞ୍ଚଳରେ ରହୁଥିବା ସୋମନାଥଙ୍କ ଭଉଣୀ ଓ ଭାଇ ଏନେଇ ପରିବାର ଲୋକଙ୍କୁ ଜଣାଇବାରୁ ଘଟଣା ଭିନ୍ନ ମୋଡ଼ ନେଇଥିଲା। ସୋମନାଥଙ୍କ ସ୍ତ୍ରୀ ଓ ପରିବାର ଲୋକ ଏହାକୁ ପ୍ରବଳ ବିରୋଧ କରିଥିଲେ। ପାରିବାରିକ କଳହ ଉଗ୍ରରୂପ ନେବାରୁ ସୋମନାଥ ଓ ସୁଲୋଚନା ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲେ। ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ସେମାନେ ବିଷ ପିଇଦେଇଥିଲେ। ସ୍ଥାନୀୟ ଲୋକେ ଓ ସମ୍ପର୍କୀୟ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଏମ୍‌ସରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।



ସୁଲୋଚନା ନାୟକ ଓ ସୋମନାଥ ସାହୁ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ସ୍ୱଗୃହୀ ଶନି ଓ ଚନ୍ଦ୍ରଙ୍କ ପ୍ରଭାବରେ ଆପଣଙ୍କ ପାରିବାରିକ ଓ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ବିଶେଷ ଭଲ ରହିବ। ଅବୁଝା ବନ୍ଧୁମାନଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ , ଆନୁଷ୍ଠାନିକ କାମ ତଥା ପିତୃକାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ପାଇବ ।

**ବୃଷ** - ମଙ୍ଗଳଙ୍କ ରାଶ୍ୟାବସ୍ଥାନରୁ ପାରିବାରିକ ଜୀବନ ବୁଝାମଣା ମଧ୍ୟରେ ଗତିଶୀଳ ହେବ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିପାରନ୍ତି। ସାମାଜିକ କିମ୍ବା ପ୍ରଶାସନିକ ସ୍ତରରେ ଆଲୋଚନା ପୂର୍ବକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିବା ସାଙ୍ଗକୁ ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ ।

**ମିଥୁନ** - ଚନ୍ଦ୍ରଙ୍କ ନବମସ୍ଥ ଗୁରୁହେତୁ କର୍ମକ୍ଷେତ୍ରରେ ସମସ୍ତ ସୁବିଧା ଲାଭକରି କାମ ହାସଲ କରିବେ। କିନ୍ତୁ ଆରଦ୍ରା ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ପରିବାର ଭିତରୁ ସମାଲୋଚିତ ହେବାକୁ ପଡ଼ିବ। ଆଜି ସମ୍ପର୍କୀୟଙ୍କ ଦ୍ୱାରା ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବେ। ଚେଷ୍ଟା କରୁଥିବା କାମରେ ସାମାନ୍ୟ ସଫଳତା ବିଳମ୍ବରେ ପାଇବେ।

**କର୍କଟ** - ସ୍ୱଗୃହୀ ଚନ୍ଦ୍ର ହେତୁ ଆପଣଙ୍କ ପାଇଁ ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। କେତୁ ନକ୍ଷତ୍ରସ୍ଥ ଯୋଗୁ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ, ଯାହାଦ୍ୱାରା କିଛି ବି କରିପାରିବେ ନାହିଁ। ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ।

**ସିଂହ** - ଶୁକ୍ର ନିଜ ରାଶିରେ ଅବସ୍ଥାନ କରୁଥିବାର କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ଆଜି ହଠାତ୍ ପାଇଯିବେ। ସଭାସମିତିରେ ଆଲୋଚନା ସରଗରମ ହେବାର ସମ୍ଭାବନା ରହିଛି। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ ।

**କନ୍ୟା** - ପାପଗ୍ରହଙ୍କ କୁପ୍ରଭାବରୁ ଦୀର୍ଘଦିନର ଅପୂରଣୀୟ ଆଶା ମନରେ ବିଭିନ୍ନ ଆଶଙ୍କା ସୃଷ୍ଟି କରିପାରେ । ଅବଶ୍ୟ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି।

**ତୁଳା** - ଶନି ଚତୁର୍ଥକେନ୍ଦ୍ରରେ ଥିବାରୁ ସାମାଜିକ କ୍ଷେତ୍ରରେ ବନ୍ଧୁ ସମ୍ମୁଖରେ ମନକଥା କହିବାକୁ ପଛେଇଯିବେ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଚିତ୍ରାର ପାରିବାରିକ ଅଶାନ୍ତି ହେତୁ କାମ ଉତ୍ସାହପ୍ରଦ ହେବ ନାହିଁ। ମାମଲାମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** - ଅନୁକୂଳ ଗ୍ରହସ୍ଥିତି ପ୍ରଭାବରୁ ଯାହା ହାସଲ କରିବାକୁ ଚିନ୍ତା କରୁଛନ୍ତି ନିଶ୍ଚିତ ପାଇପାରିବେ। କିନ୍ତୁ ଦ୍ୱାଦଶସ୍ଥ କେତୁଙ୍କ ଯୋଗୁ କର୍ମକ୍ଷେତ୍ରର ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** - ପାପଗ୍ରହ ମଧ୍ୟସ୍ଥ ବୃହସ୍ପତିଙ୍କ ଯୋଗୁ ପାରିବାରିକ କ୍ଷେତ୍ରରେ ଅସ୍ଥିରତା କର୍ମକ୍ଷେତ୍ରକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ପ୍ରକାଶନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ସାଙ୍ଗସାଥୀଙ୍କ ମଧ୍ୟରେ ଅଶାନ୍ତି ଦେଖାଦେବ। ଅଫିସରେ ସବୁକଥାକୁ ହାଲୁକା ଭାବେ ନେଲେ କ୍ଷତିରେ ପଡ଼ିବେ।

**ମକର** - ଭାଗ୍ୟସ୍ଥାନରେ ବୁଧାଦିତ୍ୟ ଯୋଗ ହେତୁ ଯେଉଁ କାମ ଆରମ୍ଭ କରିବେ ସଫଳ ହେବ। କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ୍ୟ ହେବେ। ଧନିଷ୍ଠା ନକ୍ଷତ୍ର ପାଇଁ କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଏବଂ ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ।

**କୁମ୍ଭ** - ଶନିଙ୍କ କ୍ରୂର ଦୃଷ୍ଟିରେ ଧନାଧିପ ରହିଥିବାରୁ ଆର୍ଥିକ ସ୍ଥିତି ଦୁର୍ବଳ କାରଣରୁ ଚିନ୍ତା କରିବାକୁ ପଡ଼ିବ। ଆଜି ଆନୁଷ୍ଠାନିକ କ୍ଷେତ୍ରରେ ସହଜ ଓ ସୁବିଧାରେ ହାତକୁ ନେଇଥିବା କାମ ସମ୍ପନ୍ନ ହୋଇଯିବ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। କଠୋର ପଦକ୍ଷେପ ନେଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** - ରାହୁଙ୍କ ପ୍ରଭାବରେ ପାରସ୍ପରିକ ଭୁଲ୍ ବୁଝାମଣା କାରଣରୁ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହେବେ। ନିଜ ପରିସରରେ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ ବ୍ୟବସାୟରେ ସଫଳତା ହାସଲ କରିବେ। ପରିବାରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**classifieds** Everyday 0674-2580101, 2549302

real estate

**SALE**

Clean ପ୍ଲଟ୍ immediate registration price double ଦୁଇ ବର୍ଷ ଭିତରେ, high potential roads, ଗଙ୍ଗପଡ଼ା, ପଟିଆ ପରି ବଢ଼ିଚାଲିଛି। sqft. 1050/-. Contact- 9040045759. D-74121

Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320. D-74112

Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272. D-73296

Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455. D-74105

healthcare

Ashirvaad Saloon and SPA getgood massage for your health tha best therapy. 7077181074. D-73973

One hour any therapy by expert therapist @999 only. 9078484455. D-73645

Hearbal full body relax massage by trend ledy therapist. 6371676208. D-73644

Newly open Spa positively health benefit with expert. Contact: 7749976301. D-73873

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73972

Relax, Refresh your body, Mind at Saikrupa Spa with best therapies. 8984068077. D-1543

education

Medical Exam. Registration- BAMS/ BHMS/ BUMS/BDS/ BPT/ ANM/ GNM/ D.Pharma/Dental Hygiene/ DHMS/ DAMS/ DUMS. W.A- 9064681304. D-1591

**LOST**

ମୁଁ ଶାଶ୍ୱତ କୁମାର ଜେନା, ଶାଖା ପରିଚାଳକ, ଆକ୍ସିସ ବ୍ୟାଙ୍କ, ଆଠମଲ୍ଲିକ ଜଣାଉଛି କି, ଆକ୍ସିସ୍ ବ୍ୟାଙ୍କ ଦ୍ୱାରା ଦିଆଯାଇଥିବା Power of Attorneyଟି ହଜିଯାଇଛି। ଜନସାଧାରଣଙ୍କୁ ଅବଗତ କରାଯାଉଛି ଯେ, ତା୨୦ା୦୯ା୨୦୨୨ରିଖଠାରୁ ଉପରୋକ୍ତ Power of Attorneyକୁ କୌଣସି ଅନୁଚିତ ବ୍ୟବହାର ବ୍ୟାଙ୍କ ଉପରେ ବାଧ୍ୟତାମୂଳକ ହେବ ନାହିଁ। କୌଣସି ବ୍ୟକ୍ତି ସନ୍ଧାନ ପାଇଲେ Power of Attorneyଟି ବ୍ୟାଙ୍କକୁ ଫେରସ୍ତ କରିବେ। ଧ-୭୪୦୧୪

**୬ଷ୍ଠ ଜନ୍ମବାର୍ଷିକୀ ଶୁଭେଚ୍ଛା**



ସ୍ୱୟଂଶ୍ରୀ ରାଉତରାୟ (ଶ୍ରଦ୍ଧା)
ଏଫଆର- ୯୩/୧୧, ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ ଓ ତୋ' ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ରାଉତରାୟ ପରିବାର ଓ ବନ୍ଧୁବର୍ଗ । ଧ-୭୪୦୮

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**LEGAL NOTICE**

ଭଦ୍ରକ ମୁକାମ ସିଭିଲ ଜଜ୍ (ସିନିୟର ଡିଭିଜନ)ଙ୍କ ଅଦାଲତ, ଭଦ୍ରକ
ସି.ଏସ୍.ନଂ-୪୭୪/୨୦୧୩
(ଦେୱାନୀ କାର୍ଯ୍ୟବିଧି ଆଇନର ଆଦେଶ-୫, ରୁଲ୍-୨୦)
କ୍ଷୀରୋଦ ଚନ୍ଦ୍ର ବିଶ୍ୱାଳ ...ବାଦୀ
ଆଦିକନ୍ଦ ବିଶ୍ୱାଳ- ଓଗେର- ...ବିବାଦୀମାନେ

ପ୍ରାପ୍ତେଷୁ:-(୯) ପ୍ରମିଳା ବିଶ୍ୱାଳ @ ରାଉତ, ବ୫୯ର୍ଷ, ପି- ୰ବୈଦ୍ୟନାଥ ବିଶ୍ୱାଳ, ସ୍ୱା- ବ୍ରଜନାଥ ରାଉତ, ସା- ଫାଜିଲପୁର, ପୋ- ବଡ଼ ଦାମୋଦରପୁର, ଥା- ସିଂପୁର, ଜି- କେନ୍ଦ୍ରାପଡ଼ା, (୧୦) ଉର୍ମିଳା ସାହୁ @ ବିଶ୍ୱାଳ, ବ୫୧ର୍ଷ, ପି- ବିଦ୍ୟାଧର ବିଶ୍ୱାଳ, ସ୍ୱା- ବିଜୟ କୁମାର ସାହୁ, ସା- ମାଳିସାହି, ପୋ- ବଉଳଜୋଡ଼ା, ଥା- ଚାନ୍ଦବାଲି, ଜି-ଭଦ୍ରକ, (୧୧) ସର୍ମିଳା ବାଳା ବିଶ୍ୱାଳ, ବ୪୨ର୍ଷ, ପି- ବିଦ୍ୟାଧର ବିଶ୍ୱାଳ, ସା- କୋଇଲେଖା, ପୋ- ଭୂଇଁପୁର, ଥା- ଧୁଷୁରୀ, ଜି- ଭଦ୍ରକ, (୧୨) ସାବିତ୍ରୀ ନାୟକ, ବ୭୧ର୍ଷ, ପି- ୰ହାଡ଼ିବନ୍ଧୁ ବିଶ୍ୱାଳ, ସ୍ୱା- ଶରତ ନାୟକ, ସା- ମୂଳକଇମା, ପୋ- ବଉଳଜୋଡ଼ା, ଥା- ଚାନ୍ଦବାଲି, ଜି- ଭଦ୍ରକ ...ବିବାଦୀମାନେ

ଏତଦ୍ଦ୍ୱାରା ଆପଣ ବିବାଦୀମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି ଉପରୋକ୍ତ ବାଦୀ ତଫସିଲ ବୃତ୍ତି ପକ୍ଷେ ଚରସ୍ଥାୟୀ ନିଷେଧାଜ୍ଞା ଓ ଖେସରାତ ଦାବିରେ ଅତ୍ର ମୋକଦ୍ଦମା ଆଗତ କରିଅଛନ୍ତି। ମାତ୍ର ଅଦାଲତଙ୍କ ଠାରୁ ଆପଣଙ୍କ ଉପରେ ବାରମ୍ବାର ନୋଟିସ୍ ହେବା ସତ୍ତ୍ୱେ ଆପଣ ଜାଣିଶୁଣି ଉକ୍ତ ନୋଟିସ୍‌ମାନ ନେବାକୁ ଅସ୍ୱୀକାର କରୁଅଛନ୍ତି। ଉପରୋକ୍ତ ମୋକଦ୍ଦମାର ତାରିଖ ୧୦ା୧୦ା୨୦୨୨ରିଖକୁ ଧାର୍ଯ୍ୟ ଅଛି। ଉପରୋକ୍ତ ତାରିଖରେ ଦିବା ୧୦ ଘଟିକା ୩୦ ମିନିଟ୍ ସମୟରେ ଆପଣ କିମ୍ବା ଆପଣଙ୍କର ପ୍ରତିନିଧି କୋର୍ଟରେ ଉପସ୍ଥିତ ହୋଇ ନିଜର ଅଭିଯୋଗମାନ ଜଣାଇବେ। ଉପରୋକ୍ତ ତାରିଖରେ ଅନୁପସ୍ଥିତ ରହିଲେ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ତଫସିଲ ବୃତ୍ତି
ଜି- ଭଦ୍ରକ, ଥାନା, ତହସିଲ- ଚାନ୍ଦବାଲି, ହା:ଥା- ଧୁଷୁରୀ, ମୌଜା-କୋଇଲେଖା, ସାବକ ଖା୧୦୮ତା, ଖ୫୪୪ସଡ଼ା, ଏ୧.୯୮ଡି, ସ୍ୱା: ଏ୦.୨୪ଡି, ଯାହାକି ନାମଜାରୀ ଖା ୩୩୬/୨୧୦ତା, ଖ ୭୮୫/୨୪୩୩ସଡ଼ା, ଏ୦.୨୪ଡି ଅଟେ।

ଅଦ୍ୟ ତା ୧୪ା୦୯ା୨୨ରିଖରେ କୋର୍ଟଙ୍କର ସହିମୋହରୀ ଏବଂ ଦସ୍ତଖତ ଦିଆଗଲା।

ସ୍ୱା- ସିଭିଲ ଜଜ୍ (ସିନିୟର ଡିଭିଜନ୍), ଭଦ୍ରକ, ୧୯ା୦୯ା୨୨
ଧ-୭୪୮୮

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଏ ଦେଉଣୀଙ୍କ କୋଳଥ ମଣ୍ଡା**
**ତହିଁ ମାରିଥିବ ଗେବ**
**ଯିଏ ଯେମିତି ମାଗି ଆସିବେ**
**ଗେବ ଚିହ୍ନି କରି ଦେବ ।**

କେତେଜଣ ବ୍ୟକ୍ତି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖି ନ ଥାନ୍ତି। ତାଙ୍କ ଆଖିରେ କିଏ ପର ତ କିଏ ଅଧିକ ଆପଣାର ହୋଇଥାନ୍ତି। ଚିହ୍ନା ପରିଚୟ ଭିତରେ ବାଛ ବିଚାର କରିବା ନେଇ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଦିନେ ନାହିଁ, କାଳେ ନାହିଁ**
**ଗହ୍ମା ପୂନେଇ ଦିନ ମାଇଁ ମାଇଁ**

ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ଫଳପ୍ରାପ୍ତି ଆଶାରେ ଅଚିହ୍ନା ଅଜଣା ବ୍ୟକ୍ତିଙ୍କ ସହ ସମ୍ପର୍କ ଯୋଡିବାରେ ପଛଘୁଞ୍ଚା ଦେଇ ନ ଥାନ୍ତି। କିଛି ଲାଭ ଆଶାରେ ଅପରିଚିତ ବ୍ୟକ୍ତିଙ୍କ ସହିତ ସମ୍ବନ୍ଧ ସ୍ଥାପନ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ:

## ଆଜି କ୍ୟାବିନେଟ

**ଭୁବନେଶ୍ୱର,୨୧ା୯(ବ୍ୟୁରୋ)**

ଗୁରୁବାର ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲାଗିବ। ଅପରାହ୍ନ ୫ଟା ୩୦ ମିନିଟରେ ଏହି ବୈଠକ ଅନୁଷ୍ଠିତ ହେବ । ମିଳିଥିବା ସୂଚନା ଅନୁସାରେ କ୍ୟାବିନେଟ ବୈଠକରେ ୧୨ଟି ପ୍ରସ୍ତାବ ଉପରେ ମୋହର ଲାଗିବା ସମ୍ଭାବନା ରହିଛି। ବିଶେଷକରି ପଞ୍ଚାୟତିରାଜ ଓ ପାନୀୟଜଳ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଅର୍ଥ, ସମବାୟ, ନଗର ଉନ୍ନୟନ ଆଦି ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିବା ସମ୍ଭାବନା ରହିଛି।

## ପ୍ରଥମ ପୃଷ୍ଠାରୁ...

### ଚାଇନାକୁ ହିମାଳୟ ...

ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ଲୋକଙ୍କ ଜୀବିକା ପ୍ରଭାବିତ ହୋଇଛି। ଚାରଣ ଭୂମି ଉପରେ ବେଜିଂ କବଜା କରିଛି। ଏହାକୁ ନେଇ ଅନେକ ଥର ସ୍ୱର ଉଠାଇଥିଲେ ବି କିଛି ସୁଫଳ ମିଳିନି। ସରକାର ଖୁସି ଖୁସିରେ ଜମି ଦାନ କରିଚାଲିଛନ୍ତି। ଏହା ଜାରି ରହିଲେ ଆମେ ଆଗକୁ ଆହୁରି ଅଧିକ ଜମି ହରାଇବା ବୋଲି ଷ୍ଟାଞ୍ଜିନ୍ କହିଛନ୍ତି।

### ରତନ ଟାଟା ପିଏମ୍ ...

ଓ ଲୋକ ସଭାର ପୂର୍ବତନ ଉପବାଚସ୍ପତି କରିୟା ମୁଣ୍ଡାଙ୍କୁ ମଧ୍ୟ ଟ୍ରଷ୍ଟି ରୂପେ ମନୋନୀତ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ପିଏମ୍‌କେୟାର୍ସ ଫଣ୍ଡର ବୋର୍ଡ ଅଫ୍ ଟ୍ରଷ୍ଟିଜ୍ ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଯୋଗଦେଇଥିଲେ। ଏହି ଦୁଇ କେନ୍ଦ୍ରମନ୍ତ୍ରୀ ଉକ୍ତ ପାଣ୍ଠିର ଟ୍ରଷ୍ଟିଜ୍ ଅଛନ୍ତି। ବୈଠକବେଳେ ନୂଆ ସଦସ୍ୟଙ୍କ ନିଯୁକ୍ତିକୁ ଅନୁମୋଦନ କରାଯାଇଥିବା ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ସୂଚନା ଦିଆଯାଇଛି। ପିଏମ୍‌କେୟାର୍ସ ଫଣ୍ଡର ଆଡ୍‌ଭାଇଜରି ବୋର୍ଡରେ ୩ ବିଶିଷ୍ଟ ବ୍ୟକ୍ତିଙ୍କୁ ଉପଦେଷ୍ଟା ସଦସ୍ୟ ରୂପେ ରଖାଯାଇଛି। ସେମାନେ ହେଲେ ଭାରତର ପୂର୍ବତନ ସିଏଜି ରାଜୀବ ମେହର୍ଷି, ଇନ୍‌ଫୋସିସ୍ ପ୍ରତିଷ୍ଠାତା ଏନ୍.ଆର୍. ନାରାୟଣମୂର୍ତ୍ତିଙ୍କ ସ୍ତ୍ରୀ ତଥା ଇନ୍‌ଫୋସିସ୍ ଫାଉଣ୍ଡେଶନର ପୂର୍ବତନ ଅଧକ୍ଷା ସୁଧା ମୂର୍ତ୍ତି ଏବଂ ଟେକ୍ ଫର୍ ଇଣ୍ଡିଆର ସହପ୍ରତିଷ୍ଠାତା ଆନନ୍ଦ ଶାହା। ନୂଆ ଟ୍ରଷ୍ଟି ଓ ପରାମର୍ଶଦାତାଙ୍କ ଯୋଗଦାନ ଫଳରେ ପିଏମକେୟାର୍ସ ଫଣ୍ଡର କାର୍ଯ୍ୟକାରିତା ଆହୁରି ବିସ୍ତୃତି ଲାଭ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

### ମନେରହିବେ ଗଜୋଧର...

ଫେରି ନ ଥିଲା। ତାଙ୍କର ଆଞ୍ଜିଓପ୍ଲାଷ୍ଟି ସର୍ଜରି ମଧ୍ୟ ହୋଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ସ୍ଥିର ନ ହେବାରୁ ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ବୁଧବାର ସକାଳ ପ୍ରାୟ ସାଢ଼େ ୧୦ଟାରେ ଡାକ୍ତର ଶ୍ରୀବାସ୍ତବଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ରାଜୁ ତାଙ୍କ ହାସ୍ୟରୋଳ ଓ ସକାରାତ୍ମକ ଭାବନାରେ ଆମ ଜୀବନକୁ ଆଲୋକିତ କରିଥିଲେ। ସେ ଆମକୁ ଶୀଘ୍ର ଛାଡ଼ି ଚାଲିଯାଇଛନ୍ତି। ହେଲେ ହୃଦୟରେ ସେ ସର୍ବଦା ଜୀବିତ ରହିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ, ହରିୟାଣାର ମନୋହର ଲାଲ ଖଟ୍ଟର ପ୍ରମୁଖ ଶୋକପ୍ରକାଶ କରିଛନ୍ତି। ସେହିପରି ଫିଲ୍ମ ନିର୍ଦ୍ଦେଶକ ମଧୁର ଭଣ୍ଡାରକର, ବିବେକ ଅଗ୍ନିହୋତ୍ରୀ, ଶେଖର ସୁମନ, ଅନୁପମ ଖେର, ଅଭିନେତା ଅଜୟ ଦେବଗନ, ହ୍ରିତିକ ରୋଶନଙ୍କ ସମେତ ବହୁ ପ୍ରମୁଖ କଳାକାର ରାଜୁ ଶ୍ରୀବାସ୍ତବଙ୍କ ପରଲୋକରେ ଶୋକ ବ୍ୟକ୍ତ କରିଛନ୍ତି।

୧୯୬୩ ମସିହା ଡିସେମ୍ବର ୨୫ରେ ରାଜୁ ଶ୍ରୀବାସ୍ତବ ଉତ୍ତରପ୍ରଦେଶର କାନପୁରରେ ଜନ୍ମଗ୍ରହଣ କରିଥିଲେ। ସତ୍ୟ ପ୍ରକାଶ ଶ୍ରୀବାସ୍ତବ ଓରଫ୍ ରାଜୁ ପିଲାବେଳୁ ହିଁ କମେଡି ପ୍ରିୟ ଥିଲେ। ଛୋଟ ବେଳୁ ସେ ଅନ୍ୟମାନଙ୍କ ମିମିକ୍ରି କରୁଥିଲେ। ତାଙ୍କ ବାପା ରମେଶ ଚନ୍ଦ୍ର ଶ୍ରୀବାସ୍ତବ ଜଣେ ହାସ୍ୟ କବି ଥିଲେ। ୧୯୯୦ ଦଶକ ପ୍ରାରମ୍ଭରୁ ତାଙ୍କୁ ବ୍ରେକ୍ ମିଳିଥିଲା। ୧୯୯୪ରେ ଦୂରଦର୍ଶନରେ ପ୍ରସାରିତ 'ଟି ଟାଇମ୍ ମନୋରଞ୍ଜନ'ରେ ସେ ତାଙ୍କ ପ୍ରତିଭା ଦେଖାଇଥିଲେ। ଏହାସହ ସେ ଅନେକ ଶୋ' କରିବା ଆରମ୍ଭ କରିଦେଇଥିଲେ। ୨୦୦୫ରେ 'ଦ ଗ୍ରେଟ୍ ଇଣ୍ଡିଆନ୍ ଲାଫ୍ଟର ଚ୍ୟାଲେଞ୍ଜ' ଶୋ' ତାଙ୍କୁ ବହୁଳ ପ୍ରସିଦ୍ଧି ଆଣିଦେଇଥିଲା। ଏହା ତାଙ୍କ ଜୀବନର ବଡ଼ ଟର୍ନିଂ ପଏଣ୍ଟ ଥିଲା। ସେ ବିଶେଷକରି ବଲିଉଡ୍ ବିଗ୍ ବି ଅମିତାଭ୍ ବଚ୍ଚନଙ୍କ ମିମିକ୍ରି କରୁଥିଲେ। ତାଙ୍କ ପ୍ରଦର୍ଶନରେ ବହୁବାର ସେ 'ଗଜୋଧର' ସମ୍ବୋଧନ କରୁଥିବାରୁ ପ୍ରଶଂସକ ତାଙ୍କୁ ଗଜୋଧର ଭୈୟା ନାଁ ଦେଇଥିଲେ। ୧୯୯୩ରେ ଶିଖା ଶ୍ରୀବାସ୍ତବଙ୍କୁ ବିବାହ କରିଥିଲେ। ତାଙ୍କ ଝିଅ ଅନ୍ତରା ଓ ପୁଅ ହେଉଛନ୍ତି ଆୟୁଷ୍ମାନ। ଉଭୟ ରାଜୁ ଏବଂ ଶିଖା ୨୦୧୩ରେ ଡ୍ୟାନ୍ସ ରିଅଲିଟି ଶୋ 'ନଚ୍ ବଲିଏ' ସିଜନ ୬ରେ ଭାଗ ନେଇଥିଲେ। ବିଗ୍‌ବସ୍ ସିଜନ୍-୩ରେ ମଧ୍ୟ ଶ୍ରୀବାସ୍ତବଙ୍କୁ ଦେଖିବାକୁ ମିଳିଥିଲା। ଏହାବାଦ ରାଜୁ ଶ୍ରୀବାସ୍ତବ ମୈନେ ପ୍ୟାର କିୟା, ବାଜିଗର, ମେ ପ୍ୟାର କି ଦିୱାନୀ ହୁଁ, ଟଏଲେଟ୍: ଏକ୍ ପ୍ରେମ୍ କଥା ଆଦି ଫିଲ୍ମରେ ଅଭିନୟ କରିଛନ୍ତି। ୨୦୧୪ରେ ସେ ଭାଜପାରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ସ୍ୱଚ୍ଛ ଭାରତ ଅଭିଯାନର ସେ ଜଣେ ସକ୍ରିୟ ସଦସ୍ୟ ଥିଲେ। ୨୦୧୯ରେ ତାଙ୍କୁ ଉତ୍ତରପ୍ରଦେଶ ଫିଲ୍ମ ବିକାଶ ପରିଷଦର ଅଧକ୍ଷ କରାଯାଇଥିଲା।

### ବିହାର ଗଲା ...

ବାଙ୍ଗାଲୋରରୁ ଅଣାଯାଉଥିବା ସ୍ପଷ୍ଟ ହୋଇଥିଲା। ଏପରି କି ଗତ ୧୭ ତାରିଖରେ ପୋଲିସର ହସ୍ତଗତ ହୋଇଥିବା ମେଡିସିନ ନମୁନା ପରୀକ୍ଷଣରୁ ଏହା ନକଲି ବୋଲି ଜଣାପଡ଼ିବା ପରେ ପୋଲିସ ରାଜ୍ୟ ବାହାରକୁ ଯାଇ ମେଡିସିନ ଯୋଗାଣକାରୀଙ୍କୁ ଧରିବାକୁ ଚେଷ୍ଟା କରୁଛି। ବିହାରର ଗୟାସ୍ଥିତ ବାଲାଜୀ ଡ୍ରଗ୍ସ ଠାରୁ ନକଲି ମେଡିସିନ ଆସୁଥିବାରୁ ପ୍ରଥମେ ତାହାକୁ ଟାର୍ଗେଟ କରାଯାଇଛି। ପୋଲିସ ଟିମ୍ ସେଠାରେ ତଦନ୍ତ କରିବା ପରେ ନକଲି ମେଡିସିନ ଯୋଗାଣର ମୁଖ୍ୟ ସୂତ୍ରଧରଙ୍କୁ ଖୁବ୍‌ଶୀଘ୍ର ଧରିବାକୁ ଚେଷ୍ଟା କରିବ ବୋଲି ଡିସିପି ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, ରକ୍ତଚାପର ଚିକିତ୍ସା ପାଇଁ ନକଲି ମେଡିସିନ ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ ବିକ୍ରି କରୁଥିବା ନେଇ ଯାଉଁଳିଆପଟିର ପୂଜା ଏଣ୍ଟରପ୍ରାଇଜର୍ସ ଓ ମାଣିକଘୋଷ ବଜାରର ଭି. ଆର. ଡ୍ରଗ ଏଜେନ୍ସି ନାମରେ ପୁରୀ ଘାଟ ଥାନାରେ ଅଭିଯୋଗ ହୋଇଥିଲା। ୨ ଷ୍ଟକିଷ୍ଟଙ୍କ ନାମରେ ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ସ ଆକ୍ଟରେ କଟକ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୨ ଏବଂ ପୁରୀଘାଟ ଥାନାରେ ୨ଟି ମାମଲା ରୁଜୁ ହୋଇଥିଲା। ଏପରି କି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ମେଡିସିନ ବିକ୍ରି ନିଷେଧ କରାଯିବା ସହ ଦୁଇ ଅଭିଯୁକ୍ତ ଷ୍ଟକିଷ୍ଟଙ୍କ ଡ୍ରଗ୍ସ ଲାଇସେନ୍ସକୁ ବାତିଲ କରାଯାଇଥିଲା। ଏହା ସତ୍ତ୍ୱେ ଏହି ଔଷଧର କାରବାର ଚାଲିଥିବା ବିଶେଷସୂତ୍ରରୁ ଖବର ପାଇ ପୋଲିସ ଗତ ୧୯ତାରିଖରେ କଟକ ମହତାବରୋଡସ୍ଥିତ ଏକ ଟ୍ରାନ୍ସପୋର୍ଟ ଏଜେନ୍ସି ଉପରେ ଚଢ଼ାଉ କରି ସେଠାରୁ ୧୩୫୦ ଷ୍ଟ୍ରିପ୍ ନକଲି ଟେଲ୍‌ମା-୪୦ ମେଡିସିନ୍ ଜବତ କରିଥିଲା। ଉକ୍ତ ମେଡିସିନ୍ ମାଣିକଘୋଷ ବଜାରସ୍ଥିତ ଭି.ଆର୍. ଡ୍ରଗ୍ସ ଏଜେନ୍ସି କୋଲକାତାରୁ କିଣିଥିବା ତଦନ୍ତରୁ ଜଣାପଡ଼ିଥିଲା।

### ଗାଜଲବାଡ଼ି ଘାଟିରେ...

ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ଲକିଂ କରାଯାଇଛି। ସୋରଡ଼ାକୁ ସଂଯୋଗ କରୁଥିବା ଏକମାତ୍ର ଏହି ରାସ୍ତା ବନ୍ଦ ଯୋଗୁ ଲୋକେ ହଇରାଣ ହେଉଛନ୍ତି। ଦାରିଙ୍ଗବାଡ଼ିକୁ ମୁଖ୍ୟତଃ ଆସିକା, ସୋରଡ଼ା ଏବଂ ହିଞ୍ଜିଳିକାଟୁରୁ ପନିପରିବା ଆସିଥାଏ। ଏପରିକି ରାଶନ ସାମଗ୍ରୀ ପାଇଁ ବ୍ରହ୍ମପୁର ଉପରେ ନିର୍ଭର କରାଯାଇଥାଏ। ରାସ୍ତା ବନ୍ଦ ଯୋଗୁ ଏବେ ସମସ୍ୟା ଦେଖାଦେଇଛି। ସେହିପରି ଦାରିଙ୍ଗବାଡିରୁ ଗୁରୁତର ରୋଗୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। କୌଣସି ଗାଡି ମୋଟର କିମ୍ବା ଲୋକଙ୍କୁ ଉକ୍ତ ରାସ୍ତାରେ ଛଡା ଯାଉ ନ ଥିବା ଦାରିଙ୍ଗବାଡି ଆଇଆଇସି କୌଶିକ ମାଝି କହିଛନ୍ତି। ଲୋକଙ୍କ ସୁରକ୍ଷା ପାଇଁ ସୋରଡ଼ା ଆଇଆଇସି ରମେଶ ଚନ୍ଦ୍ର ପ୍ରଧାନଙ୍କ ସହ ମଧ୍ୟ ଯୋଗାଯୋଗ କରାଯାଉଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ତିତ୍‌ଲି ବାତ୍ୟା ସମୟରେ ଉକ୍ତ ଘାଟି ରାସ୍ତାରେ ଭୂସ୍ଖଳନ ହୋଇଥିଲା। ପରେ ରାସ୍ତା ସଫା କରିବାକୁ ପ୍ରାୟ ୬ ମାସ ଲାଗିଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୮୨,୬୮,୨୩୬ | ୬୫,୩୩,୮୬୪ | ୫୯,୮୨,୧୩,୬୧୫ |
| ଭାରତ | ୪,୪୫,୪୭,୫୯୯ | ୫,୨୮,୪୦୩ | ୪,୩୯,୭୨,୯୮୦ |
| ଓଡ଼ିଶା | ୧୩,୩୨,୨୮୧ | ୯୧୮୬(+୫୩) | ୧୩,୨୧,୫୯୪ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ଯୁକ୍ତ ୩ ସ୍ପଟ ନାମଲେଖା ଆବେଦନ ଆରମ୍ଭ

**ଭୁବନେଶ୍ୱର, ୨୧।୯(ବ୍ୟୁରୋ):** ରାଜ୍ୟରେ ଡିଗ୍ରୀ କଲେଜଗୁଡ଼ିକରେ ଯୁକ୍ତ ୩ରେ ସ୍ପଟ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ବୁଧବାରଠାରୁ ଆରମ୍ଭ ହୋଇଛି। ୨୩ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ଯେଉଁମାନେ ପ୍ରଥମ ପର୍ଯ୍ୟାୟରେ ନିଜ ନାମ ପଞ୍ଜୀକରଣ କରିବା ସହିତ କମନ୍ ଆପ୍ଲିକେଶନ ଫର୍ମ (ସିଏଏଫ୍) ଦାଖଲ କରିଥିଲେ ସେମାନେ ହିଁ କେବଳ ଏଥିରେ ଆବେଦନ କରିପାରିବେ। ୨୮ ତାରିଖ ଅପରାହ୍ନ ୨ଟାରେ ସ୍ପଟ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବା ସହିତ ସେହି ସମୟରୁ ଅକ୍ଟୋବର ୧ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସ୍ପଟ ନାମଲେଖା ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ରାଜ୍ୟର ୧,୦୨୩ ଡିଗ୍ରୀ କଲେଜରେ ମୋଟ ୨, ୫୨,୦୧୩ ସିଟ୍ ଥିବା ବେଳେ ୧,୫୪,୨୫୪ଜଣ ନାମ ଲେଖାଇ ସାରିଛନ୍ତି। ବର୍ତ୍ତମାନ ୯୭, ୭୫୯ ସିଟ୍ ବଳକା ପଡ଼ିଛି। ସେଥିମଧ୍ୟରୁ କଳାରେ ୪୪,୩୩୯ ସିଟ୍, ଫିଜିକାଲ ସାଇନ୍ସରେ ୨୧,୯୭୧, ବାୟୋଲୋଜି ସାଇନ୍ସରେ ୧୧,୫୪୯, ବାଣିଜ୍ୟରେ ୧୪,୧୯୪, ସେଲ୍ଫ ଫାଇନାନ୍ସିଂରେ ୭୬୭ ଏବଂ ସଂସ୍କୃତରେ ୪,୯୩୯ ସିଟ୍ ଖାଲି ପଡ଼ିଛି।

## ଜ୍ୱାଇଁ ଠେଙ୍ଗା ମାଡ଼ରେ ଶ୍ୱଶୁର ମୃତ

**ପାତ୍ରପୁର, ୨୧।୯(ଡି.ଏନ.ଏ.):** ସାମାନ୍ୟ ବଚସାକୁ ନେଇ ଜ୍ୱାଇଁଙ୍କ ଠେଙ୍ଗା ମାଡ଼ରେ ବୁଧବାର ଶ୍ୱଶୁରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଞ୍ଜାମ ଜିଲା ଜରଡ଼ା ଥାନା ମୁଣ୍ଡକେରୀ ଗ୍ରାମର ଆପନା ବେହେରା। ଜରଡ଼ା ପୋଲିସ ନଂ. ୨୮୭/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତ ଜ୍ୱାଇଁ ଗଣପତି ବେହେରାଙ୍କୁ ଗିରଫ କରିଛି। ଆକ୍ରମଣରେ ବ୍ୟବହୃତ ଠେଙ୍ଗା ଜବତ କରି ପୋଲିସ ତଦନ୍ତ ଚଳାଇଛି। ଜରଡ଼ା ଥାନା ଏସ୍ଆଇ ମେଦିନିଶ୍ୱର୍ କହଁରଙ୍କ ସୂଚନା ପ୍ରକାରେ, ଶ୍ୱଶୁର ଆପନା ଓ ଜ୍ୱାଇଁ ଗଣପତିଙ୍କ ମଧରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଉଭୟଙ୍କ ମଧରେ କଥା କଟାକଟି ହେବା ପରେ ଜ୍ୱାଇଁ ଏକ ଠେଙ୍ଗାରେ ଆପନାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଆପନାଙ୍କୁ ଗୁରୁତର ଅବସ୍ଥାରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କକରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜଙ୍ଗଲ ମନ୍ତ୍ରୀଙ୍କୁ ଚିଠି ଲେଖିଲା ଏଡବ୍ଲ୍ୟୁଟିଇ

**ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଗଠିତ ଜେଟିଏଫ୍‌କୁ ନେଇ ଉଠିଲା ଅଭିଯୋଗ**

- ନିଜକୁ ସୁହାଇଲା ଭଳି ବ୍ୟକ୍ତିଙ୍କୁ ସାମିଲ କରିଛି ବନ ବିଭାଗ
- ଅଭିଜ୍ଞ ଓ ଯୋଗ୍ୟ ବ୍ୟକ୍ତିଙ୍କୁ ସାମିଲ କରିବାକୁ ନିବେଦନ

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

ହାତୀ ମୃତ୍ୟୁ ମାମଲାରେ ହାଇକୋର୍ଟରେ ରାଜ୍ୟ ସରକାର ଦାଖଲ କରିଥିବା ସତ୍ୟପାଠ ଅନୁସାରେ ବନ ବିଭାଗ ପକ୍ଷରୁ ହାତୀ ତଥା ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଏକ ଜଏଣ୍ଟ ଟାସ୍କ ଫୋର୍ସ(ଜେଟିଏଫ୍) ଗଠନ କରାଯାଇଛି। ଏଥିପାଇଁ ଗତ ଅଗଷ୍ଟ ୧୭ରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ବନ୍ୟପ୍ରାଣୀ ପିସିସିଏଫ୍ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ନେଇ ଏକ ବୈଠକ ବସିଥିଲା। ଗଠିତ ହୋଇଥିବା ଜେଟିଏଫ୍ ସଂକ୍ରାନ୍ତ ତଥ୍ୟ ଆସନ୍ତା ୨୬ ତାରିଖରେ ହାଇକୋର୍ଟରେ ଉପସ୍ଥାପନ କରାଯିବ। ହେଲେ ଏହାପୂର୍ବରୁ ଜେଟିଏଫ୍ ଗଠନକୁ ନେଇ ବିବାଦ ଉପୁଜିଛି। ଏଥିରେ ବନ ବିଭାଗ ଚଞ୍ଚକତା ପୂର୍ବକ ନିଜକୁ ସୁହାଇଲା ଭଳି କେତେଜଣ ଅଯୋଗ୍ୟ ବ୍ୟକ୍ତିଙ୍କୁ ସାମିଲ କରିଥିବା ଆନିମଲ ୱେଲ୍‌ଫେୟାର ଟ୍ରଷ୍ଟ ଏକାମ୍ର(ଏଡବ୍ଲ୍ୟୁଟିଇ) ଗୁରୁତର ଅଭିଯୋଗ ଉଠାଇଛି। ଏଥିସହ ଏନେଇ ସଙ୍ଗଠନ ପକ୍ଷରୁ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ହାତୀ, ବାଘ, ବଜ୍ରକାପ୍ତା ଭଳି ବନ୍ୟପ୍ରାଣୀଙ୍କ ଶିକାର ଓ ଅଙ୍ଗପ୍ରତ୍ୟଙ୍ଗ ଚୋରା ଚାଲାଣ ବୃଦ୍ଧି ପାଉଥିବାରୁ ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ହାଇକୋର୍ଟ ଗୁରୁତ୍ୱ ଦେଇଥିଲେ। କିନ୍ତୁ ଜେଟିଏଫ୍‌ରେ ବନ କର୍ମଚାରୀ ଓ ପୋଲିସକୁ ଛାଡ଼ି ଯେଉଁ କେତେଜଣଙ୍କୁ ନିଯୁକ୍ତି ଦିଆଯାଇଛି, ସେମାନଙ୍କର ବନ୍ୟପ୍ରାଣୀ ଅପରାଧ ରୋକିବାରେ କୌଣସି ଅବଦାନ ନାହିଁ। ଏହାଦ୍ୱାରା ଜେଟିଏଫ୍ ଗଠନର ମୂଳ ଉଦ୍ଦେଶ୍ୟ ପୂରଣ ହୋଇପାରିବ ନାହିଁ ବୋଲି କୁହାଯାଇଛି।

ସଙ୍ଗଠନର ମୁଖ୍ୟ ପୂରବୀ ପାତ୍ର ଦେଇଥିବା ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସେଭ୍ ଏଲିଫ୍ୟାଣ୍ଟ ଟ୍ରଷ୍ଟର ଟ୍ରଷ୍ଟିଙ୍କୁ ଜେଟିଏଫ୍‌ରେ ସ୍ଥାନ ଦେବା ବେଆଇନ। କାରଣ ତାଙ୍କ ସଂସ୍ଥା ସରକାରଙ୍କଠାରୁ ହାତୀ ସଂରକ୍ଷଣ ପାଇଁ ଆର୍ଥିକ ଅନୁଦାନ ପାଉଛି। ତେଣୁ ଜେଟିଏଫ୍ କାର୍ଯ୍ୟ ଓ ତଦନ୍ତ ପ୍ରଭାବିତ ହେବା ଅଧିକ ସମ୍ଭାବନା ରହିଛି। ଏଥିସହ ସଂସ୍ଥାର ୱେବସାଇଟ୍‌ରେ ବନ୍ୟପ୍ରାଣୀ ଅପରାଧ ଦମନ କ୍ଷେତ୍ରରେ କାର୍ଯ୍ୟ କରିଥିବାର କୌଣସି ତଥ୍ୟ ନାହିଁ। ସେହିପରି ଅନ୍ୟ ଯେଉଁମାନଙ୍କୁ ନିଯୁକ୍ତ କରାଯାଇଛି, ସେମାନଙ୍କର ବନ୍ୟପ୍ରାଣୀ ଅପରାଧ ରୋକିବାରେ କୌଣସି ଅବଦାନ ନାହିଁ। ସବୁଠାରୁ ବଡ଼ କଥା ହେଉଛି, ରାଜ୍ୟରେ ବନ୍ୟପ୍ରାଣୀ ଅପରାଧ ରୋକିବାରେ ସବୁଠାରୁ ଅଭିଜ୍ଞ ଏବଂ କୁଶଳୀ ଦୁଇଜଣ ବ୍ୟକ୍ତିଙ୍କୁ ଜାଣିଶୁଣି ବନ ବିଭାଗ ଏଥିରୁ ଦୂରେଇ ରଖିଛି। ଏହି ଦୁଇଜଣଙ୍କ ମଧ୍ୟରେ ଜଣେ ବନ୍ୟପ୍ରାଣୀ ଅପରାଧରେ ପିଏଚ୍‌ଡି କରିଥିବାବେଳେ ତାଙ୍କ ସହାୟତାରେ ରାଜ୍ୟରେ ସର୍ବାଧିକ ୨୧ଟି କଲରାପତରିଆ ବାଘ ଚମଡ଼ା ଜବତ ହୋଇଛି। ସେହିପରି ଆଉଜଣେ ଗତ ୧୦ବର୍ଷରେ ବହୁ ହାତୀ ଦାନ୍ତ ଜବତ, ଜୀବନ୍ତ ବଜ୍ରକାପ୍ତା, ବଜ୍ରକାପ୍ତା କାତି, କଲରାପତରିଆ ବାଘ ଚମଡ଼ା ସହ ମାଟିତଳୁ ହାତୀର ଗଳିତ ମୃତଦେହ ଜବତ ଘଟଣାରେ ସାମିଲ ହୋଇ ବନ୍ୟପ୍ରାଣୀ ଅପରାଧକୁ ଏକ ପ୍ରକାର ରୋକିବାକୁ ଚେଷ୍ଟା କରିଛନ୍ତି। ପୂରବୀ ସେହି ଦୁଇଜଣଙ୍କ ନାମ ଓ କାର୍ଯ୍ୟକଳାପ ବିଷୟରେ ମଧ୍ୟ ଚିଠିରେ ଉଲ୍ଲେଖ କରିଛନ୍ତି। ତେଣୁ ଜେଟିଏଫ୍‌କୁ କର୍ମଚଞ୍ଚଳ କରିବା ପାଇଁ ବନ୍ୟପ୍ରାଣୀ ଅପରାଧ ଦମନ କ୍ଷେତ୍ରରେ ରାଜ୍ୟର ସବୁଠାରୁ ଅଭିଜ୍ଞ ଓ ଯୋଗ୍ୟ ବ୍ୟକ୍ତିଙ୍କୁ ସାମିଲ କରିବା ପାଇଁ ପୂରବୀ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ପ୍ରଶାସନିକ କୋଠାର ଉଚ୍ଚତା ବଢ଼ାଇବାକୁ ଚିଠି

**ଏନ୍‌ଓସି ପାଇଁ ଏନ୍‌ଏମ୍‌ଏ ନିକଟରେ ପ୍ରଶାସନର ଆବେଦନ**

**ପୁରୀ ଅଫିସ,୨୧।୯:** ଶ୍ରୀମନ୍ଦିର ପ୍ରଶାସନିକ କୋଠାର ଉଚ୍ଚତା ବଢ଼ାଇବା ପାଇଁ ପ୍ରସ୍ତାବ ରଖିଛି ଶ୍ରୀମନ୍ଦିର ପ୍ରଶାସନ। ଏ ନେଇ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ମାଧ୍ୟମରେ ଜାତୀୟ କୀର୍ତ୍ତିରାଜି କର୍ତ୍ତୃପକ୍ଷ(ଏନ୍‌ଏମ୍‌ଏ)ଙ୍କୁ ବୁଧବାର ଏକ ଚିଠି ଲେଖାଯାଇଛି। ଶ୍ରୀମନ୍ଦିରର ନିୟନ୍ତ୍ରଣାଧୀନ ଅଞ୍ଚଳରେ ନିର୍ମାଣ ହେବାକୁ ଥିବା ନୂଆ ପ୍ରଶାସନିକ କୋଠାର ଉଚ୍ଚତାକୁ ସର୍ବାଧିକ ୭.୫୦ ମିଟରରେ ସୀମିତ ରଖିବା ପାଇଁ ଏନ୍‌ଏମ୍‌ଏ ପରାମର୍ଶ ଦେଇଥିଲେ। ତେବେ ସମ୍ପୃକ୍ତ ଉଚ୍ଚତା ସୀମା ମଧ୍ୟରେ କୋଠା ନିର୍ମାଣ କରାଯାଇପାରିବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ଚିଠି ଲେଖି ସ୍ପଷ୍ଟ କରିଛି। ପୂର୍ବରୁ ଥିବା ପ୍ରଶାସନିକ କୋଠାର ଉଚ୍ଚତା ୧୧.୧୯୨ ମିଟର ରହିଥିଲା। ଏହି କୋଠାକୁ ଭଙ୍ଗାଯାଇ ସମ୍ପୃକ୍ତ ସ୍ଥାନରେ ନୂଆ ପ୍ରଶାସନିକ କୋଠା ନିର୍ମାଣ ଚାଲିଛି। ତେବେ ନିର୍ମାଣ ହେଉଥିବା କୋଠାର ମୂଳଦୁଆ କାର୍ଯ୍ୟ ଅନେକାଂଶରେ ଶେଷ ହେଲାଣି। ପୂର୍ବଭଳି ଏହାକୁ ଏକ ତିନି ମହଲା ବିଶିଷ୍ଟ କୋଠା କରିବାକୁ ନିର୍ମାଣ ଚାଲିଛି। ଗ୍ରାଉଣ୍ଡ ଫ୍ଲୋର୍, ପ୍ରଥମ ଓ ୨ୟ ମହଲାକୁ ମିଶାଇ କୋଠାର ଉଚ୍ଚତାକୁ ୭.୫୦ ମିଟରରେ ସୀମିତ ରଖିବା ସମ୍ଭବପର ନୁହେଁ। ଏଣୁ ପ୍ରସ୍ତାବିତ ଉଚ୍ଚତା ଉପରେ ବିଚାର କରିବା ପାଇଁ ଏନ୍‌ଏମ୍‌ଏକୁ ଚିଠି ଲେଖାଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ଏନ୍‌ଏମ୍‌ଏ ରାଜ୍ୟ ସରକାରଙ୍କୁ ଶ୍ରୀମନ୍ଦିର ପ୍ରଶାସନିକ କୋଠା ସମ୍ପର୍କିତ ସାନି ରିପୋର୍ଟ ଦାଖଲ କରିବା ସହ ଏନ୍‌ଓସି ପାଇଁ ଆବେଦନ କରିବା ଲାଗି ପରାମର୍ଶ ଦେଇଥିଲେ। ଏହିକ୍ରମରେ ଏହି ଚିଠି ରାଜ୍ୟ ସରକାରଙ୍କ ମାଧ୍ୟମରେ ଏନ୍‌ଏମ୍‌ଏକୁ ପଠାଯାଇଥିବା ଉନ୍ନୟନ ପ୍ରଶାସନ ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

ଶ୍ରୀମନ୍ଦିର ପ୍ରଶାସନିକ କୋଠାର ଉଚ୍ଚତା ଏବଂ ବିନା ଅନୁମୋଦନରେ ନିର୍ମାଣ କାର୍ଯ୍ୟ ନେଇ ବିବାଦ ଉପୁଜିଥିଲା। ଫଳରେ ରଥଯାତ୍ରା ପରଠାରୁ କାର୍ଯ୍ୟ ବନ୍ଦ ରହିଛି। ନିୟନ୍ତ୍ରିତ ଅଞ୍ଚଳ(ରେଗୁଲେଟରି ଜୋନ୍) ମଧ୍ୟରେ ୭.୫୦ରୁ ଉଚ୍ଚ କୋଠା ନିର୍ମାଣ ପାଇଁ ଅନୁମତି ମିଳିବା ଆଶା କ୍ଷୀଣ ହୋଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ କୋଠାର ଉଚ୍ଚତା ବଢ଼ାଇବା ପାଇଁ ଅଡ଼ି ବସିଛି। ମୁଖ୍ୟତଃ ପୁରୁଣା ପ୍ରଶାସନିକ କୋଠାଠାରୁ କମ୍ ଉଚ୍ଚତା ବିଶିଷ୍ଟ କୋଠା ସମସ୍ୟା ବଢ଼ାଇବ ବୋଲି ପ୍ରଶାସନିକ ଅଧିକାରୀମାନେ କହୁଛନ୍ତି। ସେହିଭଳି ଓବିସିସିର ଜଣେ ଅଧିକାରୀଙ୍କ କହିବା କଥା ଯେ, ଶ୍ରୀମନ୍ଦିର ପ୍ରଶାସନିକ କୋଠା ପାଇଁ ହୋଇଥିବା କାର୍ଯ୍ୟ ଜି+୨(ଗ୍ରାଉଣ୍ଡ ସହ ୨ ମହଲା) ମଡେଲ୍‌ରେ ନିର୍ମାଣ କରାଯାଇଛି। ଏବେ ଏହାକୁ ପୁଣିଥରେ କମାଇବା ସମ୍ଭବ ନୁହେଁ।




# ଅତିରିକ୍ତ ତହସିଲଦାରଙ୍କ ବାସଭବନରେ ଭିଜିଲାନ୍ସ ଚଢ଼ାଉ


ଭିଜିଲାନ୍ସ ବିଭାଗ ଅଧିକାରୀମାନେ ଅତିରିକ୍ତ ତହସିଲଦାରଙ୍କ ଡୁମାବାହାଲସ୍ଥିତ ବାସଭବନରେ ଖାନତଲାସ କରୁଛନ୍ତି।

**ସୁନ୍ଦରଗଡ଼/ଲେଫ୍ରିପଡ଼ା,୨୧।୯(ଡି.ଏନ୍.ଏ.)**

**୨୧ ପ୍ଲଟ, ଅନେକ କୋଠା, ଗାଡ଼ି ଠାବ**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ଅତିରିକ୍ତ ତହସିଲଦାର କୁଳମଣି ପଟେଲଙ୍କ ବାସଭବନରେ ବୁଧବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ପଟେଲଙ୍କ ଲେଫ୍ରିପଡା ବ୍ଲକ ଡୁମାବାହାଲସ୍ଥିତ ପୈତୃକ ବାସଭବନ, ଲେଫ୍ରିପଡା, ସୁନ୍ଦରଗଡ଼ ସହର ମିଶନରୋଡସ୍ଥିତ ବାସଭବନ, ଟାଙ୍ଗରପାଲି କାର୍ଯ୍ୟାଳୟ ସମେତ ୮ଟି ସ୍ଥାନରେ ଏକକାଳୀନ ଏହି ଚଢ଼ାଉ ହୋଇଛି। ସୁନ୍ଦରଗଡ଼ ଭିଜିଲାନ୍ସ ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀଙ୍କ ନେତୃତ୍ୱରେ ଭିଜିଲାନ୍ସ ବିଭାଗର ୪୫ ଜଣିଆ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରଖିଛି। ଏହି ଚଢ଼ାଉବେଳେ ପଟେଲଙ୍କ ବିପୁଳ ପରିମାଣର ଆୟବହିର୍ଭୂତ ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଲେଫ୍ରିପଡ଼ାରେ ୪୮୦୦ ବର୍ଗଫୁଟ୍‌ରେ ଥିବା ତିନି ମହଲା କୋଠା, ସୁନ୍ଦରଗଡ଼ ସହରରେ ୩୦୦୦ବର୍ଗ ଫୁଟରେ ଥିବା ଦୁଇ ମହଲା କୋଠା, ପୈତୃକ ଗ୍ରାମ ଡୁମାବାହାଲରେ ୪୫୦, ୧୨୫୦ ଓ ୧୨୫୦ ବର୍ଗ ଫୁଟ୍ ସ୍ଥାନରେ ଥିବା ତିନୋଟି ଘର, ରାଜବାହାଲରେ ତିନୋଟି ପ୍ଲଟ, ୨ଟି ୪ଚକିଆ ଯାନ, ୨ଟି ଟ୍ରାକ୍ଟର, ୨ଟି ଟ୍ରେଲର, ୩ଟି ଦୁଇ ଚକିଆ ଯାନ, ବିଭିନ୍ନ ବ୍ୟାଙ୍କରେ ଥିବା ଜମାଖାତା ଓ ବୀମାକାଗଜପତ୍ର ଜବତ କରି ଯାଞ୍ଚ ଚାଲିଛି। ୨୧ଟି ପ୍ଲଟ ଓ ନଗଦ ଅର୍ଥ ଥିବା ଜଣାପଡ଼ିଛି। ଆୟବହିର୍ଭୂତ ସମ୍ପତ୍ତିର ଆକଳନ ପାଇଁ ଟେକ୍ନିକାଲ ଟିମ୍ ମଧ୍ୟ ନିୟୋଜିତ ଅଛି। ଚଢ଼ାଉ ଜାରି ରହିଥିବାରୁ ସମ୍ପତ୍ତିର ସବିଶେଷ ତଥ୍ୟ ମିଳିପାରି ନାହିଁ।



72198 21111
BAJAJ FINANCE LTD - AF
BAJAJ SECURE • AMC • ROAD SIDE ASSISTANCE
*ସାର୍ବଜନିକ ଭାବେ ଉପଲବ୍ଧ 19 ଅଗଷ୍ଟ 2022 ରେ ଥିବା SIAM ଡେଟା ଆଧାରିତ । ତଥା, କେବଳ ବୁକିଙ୍ଗ୍ ବ୍ଲାକ୍ କଲର୍ ପ୍ରକାର ସକାଶେ । #ଏକ୍ସ-ଶୋରୁମ୍ ମୂଲ୍ୟ ଓଡ଼ିଶା । ^ଡାଉନ୍ ପେମେଣ୍ଟ ରେ ଡିବିସି ଚାର୍ଜେସ୍, ପ୍ରୋସେସିଙ୍ଗ୍ ଫୀଜ୍ ଓ ଅନ୍ୟ ଚାର୍ଜେସ୍ ମିଶିନାହିଁ । ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । AMC କେବଳ ନିର୍ଦ୍ଦିଷ୍ଟ ମଡେଲ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶରେ ଉପଲବ୍ଧ । ଅଧିକ ବିବରଣୀ ବଜାଜ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ । ରୋଡ୍ ସାଇଡ୍ ଆସିଷ୍ଟାନ୍ସ ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଉଥାଏ ଓ ସେମାନଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟମାନଙ୍କ ଦ୍ୱାରା ଓ ପେଶାଦାର ତତ୍ତ୍ୱାବଧାନରେ, ଏକ ନିୟନ୍ତ୍ରିତ ଓ ବେଢ଼ାଯାଇଥିବା ପରିବେଶରେ କରାଯାଇଛି, ଯାହା ସର୍ବସାଧାରଣଙ୍କ ଠାରୁ ବା ସାର୍ବଜନିକ ସଡ଼କ ଠାରୁ ଦୂରେଇ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମ ପାଳନ କରନ୍ତୁ ।

Authorised Dealers for Bajaj Auto Ltd.: Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Cuttack: Badambadi SURAJ BAJAJ 8093066603 • Rahama MAITREE BAJAJ 9668801781, Nayagarh MSB BAJAJ 7790048130 • Keonjhar JR BAJAJ 9937697094 / 9439008692• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722, Chandikhole 9937310800. Authorised Service Centre: Balianta 7978570067, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Iginia 7064422415, Rasulgad 9937284842, Nimapada 9437030368, Pipili 8260712525 Tangi 8984562569, Phulnakhara 9437410737, Niali 9437511829, Choudwar 7735864350, Salepur 9040452661, Jagatsinghpur 9437273939, Balikuda 9777683351, JajpurTown 9937888777, Bhuban 9438570111, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhayanagar 9437079287, Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 7077746576 Bidanasi 9437877622 22, Athgarh 9937289417, Bidharpur 7008503281, Banki 8895278126, Rambha 7381099445. Narsinghpur 7978288573, Badamba 9937643504 Adaspur 9439735529, Pattamundai 7064987720, Balikuda 9861130954, Kendrapara 7008576945.

ଧର୍ମର ଯୁଗ ସରିଗଲାଣି। ଆମେ ବର୍ତ୍ତମାନ ସାର୍ବଜନୀନ ଆଧ୍ୟାତ୍ମିକ ଯୁଗରେ ପ୍ରବେଶ କଲୁଣି। ଆମେ ଆଧ୍ୟାତ୍ମିକତାର ମୌଳିକ ଶୁଦ୍ଧତାକୁ ଉପଲବ୍ଧି କରିବୁ। (ଧାର୍ମିକ ମତାନ୍ଧତାକୁ ନୁହଁ।) **–ଶ୍ରୀମା**



# ଜନ୍ମ, ଜୀବନ ଓ ମୃତ୍ୟୁ



ଦେବଦତ୍ତ ପଟ୍ଟନାୟକ

ସାମ୍ପ୍ରତିକ ଆଧୁନିକ ସମୟରେ ଧର୍ମକୁ ବହୁ ସମୟରେ ନ୍ୟାୟ ବୋଲି ବୁଝାଯାଏ। ହେଲେ ଏଭଳି ଧାରଣାରେ ଏକ ମୌଳିକ ତ୍ରୁଟି ରହିଛି। ଧର୍ମ କହିଲେ କର୍ମ ଓ ଏଥିପାଇଁ ପୁନର୍ଜନ୍ମ ରହିଛି ବୋଲି ଆମେ ବିଶ୍ୱାସ କରିଛୁ। କର୍ମ ଅନୁଯାୟୀ ପୁନର୍ଜନ୍ମ ହୋଇଥାଏ ବୋଲି ଧର୍ମ ସ୍ୱୀକାର କରେ। କିନ୍ତୁ ନ୍ୟାୟ କଦାପି ଏହା ମାନିନିଏ ନାହିଁ। ଧର୍ମଶାସ୍ତ୍ର କହେ, ଆମେ ପୂର୍ବଜନ୍ମରେ କରିଥିବା କର୍ମର ଋଣ ନେଇ ଜନ୍ମ ନେଇଥାଉ ଓ ତାହାକୁ ଏହି ଜନ୍ମରେ ଶୁଝୁ କିମ୍ବା ବାକି ଥିବା କର୍ମର ଫଳ ଭୋଗିବାକୁ ପଡ଼େ। ସେଥିପାଇଁ ବିଶ୍ୱରେ ଜୀବର କର୍ମ ଓ କର୍ମଫଳକୁ ନେଇ ବିବିଧତା ଏବଂ ଅସମାନତା ରହିଛି। ଏହି ବାସ୍ତବତାକୁ ନେଇ ଆମେ ବି କର୍ମ କରିଥାଉ। କିନ୍ତୁ ନ୍ୟାୟ ଶାସ୍ତ୍ରରେ, ଆମେ ଅନ୍ୟ ପ୍ରାଣୀଙ୍କ ପରି ଏକ ସ୍ୱଚ୍ଛ ସ୍ଲେଟ୍ ସହ ଜନ୍ମ ନେଇଥାଉ, ଅର୍ଥାତ୍ ଆମେ ଜନ୍ମ ନେବା ସମୟରେ କୌଣସି କର୍ମର ଋଣ ବା ପ୍ରାରବ୍ଧ ନେଇ ଜନ୍ମ ନେଇ ନ ଥାଉ ; ବରଂ ଏହି ଜନ୍ମରେ ଯାହା କରୁ ତାହାର ଫଳ ଲାଭ କରିଥାଉ। କେତେ ଜଣ ବ୍ୟକ୍ତି ଭୁଲ୍ ବାଟରେ ସମ୍ପତ୍ତି ଓ କ୍ଷମତା ଠୁଳ କରିଥିବାରୁ ଆମ ଚାରିପାଖରେ ଅସମାନତା ଦେଖିବାକୁ ପାଉ। ଅନ୍ୟ ପକ୍ଷରେ ଧର୍ମ ଏଇ ଜନ୍ମରେ କର୍ମକୁ ନେଇ ଅସମାନତା କିମ୍ବା ଅନ୍ୟାୟ ସୃଷ୍ଟି ହୋଇଥିବା ବିଚାର କରି ନ ଥାଏ, ବରଂ ଏସବୁ ଆମମାନଙ୍କର ଅତୀତ କର୍ମର ଫଳ ବୋଲି ବିଚାର କରେ। ନ୍ୟାୟ ଶାସ୍ତ୍ର ଅସମାନତା ଓ ଅନ୍ୟାୟକୁ ସୁଧାରବା ସହ ଏହି ସବୁ ସମସ୍ୟାକୁ ସମାଧାନ କରିବାକୁ ଚାହିଁଥାଏ। ଧର୍ମଶାସ୍ତ୍ର ଏଭଳି ଦୃଷ୍ଟିକୋଣକୁ ନିରର୍ଥକ ଏବଂ ପଥଭ୍ରଷ୍ଟ ବୋଲି ବର୍ଣ୍ଣନା କରେ। କିନ୍ତୁ ନ୍ୟାୟିକ ବର୍ଣ୍ଣନାରେ, କ୍ଷମତା ସମାନତା ଆଣେ। ଧର୍ମଶାସ୍ତ୍ର ଅନୁଯାୟୀ, ଆମେ କିଭଳି ସାଧୁ, ନିଷ୍ପକ୍ଷ ତଥା ସମାନ ହେବୁ ତାହା ଜ୍ଞାନ ଆମକୁ ଅନୁଭବ କରାଇଦିଏ। ଆମେ ଯାହା ସେଭଳି ହେବା ଲାଗି ଅନ୍ୟ କାହା ଉପରେ ବଳ ପ୍ରୟୋଗ କରିପାରିବୁ ନାହିଁ। ନ୍ୟାୟ ଶାସ୍ତ୍ର ଆଧାରରେ ଥିବା ଭୌତିକ ଶକ୍ତି ଏବଂ ଧର୍ମଶାସ୍ତ୍ରକୁ ଭିତ୍ତି କରି ରହିଥିବା ଆଧ୍ୟାତ୍ମିକ ଶକ୍ତି ମଧ୍ୟରେ ଥିବା ସଂଶୟ ହିନ୍ଦୁ ପୁରାଣକଥାର ଗରୁଡ଼ଙ୍କ କାହାଣୀରେ ଦେଖିବାକୁ ମିଳେ। ଗରୁଡ଼ ତିନି ବିଶ୍ୱକୁ ଭ୍ରମଣ କରିଛନ୍ତି। ଏହି ତିନି ବିଶ୍ୱ ମଧ୍ୟରୁ ଗୋଟିଏ ଆକାଶ ଉପରେ( ସ୍ୱର୍ଗ), ଅନ୍ୟଟି ପୃଥିବୀ ତଳେ (ପାତାଳ) ଓ ଆଉ ଗୋଟିଏ ରହିଛ ଏହି ଦୁଇଟି ମଧ୍ୟରେ(ମର୍ତ୍ତ୍ୟ)। ତିନୋଟି ବିଶ୍ୱ ଭ୍ରମଣ କରିବା ସମୟରେ ଗରୁଡ଼ ଦୁଇଟି ଜିନିଷ ଦେଖିଲେ, ଯାହା ତାଙ୍କୁ ଖୁବ୍ ଆକର୍ଷିତ କରିଥିଲା ଓ ତାହାର ରହସ୍ୟ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ପ୍ରଥମରେ, ଏକ ବୃହତ୍‌କାୟ କଇଁଛ ଏକ ହାତୀ ସହ ଲଢ଼େଇ କରୁଥିଲା ଯାହାକୁ ତାଙ୍କ ପିତା କଶ୍ୟପ ଖାଇବାକୁ କହିଥିଲେ। ଦ୍ୱିତୀୟରେ, ଦଳେ ଋଷି ଏକ ଗଛରେ ତଳକୁ ମୁଣ୍ଡ କରି ଝୁଲି ରହିଥିଲେ, ଯାହାକୁ ତାଙ୍କ ପିତା ରକ୍ଷା କରିବାକୁ କହିଥିଲେ।



ହିନ୍ଦୁ ପୁରାଣ କଥାରେ କଇଁଛ ଓ ହାତୀ ପୃଥିବୀକୁ ମୁଣ୍ଡେଇ ଧରିବା ଦୃଶ୍ୟ ସ୍ଥିରତାର ପ୍ରତୀକ ବୋଲି ମନେକରାଯାଏ। କିନ୍ତୁ ଏହି କାହାଣୀରେ ଭାଇ ରୂପେ ସେମାନଙ୍କ ସମ୍ପତ୍ତି ଲଢ଼େଇକୁ ସୂଚିତ କରେ। ସମ୍ପତ୍ତି ଲାଗି ଭାଇ –ଭାଇ ମଧ୍ୟରେ କଳି ଭାରତ ଏବଂ ମଧ୍ୟପ୍ରାଚ୍ୟ ପୁରାଣଗୁଡ଼ିକରେ ଏକ ସାଧାରଣ କଥା। ରାମାୟଣ ବର୍ଣ୍ଣନା କରେ, ସମ୍ପତ୍ତି ପାଇଁ ବାଳି ଓ ସୁଗ୍ରୀବଙ୍କ କଳି ଏବଂ ରାବଣ ଓ କୁବେରଙ୍କ ଲଢ଼େଇର କାହାଣୀ। ମହାଭାରତ କହେ, ପାଣ୍ଡବ ଓ କୌରବଙ୍କ ମଧ୍ୟରେ ସମ୍ପତ୍ତି ଲାଗି ହୋଇଥିବା ଭୀଷଣ ଯୁଦ୍ଧର କାହାଣୀ। ଏମାନଙ୍କ ପୂର୍ବରୁ ଉତ୍ତରାଧିକାର ଲାଗି ପୁରୁ ଓ ଯଦୁଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧ କଥା ମହାଭାରତରେ ଉଲ୍ଲେଖ ରହିଛି। ଗରୁଡ଼ ଏବଂ ନାଗମାନେ ମଧ୍ୟ ଭାଇ ଥିଲେ। ଏମାନେ ଥିଲେ କଶ୍ୟପଙ୍କ ଦୁଇ ସ୍ତ୍ରୀଙ୍କର ସନ୍ତାନ। ଏଣୁ ଆମେ ସମସ୍ତେ କଶ୍ୟପଙ୍କ ବଂଶଜ ହୋଇଥିବାରୁ ଏହି ପୃଥିବୀରେ ସବୁ ଜୀବ ପରସ୍ପର ଭାଇ ଭାଇ। ବ୍ରହ୍ମାଙ୍କ ପୁତ୍ର କଶ୍ୟପ ହିଁ ସମସ୍ତଙ୍କର ପୂର୍ବଜ। ପୃଥିବୀରେ ଆମେ ସମସ୍ତେ ଗୋଟିଏ ବଂଶର ଦାୟାଦ ଓ ପୃଥିବୀ ଉପରେ ବଢୁଛୁ, ପୃଥିବୀରୁ ଖାଉଛୁ। ଆମେ ପରସ୍ପର ଉପରେ ନିର୍ଭର କରୁଛୁ ଓ ପରସ୍ପରକୁ ଖାଉଛୁ। ଏଠି କିଛି ପାଇବା ଲାଗି କ୍ଷୁଧା ବଢିଯାଇଛି ଓ ଆମକୁ ଅତି ଲୋଭ ଘାରିଛି। ଆମେ ଭାଇମାନଙ୍କ ସହ ଲଢ଼େଇରେ ସମୟ ବିତାଉଛୁ। ଆମେ ସେମାନଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରି ସେମାନଙ୍କୁ ଲୋପ କରିଦେବାକୁ ଚହୁଁଛୁ। ପରିବାର ବିରୋଧୀ ହିଂସାକୁ ନ୍ୟାୟୋଚିତ ମନେକରି ଏହାକୁ ଠିକ୍ କହୁଛୁ। ଠିକ୍ କି ଭୁଲ୍ ହେଉ, ହିଂସା ହିଁ ହିଂସା। ଏହା ଆମକୁ ପୁନର୍ଜନ୍ମ ଚକ୍ରରେ, ବନ୍ଧନ ଏବଂ ଯନ୍ତ୍ରଣାର ବିଶ୍ୱରେ ବାନ୍ଧି ଦେବା ସହ ଏକ ବୃହତ୍ ବିଚାର କିମ୍ବା ଦୃଶ୍ୟରୁ ଲକ୍ଷ୍ୟଚ୍ୟୁତ କରିଦେଉଛି।

ବୃକ୍ଷର ଶାଖାପ୍ରଶାଖାରୁ ଋଷିମାନେ ମୁଣ୍ଡ ତଳକୁ କରି ଝୁଲି ରହିବା ଦୃଶ୍ୟ ଜନ୍ମ ପୂର୍ବରୁ ଜୀବନ ଏବଂ ମୃତ୍ୟୁ ପର ଜୀବନକୁ ସ୍ପଷ୍ଟ ସୂଚିତ କରୁଛି। କାହାଣୀରେ, ସେହି ଋଷିମାନଙ୍କୁ କ୍ଷୁଦ୍ର କୀଟ ସଦୃଶ ଋଷି ବାଳଖିଲ୍ୟ ଭାବେ ନାମିତ କରାଯାଇଛି। ମୁଣ୍ଡ ତଳକୁ କରି ଝୁଲି ରହିଥିବା ବାଳଖିଲ୍ୟ ଏକ ପ୍ୟୁପା କିମ୍ବା କୋଷସ୍ଥ କୀଟର ଏକ ଉଦାହରଣ ହୋଇପାରେ ; ଯେଉଁଥିରୁ କୀଟଟି ପୁନର୍ଜନ୍ମ ଲାଭ କରିଥାଏ। ଅନେକ ପୁରାଣ କଥାରେ ଋଷିମାନେ ପୂର୍ବଜ ଦୃଷ୍ଟିକୋଣକୁ ଭିନ୍ନ ରୂପେ ଦେଖିଥାନ୍ତି। ସେମାନଙ୍କ ମତରେ ଘନ ଅନ୍ଧକାରମୟ ତଥା ଅତଳକୁ ଲମ୍ବିଥିବା ଗର୍ତ୍ତ ଉପରେ ଏକ କାଠଗଣ୍ଡିରୁ ମୁଣ୍ଡ ତଳକୁ କରି ପିତୃଗଣ ଝୁଲନ୍ତାବସ୍ଥାରେ ରହିଥାନ୍ତି। ଏହି ଭୟଙ୍କର ସ୍ଥାନ ନିଃସନ୍ତାନମାନଙ୍କ ପାଇଁ ଏକ ନର୍କ। ଯେଉଁମାନେ ପୃଥିବୀରେ ଜନ୍ମ ନେଇଥାନ୍ତି ଓ ସନ୍ତାନର ପିତାମାତା ହୋଇ ନ ଥାନ୍ତି ସେମାନେ ଯମଲୋକରେ ପୁନର୍ଜନ୍ମ ଲାଭ କରିଥାନ୍ତି। ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କୁ ବଢ଼ାଇବା ଦ୍ୱାରା ପିତୃଋଣ ପରିଶୋଧ କରାଯାଇଥାଏ।

ଏବେ ପୃଥିବୀରେ ଭ୍ରାତୃକଳହ ଉପରେ ଗୁରୁତ୍ୱ ଦେବା ଭୌତିକବାଦକୁ ପ୍ରତିପାଦିତ କରୁଛି। ପୁନର୍ଜନ୍ମ ଅପେକ୍ଷାରେ ରହିଥିବା ପୂର୍ବଜଙ୍କ ଯନ୍ତ୍ରଣା ଉପରେ ଦୃଷ୍ଟି ଦେବା ଆଧ୍ୟାତ୍ମିକତା ଏବଂ ମୃତ୍ୟୁ ଓ ଏହା ପରଜୀବନାବସ୍ଥାକୁ ପ୍ରକାଶ କରୁଛି। ମାନବ ଜୀବନର ଗୂଢ଼ ରହସ୍ୟ ସ୍ପଷ୍ଟ କରିବା ଲାଗି ଗରୁଡ଼ ଉଚିତ୍ ସ୍ଥାନରେ ସ୍ଥାନିତ ହୋଇଛନ୍ତି। ମଣିଷ କ'ଣ ଭାଇମାନଙ୍କ ଉପରେ ଅଧିକ ଶକ୍ତି ଦେଖାଇ ସେମାନଙ୍କ ପରାଭୂତ କରିବା ଭଳି ବ୍ୟର୍ଥ ପ୍ରତିଦ୍ୱନ୍ଦ୍ୱିତାରେ ଜୀବନ ବିତାଇଦେବା ଉଚିତ କି? ଏହି ଜୀବନ କ୍ଷଣଭଙ୍ଗୁର ବୋଲି ଅନୁଭବ କରିବା ସହ ପୂର୍ବ ଏବଂ ପର ଜୀବନର ଅସୀମତା ଉପରେ ଧ୍ୟାନ ଦେବା ଉଚିତ କି? ମୃତ୍ୟୁପରେ ମୃତକଙ୍କର କ'ଣ ହୁଏ? ଜୀବନରେ ଯେଉଁମାନେ ନ୍ୟାୟ ଓ ଅନ୍ୟାୟ ପ୍ରତି ଅତ୍ୟଧିକ ଆସକ୍ତ ସେମାନଙ୍କର କ'ଣ ଘଟିଥାଏ। ସମ୍ଭବତଃ ବିଷ୍ଣୁଙ୍କ ପାଖରେ ଏହାର ଉତ୍ତର ରହିଥିଲା। ତିନି ବିଶ୍ୱର ବିଭିନ୍ନ ବ୍ୟାପାରରେ ଜଡ଼ିତ ରହି ମଧ୍ୟ ବିଷ୍ଣୁଙ୍କ ଓଠରେ ଏକ ଦିବ୍ୟ ହସ ଉକୁଟି ଉଠୁଥିବା ଦେଖି ସେ ସଦାସର୍ବଦା ଶାନ୍ତିରେ ରହିଥିବା ଗରୁଡ଼ ଜାଣି ପାରିଥିଲେ। ସେଥିପାଇଁ ଗରୁଡ଼ ବିଷ୍ଣୁଙ୍କୁ ଜୀବନ ଓ ମୃତ୍ୟୁ ସମ୍ପର୍କରେ ପଚାରିଥିଲେ ଏବଂ ବିଷ୍ଣୁଙ୍କ ଉତ୍ତରରୁ ଜନ୍ମ ନେଇଥିଲା ବିଷ୍ଣୁ ପୁରାଣ।

devduttofficial@gmail.com

# ଭାଷାର ମର୍ଯ୍ୟାଦା: ସଂସଦରୁ ସଡ଼କଯାଏ



ନଗେନ୍ଦ୍ର ନାଥ ପଟ୍ଟନାୟକ

ବର୍ଣ୍ଣମାଳାକୁ ଶବ୍ଦ, ଶବ୍ଦ ସମୂହକୁ ବାକ୍ୟ ଓ ବାକ୍ୟ ସମୁଦାୟକୁ ଭାଷା କହନ୍ତି। ସୁତରାଂ ଭାଷା ବ୍ୟକ୍ତିର ପରିଚୟ। ଭାଷା କ୍ଷେତ୍ରରେ ବେଶ୍ ମହତ୍ତ୍ୱ ରଖେ ଶବ୍ଦ। ଶବ୍ଦମାଳାର ଠିକ୍ ତଥା ଯଥାର୍ଥ ପ୍ରୟୋଗ ତଥା ଚୟନରେ ହିଁ ବ୍ୟକ୍ତିର ବ୍ୟକ୍ତିତ୍ୱ ଜାଣିହୁଏ। ଗୀତାରେ କୁହାଯାଇଛି– ଅକ୍ଷରବ୍ରହ୍ମ ଅର୍ଥାତ୍ ଅକ୍ଷର ହିଁ ବ୍ରହ୍ମ। ସୁତରାଂ ଶବ୍ଦର ସାର୍ଥକତା ଓ ତା'ର ଆତ୍ମା ହିଁ ଏହାର ମର୍ମ। ଯେଉଁ ବ୍ୟକ୍ତି ଶବ୍ଦଗୁଡ଼ିକର ପ୍ରକୃତ ଅର୍ଥକୁ ଜାଣେ ଆଉ ବୁଝେ, ସିଏ ଜୀବନରେ ସଫଳତା ସାଉଁଟିଥାଏ। ନଚେତ୍ ଶବ୍ଦଗୁଡ଼ିକର ବୁଢ଼ିଆଣୀ ଜାଲରେ ଫସିଯାଏ ସେ।

ଯେକୌଣସି ଭାଷାରେ ସ୍ୱଦେଶୀ–ବିଦେଶୀ ଶବ୍ଦଗୁଡ଼ିକର ଆତଯାତ ଲାଗି ରହିଥାଏ, ଯାହାକି ଭାଷାର ପ୍ରୟୋଗ ଦୃଷ୍ଟିରୁ କେବେ ପୂରା ନିର୍ଭୁଲ ହୋଇଥାଏ ତ ପୁଣି କେବେ ଭାଷାକୁ କଦର୍ଥ ଓ ବିକୃତ କରିଦିଏ। ଭାଷା ଆମକୁ ଯୋଡ଼ିଥାଏ ଏବଂ ଏହି ଭାଷା ହିଁ ଅନେକ ବିଭେଦ ତଥା ବିଚ୍ଛିନ୍ନତାବାଦ ଚିନ୍ତାଧାରା ସୃଷ୍ଟିକରେ। ବାସ୍ତବ ମର୍ମରେ ବିଚାରିଲେ ଭାଷା ଆମକୁ ଏକତା ରଜ୍ଜୁକୁ ତୁଟେଇବା ନୁହେଁ ବରଂ ବାନ୍ଧି ରଖିବାରେ ବିଶେଷ ଭାବେ ସହାୟକ ହୋଇଥାଏ।

ଏକଥା ଅନସ୍ୱୀକାର୍ଯ୍ୟ ଯେ, ଶବ୍ଦ ଶୂନ୍ୟ ହୋଇଗଲେ ଅବା ଭାଷାର ବିଚାର ମନକୁ ଆଚ୍ଛନ୍ନ ନ କଲେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହେବା ନିଶ୍ଚିତ। ସୁତରାଂ ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ତେଣୁ ବ୍ୟକ୍ତିକୁ କେବଳ ଭାଷାମାର୍ଗକୁ ହିଁ ଉନ୍ମୁକ୍ତ ରଖିବାକୁ ପଡିବ। ଅତଏବ ପରସ୍ପର ଭିତରେ ଭାବ ବିନିମୟ, ତଥ୍ୟ ଆଦାନପ୍ରଦାନକୁ ସଦାସର୍ବଦା ଜୀବନ୍ତ ରଖିବାକୁ ହେବ। ଶବ୍ଦ ଆଉ ଭାଷା ହିଁ ଆମର ଜୀବନଦାତା, ମାତ୍ର ବୈଦ୍ୟୁତିକ ଗଣମାଧ୍ୟମ ହେତୁ ଏ ଇ–ଯୁଗରେ ଶବ୍ଦର ଗରିମା ତଥା ମର୍ଯ୍ୟାଦା ପ୍ରତି ପ୍ରଶ୍ନଚିହ୍ନ ସୃଷ୍ଟି ହୋଇଥାଏ। ତେବେ ଅଧିକାଂଶ ସମୟରେ ସାମାଜିକ ଗଣମାଧ୍ୟମ ଅପଶବ୍ଦର ଆଖଡ଼ାସ୍ଥଳ ବନିଯାଆନ୍ତି। ପଦ–ପ୍ରତିଷ୍ଠା ଓ ଗରିମାକୁ ଦୃଷ୍ଟିରେ ନ ରଖି ବ୍ୟକ୍ତି ଅଜାଣତରେ ଏବଂ ଅଲକ୍ଷ୍ୟରେ କାହିଁ କେତେ କଥା କହିପକାଏ। ଭାଷାରେ ଶବ୍ଦର ମର୍ଯ୍ୟାଦା ତଥା ଗରିମା ଯୋଗୁ ବ୍ୟକ୍ତିତ୍ୱ ଆକର୍ଷଣୀୟ ହୋଇଯାଏ। ଭାରତୀୟ ସଂସଦ ଏକ ଗଣତାନ୍ତ୍ରିକ ମନ୍ଦିର। ଯେମିତି ଆମେ ଈଶ୍ୱରଙ୍କ ଦେବାଳୟ, କୌଣସି ତୀର୍ଥସ୍ଥଳ ଅଥବା ଧର୍ମସ୍ଥଳକୁ ନେଇ କିଛି ଅପଶବ୍ଦ ପ୍ରୟୋଗ କରୁନା ଠିକ୍ ସେମିତି ସଂସଦରେ ଅପଶବ୍ଦ ବ୍ୟବହାର କରିବା ଅନୁଚିତ।

ଏଇ କଥାକୁ ନେଇ ମୋଦି ସରକାର ବିଗତ କିଛିଦିନ ଧରି କିଛିଟା ହିନ୍ଦୀଶବ୍ଦ ଆଉ କିଛି ପ୍ରାନ୍ତୀୟ ଭାଷା ତଥା ବିଦେଶୀ ଶବ୍ଦଗୁଡିକୁ ସଂସଦରେ ପ୍ରୟୋଗ ନ କରିବାକୁ ପରାମର୍ଶ ଦେଇଥିଲେ ଏବଂ ସେଗୁଡ଼ିକୁ ଅଭଦ୍ର ଅଶାଳୀନ ଶବ୍ଦସୂଚୀରେ ଅନ୍ତର୍ଭୁକ୍ତ କରିଥିଲେ। ଯେମିତିରେ ତ ଏହାଦ୍ୱାରା ଯେକୌଣସି ରାଜନୈତିକ ଦଳକୁ ମତଭେଦ ସୃଷ୍ଟି କରିବାର ଆବଶ୍ୟକତା ପଡ଼ିବ ନାହିଁ। ବରଂ ଏସବୁ ଭାଷା ପ୍ରୟୋଗ ତଥା ଶବ୍ଦ ସଂରଚନା ସମସ୍ତଙ୍କ ପାଇଁ ସମଭାବରେ ଲାଗୁ କରାଯିବାର ଆବଶ୍ୟକତା ରହିଛି। ଏକଥା ବିଚାରକୁ ନେବାକୁ ପଡ଼ିବ ଯେ ଭାଷା ଏକ ନିୟମାବଦ୍ଧ ବ୍ୟବସ୍ଥା। ବାସ୍ତବରେ ଖାଲି ଭାଷା କାହିଁକି, ଜନସାଧାରଣ ଓ ଜୀବନ ସବୁକିଛି ନିୟମକାନୁନରେ ବନ୍ଧା। ଯେଉଁଠି ପ୍ରଚଳିତ ନିୟମ ଓ ବ୍ୟବସ୍ଥାର ବ୍ୟତିକ୍ରମ ଘଟେ, ସେଇଠି ଜଙ୍ଗଲରାଜ କାୟା ବିସ୍ତାର କରିଚାଲେ।

ଭାଷାରେ ଶବ୍ଦପୁଞ୍ଜି ଯାଦୁର ସ୍ପର୍ଶ ଥାଏ। ସେଥିପାଇଁ ଉତ୍ତମ ଶବ୍ଦଗୁଡିକ ବ୍ୟବହାର କରୁଥିବା ବ୍ୟକ୍ତିକୁ ଅଳଂକର୍ତ୍ତା କୁହାଯାଏ। ଶବ୍ଦପୁଞ୍ଜିର ମହିମା ଓ ଗରିମାକୁ ଆମେସବୁ ଜାଣିବା ତଥା ବୁଝିବା ଦରକାର। ମର୍ଯ୍ୟାଦାବିହୀନ ଭାଷା ସାଧାରଣ ଜନତାଙ୍କ ପାଇଁ ଗ୍ରହଣଯୋଗ୍ୟ ହୁଏନା କି ରାଜନୈତିକ ତଥା ସାମାଜିକ ଜୀବନରେ ସମାଦୃତ ମଧ୍ୟ ହୁଏନାହିଁ। ଏଥିପାଇଁ ଆମକୁ ପାଦକୁ ପାଦ ମିଶାଇ ଆଗକୁ ବଢ଼ିବାର ଆବଶ୍ୟକତା ରହିଛି। ସଂସଦରୁ ଆରମ୍ଭ କରି ରାଜରାସ୍ତା ପର୍ଯ୍ୟନ୍ତ ମର୍ଯ୍ୟାଦାହୀନ, ଅଭଦ୍ର ଓ ଅଶ୍ରାବ୍ୟ ଶବ୍ଦଗୁଡ଼ିକୁ ନେଇ ବୟାନବାଜିରୁ କେବଳ ରାଜନେତା ନୁହେଁ, ଆମେ ସମସ୍ତେ ମଧ୍ୟ ସେଥିରୁ ବର୍ତ୍ତିବା ଜରୁରୀ ମନେହୁଏ। ଭାଷାର ସୁଖଦ ତଥା ସହଜ ପ୍ରୟୋଗର ସଚେତନତା ସାଧାରଣ ଲୋକଙ୍କ ମନରେ ସୃଷ୍ଟି କରିବାକୁ ପଡିବ। ଭାଷା କେବଳ ବ୍ୟକ୍ତି ନୁହେଁ, ଜନନୀ ଜନ୍ମଭୂମି ତଥା ରାଷ୍ଟ୍ରର ପରିଚୟ। ଭାଷା ଦ୍ୱାରା ଆମର ଗୌରବ ଗରିମା ବୃଦ୍ଧିପାଏ ଏବଂ ଏଥିରେ ବିବାଦ ମୁଣ୍ଡ ଟେକି ନଥାଏ। ତେବେ ସେ ଯାହାହେଉ, ବ୍ୟକ୍ତିକୁ ଉନ୍ମୁକ୍ତ, ଖୋଲା ମନରେ ସ୍ୱଚ୍ଛ, ସାର୍ଥକ, ଉପଯୁକ୍ତ, ସୁସ୍ପଷ୍ଟ ତଥା ମର୍ଯ୍ୟାଦାସମ୍ପନ୍ନ ଶବ୍ଦଗୁଡ଼ିକ ପ୍ରୟୋଗ କରିବା ଉଚିତ ମନେହୁଏ। ଏହା ହିଁ ଆମ ରାଷ୍ଟ୍ର ତଥା ରାଷ୍ଟ୍ରଭାଷାର ବାସ୍ତବ ପରିଚୟ।

ମୋ: ୯୪୩୮୩୩୨୧୩୮

## ଏଇ ଭାରତରେ

ମୁମ୍ବାଇର କଲ୍ୟାଣ ରେଳ ଷ୍ଟେଶନକୁ ଗଲେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ପାଇବେ। ସେଠାରେ ଟ୍ରାନ୍ସଜେଣ୍ଡରମାନେ ଗରିବମାନଙ୍କୁ ଜଳଖିଆ ଓ ମଧ୍ୟାହ୍ନ ଭୋଜନ (ଲଞ୍ଚ) ଦେଉଛନ୍ତି। ଜଳଖିଆ ଲାଗି ୧ ଟଙ୍କା ଓ ଲଞ୍ଚ ପାଇଁ ସେମାନଙ୍କୁ ମାତ୍ର ୧୦ ଟଙ୍କା ଦେବାକୁ ପଡୁଛି। ଲଞ୍ଚରେ ଭାତ, ଡାଲି, ରୁଟି ଓ ପରିବା ତରକାରି ଦେଉଛନ୍ତି। ଆଜିକା ଯୁଗରେ ବାସ୍ତବରେ ଏତେ ଶସ୍ତାରେ କିନ୍ନରମାନେ ଗରିବଙ୍କୁ ଖାଇବାକୁ ଦେବା ଏକ ମହତ ସେବା। ପାଖାପାଖି ୫,୦୦୦ କିନ୍ନର 'ଖୱିଶ' ସଂସ୍ଥାରେ ରହି ଏହାକୁ ସଞ୍ଚାଳନ କରୁଛନ୍ତି। ଏହି ସଂସ୍ଥାକୁ ପୁନମ ଆମ୍ମା ପ୍ରତିଷ୍ଠା କରିଥିଲେ। ଖାଦ୍ୟ ପାଇଁ ସେମାନେ ଅନୁଦାନ ସଂଗ୍ରହ କରୁଛନ୍ତି ସତ କିନ୍ତୁ ତାହା ପର୍ଯ୍ୟାପ୍ତ ନ ହେବାରୁ ନିଜ ହାତରୁ ବ୍ୟୟ କରୁଛନ୍ତି। ପ୍ରତିଦିନ ଭିନ୍ନ ଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ସେମାନେ ରୋଷେଇ କରିବାଠାରୁ ଆରମ୍ଭ କରି ଖାଦ୍ୟ ବଣ୍ଟନ ଆଦି କାର୍ଯ୍ୟ କରୁଛନ୍ତି। ପ୍ରଥମ ଦିନ ସେମାନେ ୧୫୦ ଲୋକଙ୍କୁ ଖାଇବାକୁ ଦେଇଥିଲେ । ଏବେ ତାହା ବୃଦ୍ଧି ପାଇ ୫୫୦ରେ ପହଞ୍ଚିଲାଣି। କେବଳ ଏତିକି ନୁହେଁ ଗରିବଙ୍କ ଶିକ୍ଷା ଓ କୌଶଳ ବିକାଶ ପାଇଁ କିନ୍ନରମାନେ କାମ କରୁଛନ୍ତି। ସମୀର ଶେଖ୍ ଖୱିଶ ସଂସ୍ଥାର ସମ୍ପାଦକ ରହିଛନ୍ତି। ପ୍ରଥମେ ଏହି ସଂସ୍ଥା ମହାରାଷ୍ଟ୍ରର ବିଭିନ୍ନ ଅଞ୍ଚଳର ୪,୦୦୦ ପିଲାଙ୍କୁ ୨୦୨୧ରେ ପ୍ରଥମେ ସ୍କୁଲ ଉପକରଣ ଦେଇ ସେବା କାର୍ଯ୍ୟ ଆରମ୍ଭ କରିଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

**୨୨ ସେପ୍ଟେମ୍ବର ୧୯୯୭**

- ପାଟନା ସହରର କାଳିଦରଘା ନିକଟସ୍ଥ ପୋଣ୍ଟୁନ ବନ୍ଧଠାରେ ଗଙ୍ଗାନଦୀରେ ଏକ ଦେଶୀ ନୌକା ବୁଡ଼ିଯିବା ଫଳରେ ୯୦ ଯାତ୍ରୀ ନିଖୋଜ।
- ଜାମ୍ମୁ ଅଞ୍ଚଳର କିସ୍ତୱର ସହର ନିକଟରେ ଏକ ବସ୍ ରାସ୍ତା ପାର୍ଶ୍ୱରେ ଥିବା ଖାଲକୁ ଖସିପଡ଼ିବା ଫଳରେ ୧୯ ମୃତ।
- କେନ୍ଦୁଝର ସଦର ମହକୁମାଠାରୁ ୧୦୫ କିଲୋମିଟର ଦୂରରେ ଥିବା ଶାଳଦେଇ ଘାଟରେ ଏକ ନୌକା ବୁଡ଼ିଯିବା ଫଳରେ ୧୫ ଜଣ ଯାତ୍ରୀଙ୍କ ମୃତ୍ୟୁ ଆଶଙ୍କା।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | | 1 | 3 | |
| 1 | 8 | | | | | | 9 | |
| | 5 | 6 | 8 | | | | | |
| | 9 | | | 1 | 7 | | | |
| | | | 2 | | | | | 5 |
| | | 4 | | | 6 | | | |
| | | | 1 | | | 2 | | |
| 8 | | | | 6 | | | | |
| 2 | | 3 | | 4 | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 6 | 8 | 9 | 3 | 5 | 1 | 7 |
| 7 | 3 | 8 | 5 | 1 | 4 | 2 | 9 | 6 |
| 5 | 1 | 9 | 6 | 7 | 2 | 3 | 4 | 8 |
| 1 | 7 | 4 | 9 | 6 | 5 | 8 | 3 | 2 |
| 3 | 8 | 5 | 4 | 2 | 7 | 9 | 6 | 1 |
| 9 | 6 | 2 | 3 | 8 | 1 | 7 | 5 | 4 |
| 6 | 9 | 1 | 2 | 3 | 8 | 4 | 7 | 5 |
| 8 | 4 | 7 | 1 | 5 | 9 | 6 | 2 | 3 |
| 2 | 5 | 3 | 7 | 4 | 6 | 1 | 8 | 9 |

ଗତକାଲିର ଉତ୍ତର

# ମନ୍ଦିରରେ ମହାତ୍ମା



ଡ. ପ୍ରଫୁଲ୍ଲ କୁମାର ସାହୁ

ସତ୍ୟ ଓ ଅହିଂସାର ଉପାସକ ମହାତ୍ମା ଗାନ୍ଧୀ। ତାଙ୍କ ବାଣୀରେ କେବଳ ପ୍ରାଚୀନ ଭାରତୀୟ ଋଷି ପ୍ରାଣର ଦର୍ଶନ ନୁହେଁ, ସେଥିରେ ଝଙ୍କାର ତୋଳେ ପ୍ରାଚୀନ ଗ୍ରୀକ୍ ଓ ରୋମୀୟ ପ୍ରଜ୍ଞାର ବୃତ୍ତାନ୍ତ ଦ୍ୟୁତି। ଏଡ୍‌ୱାର୍ଡ ଥମସନଙ୍କ ଭାଷାରେ ସକ୍ରେଟିସଙ୍କ ପରେ ଗାନ୍ଧୀ ହିଁ ସଂସ୍କାର, ଆତ୍ମ ସଂଯମ ଓ ଆତ୍ମ ବିଶ୍ୱାସର ଦ୍ୱିତୀୟ ମଣିଷ। ଆଇନଷ୍ଟାଇନଙ୍କ ଭାଷାରେ ସେ ମାନବାତ୍ମାର ବୃତ୍ତାନ୍ତ ପ୍ରକାଶ। ରୋମାରୋଲାଁ କହନ୍ତି– ପ୍ରଭୁ ଯିଶୁ ମହାତ୍ମା ଗାନ୍ଧୀ ରୂପରେ ପୁନର୍ବାର ଜନ୍ମ ନେଇଛନ୍ତି ଆଧ୍ୟାତ୍ମିକ ସଂସ୍କୃତିର ଦେଶ ଭାରତରେ। ବର୍ଣ୍ଣାଡ ଶ'ଙ୍କ ଭାଷାରେ ହିମାଳୟ ଓ ଗାନ୍ଧିଜୀ ମଧ୍ୟରେ ଥିବା ବିଶାଳ ଧାରଣା ମଧ୍ୟରେ ସାମାନ୍ୟତମ ପ୍ରଭେଦ ନାହିଁ। ଯୁକ୍ତରାଷ୍ଟ୍ର ଆମେରିକାର ମାର୍ଟିନ ଲୁଥର, ଜାମ୍ବିଆର କେନିଥ କାଉଣ୍ଡା, ଦକ୍ଷିଣ ଆଫ୍ରିକାର ନେଲସନ ମାଣ୍ଡେଲା ପ୍ରମୁଖ ବିଶ୍ୱର ବହୁ ବରେଣ୍ୟ ବ୍ୟକ୍ତି ଥିଲେ ଗାନ୍ଧିଜୀଙ୍କ ଅନୁରକ୍ତ ଗୁଣଗ୍ରାହୀ। ସେମାନଙ୍କ ମତରେ, ଉଚ୍ଚାରଣ ଓ ଆଚରଣରେ ଏମିତି ସମନ୍ୱୟ ବିଶ୍ୱ ଇତିହାସରେ ବିରଳ।

କୁହାଯାଏ ବୁଦ୍ଧ ଓ ଗାନ୍ଧୀ କରୁଣା ବିଗଳିତ ସତ୍ତାର ଦୁଇ ଦୁଇଟି ଶୁଭ୍ର କିରଣ। ବୁଦ୍ଧଙ୍କ ପ୍ରତି ତାଙ୍କ ଶିଷ୍ୟମାନଙ୍କର ଯେମିତି ଅଲୌକିକ ଆକର୍ଷଣ ଥିଲା, ସେହି ଅଲୌକିକ ଆକର୍ଷଣ ନେଇ ଗାନ୍ଧୀ ହୋଇଗଲେ କୋଟି ଭାରତୀୟଙ୍କ ମଉଡମଣି ଗାନ୍ଧିଜୀ। ସମସ୍ତଙ୍କର ପ୍ରିୟ ବାପୁ। ନିଜ ବ୍ୟକ୍ତିତ୍ୱ, ନେତୃତ୍ୱ, ଆଦର୍ଶ ଓ ତ୍ୟାଗ ବଳରେ ମଣିଷରୁ ମହାମାନବ ଓ ଶେଷରେ ମହାତ୍ମା ପାଲଟିଯାଇ ବ୍ୟକ୍ତିରୁ ହୋଇଗଲେ ଏକ ବିଚାର। ସେ ବିଚାର ହେଉଛି ସବୁ ସମସ୍ୟାର ସର୍ବକାଳୀନ ଉପଚାର। ସେଥିପାଇଁ କୁହାଯାଏ ଗାନ୍ଧୀ ବିଚାର ହେଉଛି ସମୟର ଏକ ପ୍ରବହମାନ ଧାରା।

ଗାନ୍ଧୀ ବିଚାର ବା ଗାନ୍ଧୀବାଦର ମୂଳକଥା ହେଉଛି ସତ୍ୟ ପ୍ରତି ପ୍ରଗାଢ଼ ନିଷ୍ଠା ଓ ବୈଚାରିକ ନିରପେକ୍ଷତା। ତାଙ୍କ ପାଇଁ ସତ୍ୟ ଓ ଭଗବାନ ଏକ ଓ ଅଭିନ୍ନ। ସେ କହୁଥିଲେ ହିଂସାରେ ଭୟ ଥାଏ, ମାତ୍ର ଅହିଂସାରେ ବଢ଼େ ନିର୍ଭୀକତା। ତେଣୁ ଯେଉଁମାନେ ଆମକୁ ଘୃଣା କରନ୍ତି ତାଙ୍କୁ ଶ୍ରଦ୍ଧା କରିବା ଉଚିତ। ତାହା ହିଁ ପ୍ରକୃତ ଅହିଂସା। ସେହି ଅହିଂସାକୁ ଅସ୍ତ୍ର କରି ଦକ୍ଷିଣ ଆଫ୍ରିକାରୁ ଭାରତ ପର୍ଯ୍ୟନ୍ତ ଇଂରେଜ ଶାସନ ବିରୋଧରେ ସେ ପ୍ରାଣମୂର୍ଚ୍ଛା ଲଢ଼ିଲେ। ତାଙ୍କର ଜୀବନ ଥିଲା ସତ୍ୟ ଓ ଅହିଂସାର ଏକ ପ୍ରୟୋଗଶାଳା। ମାନବତାର ସଂକଳ୍ପ ତାଙ୍କୁ ନେଇ ପହଞ୍ଚେଇ ଦେଲା ଦେବତାର ସୋପାନରେ। ତେଣୁ ଅସହଯୋଗ ଆନ୍ଦୋଳନ ପରେ ସାରା ଦେଶ ତାଙ୍କୁ ଅବତାର ଭାବି ପୂଜା କଲା ଏବଂ ଏ କ୍ଷେତ୍ରରେ ଓଡ଼ିଶା ଥିଲା ସବା ଆଗରେ।

ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତ (୨୩।୩।୧୯୨୧) ପରେ ସାରା ରାଜ୍ୟରେ ପ୍ରସରିଗଲା ଗାନ୍ଧୀ ଦେବତାଙ୍କ ଆଦର୍ଶ ଓ ମହିମା। ଗାଁ ଗଣ୍ଡାରେ ପାଳନ ହେଲା ଗାନ୍ଧୀ ଉତ୍ସବ। ଅସହଯୋଗ ଆନ୍ଦୋଳନକୁ ଧର୍ମଯୁଦ୍ଧ ଓ ଅରଟକୁ ସୁଦର୍ଶନ ଚକ୍ର ଆଖ୍ୟା ଦେଲେ ଉତ୍କଳମଣି ଗୋପବନ୍ଧୁ ଦାସ। କଂଗ୍ରେସର ସଭାକୁ ଗାନ୍ଧିସଭା ଏବଂ ସତ୍ୟାଗ୍ରହୀଙ୍କୁ କୁହାଗଲା ଗାନ୍ଧିମଣିଷ। ଗାନ୍ଧୀଙ୍କ ପ୍ରତି ଲୋକଙ୍କ ଏହି ଶ୍ରଦ୍ଧା ଓ ଭକ୍ତି କାରଣରୁ ସୃଷ୍ଟି ହେଲା ଗାନ୍ଧିଠାକୁର,ଗାନ୍ଧିସିଦ୍ଧ, ଗାନ୍ଧିହୁକୁମ,ଗାନ୍ଧିଶିଷ୍ୟ, ଗାନ୍ଧିରାଜା, ଗାନ୍ଧିକଥା, ଗାନ୍ଧିଗୀତ, ଗାନ୍ଧିଟୋପି, ଗାନ୍ଧି ଉପବାସ, ଗାନ୍ଧିଖଦି, ଗାନ୍ଧିପତାକା, ଗାନ୍ଧିଘାଟ, ଗାନ୍ଧିପୋଥି ଏବଂ ଆହୁରି କେତେ କ'ଣ। ଚାରିଆଡ଼େ ବୋଲାଗଲା ଗାନ୍ଧିଗୀତ। ଗାନ୍ଧୀଙ୍କୁ ଯୁଗାବତାର ଭାବେ ଅଭିହିତ କରି ଜାତୀୟ କବି ବୀର କିଶୋର ଦାସ ଲେଖିଲେ–



''ଯୁଗ ଅବତାର ଆସିଛି ସେ ଗାନ୍ଧୀ, ପ୍ରେମ ଡୋରେ ଦେବ ଜଗତକୁ ବାନ୍ଧି।'' କବି ରାଧାମୋହନ ଗଡ଼ନାୟକ ବି ଲେଖିଛନ୍ତି–''କୃଷ୍ଣ ଆମର, ବୁଦ୍ଧ ଆମର, ଖ୍ରୀଷ୍ଟ ଆମର ବାପୁଜୀ ତମେ ମୃତ୍ୟୁ ବିଜୟୀ ଜୀବନ ତୁମର ଅଜର ଅମର ମର୍ତ୍ତ୍ୟ ଭୂମେ।''

ବିଶ୍ୱର ବହୁ ବିଦ୍ୱାନଙ୍କ ମତରେ ଗାନ୍ଧୀ ଥିଲେ ଉତ୍ତରିତ ଚେତନାର ଏକ ଶକ୍ତି ପ୍ରବାହ। ସେଥିପାଇଁ ଆତତାୟୀର ଗୁଳିଟୋଟ ଖାଇଲା ପରେ ବି ତାଙ୍କ ମୁହଁରେ ନ ଥିଲା ଭୟ, ଦ୍ୱେଷ, ଘୃଣା କି ଯନ୍ତ୍ରଣାର ଚିହ୍ନ। ଶେଷ ନିଃଶ୍ୱାସ ତ୍ୟାଗ କଲା ବେଳକୁ ବି ଓଠରୁ ଝରୁଥିଲା ରାମ ନାମ। ଗାନ୍ଧିଜୀଙ୍କ ବଳିଦାନ ଥିଲା ସମଗ୍ର ମାନବ ଜାତି ପାଇଁ ଅପୂରଣୀୟ କ୍ଷତି। ସେବେଠାରୁ ତାଙ୍କ କୃତି, କୀର୍ତ୍ତି ଓ ବାଣୀକୁ ନେଇ ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶର କବି,ଲେଖକ,ଗବେଷକ ଓ ଦାର୍ଶନିକଙ୍କ ଦ୍ୱାରା ଲେଖା ହୋଇ ଚାଲିଛି ଲକ୍ଷ ଲକ୍ଷ ଗ୍ରନ୍ଥ। ତାଙ୍କ ଆଦର୍ଶକୁ ଉଜ୍ଜୀବିତ କରି ରଖିବା ପାଇଁ ଦେଶ ଓ ଦେଶ ବାହାରେ ପ୍ରତିଷ୍ଠା ହୋଇଛି ହଜାର ହଜାର ଅନୁଷ୍ଠାନ। ବିଶେଷ କରି ଆମ ଦେଶର ଓଡ଼ିଶା, ତାମିଲନାଡୁ ଓ ତେଲଙ୍ଗାନା ଭଳି ରାଜ୍ୟରେ ଗାନ୍ଧୀ ମନ୍ଦିର ମାନ ନିର୍ମାଣ ହୋଇଛି ଏବଂ ସେଠାରେ ଗାନ୍ଧୀ ଦେବତାଙ୍କ ପୂଜାର୍ଚ୍ଚନା ହେଉଛି ନିୟମିତ ଭାବରେ। ଏଭଳି ଅଭୂତପୂର୍ବ ପରମ୍ପରା ଅନ୍ୟ କେଉଁଠି ନୁହେଁ, ପ୍ରଥମେ ଆରମ୍ଭ ହୋଇଥିଲା ଓଡ଼ିଶାର ସମ୍ବଲପୁର ଜିଲାରେ।

ଗାନ୍ଧିଜୀଙ୍କର ଆଠଥର ଓଡ଼ିଶା ଗସ୍ତ ଅବସରରେ ସେ ସମ୍ବଲପୁର ଯାଇଥିଲେ ଦୁଇଥର। ପ୍ରଥମେ ୧୯୨୮ରେ ଓ ଦ୍ୱିତୀୟବାର ୧୯୩୪ ମଇ ୫ରେ ପହଞ୍ଚିଥିଲେ ଝାରସୁଗୁଡ଼ାରେ, ସେଠାରୁ ସମ୍ବଲପୁର ଆସି ସନ୍ଧ୍ୟା ୬ଟାରେ ଭାଷଣ ଦେଇଥିଲେ ମହାନଦୀ ପଠାରେ ଆୟୋଜିତ ଏକ ବିରାଟ ସାଧାରଣ ସଭାରେ। ତାଙ୍କ ବକ୍ତବ୍ୟର ପ୍ରମୁଖ ବିଷୟ ଥିଲା ଅସ୍ପୃଶ୍ୟତା ନିବାରଣ ଓ ହରିଜନ କଲ୍ୟାଣ। ସେଦିନ ଗାନ୍ଧିଜୀଙ୍କ ଭାଷଣ ଏତେ ମର୍ମସ୍ପର୍ଶୀ ଥିଲା ଯେ ଲୋକଙ୍କୁ ଲାଗିଲା ତାହା ଯେମିତି ଜଣେ ଐଶ୍ୱରୀୟ ମନ୍ତ୍ରଦାତାର ଅକାଟ୍ୟବାଣୀ। ତା'ର ଯଥାର୍ଥ ରୂପାୟନ ପାଇଁ ତାଙ୍କ ଗସ୍ତର ଚାଳିଶ ବର୍ଷ ପରେ ସମ୍ବଲପୁରରେ ନିର୍ମାଣ ହେଲା ଗାନ୍ଧିମନ୍ଦିର।

ସମ୍ବଲପୁର ଧନୁପାଲି ନିକଟସ୍ଥ ଭତରାରେ ସୁଦୃଶ୍ୟ ଗାନ୍ଧିମନ୍ଦିର ରହିଛି, ଯାହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ୧୯୭୨ ମାର୍ଚ୍ଚ ୨୩ ରାମନବମୀ ତିଥିରେ। ଏହାର ମୁଖ୍ୟ ପୁରୋଧା ତତ୍କାଳୀନ ରେଢାଖୋଲ ବିଧାୟକ ତଥା ଭତରା ନିବାସୀ ଅଭିମନ୍ୟୁ କୁମ୍ଭାର। ୩୯ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ୧୯୭୪ ଏପ୍ରିଲରେ ସଂପୂର୍ଣ୍ଣ ହୋଇଥିଲା ଏବଂ ସେହିମାସ ୧୧ରେ ମନ୍ଦିର ଉଦ୍‌ଘାଟନ କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ।

ମନ୍ଦିରର ଗର୍ଭ ଗୃହରେ ରହିଛି ମହାତ୍ମା ଗାନ୍ଧୀଙ୍କ ତିନି ଫୁଟ ପାଞ୍ଚ ଇଞ୍ଚର ବ୍ରୋଞ୍ଜ ପ୍ରତିମୂର୍ତ୍ତି। ପାର୍ଶ୍ୱ ଦେବତା ଭାବେ ପୂଜା ପାଉଛନ୍ତି ଅନେକ ସ୍ୱାଧୀନତା ସଂଗ୍ରାମୀ। ମନ୍ଦିର ଆଗରେ ଅଶୋକସ୍ତମ୍ଭ ଏବଂ ମନ୍ଦିର ଭିତରେ ରହିଛି ସବୁ ଧର୍ମର ସାଙ୍କେତିକ ଚିହ୍ନ। ଅନ୍ୟ ମନ୍ଦିର ପରି ସବୁଦିନ ଏଠାରେ ଘଣ୍ଟ ଘଣ୍ଟା ବାଜେ, ପୂଜାର୍ଚ୍ଚନା ହୁଏ, ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରାଯାଏ, ମାତ୍ର ମନ୍ତ୍ର ପାଠ ବଦଳରେ ବୋଲାଯାଏ ଗାନ୍ଧିଜୀଙ୍କ ପ୍ରିୟ ଭଜନ ରଘୁପତି ରାଘବ ରାଜାରାମ...। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଏଠାରେ ପୂଜା ପାଠ କରନ୍ତି ଜଣେ ହରିଜନ। ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ଓ ଗାନ୍ଧି ଜୟନ୍ତୀ ତଥା ତାଙ୍କ ତିରୋଧାନ ଦିବସରେ ସର୍ବଧର୍ମ ସଭାର ଆୟୋଜନ ହୁଏ ଏବଂ ଏଥିରେ ଯୋଗ ଦିଅନ୍ତି ବହୁ ଗାନ୍ଧିବାଦୀ ଓ ବିଶିଷ୍ଟ ଅତିଥିମାନେ। ଶାନ୍ତି, ମୈତ୍ରୀ ଓ ସଦ୍ଭାବନାର ବାର୍ତ୍ତା ବହନ କରୁଥିବା ଏହି ମନ୍ଦିରକୁ ପ୍ରବେଶ କଲେ ମନକୁ ଛୁଏଁ ଗାନ୍ଧୀ ବିଚାର।

**ଅବସରପ୍ରାପ୍ତ ଅଧ୍ୟକ୍ଷ**
**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

## ପାଠକ ଶ୍ରେଷ୍ଠ ବିଚାରକ

### ଯାତ୍ରୀବାହୀ ଟ୍ରେନ୍ ଚାଲିବ କେବେ

ମହାଶୟ,

ରାଜନେତାମାନେ ବିଫଳ ହେବା ପରେ ଶେଷରେ ରାଜ୍ୟପାଳ ତୁଳସୀ କ୍ଷେତ୍ରକୁ ଯାତ୍ରୀବାହୀ ଟ୍ରେନ୍ ଚାଲୁ ପାଇଁ ଚିଠି ଲେଖିବା ଘଟଣାଟି ନିଶ୍ଚିତ ରୂପେ ଗୁରୁତ୍ୱପୂର୍ଣ୍ଣ। କେନ୍ଦ୍ରାପଡ଼ା ଦିନେ ବିଜୁବାବୁଙ୍କର କର୍ମଭୂମି ଥିଲା। ଏହାକୁ ମଧ୍ୟ ଏକଦା ମନ୍ତ୍ରୀପଡ଼ା ବୋଲି କୁହାଯାଉଥିଲା। କିନ୍ତୁ କେନ୍ଦ୍ରାପଡ଼ା ଯେ ଆଜି କେତେ ଅବହେଳିତ, ତାହା ସେଠାକାର ବାସିନ୍ଦା ଅନୁଭବ କରିପାରୁଥିବେ। ଦୀର୍ଘ ଦିନ ପରେ କେନ୍ଦ୍ରାପଡ଼ାକୁ ରେଳ ଲାଇନ୍ ସଂଯୋଗ ହେବା ପରେ ଲୋକମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା ଯେ, ରେଳଯାତ୍ରା କରିବାର ସୁଯୋଗ ପାଇବେ। କିନ୍ତୁ ଦୀର୍ଘ ଦିନ ହେଲା ଲାଇନ ସଂଯୋଗ ହୋଇଥିଲେ ହେଁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ନ କରିବାର କାରଣ କେବଳ କର୍ତ୍ତୃପକ୍ଷଙ୍କୁ ଜଣାଥିବ। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳଙ୍କ ଚିଠି ନିଶ୍ଚିତ ଭାବରେ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି କେନ୍ଦ୍ରାପଡ଼ାବାସୀଙ୍କର ଆଶା ଓ ବିଶ୍ୱାସ।

**– ଶ୍ରୀବାସ ଚନ୍ଦ୍ର ମହାନ୍ତି, ଆଇନଜୀବୀ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସଖିରେ ଏହି ବେଳେ
ଗୋପନ କଥା ହେଲେ
କହିବା ପାଇଁ ପୀଡ଼େ ପରାଣ
କୁମୁଦ ଦଳେ ଜଳ
ହୁଅଇ ଟଳମଳ
ଶୁଣସି ପଦେ କଥା, ମୋ ରାଣ।

–(ବର୍ଷାରତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୨୨ ସେପ୍ଟେମ୍ବର, ୨୦୨୨



**ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଏକାଦଶାହରେ ଦୀପଦାନ**

ପୁରୁଣା ଭୁବନେଶ୍ୱର, (ଡି.ଏନ୍.ଏ.): ଶଙ୍କରାଚାର୍ଯ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଏକାଦଶାହରେ ବୁଧବାର ସନ୍ଧ୍ୟାରେ ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଦୀପଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, କର୍ପୋରେଟର ଶିବ ନାରାୟଣ ବେହେରା, ସାମାଜିକ କର୍ମୀ ଦାଶରଥି ଗରାବଡ଼ୁ, ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଲ ଭିଡ଼କୁ ନିୟନ୍ତ୍ରଣ କରିବେ ସିକ୍ୟୁରିଟି ଗାର୍ଡ

ଭୁବନେଶ୍ୱର ୨୧।୯ (ବ୍ୟୁରୋ)

ରାଜଧାନୀରେ ଏକାଧିକ ସ୍କୁଲ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ରହିଛି। ସ୍କୁଲ ଖୋଲିବା ଏବଂ ଛୁଟି ହେବା ସମୟରେ ସେହି ରାସ୍ତାରେ ପ୍ରବଳ ଗହଳି ହୋଇଥାଏ। ସ୍କୁଲ ନିକଟବର୍ତ୍ତୀ ରାସ୍ତାରେ ଅଭିଭାବକମାନେ ବେଆଇନ୍ ପାର୍କିଂ କରିଥାନ୍ତି। ଗାଡ଼ିଗୁଡ଼ିକୁ ବେଆଇନ ପାର୍କିଂ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଭିଡ଼ ଏବଂ ଅନ୍ୟ ଗାଡ଼ି ଚଳାଚଳ ଯୋଗୁ ସ୍କୁଲ ନିକଟରେ ପୂର୍ବରୁ ଅନେକ ଦୁର୍ଘଟଣା ଘଟିବାର ନଜିର ରହିଛି। ଏବେ ଏପରି ପରିସ୍ଥିତିରେ ସ୍କୁଲରେ ନିଯୁକ୍ତ ସିକ୍ୟୁରିଟି ଗାର୍ଡମାନେ ଟ୍ରାଫିକ୍ ପୋଲିସର ଭୂମିକା ତୁଲାଇବେ। କମିଶନରେଟ ପୋଲିସ ପକ୍ଷରୁ ଭୁବନେଶ୍ୱରର ଭିନ୍ନ ଭିନ୍ନ ୧୪ଟି ସ୍କୁଲର ୫୬ଜଣ ସିକ୍ୟୁରିଟି ଗାର୍ଡଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏଥିସହ ସିକ୍ୟୁରିଟି ଗାର୍ଡଙ୍କୁ ଓଡ଼ିଶା ଅର୍ବାନ୍ ପୋଲିସ ଆକ୍ଟର ସେକ୍ସନ୍-୧୩ ଅନୁଯାୟୀ ଏସ୍‌ପିଓ (ସ୍ପେଶାଲ ପୋଲିସ ଅଫିସର) ମାନ୍ୟତା ଦିଆଯାଇଛି। ଟ୍ରାଫିକ୍ ପୋଲିସ କର୍ମଚାରୀମାନେ ସ୍କୁଲକୁ ଯାଇ ମଙ୍ଗଳବାର ଓ ବୁଧବାର ପ୍ରଶିକ୍ଷଣ ଦେଇଥିଲେ। ଭିଡ଼କୁ ନିୟନ୍ତ୍ରଣ, ପାର୍କିଂ ପରିଚାଳନା, ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଏବଂ ବିଭିନ୍ନ ଗାଡ଼ିକୁ କିପରି ବାଟ କଢ଼େଇବେ ଆଦି ଶିଖିଥଲେ। ଟ୍ରାଫିକ୍ କର୍ମଚାରୀମାନେ ସିକ୍ୟୁରିଟି ଗାର୍ଡଙ୍କୁ ଏସଂକ୍ରାନ୍ତରେ ବିଭିନ୍ନ ଦିଗକୁ ନେଇ ଗୁରୁମନ୍ତ୍ର ଦେଇଥିଲେ। ଏଥିସହ ଟ୍ରାଫିକ୍ ପୋଲିସ ପକ୍ଷରୁ ଏସ୍‌ପିଓ ମାନ୍ୟତା ପାଇଥିବା ଉପରୋକ୍ତ ସିକ୍ୟୁରିଟି ଗାର୍ଡଙ୍କୁ ସ୍ୱତନ୍ତ୍ର ଜ୍ୟାକେଟ୍ ଦିଆଯାଇଛି। ସିକ୍ୟୁରିଟି ଗାର୍ଡମାନେ ଏହି ଜ୍ୟାକେଟ୍ ପିନ୍ଧି ସ୍କୁଲରେ କାର୍ଯ୍ୟ କରିବା ସହ ଟ୍ରାଫିକ୍ ପରିଚାଳନା ନିର୍ବାହ କରିବେ।


ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଧିକାରୀଙ୍କ ସହ ଏସ୍‌ପିଓ ମାନ୍ୟତା ପାଇଥିବା ସିକ୍ୟୁରିଟିଗାର୍ଡ।

**ପ୍ରଶିକ୍ଷଣ ଦେଲା ଟ୍ରାଫିକ୍ ପୋଲିସ**

- ୧୪ ସ୍କୁଲର ୫୬ ସିକ୍ୟୁରିଟି ଗାର୍ଡଙ୍କୁ ଏସ୍‌ପିଓ ମାନ୍ୟତା
- ସ୍ୱତନ୍ତ୍ର ଜ୍ୟାକେଟ୍ ପିନ୍ଧି ଟ୍ରାଫିକ୍ ପରିଚାଳନା କରିବେ

ଏସଂକ୍ରାନ୍ତରେ ଭୁବନେଶ୍ୱର ଟ୍ରାଫିକ୍ ଏସିପି ସ୍ୱସ୍ତିକ ପଣ୍ଡା କହିଛନ୍ତି, ଏହି ପ୍ରଶିକ୍ଷଣ ସହ ଏସ୍‌ପିଓ ମାନ୍ୟତା ଦେବାକୁ ବିଭିନ୍ନ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। ଆଗକୁ ଅନ୍ୟ ସ୍କୁଲ ସିକ୍ୟୁରିଟି ଗାର୍ଡମାନେ ମଧ୍ୟ ଏହି ପ୍ରଶିକ୍ଷଣ ନେବେ। ଆବଶ୍ୟକ ପଡ଼ିଲେ ଏସ୍‌ପିଓ ମାନ୍ୟତା ପାଇଥିବା ସିକ୍ୟୁରିଟି ଗାର୍ଡମାନେ ଆମ ସାହାଯ୍ୟ ମଧ୍ୟ ନେଇପାରିବେ। ଏହି ପ୍ରଶିକ୍ଷଣ ନେବା ପାଇଁ ଆମ ପକ୍ଷରୁ ଉତ୍ସାହ କରାଯାଉଥିବା ସେ କହିଛନ୍ତି।

## ସଂକ୍ଷେପରେ

### ନିବେଦିତା ଲେଙ୍କାଙ୍କୁ ବେସାନ୍ତ ସେଲ୍ଫଲେସ୍ ସର୍ଭିସ୍ ଆୱାର୍ଡ



ଭୁବନେଶ୍ୱର, ୨୧।୯(ବ୍ୟୁରୋ): ସମାଜସେବୀ ନିବେଦିତା ଲେଙ୍କାଙ୍କୁ ମିଳିଛି ବେସାନ୍ତ ସେଲ୍ଫଲେସ୍ ସର୍ଭିସ୍ ଆୱାର୍ଡ। ଭୁବନେଶ୍ୱରସ୍ଥିତ ରୟାଲ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଅଡିଟୋରିୟମରେ ଦ ଥିଓସୋଫିକାଲ ଅର୍ଡର ଅଫ୍ ସର୍ଭିସ୍ ପକ୍ଷରୁ ନବମ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। 'ୟୁନିଭର୍ସାଲ ବ୍ରଦରହୁଡ ଇଜ ଦ କି ଟୁ ହାରମୋନି ଫର ନେଚର୍' ଏହି ସମ୍ମିଳନୀର ବିଷୟବସ୍ତୁ ଥିଲା। ସମ୍ମିଳନୀରେ ଫାଉଣ୍ଡେଶନର ସଭାପତି ଡ. ଦୀପା ପାଢ଼ୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ହରେକୃଷ୍ଣ, ମୁଖ୍ୟବକ୍ତା ଭାବେ ଫାଉଣ୍ଡେଶନର ଜାତୀୟ ନିର୍ଦ୍ଦେଶକ କେ. ଶିବପ୍ରସାଦ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଅନ୍ନପୂର୍ଣ୍ଣା ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ତାଙ୍କୁ ୧୦ହଜାର ଟଙ୍କାର ଅର୍ଥ ରାଶି ଦିଆଯାଇଥିଲା। ସମାଜସେବୀ ଲେଙ୍କା କହିଛନ୍ତି, ଏହି ସମ୍ମାନ ତାଙ୍କ ପାଇଁ ଏକ ପ୍ରେରଣା ସଦୃଶ ଓ ଆଗାମୀ ଦିନରେ ତାଙ୍କୁ ଅନେକ ମହତର କାର୍ଯ୍ୟ କରିବାକୁ ନିଶ୍ଚିତ ଉତ୍ସାହିତ କରିବ। ସମାଜର କୋଣ ଅନୁକୋଣରେ କେହି ଯେପରି ଅର୍ଥ ଅଭାବରୁ ଶିକ୍ଷା ପାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ କାର୍ଯ୍ୟ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

### ପ୍ରଭୁ ନିକୁଞ୍ଜବିହାରୀ ଦେବ ମନ୍ଦିରର ମୁଖ୍ୟ ପୂଜକଙ୍କ ପରଲୋକ

ବାଲିଅନ୍ତା, ୨୧।୯(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ବାଲିଅନ୍ତାର ପ୍ରସିଦ୍ଧ ଶ୍ରୀକୃଷ୍ଣ ମନ୍ଦିର ପ୍ରଭୁ ନିକୁଞ୍ଜବିହାରୀ ଦେବଙ୍କ ମୁଖ୍ୟ ପୂଜକ ପଣ୍ଡିତ ନାରାୟଣ ଦାସଙ୍କ ବୁଧବାର ଦେହାନ୍ତ ହୋଇଛି। ତାଙ୍କୁ ୯୬ ବର୍ଷ ବୟସ ହୋଇଥିଲା। ସେ ବର୍ଷେ ହେବ ବାର୍ଦ୍ଧକ୍ୟ ଯୋଗୁ ଘରେ ଶଯ୍ୟାଶାୟୀ ଥିଲେ। ସେ ବାଲିଅନ୍ତା ଅଞ୍ଚଳରେ ନାରଣ ଭାଇନା ରୂପେ ପରିଚିତ ଥିଲେ। ତାଙ୍କର ବେଦ ପୁରାଣ ଶାସ୍ତ୍ର ଉପରେ ପ୍ରଗାଢ଼ ଜ୍ଞାନ ଥିଲା। ଖବରପାଇ ବହୁ ବ୍ୟକ୍ତି ଅଣ୍ଡିଲୋ(ଖ)ସ୍ଥିତ ତାଙ୍କ ବାସଭବନରେ ତାଙ୍କୁ ଶେଷ ଦର୍ଶନ କରିଥିଲେ। ଏଥିସହ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ଗ୍ରାମରୁ ବାଲିଅନ୍ତା ବଜାର ଦେଇ ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା। ପରେ ସ୍ଥାନୀୟ ନଦୀପଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ବଡ ପୁଅ ଡ. ଦାମୋଦର ଦାଶ ମୁଖାଗ୍ନି ଦେଇଥିଲେ।



## ଗୁଳିକାଣ୍ଡର ୯ ବର୍ଷ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

ଚୌଦ୍ୱାର, ୨୧।୯(ଡି.ଏନ୍.ଏ.)

ଦୀର୍ଘ ୯ ବର୍ଷ ତଳେ ଜଣେ ବ୍ୟକ୍ତିଙ୍କୁ ଗୁଳି କରି ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଚୌଦ୍ୱାର ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ କଟକ ଜିଲା ଖୁଣ୍ଟୁଣୀ ଥାନା ଅଧୀନ ଖଣ୍ଡୁଆଳି ଗ୍ରାମର କାହ୍ନୁ ଚରଣ ମହାନ୍ତି। ପୋଲିସ ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଧୀନ ଜୁଆଣିଆଁ ଗ୍ରାମର ବିଷ୍ଣୁ ଚରଣ ସାମଲ ଚୌଦ୍ୱାର ଗ୍ରୀଡ୍ କଲୋନୀରେ ରହୁଥିଲେ। ୨୦୧୩ ଜୁନ୍ ୧୬ ତାରିଖ ରାତିରେ ଅଭିଯୁକ୍ତ କାହ୍ନୁ ଓ ତାଙ୍କ ଭାଇ ସଞ୍ଜୟ ମହାନ୍ତି ନିଶାସକ୍ତ ଅବସ୍ଥାରେ ବିଭିନ୍ନ ମାରଣାସ୍ତ୍ର ଧରି ବିଷ୍ଣୁଙ୍କ ଘରେ ପଶି ପରିବାର ଲୋକଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ବିଷ୍ଣୁ ଓ ତାଙ୍କ ପୁଅ ଅଜୟ ପ୍ରତିବାଦ କରିବାରୁ ସେମାନଙ୍କୁ ମାରିଦେବାକୁ ଉଭୟ ଧମକ ଦେଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଅଜୟ ସେମାନଙ୍କୁ ଘଉଡ଼େଇବାକୁ ଚେଷ୍ଟା କରୁଥିବାବେଳେ ଅଭିଯୁକ୍ତ ୨ଜଣ ତାଙ୍କ ଉପରକୁ ଗୁଳି ଚଳାଇ ଫେରାର ହୋଇଯାଇଥିଲେ।



୧୦ବର୍ଷ ଚାକିରି ଶେଷ କରିଥିବା ୱାର୍କଚାର୍ଜଡ୍ ଓ ୱାର୍କଚାର୍ଜଡ୍‌ରୁ ନିୟମିତ ନିଯୁକ୍ତି ପାଇଥିବା କର୍ମଚାରୀଙ୍କୁ ଏମ୍ଏସିପିଏସ୍ ପ୍ରଦାନ ନ କରିବା ପ୍ରତିବାଦରେ ବୁଧବାର ନିର୍ମାଣ ସୌଧସ୍ଥିତ ରାସ୍ତା ଓ ଗୃହ ମଣ୍ଡଳ ଭୁବନେଶ୍ୱରର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାଯ୍ୟାଳୟ ଘେରାଉ।

## 'ସେଲ୍ଫ ଫାଇନାନ୍ସିଂ କୋର୍ସ ଦାୟିତ୍ୱ ନିଅନ୍ତୁ ସରକାର'

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ରାଜ୍ୟପାଳଙ୍କ ସଚିବ ଶାଶ୍ୱତ ମିଶ୍ରଙ୍କ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିକୁ କାର୍ଯ୍ୟକାରୀ କରି ରାଜ୍ୟର ପ୍ରମୁଖ ୩ ବିଶ୍ୱବିଦ୍ୟାଳୟରେ ସେଲଫ୍ ଫାଇନାନ୍ସିଂ କୋର୍ସ ବନ୍ଦ କରାଯାଇଛି। ଏହି କୋର୍ସ ଗୁଡ଼ିକୁ ନିୟମିତ କୋର୍ସ ନ କରାଇ ହଠାତ୍ ବିନା ଆଲୋଚନାରେ ଏକତରଫା ନିଷ୍ପତ୍ତି ନେବା ଅଦୂରଦର୍ଶୀତାର ପ୍ରମାଣ ଦେଉଛି। ସାମାଜିକ ଓ ଆର୍ଥିକ ଅବହେଳିତ ବର୍ଗର ପିଲା ଏହି ଶିକ୍ଷାରୁ ବଞ୍ଚିତ ହେବେ। ତେଣୁ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପଢ଼ାଯାଉଥିବା ସେଲ୍‌ଫ ଫାଇନାନ୍ସିଂ କୋର୍ସଗୁଡ଼ିକର ସରକାର ସମ୍ପୂର୍ଣ୍ଣ ଦାୟିତ୍ୱ ନେଇ ନିୟମିତ ଓ ସ୍ଥାୟୀ ବିଷୟ ଭାବେ ଗ୍ରହଣ କରି ଉନ୍ନତ ଗୁଣମାନର ଶିକ୍ଷାଦାନ ବ୍ୟବସ୍ଥା ପାଇଁ ନିଷ୍ପତ୍ତି ନିଅନ୍ତୁ, ନଚେତ୍ ଓଡ଼ିଶାର ଛାତ୍ର ସମାଜ ଏହାର ଜବାବ୍ ଦେବ ବୋଲି ଅଖିଳ ଭାରତ ଛାତ୍ର ସଂଘର ରାଜ୍ୟ ସଭାପତି ସଂଘମିତ୍ରା ଜେନା ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଚେତାବନୀ ଦେଇଛନ୍ତି। ସେ ଆହୁରି ଦର୍ଶାଇଛନ୍ତି ଯେ, ୮୦-୯୦ ଦଶକରେ ପଢ଼ାଯାଉଥିବା ବିଷୟଗୁଡ଼ିକ ଆଜି ବି ସ୍ଥାୟୀ ବିଷୟ ଭାବେ ପଢ଼ାଯାଉଛି। ମାତ୍ର ବୃତ୍ତିଗତ ବିଷୟଗୁଡ଼ିକ ସେଲଫ୍ ଫାଇନାନ୍ସିଂ କୋର୍ସ ଭାବରେ ପଢ଼ାଯାଉଛି। ଏଥିରେ ସରକାରଙ୍କ କୌଣସି ସାହାଯ୍ୟ ବା ଅବଦାନ ନଥାଏ। ଶିକ୍ଷାନୁଷ୍ଠାନ ପିଲାଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଲୁଟ୍ କରିବାର ମାର୍ଗ ପ୍ରଶସ୍ତ ହେବ ବୋଲି ସେ କହିଛନ୍ତି।

## ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର



ଆଲୋଚନାଚକ୍ରରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

ବାଲିଅନ୍ତା, ୨୧।୯(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର- ୨୦୨୨ ବୁଧବାର ବାଲିଅନ୍ତା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଉଚ୍ଚ ବିଦ୍ୟାଳୟର ୩୦ ଛାତ୍ରୀଛାତ୍ର ଯୋଗଦେଇ 'ଧାରଣୀୟ ବିକାଶରେ ମୌଳିକ ବିଜ୍ଞାନର ଉଦ୍ଦେଶ୍ୟ ଓ ଆହ୍ୱାନ' ଶୀର୍ଷକ ଉପରେ ବକ୍ତବ୍ୟ ରଖିଥିଲେ। ବଇଁଗୁଆ ପଞ୍ଚାୟତ ହାଇସ୍କୁଲର ବିଷ୍ଣୁପ୍ରିୟା ସ୍ୱାଇଁ, ବେଣ୍ଟପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ମନୀଷା ସାହୁ, ପ୍ରତାପଶାସନ ସରକାରୀ ଉଚ୍ଚ ବିଦ୍ୟାଳୟର ଇନ୍ଦ୍ରନୂଜ ନାଥ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ। ଆଲୋଚନା ଚକ୍ରରେ ବିଚାରକ ରୂପେ ଅଧ୍ୟାପିକା କଳ୍ପନା ସାହୁ ଓ ଅଧ୍ୟାପକ ଜଗତ ମାନ୍‌ସିଂ ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭବାନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବିଜ୍ଞାନ ଶିକ୍ଷକ ରଞ୍ଜନ ଦାସ, ବରିଷ୍ଠ ଶିକ୍ଷୟିତ୍ରୀ ବିନୋଦିନୀ ସାହୁ, ନିବେଦିତା ମିଶ୍ର, ଏସ୍ଏମ୍‌ସି ସଭାପତି ତପନ ସାହୁ ପ୍ରମୁଖ ଯୋଗଦେଇ ୩ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅମରେନ୍ଦ୍ର ନାୟକ ସଭା ପରିଚାଳନା କରିଥିଲେ।

# କଳିଙ୍ଗ ଷ୍ଟାଡିୟମ୍‌ରେ ଆତଙ୍କବାଦୀ ମୁକାବିଲା ମକ୍‌ଡ୍ରିଲ୍

**ଏସ୍‌ଓଜି, ଏନ୍‌ଏସ୍‌ଜି, ଅଗ୍ନିଶମ, ଓଡ୍ରାଫ୍ ଆଦି ଟିମ୍ ସାମିଲ**

ଭୁବନେଶ୍ୱର, ୨୧।୯ (ବ୍ୟୁରୋ)

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆତଙ୍କବାଦୀ ଆକ୍ରମଣ ହେଲେ କିପରି ଏହାର ସଫଳ ମୁକାବିଲା କରାଯାଇପାରିବ ସେନେଇ ଯବାନଙ୍କ ପକ୍ଷରୁ ଗୁରୁବାର ରାତିରେ ମକ୍‌ଡ୍ରିଲ୍ କରାଯାଇଛି। ସ୍ପେଶାଲ ଅପରେଶନ୍ ଗ୍ରୁପ (ଏସ୍‌ଓଜି), ନ୍ୟାଶନାଲ ସିକ୍ୟୁରିଟିଗାର୍ଡ (ଏନ୍‌ଏସ୍‌ଜି), କମିଶନରେଟ ପୋଲିସ, ଅଗ୍ନିଶମ ଓ ଓଡ୍ରାଫ୍‌ର ମିଳିତ ଟିମ୍ ରାତି ପ୍ରାୟ ୮ଟାରୁ ୧୧ଟା ପର୍ଯ୍ୟନ୍ତ ଏନେଇ ଅଭ୍ୟାସ କରିଥିଲେ। ଷ୍ଟାଡିୟମ ଭିତରେ ଏସ୍‌ଓଜି ଓ ଏନ୍‌ଏସ୍‌ଜିର ଯବାନମାନେ ବନ୍ଧୁକ ଧରି କୌଶଳ ପ୍ରଦର୍ଶନ କରିଥିଲେ। ମକ୍‌ଡ୍ରିଲ୍ ବେଳେ ଷ୍ଟାଡିୟମ ଭିତରେ ଥିବା ଖେଳାଳି ଓ ଯାତ୍ରୀଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର, ଆହତ ଯବାନ୍‌ଙ୍କୁ ଉଦ୍ଧାର, ସ୍ଥାନୀୟ ପୋଲିସକୁ ସୂଚନା ଏବଂ ଆତଙ୍କବାଦୀଙ୍କଠାରୁ ମାରଣାସ୍ତ୍ର ଜବତ ଆଦିର କୌଶଳ ଏଥିରେ ଅନ୍ତର୍ଭୁକ୍ତ ଥିଲା। ସୂଚନା ଅନୁଯାୟୀ, କଳିଙ୍ଗ ଷ୍ଟାଡିୟମରେ ବିଭିନ୍ନ ସମୟରେ ଏକାଧିକ ଅନ୍ତର୍ଜାତୀୟ ଖେଳ ଆୟୋଜନ ହେଉଛି। ୨୦୨୩ରେ ଏଠାରେ ପୁରୁଷ ହକି ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଛି। ତେଣୁ ଖେଳାଳି ଏବଂ ଜନସାଧାରଣଙ୍କୁ ଯେକୌଣସି ଆତଙ୍କବାଦୀ ମୁକାବିଲାରୁ କିପରି ସୁରକ୍ଷା ଦିଆଯାଇପାରିବ, ସେନେଇ ରଣନୀତି ପ୍ରସ୍ତୁତ ପାଇଁ ଧ୍ୟାନ ଦିଆଯାଉଛି ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି।



# ରାଜ୍ୟପାଳଙ୍କ ଦ୍ୱାରା 'ଏ ବଡି ଅଫ୍ ରାପ୍ସୋଡି' ଲୋକାର୍ପିତ

ଭୁବନେଶ୍ୱର, ୨୧।୯ (ବ୍ୟୁରୋ)

କରୋନା ଅନେକଙ୍କ ମନୋବଳ ଭାଙ୍ଗି ଦେଇଥିଲା। କିନ୍ତୁ ଏହି ସମୟକୁ ଘରେ ରହି ଉପଯୋଗ କରିଥିଲେ କୋରାପୁଟର ରୁଚିକା ଦିବ୍ୟଦର୍ଶନୀ। ଖେଳିବା, ବୁଲିବା ବୟସରେ ସେ କବିତା ଲେଖି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି, ଯାହା ଆଜି ତାଙ୍କୁ କୋରାପୁଟର କବିତା କୁଇନ୍ ରୂପେ ଏକ ନୂଆ ପରିଚୟ ଦେଇଛି। କିଛି ଭାବିବା ଆଉ ତାକୁ କବିତାରେ ରୂପ ଦେବାରେ ସେ ଦିନରାତି ମଗ୍ନ ରହିଲେ। ରୁଚିକା କୋରାପୁଟ ଜିଲା ସେମିଳିଗୁଡ଼ାରେ ରୁହନ୍ତି। ତାଙ୍କର କବିତାକୁ ଏକାଠି କରି ପ୍ରଥମେ ୨୦୨୧ରେ ପ୍ରକାଶ ପାଇଥିଲା 'ଦ ଏପିସେଣ୍ଟ୍ରିକ୍ ଲିରିକ୍'। ଏବେ ଦ୍ୱିତୀୟ ପୁସ୍ତକ 'ଏ ବଡି ଅଫ୍ ରାପ୍ସୋଡି' ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ରାଜଭବନ ପରିସରରେ ଉନ୍ମୋଚିତ ହୋଇଯାଇଛି। ରାଜ୍ୟପାଳ କହିଛନ୍ତି, ସାହିତ୍ୟ ଜଗତରେ କବିତା ସବୁଠୁ ଅଧିକ ଶକ୍ତିଶାଳୀ ଦିଗ। ବୟସ କମ ହୋଇଥିଲେ ମଧ୍ୟ କବିତା ମାଧ୍ୟମରେ ତାଙ୍କ ସୁବାସ ବାରି ହୋଇପଡୁଛି। ସେହିପରି କବିତାରେ ପ୍ରକୃତି, ପ୍ରାଣୀ ଓ ସମ୍ପର୍କ ଭାବ ଆଦିକୁ ନେଇ ଶବ୍ଦରେ ଗୁନ୍ଥିବାକୁ ଚେଷ୍ଟା କରିଆସୁଛନ୍ତି ବୋଲି ରୁଚିକା କହିଛନ୍ତି। ତାଙ୍କର ଉଭୟ ପୁସ୍ତକ ଦିଲ୍ଲୀର ନାମ୍ୟା ପବ୍ଲିଶର୍ ପ୍ରକାଶ କରିଛି ଏବଂ ବହି ଆମାଜନରେ ମଧ୍ୟ ଉପଲବ୍ଧ ଅଛି।



## ସବୁବେଳେ ଆଗରେ ଏସ୍‌ଏଚ୍‌ଜି ମହିଳା



ଭୁବନେଶ୍ୱର, ୨୧।୯ (ବ୍ୟୁରୋ)

**ଆଜାଦୀ କା ଅମୃତ ମହୋତ୍ସବ**

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ୪୧ନଂ. ୱାର୍ଡରେ ଗୁରୁବାର ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ସମାରୋହ ଉଦ୍‌ଯାପିତ ହୋଇଯାଇଛି। ବ୍ଲାଇଣ୍ଡ ଆସୋସିଏଶନରେ ପିଲାମାନଙ୍କ ମଧ୍ୟରେ ଫ୍ୟାନ୍ସି ଡ୍ରେସ୍, ଚିତ୍ରାଙ୍କନ ଓ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ହୋଇଥିଲା। ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ପୁରସ୍କୃତ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସବୁ ସମୟରେ ପୁରୋଭାଗରେ ରହିଛନ୍ତି ବୋଲି ବିଧାୟକ ଜେନା କହିଥିଲେ। ସ୍ଥାନୀୟ କର୍ପୋରେଟର କବିତା ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ବିଜେଡିର ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।





ପୁରୁଣାଷ୍ଟେଶନ ବଜାର ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ତୋରଣ ଉନ୍ମୋଚନ କରାଯାଉଛି (ଉପର)। ମେଢ଼ ତିଆରିରେ ନିମଗ୍ନ ଜଣେ କାରିଗର।

# ଦିନକରେ ଲକ୍ଷାଧିକ ଲୁଟିଲେ ସାଇବର ଠକ

ଭୁବନେଶ୍ୱର, ୨୧।୯ (ବ୍ୟୁରୋ)

- ଓଏଲଏକ୍ସରେ ଗାଡି କିଣିବାକୁ ଯାଇ ୨୦ ହଜାର ହରାଇଲେ ଯୁବତୀ
- ସାମଗ୍ରୀ ବିକିବା ନାଁରେ ଯୁବତୀଙ୍କଠାରୁ ୯୬ ହଜାର ନେଇଗଲେ

ଓଏଲ୍ଏକ୍ସରେ ଗାଡ଼ି କିଣିବାକୁ ଯାଇ ଠକେଇର ଶିକାର ହେଲେ ଜଣେ ଯୁବତୀ। ଗାଡ଼ି ବିକ୍ରି କରିବା ଆଳରେ ସାଇବର ଠକ ଜଣଙ୍କ ଯୁବତୀଙ୍କଠାରୁ ୨୦ ହଜାର ଟଙ୍କା ଠକି ନେଇଥିବା ସେ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଛନ୍ତି। ଯୁବତୀ ଜଣଙ୍କ ହେଲେ ପଶ୍ଚିମବଙ୍ଗର ସାଇ ପଲ୍ଲଭୀ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପଲ୍ଲଭୀଙ୍କ ଅଭିଯୋଗ ଅନୁଯାୟୀ, ଓଏଲ୍ଏକ୍ସରେ ଏକ ସ୍କୁଟି ଗାଡ଼ି କମ୍ ଦାମରେ ବିକ୍ରି ହେବ ବୋଲି ବିଜ୍ଞାପନ ଦିଆଯାଇଥିଲା। ତେଣୁ ଉକ୍ତ ସାଇଟରେ ଯୁବତୀ ଜଣଙ୍କ ଯୋଗାଯୋଗ କରିଥିଲେ। ଏହାପରେ ସାଇବର ଠକ ଜଣଙ୍କ ତାଙ୍କୁ ଗାଡ଼ିର ସମସ୍ତ ଫଟୋ ପଠାଇଥିଲେ। ଗାଡ଼ି ପସନ୍ଦ ହେବା ପରେ ଠକ ଜଣଙ୍କ ଯୁବତୀଙ୍କୁ ଫୋନ ପେ'ରେ ୨୦ ହଜାର ଟଙ୍କା ମାଗିଥିଲେ। ପଲ୍ଲଭୀ ତାଙ୍କ ଆକାଉଣ୍ଟକୁ ୨୦ ହଜାର ଟଙ୍କା ପଠାଇଥିଲେ। ପଲ୍ଲଭୀ ଗାଡ଼ିର କାଗଜ ପତ୍ର ମଗାଇ ଯାଞ୍ଚ କରିବା ପରେ ସ୍କୁଟିର ନମ୍ବରଟି ଏକ କାରର୍ ବୋଲି ଜାଣିବାକୁ ପାଇଥିଲେ। ତେଣୁ ଠକେଇର ଶିକାର ହେବା ଜାଣି ସେ ଥାନାରେ ଅଭିଯୋଗ କରିଥିଲେ।

ସେହିପରି ଅନ୍ୟ ଏକ ଘଟଣାରେ ସାମଗ୍ରୀ ବିକ୍ରି ପାଇଁ ବିଜ୍ଞାପନ ଦେଇ ଜଣେ ଯୁବତୀ ଠକେଇର ଶିକାର ହୋଇଛନ୍ତି। ଯୁବତୀ ଜଣଙ୍କ ଆସାମ ଗୌହାଟିର ରୁଚିକା କେରକାଟା ବୋଲି ସୂଚନା ମିଳିଛି। ଜିନିଷ କିଣିବାକୁ କହି ଯୁବତୀଙ୍କ ଆକାଉଣ୍ଟରୁ ୯୬ ହଜାର ଟଙ୍କା ଲୁଟି ନେଇଛନ୍ତି ସାଇବର ଠକ। ଯୁବତୀ ଜଣଙ୍କ ଇନଫୋସିଟି ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ କରି ତଦନ୍ତ କରୁଛି ପୋଲିସ। ଅଭିଯୋଗ ଅନୁସାରେ ନିଜର ଆସବାବପତ୍ରକୁ ବିକ୍ରି କରିବା ଲାଗି ଓଏଲଏକ୍ସରେ ବିଜ୍ଞାପନ ଦେଇଥିଲେ ରୁଚିକା। ଏହାପରେ ରୁଚିକାଙ୍କ ନମ୍ବରକୁ ଜଣେ ବ୍ୟକ୍ତି ଫୋନ କରି ଜିନିଷ ନେବାକୁ କହିଲେ। ଆଉ ଏଥିପାଇଁ ବ୍ୟକ୍ତି ଜଣଙ୍କ ଅଗ୍ରୀମ ୫ ହଜାର ଟଙ୍କା ରୁଚିକାଙ୍କ ଆକାଉଣ୍ଟକୁ ପଠାଇଲେ। ଏହାପରେ ରୁଚିକା ତାଙ୍କୁ ବାକି ଟଙ୍କା ମାଗିବାରୁ ସେ ଉକ୍ତ ଆକାଉଣ୍ଟରେ ଟଙ୍କା ନଥିବା କହିବା ସହ ରୁଚିକାଙ୍କୁ ୫୦୦ ଟଙ୍କା ପଠାଇବାକୁ କହିଥିଲେ। ପରେ ଉକ୍ତ ଆସିନଥିବା କହି ୫ ହଜାର ପଠାଇବାକୁ କହିଥିଲେ। ଏହିଭଳି ମୋହରା ବନାଇ ଯୁବତୀଙ୍କ ଆକାଉଣ୍ଟରୁ ୯୬ ହଜାର ଟଙ୍କା ଠକିନେଇଥିଲେ ସାଇବର ଠକ।

### ଲୋଭରେ ଓଟିପି ସେୟାର କରନ୍ତୁ ନାହିଁ : ଡିସିପି

ଭୁବନେଶ୍ୱର, ୨୧।୯ (ବ୍ୟୁରୋ) : ରାଜଧାନୀରେ ସାଇବର ଠକେଇ ଘଟଣା ଏବେ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ପ୍ରତ୍ୟେକ ଦିନ ରାଜଧାନୀରୁ ଲକ୍ଷଲକ୍ଷ ଟଙ୍କା ସାଇବର ଠକମାନେ ଲୁଟି ନେଉଛନ୍ତି। ଏନେଇ ଚିନ୍ତା ପ୍ରକଟ କରିଛନ୍ତି ଡିସିପି ପ୍ରତୀକ ସିଂ। ଗିଫ୍ଟ କୁପନର ଲୋଭ ଦେଖାଇପାରନ୍ତି ସାଇବର ଠକ। ସାଇବର ଠକେଇରୁ କିପରି ବର୍ତ୍ତି ହେବ ଭିଡିଓ ବାର୍ତ୍ତା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ। ଭିଡିଓ ବାର୍ତ୍ତା ମାଧ୍ୟମରେ ଡିସିପି କହିଛନ୍ତି ଯେ, ଲୋଭନୀୟ ଅଫର ଦେଇ ଲୁଟି ପାରନ୍ତି ସାଇବର ଠକ। କେତେବେଳେ ପୁରସ୍କାର ଓ ଲଟେରୀ ଆଦିର ମଧ ଅଫର ଦେଇପାରନ୍ତି। ଅଫର ଆଳରେ ଓଟିପି ମାଗିପାରନ୍ତି ସାଇବର ଠକ। ଏଭଳି ଲୋଭନୀୟ ଅଫରରେ ପଡ଼ି କାହାରିକୁ ଓଟିପି ସେୟାର ନ କରିବାକୁ ଡିସିପି ରାଜଧାନୀବାସୀଙ୍କୁ କହିଛନ୍ତି। ଏଥିସହ ଅନେକ ଲୋଭନୀୟ ପ୍ରତିଶ୍ରୁତି ଦେଇ ସାଇବର ଠକମାନେ ରାଜଧାନୀରୁ କୋଟି କୋଟି ଟଙ୍କା ଠକେଇ ନେଇଥିବା ଅନେକ ନଜି ରହିଛି। ପାର୍ବଣ ଆସୁଥିବାରୁ ସାଇବର ଠକମାନେ ଏବେ ସକ୍ରିୟ ଅଛନ୍ତି। ଏବେଠାରୁ ସାବଧାନ ହେଲେ ଠକେଇରୁ ଆପଣମାନେ ବର୍ତ୍ତି ପାରିବେ ବୋଲି ଡିସିପି କହିଛନ୍ତି।

## ସଂକ୍ଷେପରେ

### ପାଲା କଳାକାରଙ୍କ ପରଲୋକ

ଭୁବନେଶ୍ୱର,୨୧।୯(ବ୍ୟୁରୋ): ପାଲା କଳାକାର, ଶ୍ରୀପାଲିଆ, ଗାନ୍ଧିବାଦୀ ଚେତନାର ପ୍ରବକ୍ତା ପଣ୍ଡିତ ନାରାୟଣ ଦାଶଙ୍କର ବୁଧବାର ବାଲିଅନ୍ତାସ୍ଥିତ ବାସଭବନରେ ୯୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। କୁଶଭଦ୍ରା ନଦୀଶଯ୍ୟା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ବିଧାୟକ ଶଶିଭୂଷଣ ବେହେରା, ଡ. ଅରବିନ୍ଦ ଢାଲି, ସୁଶାନ୍ତ କୁମାର ରାଉତ, ଅନନ୍ତ ନାରାୟଣ ଜେନା, ରମେଶ ଚନ୍ଦ୍ର ସାଏ, ମୌଷଧ ବାଗ୍, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭାଗୀରଥି ବଡ଼ଜେନା, ସରପଞ୍ଚ କୃଷ୍ଣକେଶବ ଆପଟ, ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା, ଜ୍ୟୋତିପ୍ରଭା ସମ୍ପାଦକ ଆଶୁତୋଷ ସାମନ୍ତରାୟ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ଏନ୍‌ଡିଆର୍‌ଏଫ୍‌ର ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା ଉଦ୍‌ଘାଟିତ

ବାରଙ୍ଗ,୨୧।୯(ଡି.ଏନ୍.ଏ.): ଇଣ୍ଟର ବାଟାଲିୟନ୍ ଜୋନାଲ୍ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ବୁଧବାର ମୁଣ୍ଡଳୀ ଏନ୍‌ଡିଆର୍‌ଏଫ୍‌ର ତୃତୀୟ ବାଟାଲିୟନ୍ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବାଟାଲିୟନ୍‌ର କମାଣ୍ଡାଣ୍ଟ ଯାଦବ କିସପୋଟା ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତା ୮ ଦିନ ଧରି ଚାଲିବ। ପ୍ରତିଯୋଗିତାରେ ଏନ୍‌ଡିଆର୍‌ଏଫ୍‌ର ତୃତୀୟ ବାଟାଲିୟନ, ତାମିଲନାଡୁ ଆରାକୋନାମ୍‌ର ଚତୁର୍ଥ ବାଟାଲିୟନ, ମହାରାଷ୍ଟ୍ର ପୁନେର ପଞ୍ଚମ ବାଟାଲିୟନ, ଆନ୍ଧ୍ରପ୍ରଦେଶ ବିଜୟୱାଡାର ଦଶମ ବିଏନ୍‌ର ଯବାନଙ୍କୁ ମିଶାଇ ୧୧୦ଜଣ ଅଂଶଗ୍ରହଣ କରିଥିବା କମାଣ୍ଡାଣ୍ଟ କିସପୋଟା ସୂଚନା ଦେଇଛନ୍ତି।

### ୨୪୦ ଲିଟର ଦେଶୀ ମଦ ଜବତ, ୨ ଗିରଫ

ବାରଙ୍ଗ,୨୧।୯(ଡି.ଏନ୍.ଏ.): ଦେଶୀ ମଦ ଚୋରା ଚାଲାଣ ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଢେଙ୍କାନାଳ ଗୋବିନ୍ଦପୁର ଗାଁର ଗଦାଧର ଦେଉରୀ ଓ ବିଞ୍ଝାରପୁର ଗାଁର ବିଚିତ୍ର ବେହେରା। ଏନେଇ ପୋଲିସ ଏକ ମାମଲା (ନଂ. ୨୪୬/୨୨)ରୁଜୁ କରି ତଦନ୍ତ ଚଳାଇଛି। ସେମାନଙ୍କ ପାଖରୁ ୧୨ଟି ବ୍ଲାଡରରେ ୨୪୦ଲିଟର ରନ୍ଧା ଦେଶୀମଦ ସହ ୨ ମୋବାଇଲ ଫୋନ୍ ଜବତ କରିଛି। ଆଠଗଡରୁ ଭୁବନେଶ୍ୱର ମଦ ଚାଲାଣ ଖବରପାଇ ପୋଲିସ ମଙ୍ଗଳବାର ରାତିରେ ନରାଜ ନଦୀବନ୍ଧରେ ଜଗି ରହି ଏକ ଧଳା ରଙ୍ଗର କାର୍‌କୁ ଅଟକାଇ ଯାଞ୍ଚ କରିଥିଲା। ଗାଡି ପଛ ସିଟ୍‌ରୁ ୧୨ଟି ବ୍ଲାଡର ମଦ ମିଳିଥିଲା। ଏହି ସମୟରେ ଅଭିଯୁକ୍ତ ଦ୍ୱୟ ଖସିଯିବାକୁ ଚେଷ୍ଟାକରୁଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା। ତେବେ ୨୦୨୨ରେ ଏପର୍ଯ୍ୟନ୍ତ ବାରଙ୍ଗ ପୋଲିସ ୧୦ଟି ୨ଚକିଆ ଗାଡି ଓ ୬ଟି ୪ ଚକିଆ ଗାଡି ଦେଶୀ ମଦ ଚୋରା ଚାଲାଣବେଳେ ଜବତ କରିଥିବା ଥାନା ଅଧିକାରୀ ଆକାଶଚନ୍ଦ୍ର ରଣା କହିଛନ୍ତି।

# ବ୍ୟବସ୍ଥା ନ କରି ଜରିମାନା

ଭୁବନେଶ୍ୱର,୨୧।୯(ବ୍ୟୁରୋ)



## କଟକ ରୋଡ୍‌ରେ ପାର୍କିଂ ସମସ୍ୟା

- ରାସ୍ତା କଡ଼ରୁ ଗାଡ଼ି ଉଠାଇ ନିଆଯାଉଛି
- କୌଣସି ସ୍ଥାନରେ ପାର୍କିଂ ସାଇନ୍ ବୋର୍ଡ ନାହିଁ

ରାଜଧାନୀରେ ଦିନକୁ ଦିନ ଜନସଂଖ୍ୟା ସହ ଗାଡ଼ିସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଫଳରେ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ବିଶେଷକରି ଭୁବନେଶ୍ୱରର କଟକ ରୋଡ୍‌ରେ କୌଣସି ସ୍ଥାନରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ସାଧାରଣ ଲୋକ ଜରିମାନା ଗଣି ହଇରାଣ ହେଉଛନ୍ତି। ବିଭିନ୍ନ ସମୟରେ ଟ୍ରାଫିକ୍ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ମୋଟା ଅଙ୍କର ଜରିମାନା ନିଆଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। କଟକ ରୋଡ୍‌ର ରସୁଲଗଡ଼ରୁ କଳ୍ପନା ପର୍ଯ୍ୟନ୍ତ ଏକାଧିକ ଶପିଂ ମଲ୍, ଦୋକାନ, ବ୍ୟାଙ୍କ, ମେଡିକାଲ୍ ଓ ବେସରକାରୀ କାର୍ଯ୍ୟାଳୟ ଆଦି ରହିଛି। ତେଣୁ ପ୍ରତ୍ୟେକ ଦିନ ଏହି ରାସ୍ତାରେ ଗହଳି ହୋଇଥାଏ। ଉକ୍ତ ସ୍ଥାନକୁ ପ୍ରତ୍ୟେକ ଦିନ ଯାଉଥିବା ଲୋକମାନେ ବମିଖାଲ୍ ଓଭରବ୍ରିଜ୍ ତଳେ କେହି କେହି କାର୍ ଓ ବାଇକ ଆଦି ପାର୍କିଂ କରୁଥିବାବେଳେ ଝାରପଡ଼ା ଓଭରବ୍ରିଜ ତଳେ ମଧ୍ୟ କିଛି ଗାଡ଼ି ପାର୍କିଂ କରୁଛନ୍ତି। ହେଲେ ଅନ୍ୟ ସ୍ଥାନଗୁଡ଼ିକରେ ଗାଡ଼ି ରଖିବାକୁ କୌଣସି ପାର୍କିଂ ବ୍ୟବସ୍ଥା ରହି ନ ଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ପାର୍କିଂ ସାଇନିଂ ବୋର୍ଡ ମଧ୍ୟ କେଉଁଠାରେ ଲଗାଯାଇନାହିଁ। ଫଳରେ ଲୋକମାନେ ବାଧ୍ୟ ହୋଇ ରାସ୍ତାକଡ଼ରେ ଗାଡ଼ି ପାର୍କିଂ କରୁଛନ୍ତି। ପାର୍କିଂ ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହାକୁ ପ୍ରଶାସନ ପକ୍ଷରୁ ସମାଧାନ କରାଯିବା ପରିବର୍ତ୍ତେ ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ସାଧାରଣଲୋକଙ୍କ ଠାରୁ ଜରିମାନା ନିଆଯାଉଛି। ଗତ ସୋମବାର ସନ୍ଧ୍ୟାରେ ଟ୍ରାଫିକ୍ ପୋଲିସ ପକ୍ଷରୁ ହଠାତ୍ କଟକ ରୋଡ୍‌ରେ ଚଢ଼ାଉ କରାଯାଇଥିଲା। କ୍ରେନ୍ ସାହାଯ୍ୟରେ ଏକାଧିକ କାର୍ ଏବଂ ବାଇକ୍‌କୁ ପୋଲିସ ଉଠାଇ ନେଇଥିଲା। ହେଲେ ଏନେଇ ଗାଡ଼ି ଚାଳକମାନେ ଜାଣିପାରି ନ ଥିଲେ। ସେମାନେ ରାସ୍ତାକୁ ଆସି ଗାଡ଼ି ନ ଦେଖି ଚିନ୍ତାରେ ପଡ଼ିଥିଲେ। କାର୍ ମାଲିକ ସାର୍ଥକ ମହାପାତ୍ରଙ୍କ କହିବା ହେଲା, ବ୍ୟାଙ୍କ କାର୍ଯ୍ୟରେ ଆସିଥିଲି। ଲକ୍ଷ୍ମୀସାଗର ଅଞ୍ଚଳରେ ପାର୍କିଂ ପାଇଁ କୌଣସି ସୂଚନା ଫଳକ ନ ଥିବାରୁ ରାସ୍ତା ପାର୍ଶ୍ୱରେ ଗାଡ଼ି ରଖି ଅଫିସ୍‌କୁ ଯାଇଥିଲି। ହେଲେ କିଛି ସମୟ ପରେ ବାହାରକୁ ଆସି ଦେଖିବା ବେଳକୁ ଗାଡ଼ି ନ ଥିବାରୁ ଚିନ୍ତାରେ ପଡ଼ି ଯାଇଥିଲି। ପରେ ସ୍ଥାନୀୟ ଲୋକଙ୍କୁ ପଚାରିବାରୁ ଗାଡ଼ିକୁ ଟ୍ରାଫିକ୍ ପୋଲିସ ନେଇଯାଇଥିବା ଜାଣିବାକୁ ପାଇଥିଲି। ପରେ ଜରିମାନା ଦେଇ ଗାଡ଼ି ମୁକୁଳାଇଲି। ତେବେ ପାର୍କିଂ ବ୍ୟବସ୍ଥା ନ କରି ଲୋକଙ୍କ ଠାରୁ ଏଭଳି ଜରିମାନା ନେବା ଠିକ ନୁହେଁ ବୋଲି ସେ କହିଛନ୍ତି। ଏଠି ପ୍ରଶ୍ନ ଉଠୁଛି, ଯଦି କଟକ ରୋଡ୍‌ରେ ଜଣେ ସାଧାରଣ ଲୋକ କାର୍ କିମ୍ବା ବାଇକ ନେଇଯିବେ, ତେବେ ଏହାକୁ ସେ କେଉଁଠି ପାର୍କିଂ କରିବେ। ସେଠାରେ ପାର୍କିଂ ବ୍ୟବସ୍ଥା ନ ଥିବା ସତ୍ତ୍ୱେ ସାଇନିଂ ବୋର୍ଡ ମଧ୍ୟ ଲଗାଯାଇ ନାହିଁ। ଏଭଳି ସ୍ଥିତିରେ ଟ୍ରାଫିକ୍ ପୋଲିସ ପକ୍ଷରୁ ଗାଡ଼ି ଉଠାଯାଇ ଜରିମାନା ଲଗାଇବା ଘଟଣା ସାଧାରଣ ଲୋକ ଗ୍ରହଣ କରିପାରୁ ନାହାନ୍ତି। ଏନେଇ ଟୁଇନ୍‌ସିଟି ଟ୍ରାଫିକ୍ ଡିସିପି ଠାକୁର ପ୍ରସାଦ ପାତ୍ର କହିଛନ୍ତି, ରାସ୍ତା ପାର୍ଶ୍ୱରେ ପାର୍କିଂ ନିୟମ ବିରୁଦ୍ଧ। ସବୁ ସ୍ଥାନରେ ପାର୍କିଂ ସାଇନିଂ ବୋର୍ଡ ଲଗାଯାଇ ପାରିବା ସମ୍ଭବ ନୁହେଁ। ଗାଡ଼ି ଚାଳକମାନେ ଏସବୁ ନିୟମ ବିଷୟରେ ଜାଣିବା ଦରକାର। ସାଇନିଂ ବୋର୍ଡ ଲଗାଇବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବିଏମ୍‌ସିକୁ କୁହାଯାଇଛି। ରାସ୍ତା କଡ଼ରେ ଥିବା ହ୍ୱାଇଟ୍ ମାର୍କିଂ ଭିତରେ ଲୋକମାନେ ଗାଡ଼ି ପାର୍କିଂ କରିପାରିବେ ବୋଲି ଡିସିପି ପାତ୍ର କହିଛନ୍ତି।

## ଶ୍ରୀଲିଙ୍ଗରାଜଙ୍କ ବିବାଦୀୟ ଜମିରେ ସ୍ଥଗିତାଦେଶ



ପୁରୁଣା ଭୁବନେଶ୍ୱର, ୨୧।୯(ଡି.ଏନ୍.ଏ.)

ଭୀମପୁର ମୌଜାରେ ଥିବା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଏକ ବିବାଦୀୟ ଜମିରେ ଦେବୋତ୍ତର କମିଶନର ସ୍ଥଗିତାଦେଶ ଜାରି କରିଛନ୍ତି। ଭୀମପୁର ମୌଜାରେ ଥିବା ଶ୍ରୀଜୀଉଙ୍କ ଅଧ ଏକରରୁ ଉର୍ଦ୍ଧ୍ୱ ଏହି ଜମିର ମୂଲ୍ୟ ପ୍ରାୟ ୪କୋଟି ଟଙ୍କା ହେବ। ଉକ୍ତ ଜମିକୁ ଜଣେ ବ୍ୟକ୍ତି ବିକ୍ରି କରିଦେଇଥିଲେ। ଏହା ଜାଣିବା ପରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଜାନୁଆରୀ ୧୦ ରେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅଭିଯୋଗକୁ ଗୁରୁତର ସହ ନେଇ ତହସିଲଦାର ଉକ୍ତ ଜମିକୁ କିଣିଥିବା ମହିଳାଙ୍କ ପଟ୍ଟା ରଦ୍ଦ କରିଥିଲେ। ଏହା ସତ୍ତ୍ୱେ ମହିଳା ଜଣକ ପୂର୍ବବତ ଠାକୁରଙ୍କ ଜମିରେ କାର୍ଯ୍ୟ ଜାରି ରଖିଥିଲେ। ପୁଣି ମଞ୍ଚ ପକ୍ଷରୁ ଦେବୋତ୍ତର କମିଶନରଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ମାତ୍ର ଆଇନଗତ ଅଭିଯୋଗ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଥିଲା। ପରେ ଏନେଇ ମଞ୍ଚ ଅଧ୍ୟକ୍ଷ ଭୀଷ୍ମନାରାୟଣ ନାୟକ ଏକ ପିଟିଶନ ଦାୟର କରିଥିଲେ। ଏ ନେଇ ଠାକୁରଙ୍କ ଜମିରେ କମିଶନର ଏସ୍.କେ. ରଥ ସ୍ଥଗିତାଦେଶ ଜାରି କରିଛନ୍ତି।




ଜାତୀୟ ରାଜପଥରୁ ହାଇଟେକ୍ ହସ୍ପିଟାଲ ପର୍ଯ୍ୟନ୍ତ କୂଆଖାଇ ନଦୀ ପାର୍ଶ୍ୱ ରାସ୍ତା ସମ୍ପ୍ରସାରଣ ପାଇଁ ବୁଧବାର ଉଚ୍ଛେଦ କରାଯାଉଛି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର ୨୧।୯(ବ୍ୟୁରୋ)

### ହତ୍ୟା ଅଭିଯୋଗ ଆଣିଲେ ବାପା

- ଯୌତୁକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ
- ମୃତା ସୁମିତ୍ରା ଗର୍ଭବତୀ ସୂଚନା
- ସ୍ୱାମୀ, ଦିଅର ଅଟକ

ଭୁବନେଶ୍ୱର କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୫ସ୍ଥିତ ସରକାରୀ ବାସଭବନରେ ରହୁଥିବା ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ଅଞ୍ଚଳର ସୁମିତ୍ରା କାଟିଆ(୨୩)। ବୁଧବାର କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୁମିତ୍ରା ଓଢ଼ଣୀ ଦ୍ୱାରା ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ସ୍ୱାମୀ ଗଣେଷ କାଟିଆ ପୋଲିସକୁ କହିଛନ୍ତି। ଅନ୍ୟପକ୍ଷରେ ଝିଅର ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ବୁଧବାର ସୁମିତ୍ରାଙ୍କ ବାପା ହରିହର ବେହେରା ଥାନାରେ ଯୌତୁକ ନିର୍ଯାତନା ସହ ହତ୍ୟା ଅଭିଯୋଗ ଆଣିଛନ୍ତି। ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି, ସୁମିତ୍ରାଙ୍କ ଶ୍ୱଶୁରଘର ଲୋକ ଯୌତୁକ ମାଗୁଥିଲେ। ଏଥିପାଇଁ ପରିବାରର ସମସ୍ତେ ତାଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ଦେଉଥିଲେ। ଏଥିରେ ଦିଅର ଅଜିତଙ୍କ ଭୂମିକା ଅଧିକ ରହିଥିଲା। ସମସ୍ତେ ସୁମିତ୍ରାକୁ ହତ୍ୟା କରି ଟାଙ୍ଗି ଦେଇଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ପୋଲିସ ଯୌତୁକ ବିରୋଧୀ ଆକ୍ଟ ସହ ଦଫା ୪୯୮ (ଏ), ୩୦୪ (ବି), ୩୦୨, ୩୪ ଆଇପିସିରେ ଏକ ମାମଲା (ନଂ.୫୨୮/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ସ୍ୱାମୀ ଗଣେଷ ଓ ଦିଅର ଅଜିତଙ୍କୁ ଅଟକ ରଖି ମାମଲା ସଂକ୍ରାନ୍ତରେ ପଚରାଉଚରା କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ଖଣ୍ଡପଡ଼ା ଅଞ୍ଚଳର ଗଣେଶଙ୍କ ସହ ସୁମିତ୍ରାଙ୍କ ୨ବର୍ଷ ତଳେ ବିବାହ ହୋଇଥିଲା। ଗଣେଶଙ୍କ ବାପା ଜଣେ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ହୋଇଥିବାରୁ ସେମାନେ ସରକାରୀ ବାସଭବନରେ ରହୁଥିଲେ। କିଛିଦିନ ହେଲା ଶାଶୁ ଓ ଶ୍ୱଶୁର ଗାଁକୁ ଚାଲିଯାଇଥିଲେ। ମଙ୍ଗଳବାର ଦିଅର ଓ ସ୍ୱାମୀ ନ ଥିଲେ। ସନ୍ଧ୍ୟାରେ ସ୍ୱାମୀ ଗଣେଶ ଘରକୁ ଫେରି ସୁମିତ୍ରା ଫ୍ୟାନ୍‌ରେ ଝୁଲୁଥିବା ଦେଖିଥିଲେ। ତୁରନ୍ତ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଶାଶୁଘର ଲୋକେ କହିଛନ୍ତି।

## ଟାଉନ୍ ଭେଣ୍ଡିଂ କମିଟିର ବୈଧତାକୁ ନେଇ ମାମଲା

ଭୁବନେଶ୍ୱର,୨୧।୯(ବ୍ୟୁରୋ)

### ରାଜ୍ୟ ସରକାରଙ୍କ ସହ ୧୪ଜଣଙ୍କୁ ହାଇକୋର୍ଟଙ୍କ ନୋଟିସ

ଉଠାଦୋକାନୀ ଟାଉନ୍ ଭେଣ୍ଡିଂ କମିଟିର ବୈଧତାକୁ ନେଇ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ୍ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ବୁଧବାର ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରାଯାଇଛି। ଏହାର ଶୁଣାଣି କରି ହାଇକୋର୍ଟ ଭୁବନେଶ୍ୱର ମହାନଗର ନିଗମ ସମେତ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ, ଭୁବନେଶ୍ୱର ଡିସିପି, ବିଏମ୍‌ସି ପ୍ଲାନିଂ, ଲିଡ୍ ବ୍ୟାଙ୍କ, ବିଏମ୍‌ସିର ୧୨ ନମ୍ବର କର୍ପୋରେଟର ଜୟନ୍ତୀ ସାହୁ, ସୁଶାନ୍ତ ଦାସ, ଗୟାଧର ସ୍ୱାଇଁ, ସିଫାର ମନୋଜ କୁମାର ସ୍ୱାଇଁ, ସନ୍ଧ୍ୟାରାଣୀ ସେଠୀ, ବିଜୟ କୁମାର ଦାସ, ଧୀରେନ୍ଦ୍ର କୁମାର ସ୍ୱାଇଁ, ବିଏମ୍‌ସି ଡେପୁଟି କମିଶନରଙ୍କ ସମେତ ୧୪ଜଣଙ୍କୁ ନୋଟିସ୍ ଜାରି କରିଛନ୍ତି। କେନ୍ଦ୍ରୀୟ ଉଠାଦୋକାନୀ ଆଇନରେ ଦି ଷ୍ଟ୍ରିଟ୍ ଭେଣ୍ଡର୍ସ (ପ୍ରୋଟେକ୍ସନ ଅଫ୍ ଲାଇଭ୍‌ଲି ହୁଡ୍ ଆଣ୍ଡ ରେଗୁଲେଶନ ଅଫ୍ ଷ୍ଟ୍ରିଟ୍ ଭେଣ୍ଡିଂ ଆକ୍ଟ, ୨୦୧୪ର ଚାପ୍ଟର-୭ ଅନୁସାରେ ଟାଉନ ଭେଣ୍ଡିଂ କମିଟିରେ ୪୦ ପ୍ରତିଶତ ଉଠାଦୋକାନୀ ପ୍ରତିନିଧି ରହିବେ। ମାତ୍ର ରାଜ୍ୟ ସରକାରଙ୍କ ଉଠାଦୋକାନୀ ଆଇନରେ ମାତ୍ର ୪ଜଣ ପ୍ରତିନିଧି ରହିବାକୁ ନେଇ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ୍ ସୁରକ୍ଷା ଟ୍ରଷ୍ଟର ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ ବିଶ୍ୱଜିତ ମହାନ୍ତି ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପିଟିଶନ ଉପରେ ବହୁ ବିଚାର ବିମର୍ଷ କରିବା ସହ ପିଟିଶନଟିର ଯଥାର୍ଥ ରହିଛି ବୋଲି ମନେ କରି ଏହି ୧୪ଜଣଙ୍କୁ ନୋଟିସ ଜାରି କରିଛନ୍ତି। ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ନିରଞ୍ଜନ ପଣ୍ଡା ଓ ଟ୍ରଷ୍ଟ ତରଫରୁ ଆଡ୍‌ଭୋକେଟ ରାମଦାସ ଆଚାର୍ଯ୍ୟ, ଆଡ୍‌ଭୋକେଟ ଦେବୀଦତ୍ତ ମହାପାତ୍ର ମାମଲା ପରିଚାଳନା କରିଥିଲେ।

## ପୋଷଣ ଆହାର ସମ୍ପର୍କିତ କର୍ମଶାଳା

ଭୁବନେଶ୍ୱର,୨୧।୯(ବ୍ୟୁରୋ)

ଶିଶୁ ଓ ଛୋଟ ପିଲାମାନଙ୍କର ପୋଷଣ ଆହାର ସମ୍ବନ୍ଧୀୟ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ବୁଧବାର ସ୍ଥାନୀୟ ସିୱାଇଏସ୍‌ଏଡି ଟ୍ରେନିଂ ହଲଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ସମସ୍ତ ଜିଲା ଓ ବ୍ଲକସ୍ତରୀୟ ଜନସ୍ୱାସ୍ଥ୍ୟ ଅଧିକାରୀମାନେ ଯୋଗଦେଇଥିଲେ । ଏହି କର୍ମଶାଳାରେ ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅମରେନ୍ଦ୍ରନାଥ ମହାନ୍ତି ଏବଂ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଡ. ବିଜୟ ପାଣିଗ୍ରାହୀ ପୌରୋହିତ୍ୟ କରି ଶିଶୁ ଓ ଛୋଟ ପିଲାମାନଙ୍କର ପୋଷଣ ଆହାର ଅଭ୍ୟାସରେ ପରିବର୍ତ୍ତନ ଆଣିବା ଦିଗରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ କୁମାର ପାଢ଼ୀ, ଡ. ପୁଷ୍ପାଞ୍ଜଳି ମିଶ୍ର, ଡ. ସନ୍ଦୀପନା ପତି, ଡ. ସ୍ମୃତିଜିତ ପଟ୍ଟନାୟକ, ୟୁନିସେଫର ପୋଷଣ ବିଶେଷଜ୍ଞ ସୌରଭ ଭଟାଚାର୍ଯ୍ୟ ପ୍ରମୁଖ ଯୋଗଦାନ କରି ଶିଶୁ ପୋଷଣ ଆହାର ଦିଗରେ ସର୍ବଭାରତୀୟ ସ୍ତରରେ ଓଡିଶାର ସ୍ଥିତି ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଚାଇଲ୍‌ଡ ଇନ୍ ନିଡ୍ ଇନ୍‌ଷ୍ଟିଚ୍ୟୁଟ (ସିନି)ର ଷ୍ଟେଟ ପ୍ରୋଗ୍ରାମ ମ୍ୟାନେଜର ଶାଶ୍ୱତୀ ମହାପାତ୍ର କର୍ମଶାଳା ପରିଚାଳନା କରିଥିଲେ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ୟୁନିସେଫର ମିଳିତ ଆନୁକୂଲ୍ୟରେ ତଥା ସିନି ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ୫-ଟି ସ୍କୁଲରେ ଜମୁଛି ପାଣି



ବାଲିଅନ୍ତା,୨୧।୯(ଡି.ଏନ୍.ଏ.)

### ପାଣିରେ ପଶି ଯାତାୟାତ କରୁଛନ୍ତି ଛାତ୍ରୀଛାତ୍ର

ବାଲିଅନ୍ତା ହାଇସ୍କୁଲକୁ ୫-ଟି ଅଧୀନରେ ରୂପାନ୍ତରଣ କରାଯାଇଛି। କିନ୍ତୁ ବିଦ୍ୟାଳୟ ପରିସର ଓ ପ୍ରବେଶ ପଥ ଅସରାଏ ବର୍ଷା ପାଣିରେ ଜଳମଗ୍ନ ହୋଇପଡୁଛି। ବୁଧବାର ଲଘୁଚାପ ଜନିତ ଲଗାଣ ବର୍ଷାରେ ବିଦ୍ୟାଳୟ ପରିସରରେ ପାଣି ଜମି ରହିଥିଲା। ଫଳରେ ଛାତ୍ରୀଛାତ୍ରଙ୍କୁ ପାଣି ଭିତରେ ପଶି ଯିବାଆସିବା କରିବାକୁ ପଡୁଛି। ଗତ ୭୨ ବର୍ଷ ଏହି ପୁରାତନ ସ୍କୁଲ ଦେଢ ବର୍ଷ ତଳେ ସ୍ମାର୍ଟ ସ୍କୁଲରେ ପରିଣତ ହୋଇଛି। କିନ୍ତୁ ବର୍ଷା ପାଣି ନିଷ୍କାସନର ବ୍ୟବସ୍ଥା କରାଯାଇ ନ ଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପାଣିରେ ପଶି ଯାତାୟାତ କରିବା ଫଳରେ ଛାତ୍ରୀଛାତ୍ରଙ୍କ ଜୋତା ଭିଜି ପାଦରେ ଲାଗୁଛି। ଫଳରେ ଜୋତା ନଷ୍ଟ ହେବା ସହ ପାଦ କୁଣ୍ଡାଇ ହେଉଥିବା ଅଭିଭାବକ ବାବୁଲା ନାୟକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଭବାନୀ କୁମାରୀ ମହାପାତ୍ରଙ୍କୁ ପଚାରିବାରେ, ବିଦ୍ୟାଳୟ ସମ୍ମୁଖ ରାସ୍ତା ଉଚ୍ଚା ହେବା ପରେ ରାସ୍ତାର ମଇଳା ପାଣି ବିଦ୍ୟାଳୟ ଭିତରକୁ ପ୍ରବେଶ କରୁଛି। ଫଳରେ ସେହି ପାଣି ପାଦରେ ଲାଗି ପାଦ କୁଣ୍ଡାଇ ହେଉଛି। ଏନେଇ ସେ ସ୍ଥାନୀୟ ଲୋକ ପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି। ଏଥିସହ ସେ ବିଦ୍ୟାଳୟ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରି ବିଦ୍ୟାଳୟ ପ୍ରବେଶ ପଥକୁ ଉଚ୍ଚା କରିବେ ବୋଲି କହିଛନ୍ତି।

## ଓଡ଼ିଆ ଭାଷା ଓ ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ

### ସଂସ୍କୃତି ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୧।୯(ବ୍ୟୁରୋ)



ଅତିଥିମାନେ ପରିଷଦ ତରଫରୁ ପ୍ରକାଶିତ ସ୍ମରଣିକା 'ସଂସ୍କୃତି ଦର୍ପଣ'କୁ ଉନ୍ମୋଚନ କରୁଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ ଯୋଗଦେଇ କହିଛନ୍ତି, ସଂସ୍କୃତି ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ବର୍ଷସାରା ସବୁବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ସାଂସ୍କୃତିକ ଦଳ ପ୍ରେରଣ ଓ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିଥାନ୍ତି । ଓଡ଼ିଆ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସେମାନେ ସମୟ ବାହାର କରି ସାଂସ୍କୃତିକ ପରିଷଦ ମାଧ୍ୟମରେ ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ଅତ୍ୟନ୍ତ ଆନନ୍ଦର ବିଷୟ। ସମ୍ମାନିତ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇଥିଲେ। ବିଭାଗୀୟ ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ ଯୋଗଦେଇ ଆମର ଭାଷା ଓ ସାହିତ୍ୟ ଆମର ସଂସ୍କୃତି ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି ମତ ଦେଇଥିଲେ। ଏହି ଉପଲକ୍ଷେ ପରିଷଦ ତରଫରୁ ଏକ ନାଟକ 'ଏ ଦୁନିଆ ସ୍ୱାର୍ଥପର' ଅନୁଷ୍ଠିତ ହୋଇଥିଲା । ଜୀବନ ଧର୍ମୀ କାହାଣୀ ସମ୍ପର୍କିତ ଏହି ନାଟକକୁ ଗୋଲକ ମହାରଣା ରଚନା କରିଥିବା ବେଳେ ହରେନ୍ ସାହୁ ନିର୍ଦ୍ଦେଶନା ଦେଇଥିଲେ। ପରିଷଦର ସଭାପତି ମାଥିୟାସ ତିର୍କୀ ୧୯୭୯ ମସିହାରୁ ସ୍ଥାପିତ ଏହି ସାଂସ୍କୃତିକ ପରିଷଦ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ପ୍ରୟାସ ଜାରି ରଖିଥିବା କହିଥିଲେ । ପରିଷଦ ତରଫରୁ ପ୍ରକାଶିତ ସ୍ମରଣିକା 'ସଂସ୍କୃତି ଦର୍ପଣ' ଉନ୍ମୋଚିତ ହୋଇଥିଲା। ଉପସ୍ଥାପକ ଡ.ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବିଭାଗର ସମସ୍ତ ପଦାଧିକାରୀ ଏବଂ ପରିଷଦର ସମ୍ପାଦକ ମୃତ୍ୟୁଞ୍ଜୟ ଦଳବେହେରା ଉପସ୍ଥିତ ଥିଲେ ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବୟନିକା ପକ୍ଷରୁ ୧୯ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା-୨୦୨୨, ଏକାମ୍ର ହାଟ ଓ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା ୩୦।
- ସାମାଜିକ ନ୍ୟାୟ ଆନ୍ଦୋଳନର ଯୁବ ସଂଗ୍ରାମୀ ବୀର କିଶୋର ପରିଡାଙ୍କ ବିୟୋଗରେ ଶୋକସଭା, ସମାଜବାଦୀ ପାର୍ଟି ରାଜ୍ୟ କାର୍ଯ୍ୟାଳୟ, ଲୋହିଆ ଭବନ, ଅପରାହ୍ନ ୫ଟା ୩୦।
- ୮ମ ରାଷ୍ଟ୍ରୀୟ ଏକକ-ନାଟକ ଉତ୍ସବ 'ଏକା', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ

- ଜାତୀୟସ୍ତରୀୟ ସମ୍ମିଳନୀ, ଶ୍ରୀଶ୍ରୀ ୟୁନିଭର୍ସିଟି, ପୂର୍ବାହ୍ନ ୧୦ଟା।

## ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ ବାତିଲ

ଭୁବନେଶ୍ୱର,୨୧।୯ (ବ୍ୟୁରୋ) : ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ବିଳାସପୁର ରେଳମଣ୍ଡଳର ରାଇଗଡ଼ ଓ ଝାରସୁଗୁଡା ରେଳ ସେକ୍ସନ ଅନ୍ତର୍ଗତ ଇବ୍ ଷ୍ଟେଶନରେ ଚତୁର୍ଥ ଲାଇନ କାର୍ଯ୍ୟକ୍ଷମ ପାଇଁ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥରୁ ଛାଡୁଥିବା କିମ୍ବା ଆସୁଥିବା କେତେକ ଟ୍ରେନ୍ ଚଳାଚଳ ପ୍ରଭାବିତ ହେବ। ଭୁବନେଶ୍ୱରଠାରୁ ଚଳିତ ମାସ ୨୨, ୨୬ ଓ ୨୯ରେ ଏବଂ ମୁମ୍ବାଇ ଏଲଟିଟିଠାରୁ ଆସନ୍ତା ୨୪, ୨୮ ଏବଂ ଅକ୍ଟୋବର ୧ରେ ଛାଡିବାକୁ ଥିବା ୧୨୮୮୦ /୧୨୮୭୯ ଭୁବନେଶ୍ୱର-ଏଲଟିଟି- ଭୁବନେଶ୍ୱର ଏକ୍ସପ୍ରେସ ବାତିଲ ରହିବ। ପୁରୀରୁ ଆସନ୍ତା ୨୭ ତାରିଖରେ ଏବଂ ମୁମ୍ବାଇ ଏଲଟିଟିଠାରୁ ୨୯ ତାରିଖରେ ଛାଡିବାକୁ ଥିବା ୨୨୮୬୬/୨୨୮୬୫ ପୁରୀ-ଏଲଟିଟି-ପୁରୀ ଏକ୍ସପ୍ରେସ ବାତିଲ ରହିବ। ସେହିଭଳି ବିଶାଖାପାଟନମ୍‌ଠାରୁ ଆସନ୍ତା ୨୩,୨୪ ଏବଂ ୨୭ ତାରିଖରେ ଏବଂ ଅମୃତସରରୁ ୨୪,୨୫ ଏବଂ ୨୮ ତାରିଖରେ ଛାଡିବାକୁ ଥିବା ୨୦୮୦୭/୨୦୮୦୮ ବିଶାଖାପାଟନମ୍-ଅମୃତସର-ବିଶାଖାପାଟନମ୍ ହୀରାକୁଦ୍ ଏକ୍ସପ୍ରେସ ବାତିଲ ରହିବ। ଏହାସହ କେତେକ ଟ୍ରେନର ମାର୍ଗ ପରିବର୍ତ୍ତନ ହେବ। ଭାସ୍କୋ-ଡା-ଗାମାଠାର ଆସନ୍ତା ୨୩ ତାରିଖରେ ଏବଂ ଜସିଡିହଠାରୁ ୨୬ ତାରିଖରେ ଛାଡିବାକୁ ଥିବା ୧୭୩୨୧/୧୭୩୨୨ ଭାସ୍କୋ-ଡା-ଗାମା-ଜସିଡିହ-ଭାସ୍କୋ-ଡା-ଗାମା ଉଭୟ ପାର୍ଶ୍ୱରୁ ଏହାର ନିର୍ଦ୍ଧାରିତ ମାର୍ଗ ପରିବର୍ତ୍ତେ ସିକନ୍ଦରାବାଦ-ବିଜୟୱାଡା-ଭୁବନେଶ୍ୱର-ନାରାଜ ମାର୍ଥାପୁର-ସମ୍ବଲପୁର ସିଟି ଓ ଝାରସୁଗୁଡା ମାର୍ଗଦେଇ ଚଳାଚଳ କରିବ ବୋଲି ସୂଚନା ଦିଆଯାଇଛି।

# ଅସୁରକ୍ଷିତ ମୋ ବସ୍ ଯାତ୍ରା

ଭୁବନେଶ୍ୱର,୨୧।୯ (ବ୍ୟୁରୋ)

## କ୍ୟାନ୍‌ସର ପୀଡ଼ିତଙ୍କ ୧୫ ହଜାର ଟଙ୍କା ଚୋରି



ମୋ ବସ୍‌ରେ ବଢୁଛି ଚୋରି, ଲୁଟ୍। ଅସୁରକ୍ଷିତ ହେଉଛି ଯାତ୍ରା। ବିଗତ ଦିନରେ ଏକାଧିକ ଘଟଣା ଘଟିଥିବାବେଳେ ଏବେ ଚୋରିର ଶିକାର ହୋଇଛନ୍ତି ଜଣେ କ୍ୟାନ୍‌ସର ପୀଡିତ। ସେ ହେଲେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁରର ଆନନ୍ଦ ଗୌଡ଼। କେହି ଦୁର୍ବୃତ୍ତ ତାଙ୍କ ପକେଟରୁ ୧୫ହଜାର ଟଙ୍କା ଚୋରାଇ ନେଇଛନ୍ତି। ଫଳରେ ସେ ଚିକିତ୍ସାରୁ ବଞ୍ଚିତ ହୋଇ ଭୁବନେଶ୍ୱରଠାରେ ଅଟକି ରହିଛନ୍ତି। ଆନନ୍ଦ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ବୁଧବାର ଘରୁ ଏକ ଘରୋଇ ବସ୍‌ରେ ଆସି ଭୁବନେଶ୍ୱର ବରମୁଣ୍ଡାରେ ପହଞ୍ଚିଥିଲେ। ସେଠାରୁ ୧୯ ନମ୍ବର ମୋ ବସ୍‌ରେ ଚଢି କଟକର ଉକ୍ତ ହସ୍ପିଟାଲକୁ ଯାଉଥିଲେ। ଚିକିତ୍ସା ପାଇଁ ଆଣିଥିବା ୧୫ହଜାର ଟଙ୍କା ପକେଟରେ ରଖିଥିଲେ। କିନ୍ତୁ ଆଚାର୍ଯ୍ୟବିହାର ଓ ବାଣୀବିହାର ମଧ୍ୟରେ ତାଙ୍କ ପକେଟରୁ ଟଙ୍କା ଚୋରି ହୋଇଯାଇଥିବା ନେଇ ବସ୍ କଣ୍ଡକ୍ଟରଙ୍କୁ ଜଣାଇଥିଲେ। ବସ୍ କର୍ମଚାରୀଙ୍କ ପକ୍ଷରୁ ପୋଲିସକୁ ଜଣାଇ ଦିଆଗଲା। ବସ୍‌ଟିକୁ ତୁରନ୍ତ ସେଠାରେ ଅଟକାଇ ଯାଞ୍ଚ କରାଯାଇ ନ ଥିଲା। ତେବେ ରସୁଲଗଡ ଛକରେ ବସ୍‌ଟି ପହଞ୍ଚିବା ପରେ ପିସିଆର୍ ପୋଲିସ ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ପଚରାଉଚରା କରିଥିଲା। ସେତେବେଳକୁ ବାଟରେ ବାଟରେ ବହୁ ଯାତ୍ରୀ ଓହ୍ଲାଇ ସାରିଥିଲେ। ପୁଣି ପୋଲିସ ଠିକ୍ ଭାବେ ଯାତ୍ରୀଙ୍କୁ ଯାଞ୍ଚ କରି ନ ଥିଲା। ଫଳରେ ଟଙ୍କା ନ ପାଇବାରୁ ପୋଲିସ ବସ୍‌ଟିକୁ ଛାଡିଦେଇଥିଲା। ଏପଟେ ପାଖରେ ଟଙ୍କା ନ ଥିବାରୁ ଆନନ୍ଦ ମଧ୍ୟ ଆଉ ଚିକିତ୍ସା ପାଇଁ କଟକ ଯାଇପାରି ନ ଥିଲେ। ରସୁଲଗଡ଼ ଛକରେ ବସ୍‌ରୁ ଓହ୍ଲାଇ ଏବେ ଟଙ୍କା ଫେରିପାଇବା ଆଶାରେ ଭୁବନେଶ୍ୱରରେ ରହିଛନ୍ତି।

### ଘଟିଥିବା ଆଉ କିଛି ଘଟଣା

କେବଳ ଆନନ୍ଦ ନୁହନ୍ତି, ପୂର୍ବରୁ ମଧ୍ୟ ମୋ ବସ୍‌ରେ ଅନେକ ଯାତ୍ରୀଙ୍କଠାରୁ ମୋବାଇଲ, ପର୍ସ, ଟଙ୍କା ଆଦି ଚୋରି ହୋଇଥିବା ନଜିର ରହିଛି। ସେପ୍ଟେମ୍ବର ୧୬ରେ ରୁଟ୍ ନଂ.୧୮ ବସ୍‌ରେ ଯାତ୍ରା କରୁଥିବା ପ୍ରଭାସ ରଞ୍ଜନ ନାମକ ଜଣେ ଯୁବକଙ୍କ ପକେଟରୁ ମୋବାଇଲ ଚୋରି ହୋଇଯାଇଥିଲା। ସେ ଫାୟାର ଷ୍ଟେଶନ ଛକରୁ ଉଠିବାର ମାତ୍ର କିଛି ସମୟ ପରେ ଏହି ଘଟଣା ଘଟିଥିଲା। ସେପ୍ଟେମ୍ବର ୧୪ରେ ସ୍ମିତାରାଣୀ ମଲ୍ଲିକ ମୋ ବସ୍‌ରେ ଯାତ୍ରା କରୁଥିବାବେଳେ ଜୟଦେବବିହାରରୁ ଇସ୍କନ ମନ୍ଦିର ମଧ୍ୟରେ ତାଙ୍କର ମୋବାଇଲ ଫୋନ୍ ଚୋରି ହୋଇଥିଲା। ଏନେଇ ସେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଜୁନ ୨୧ରେ ଜଣେ ଯୁବତୀ ତାଙ୍କ ମା'ଙ୍କୁ ମେଡିକାଲ ନେଇ ଯାଉଥିବାବେଳେ ମୋ ବସ୍‌ରେ ୨ଜଣ ନାବାଳିକା ତାଙ୍କ ବ୍ୟାଗରୁ ୧୦ ହଜାର ଟଙ୍କା ଚୋରି କରିନେଇଥିଲେ। ଏହା ଜାଣିବା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ କାବୁ କରାଯାଇ ଖଣ୍ଡଗିରି ଥାନା ଜିମା ଦିଆଯାଇଥିଲା। ହେଲେ ପୋଲିସ ଉଭୟଙ୍କୁ ନୋଟିସ ଦେଇ ଥାନାରୁ ଛାଡିଦେଇଥିଲା।

### ଭିଡ଼ ପାଇଁ ବଢୁଛି ଚୋରି

ଲୋକଙ୍କ ସୁରକ୍ଷିତ ଯାତ୍ରା ପାଇଁ ରାଜ୍ୟ ସରକାର ଭୁବନେଶ୍ୱର, କଟକ ଓ ପୁରୀରେ ମୋ ବସ୍ ଚଳାଚଳ ବ୍ୟବସ୍ଥା କରିଛନ୍ତି। ବିଭିନ୍ନ ରୁଟ୍‌ରେ ବର୍ତ୍ତମାନ ୨୦୦ରୁ ଅଧିକ ମୋ ବସ୍‌ରେ ପ୍ରତିଦିନ ହଜାର ହଜାର ଲୋକ ଯାତ୍ରା କରୁଛନ୍ତି। ସହରାଞ୍ଚଳ ଯାତ୍ରୀ ସେବା କ୍ଷେତ୍ରରେ ମୋ ବସ୍ ପରିଚାଳନା କରୁଥିବା କ୍ରୁଟ୍‌କୁ ଜାତୀୟ ପୁରସ୍କାର ମିଳିଛି। ହେଲେ ବାରମ୍ବାର ଚୋରି ଓ ଲୁଟ୍ ଘଟଣା ମୋ ବସ୍ ଯାତ୍ରାକୁ ଅସୁରକ୍ଷିତ କରିଦେଉଛି। ସିସିଟିଭି ରହିଥିଲେ ମଧ୍ୟ ଅସାମାଜିକ କାର୍ଯ୍ୟ ଚାଲୁଛି। ଦୁର୍ବୃତ୍ତମାନେ ଆଖି ପିଛୁଳାକେ ଯାତ୍ରୀଙ୍କ ଟଙ୍କା, ମୋବାଇଲ୍ ଆଦି ସାମଗ୍ରୀ ନେଇ ପଳାଉଛନ୍ତି। କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ ହେଉଥିବାରୁ ଭିଡ଼ର ସୁଯୋଗ ନେଇ ଏପରି ଅସାମାଜିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ପୁଣି ଲୁଟ୍ କିମ୍ବା ଚୋରି ନେଇ ଅଭିଯୋଗ ହେବା ମାତ୍ରେ ବସ୍ ଅଟକାଇ ଯାଞ୍ଚ କରାଯାଉ ନାହିଁ। ଏଭଳି କିଛି ମାସ ହେବ ମୋ ବସରୁ ଚୋରି ହେଉଥିଲେ ମଧ୍ୟ ଉଭୟ କ୍ରୁଟ ଓ ପୋଲିସର ଶିଥିଳତା ପାଇଁ ଲୁଟେରାମାନେ ଖସି ଯାଉଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ଏନେଇ କ୍ରୁଟର ଅଧିକାରୀ ଦୀପ୍ତି ମହାପାତ୍ର କହିଛନ୍ତି, ମୋ ବସରେ ସିସିଟିଭି କାମ କରୁଛି। ଯଦି ଲୁଟ୍‌ର କିଏ ବି ଶିକାର ହେଉଛି, ଆମେ ଯାଞ୍ଚ ପାଇଁ ସହଯୋଗ କରୁଛୁ। ପୋଲିସ ଯେତେବେଳେ ବି ଚାହୁଁଛି, ଆମେ ସହଯୋଗ କରୁଛୁ ବୋଲି ସେ କହିଛନ୍ତି।




ହାସ୍ୟ ଅଭିନେତା ରାଜୁ ଶ୍ରୀବାସ୍ତବଙ୍କ ବିୟୋଗରେ ପୁରୀ ବେଳାଭୂମିରେ ବୁଧବାର ଅନ୍ତର୍ଜାତୀୟ ଶିଳ୍ପୀ ମାନସ ସାହୁ ବାଲୁକା କଳା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୋନାଲି



@ ଆଶୁତୋଷ



@ କାହ୍ନା



@ ବଳରାମ



@ ଶୁଭଶ୍ରୀ

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍‌ଫି ଉଠାଇ ପଠାନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍‌ଫି ଉଠାଇବା ଅନୁଚିତ।

# ରାଜ୍ୟ ସରକାରଙ୍କୁ ଜଣାଇବାକୁ ନିର୍ଦ୍ଦେଶ

### ଜରୁରିକାଳୀନ ପରିସ୍ଥିତିର ରାଜବନ୍ଦୀଙ୍କୁ ସରକାରୀ ସହାୟତା ମାମଲା

କଟକ ଅଫିସ,୨୧।୯:

୧୯୭୫-୧୯୭୭ ମଧ୍ୟରେ ଦେଶର ଜରୁରିକାଳୀନ ପରିସ୍ଥିତିରେ ଜେଲ୍‌ଦଣ୍ଡ ଭୋଗିଥିବା ଓଡ଼ିଶାର ରାଜବନ୍ଦୀମାନଙ୍କୁ ସରକାରୀ ସହାୟତା ଯୋଗାଇଦେବା ସମ୍ପର୍କିତ ଆବେଦନର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ହାଇକୋର୍ଟ ଶୁଣାଣି କରି ରାଜ୍ୟ ସରକାରଙ୍କ ନିକଟରେ ଏନେଇ ଆବେଦନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଜରୁରିକାଳୀନ ପରିସ୍ଥିତିରେ ରାଜବନ୍ଦୀ ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ବଲାଙ୍ଗୀରର ସୀତାରାମ ଶତପଥୀ, ଢେଙ୍କାନାଳର ପ୍ରଶାନ୍ତ ମିଶ୍ରଙ୍କ ସମେତ ରମେଶ ଅଲ୍ଲିବେଶାନ୍ତ, ରାଜୁ ସିଂଙ୍କର ଆବଶ୍ୟକ ସ୍ୱାସ୍ଥ୍ୟସେବା ଅଭାବରୁ ମୃତ୍ୟୁ ଘଟିଛି। ଯେଉଁମାନେ ଜୀବିତ ଅଛନ୍ତି ସେମାନଙ୍କୁ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ହୋଇଥିବା ଆବେଦନ ଉପରେ ହାଇକୋର୍ଟ ନିର୍ଦ୍ଦିଷ୍ଟ ଭାବେ ତାଲିକା ଜାଣିବାକୁ ଚାହିଁଥିଲେ। ହେଲେ ସରକାରଙ୍କ ପାଖରେ ଏପରି କୌଣସି ତାଲିକା ନାହିଁ ବୋଲି ଅଦାଲତରେ ଦର୍ଶାଯାଇଥିଲା। ବିହାର, ମଧ୍ୟପ୍ରଦେଶରେ ଜରୁରିକାଳୀନ ପରିସ୍ଥିତିରେ ରାଜବନ୍ଦୀମାନଙ୍କୁ ରାଜ୍ୟ ସରକାର ଭତ୍ତା ଯୋଗାଇ ଦେଉଥିବାବେଳେ ଓଡ଼ିଶାରେ ଅନୁରୂପ ଭାବେ ପ୍ରଦାନ କରାଯିବାକୁ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ କେଉଁମାନେ ଅସୁବିଧାରେ ପଡ଼ିଛନ୍ତି ସେନେଇ ନିର୍ଦ୍ଦିଷ୍ଟ ଭାବେ ରାଜ୍ୟ ସରକାରଙ୍କ ନିକଟରେ ଆବେଦନ କରିବାକୁ ହାଇକୋର୍ଟ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି। ଏଥିରେ ମୁଖ୍ୟ ଶାସନ ସଚିବ, ଗୃହ ସଚିବ ଓ ଆଇଜି (ପ୍ରିଜନ୍)ଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ସୁନୀଲ ନାୟକ ମାମଲା ପରିଚାଳନା କରିଥିଲେ।

# ପ୍ରଥମ ତିନିଦିନ ଇଣ୍ଡକ୍ସନ କ୍ଲାସ୍

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

### ଆଜିଠୁ ଯୁକ୍ତ୨ ପାଠପଢ଼ା

ରାଜ୍ୟରେ ଗୁରୁବାରଠାରୁ ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ପ୍ରଥମ ବର୍ଷ ପିଲାଙ୍କ କ୍ଲାସ ଆରମ୍ଭ ହେବ। ପ୍ରଥମ ତିନିଦିନ ଅର୍ଥାତ୍ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଇଣ୍ଡକ୍ସନ କ୍ଲାସ୍ ହେବ। ଏ ନେଇ ବୁଧବାର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଇଣ୍ଡକ୍ସନ କ୍ଲାସ୍‌ରେ କ'ଣ କରାଯିବ ସେ ନେଇ ମଧ୍ୟ ପରାମର୍ଶ ଦିଆଯାଇଛି। କଳା, ବାଣିଜ୍ୟ, ବିଜ୍ଞାନ ଆଦି ବିଭାଗ ଅନୁଯାୟୀ ଅଲଗା ଅଲଗା ଇଣ୍ଡକ୍ସନ କ୍ଲାସ୍ କରିବାକୁ କୁହାଯାଇଛି। ନୂଆ ଛାତ୍ରୀଛାତ୍ରଙ୍କୁ ସ୍କୁଲ ଅଧ୍ୟକ୍ଷ ବା ସିନିୟର ଫାକଲ୍‌ଟି ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ନିଜ ଶିକ୍ଷାନୁଷ୍ଠାନ ବିଷୟରେ ସୂଚନା ଦେବେ। ପ୍ରତ୍ୟେକ ବିଷୟର ଶିକ୍ଷକମାନେ ନିଜ ପରିଚୟ ଦେବେ। ପାଠ୍ୟକ୍ରମ, ପରୀକ୍ଷା, ପ୍ରଶ୍ନ ନମୁନା ଓ ସମୟସୂଚୀ ସମ୍ପର୍କରେ ପିଲାଙ୍କୁ ସୂଚନା ଦିଆଯିବ। ଏଥିସହିତ ର୍‍ୟାଗିଂ କ'ଣ ବିପଦ ଆଣିପାରେ ଓ ଶିକ୍ଷାନୁଷ୍ଠାନର କ'ଣ ନିୟମ ରହିଛି ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯିବ।

ସୂଚନାଯୋଗ୍ୟ, ରାଜ୍ୟର ୨,୦୬୫ ଉଚ୍ଚ ମାଧ୍ୟମିକ ସ୍କୁଲରେ ବର୍ତ୍ତମାନ ସୁଦ୍ଧା ୩,୭୪,୭୫୦ ଛାତ୍ରୀଛାତ୍ର ନାମଲେଖାଇଛନ୍ତି। ମୋଟ ୫,୦୭,୮୨୨ ସିଟ୍ ଥିବାବେଳେ ୧,୩୩,୦୭୨ ସିଟ୍ ବଳକା ପଡ଼ିଛି। କଳାରେ ୩୯,୨୨୯ ସିଟ୍, ବିଜ୍ଞାନରେ ୫୭,୬୨୭ ଏବଂ ବାଣିଜ୍ୟରେ ୨୨,୮୮୭ ସିଟ୍ ଖାଲି ରହିଛି। ଏହା ବ୍ୟତୀତ ସଂସ୍କୃତରେ ୭,୩୨୪ ଓ ଧନ୍ଦାମୂଳକ ଶିକ୍ଷାରେ ୬,୦୦୫ ସିଟ୍ ବଳକା ରହିଛି। ତେଣୁ ରାଜ୍ୟ ସରକାର ଚଳିତବର୍ଷ ପ୍ରଥମଥର ପାଇଁ ଯୁକ୍ତ୨ ନାମଲେଖା ଲାଗି ଆଉଥରେ ଆବେଦନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ଆବେଦନ ପ୍ରକ୍ରିୟା ୨୭ ତାରିଖ ରାତି ୧୧ଟା ୫୫ରେ ଶେଷ ହେବ। ଅକ୍ଟୋବର ୧ ଅପରାହ୍ନ ୨ଟାରେ ମେଧା ତାଲିକା ପ୍ରକାଶ ପାଇବ। ଅକ୍ଟୋବର ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ସକାଳ ୯ଟାରୁ ଅପରାହ୍ନ ୫ଟା ମଧ୍ୟରେ ମନୋନୀତ ଛାତ୍ରୀଛାତ୍ର ନାମଲେଖାଇବେ। ୧୮ ତାରିଖ ଅପରାହ୍ନ ୨ଟାରେ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରେ ସ୍ପଟ୍ ନାମଲେଖା ପାଇଁ ତାଲିକା ପ୍ରକାଶ ପାଇବ। ସମ୍ପୂର୍ଣ୍ଣ ନାମଲେଖା ସରିଲାବେଳକୁ ଅକ୍ଟୋବର ୨୧ ହୋଇଯିବ। ତେଣୁ ବର୍ତ୍ତମାନ ଯେଉଁ ସାଢ଼େ ତିନିଲକ୍ଷ ଛାତ୍ରୀଛାତ୍ର ନାମ ଲେଖାଇ ସାରିଛନ୍ତି ସେମାନଙ୍କ ପାଠପଢ଼ା ଯେପରି ବ୍ୟାହତ ନ ହୁଏ, ସେଥିପାଇଁ ୨୨ରୁ କ୍ଲାସ୍ ଆରମ୍ଭ କରାଯିବ ବୋଲି ମଙ୍ଗଳବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଥିଲେ।




କଣ୍ଟ୍ରାକ୍ଟୁଆଲ ଆଉଟ୍‌ସୋର୍ସିଂ ଓ ଡାଟାଏଣ୍ଟ୍ରି ଅପରେଟରଙ୍କୁ ସ୍ଥାୟୀ କରିବା, ୧୮ମାସରେ ବକେୟା ମହଙ୍ଗାଭତ୍ତା ପ୍ରଦାନ ଆଦି ବିଭିନ୍ନ ଦାବି ନେଇ ଓଡ଼ିଶା ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ନିର୍ମାଣ ସୌଧ ସମ୍ମୁଖରେ କେନ୍ଦ୍ରୀୟ ସମାବେଶ ଅବସରରେ ବିକ୍ଷୋଭ।



ସିନ୍ଧୁଜା ପ୍ରକାଶନୀ ପକ୍ଷରୁ ଭୁବନେଶ୍ୱର ଗୀତଗୋବିନ୍ଦ ସଦନରେ ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ପୁସ୍ତକ 'ଅନୁଭବରୁ ଅନୁଭୂତି'କୁ ଉନ୍ମୋଚନ କରୁଛନ୍ତି।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଅଷ୍ଟମ ରାଷ୍ଟ୍ରୀୟ ଏକକ ନାଟକ ଉତ୍ସବରେ ପରିବେଷିତ ନାଟକ 'ଅନାମର ଆତ୍ମଲିପି'ର ଏକ ଦୃଶ୍ୟ।

# ୨୯୭ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ବରଗଡ଼ ଅଫିସ୍‌,୨୧।୯**

ବରଗଡ଼ ଜିଲାରେ ନିଶା କାରବାର ବଢ଼ିବାରେ ଲାଗିଛି। ବରଗଡ଼ ଦେଇ ପଡ଼ୋଶୀ ଛତିଶଗଡ଼ ପଟକୁ ଗଞ୍ଜେଇ ଚାଲାଣ ନିତିଦିନିଆ ଘଟଣା ହୋଇଗଲାଣି। ତେବେ ଜିଲାରେ ବ୍ରାଉନ ସୁଗର ଭଳି ନିଶାଦ୍ରବ୍ୟ କାରବାର ବ୍ୟାପିବାକୁ ଆରମ୍ଭ କଲାଣି। ବୁଧବାର ଜିଲା ଅବକାରୀ ବିଭାଗ ବରଗଡ଼ ସହରରେ ବ୍ରାଉନ ସୁଗର କାରବାର ଠାବ କରିଛି। ସ୍ଥାନୀୟ ମହାନ୍ତିପଡ଼ାର ରାଜୁ ତାଣ୍ଡିଙ୍କ ଘରେ ଅତର୍କିତ ଚଢ଼ାଉ କରି ୨୯୭ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ରାଜୁଙ୍କ ପାଖରୁ ନଗଦ ୧ଲକ୍ଷ ୨ହଜାର ଟଙ୍କା ଜବତ ହୋଇଥିବା ଅବକାରୀ ସୂଚନା ଦେଇଛି।



ଭୁବନେଶ୍ୱରରେ ଗୁରୁବାର ମଧ୍ୟାହ୍ନରେ ହୋଇଥିବା ପ୍ରବଳ ବର୍ଷା।

# ଭଲ ବର୍ଷିଲା ଦକ୍ଷିଣ ପଶ୍ଚିମ ମୌସୁମୀ

**ଭୁବନେଶ୍ୱର,୨୧।୯(ବ୍ୟୁରୋ)**

- ୫ ଜିଲାରେ ଅତ୍ୟଧିକ, ୨୫ ଜିଲାରେ ସ୍ୱାଭାବିକ
- କନ୍ଧମାଳରେ ସର୍ବାଧିକ ୫୧%

ଚଳିତ ମୌସୁମୀ ଋତୁରେ ରାଜ୍ୟକୁ ଭଲ ବର୍ଷା ମିଳିଛି। ଦକ୍ଷିଣ ପଶ୍ଚିମ ମୌସୁମୀର ଓଡ଼ିଶା ଉପରେ ଶୁଭଦୃଷ୍ଟି ରହିଛି। ରାଜ୍ୟରେ ବର୍ଷା ସ୍ୱାଭାବିକଠାରୁ ୫% ଅଧିକ ହୋଇଛି। କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ମଧ ହୋଇଛି। ଆଉ କେତେକ ଜିଲାରେ ସ୍ୱାଭାବିକଠାରୁ ଅଧିକ ହୋଇଛି। କୌଣସି ଜିଲାରେ ନିଅଣ୍ଟିଆ ବର୍ଷା ହୋଇନାହିଁ।

ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ସେପ୍ଟେମ୍ବର ୨୧ ମଧ୍ୟରେ ରାଜ୍ୟର ୨୫ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୫ ଜିଲାରେ ଅତ୍ୟଧିକ ବର୍ଷା ହୋଇଛି। ଏହି ସମୟରେ କନ୍ଧମାଳରେ ରାଜ୍ୟର ସର୍ବାଧିକ ବୃଷ୍ଟିପାତ ହୋଇଛି। ଏହି ଜିଲାରେ ୧୧୦୦.୬ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୧୬୬୪.୯ ମିଲିମିଟର। ସ୍ୱାଭାବିକଠାରୁ ୫୧ ପ୍ରତିଶତ ଅଧିକ ହୋଇଛି। ସେହିପରି କୋରାପୁଟରେ ସ୍ୱାଭାବିକ ବର୍ଷା ୧୧୯୭.୧ ମିଲିମିଟର ହେବାକୁ ଥିବାବେଳେ ହୋଇଛି ୧୫୨୩.୮ ମିଲିମିଟର। ଏହି ଜିଲାରେ ୨୭ ପ୍ରତିଶତ ଅଧିକ ହୋଇଛି। ବୌଦ୍ଧରେ ସ୍ୱାଭାବିକ (୯୯୧.୬ ମି.ମି)ଠାରୁ ୩୩ ପ୍ରତିଶତ, ଗଜପତିରେ ୨୪ ପ୍ରତିଶତ ଓ ଢେଙ୍କାନାଳରେ ୨୨ ପ୍ରତିଶତ ଅଧିକ ବର୍ଷା ହୋଇଛି। ସେହିପରି ନୟାଗଡ଼ରେ ସ୍ୱାଭାବିକଠାରୁ ୧୭, ରାୟଗଡ଼ା ୧୭, ସୁନ୍ଦରଗଡ଼ ୧୪, ଦେବଗଡ଼ ୧୨, ଜଗତ୍‌ସିଂହପୁର ୧୧, ଗଞ୍ଜାମରେ ୧୧ ପ୍ରତିଶତ ଅଧିକ ବର୍ଷା ହୋଇଛି। ଚଳିତ ବର୍ଷ ଓଡ଼ିଶାରେ ସ୍ୱାଭାବିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା। ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ମୌସୁମୀ ପ୍ରତ୍ୟାବର୍ତ୍ତନ କରିବା ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ରାଜ୍ୟକୁ ଆହୁରି ବର୍ଷା ମିଳିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଅଞ୍ଚଳରେ କାଁ ଭାଁ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# କର୍ତ୍ତବ୍ୟନିଷ୍ଠ ସାମ୍ବାଦିକ ଖବରକୁ ଅତିରଞ୍ଜିତ କରନ୍ତି ନାହିଁ: ଅନୁରାଗ ଠାକୁର

**ନୂଆଦିଲ୍ଲୀ,୨୧।୯**

ଏସିଆ - ପ୍ରଶାନ୍ତ ମହାସାଗରୀୟ ପ୍ରସାରଣ ଉନ୍ନୟନ ପ୍ରତିଷ୍ଠାନ (ଏଆଇବିଡି)ର ୪୭ତମ ବାର୍ଷିକ ସମ୍ମିଳନୀ ଏବଂ ୨୦ତମ ସାଧାରଣ ସମ୍ମିଳନୀକୁ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ମଙ୍ଗଳବାର ନୂଆଦିଲ୍ଲୀଠାରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଠାକୁର କହିଛନ୍ତି, ମୁଖ୍ୟ ସ୍ରୋତରେ ଥିବା ଗଣମାଧ୍ୟମ ପାଇଁ ନୂତନ ଡିଜିଟାଲ ପ୍ଲାଟଫର୍ମ କୌଣସି ଆହ୍ୱାନ ସୃଷ୍ଟି କରୁନାହିଁ ବରଂ ଗଣମାଧ୍ୟମ ନିଜ ପାଇଁ ନିଜେ ଏକ ବଡ଼ ବିପଦ। ବାସ୍ତବ ସାମ୍ବାଦିକତା ସତ୍ୟର ଉନ୍ମୋଚନ କରେ ଏବଂ ଗଣମାଧ୍ୟମଗୁଡ଼ିକ ସେହି ସତ୍ୟକୁ ପ୍ରକାଶ କରିବା ଉଚିତ୍। ବିଶେଷକରି କର୍ତ୍ତବ୍ୟନିଷ୍ଠ ସାମ୍ବାଦିକମାନେ କେବେ ଖବରକୁ ଅତିରଞ୍ଜିତ କରି ପ୍ରସାରଣ କରନ୍ତି ନାହିଁ। ହେଲେ ଅନେକ ସମୟରେ ଗଣମାଧ୍ୟମରେ ହେଉଥିବା ଆଲୋଚନାରେ ସବୁକଥାକୁ ଏକପାଖିଆ ବିଶ୍ଳେଷଣ କରୁଥିବା ଏବଂ ମିଛ କଥା କହୁଥିବା ସାମ୍ବାଦିକମାନେ ଏହାର ବିଶ୍ୱସନୀୟତାକୁ ନଷ୍ଟ କରୁଛନ୍ତି। ଦର୍ଶକମାନଙ୍କ ଚକ୍ଷୁରେ ଆଲୋଚନାର ଅତିଥି ଓ ସେମାନଙ୍କ ଗର୍ଜନର ଦୃଶ୍ୟ ଗଣମାଧ୍ୟମର ବିଶ୍ୱସନୀୟତାର ମୂଲ୍ୟାୟନ ହୋଇଯାଉଛି। କିଛି ସମୟ ପାଇଁ ଏହି ଦୃଶ୍ୟ ଦେଖିବାକୁ ଦର୍ଶକ ଅଟକି ରହୁଛନ୍ତି, କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ଚ୍ୟାନେଲର ଉପସ୍ଥାପକ, ଚ୍ୟାନେଲ ଲୋକଙ୍କ ବିଶ୍ୱାସ ହରାଉଛନ୍ତି ବୋଲି ଠାକୁର କହିଛନ୍ତି।

**ମୟଙ୍କ ଅଗ୍ରୱାଲଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର- ୨୦୨୨**




ଉପସ୍ଥିତ ଗଣମାଧ୍ୟମ ମାଲିକମାନଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀ କହିଛନ୍ତି, କୌଣସି ଖବରକୁ ଉପସ୍ଥାପନା ସମୟରେ ଅତିଥି, ଆଲୋଚକ ଏବଂ ଚ୍ୟାନେଲର ବିଶ୍ୱସନୀୟତାକୁ ଦୃଷ୍ଟିରେ ରଖିବା ଉଚିତ। ଅନେକ ସମୟରେ କେତେକ ଚ୍ୟାନେଲରେ ଉଚ୍ଚ ସ୍ୱର ଏବଂ ଅତିରଞ୍ଜିତ କରି ଖବର ଉପସ୍ଥାପନ କରାଯାଉଥିବାରୁ ତାକୁ ଯୁବଗୋଷ୍ଠୀ ବନ୍ଦ କରି ଅନ୍ୟ ଚ୍ୟାନେଲ ଦେଖିବାକୁ ଚାହୁଁଛନ୍ତି। ତେଣୁ ଖବର ଠିକ୍ ଭାବେ ଉପସ୍ଥାପନା ହେବା ଜରୁରୀ। କରୋନା ମହାମାରୀ ସମୟରେ ଗଣମାଧ୍ୟମଗୁଡ଼ିକ ଲୋକଙ୍କୁ ଧରି ରଖିବା ସହ ପରସ୍ପର ସହ ସଂଯୋଗ ରକ୍ଷା କରି ମହାମାରୀର ପ୍ରକୋପରୁ ଲୋକଙ୍କୁ ସୁରକ୍ଷା ଦେଇଥିବାରୁ ଏଆଇବିଡିର ପ୍ରଶଂସା କରିଛନ୍ତି। ଏହି ସଂଗଠନର ସଦସ୍ୟ ରାଷ୍ଟ୍ରମାନେ କୋଭିଡ୍ ସମ୍ପର୍କିତ ତଥ୍ୟର ଆଦାନ ପ୍ରଦାନ ଦ୍ୱାରା ବହୁଳ ଭାବେ ଲାଭବାନ ହୋଇଛନ୍ତି। ଏହି ଅବସରରେ ଏଆଇବିଡିର ନିର୍ଦ୍ଦେଶକ ଫିଲୋମେନା, ପ୍ରସାର ଭାରତୀର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ସାଧାରଣ ସମ୍ମିଳନୀର ଅଧ୍ୟକ୍ଷ ମୟଙ୍କ ଅଗ୍ରୱାଲ ଏବଂ ଏସିଆ - ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ କୋଭିଡ ମହାମାରୀ ବିରୋଧରେ ଲଢୁଥିବା ସଦସ୍ୟ ଦେଶଗୁଡ଼ିକୁ ଶୁଭେଚ୍ଛା ଜଣାଇଛନ୍ତି।

ଏହି ସମ୍ମିଳନୀରେ 'ମହାମାରୀ ପରବର୍ତ୍ତୀ ସମୟରେ ପ୍ରସାରଣର ସୁଦୃଢ଼ ଭବିଷ୍ୟତ ନିର୍ମାଣ' ଉପରେ ଆଲୋଚନା ହୋଇଥିଲା। ସାମ୍ବାଦିକତାର ମୁଖ୍ୟ ସ୍ରୋତରେ ପ୍ରସାରଣ ଗଣମାଧ୍ୟମଗୁଡ଼ିକ ରହିଥିଲେ ମଧ କୋଭିଡ୍-୧୯ ଏହାର ନୀତି ନିର୍ଦ୍ଧାରଣ ପରିସରକୁ ନୂତନ ରୂପ ଦେଇଛି ବୋଲି ମନ୍ତ୍ରୀ ଠାକୁର କହିଥିଲେ। ସମୟଭିତ୍ତିକ ନିର୍ଭୁଲ୍ ସୂଚନା ଦ୍ୱାରା କୋଟି କୋଟି ଜୀବନ ରକ୍ଷା କରାଯାଇପାରିବା ଶିଖାଇଛି। ବିପଦ ସମୟରେ ସମଗ୍ର ବିଶ୍ୱକୁ ଗୋଟିଏ ମଞ୍ଚରେ ଏକତ୍ର କରି ବିଶ୍ୱ ପରିବାର ଅବଧାରଣା କୋଭିଡ୍-୧୯ ଶିଖାଇଛି। ସହଯୋଗ ମାଧ୍ୟମରେ ବିଶ୍ୱର ସଂସ୍କୃତି ସବୁ ଦେଶର ନିକଟତର ହୋଇପାରିବ ଏବଂ ଲୋକଙ୍କ ମଧ୍ୟରେ ଦୃଢ଼ ଆସ୍ଥାସ୍ଥାପନ ହୋଇପାରିବ। ଏସବୁ ଦ୍ୱାରା ଗଣମାଧ୍ୟମଗୁଡ଼ିକ ବିଶ୍ୱସନୀୟ ହେବା ସହ ସୁଦୃଢ଼ ସଂଗଠନରେ ପରିଣତ ହୋଇପାରିବେ ବୋଲି ଠାକୁର କହିଛନ୍ତି।

ପ୍ରସାର ଭାରତୀର ମୁଖ୍ୟ କାର୍ଯ୍ୟନିର୍ବାହୀ ମୟଙ୍କ କହିଛନ୍ତି, ଲକ୍‌ଡାଉନ ସତ୍ତ୍ୱେ ଏଆଇବିଡି ସଦସ୍ୟ ରାଷ୍ଟ୍ରଗୁଡ଼ିକ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇପାରିଛି। ଜଳବାୟୁ ପରିବର୍ତ୍ତନ, ସବୁଜ ଟେକ୍ନୋଲୋଜି, ଦୀର୍ଘସ୍ଥାୟୀ ପ୍ରଗତି ଭଳି ପ୍ରସଙ୍ଗକୁ ନେଇ ୩୪ଟି ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରିଛି ବୋଲି କହିଛନ୍ତି। ମନ୍ତ୍ରୀ ଅନୁରାଗ ଠାକୁର ଏହି ଉତ୍ସବରେ ୨୦୨୧ ଏବଂ ୨୦୨୨ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ରେଡିଓ, ଟେଲିଭିଜନ ବ୍ୟୁରୋଇକୁ ସମ୍ମାନ ପ୍ରଦାନ କରିଥିଲେ। ୨୦୨୧ ମସିହା ନିମନ୍ତେ ଜୀବନବ୍ୟାପୀ ସାଧନା ପାଇଁ କାମ୍ବୋଡିଆର ଖାଇୟୁ ଖାମ୍ବାରିଥ ଏବଂ ୨୦୨୨ ମସିହା ନିମନ୍ତେ ପ୍ରସାର ଭାରତୀର ସିଇଓ ମୟଙ୍କ ଅଗ୍ରୱାଲଙ୍କୁ ସମ୍ମାନିତ କରିଥିଲେ।

# ବଦଳିଲେ ନବରଙ୍ଗପୁର ଏଏସ୍‌ପି

**ନବରଙ୍ଗପୁର/ପାପଡ଼ାହାଣ୍ଡି, ୨୧।୯(ବି.ପ୍ର./ଡି.ଏନ୍.ଏ.)**

ନବରଙ୍ଗପୁର ଏଏସ୍‌ପି ଜୟକୃଷ୍ଣ ବେହେରାଙ୍କୁ କଟକକୁ ବଦଳି କରାଯାଇଛି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନାରେ ଖବରଦାତାଙ୍କୁ ମାଡ଼ ଓ ମହିଳାଙ୍କୁ ଅସଦାଚରଣ ଅଭିଯୋଗ ମାମଲାରେ ଏଏସ୍‌ପିଙ୍କ ବଦଳି ହୋଇଛି। ୧୪ ତାରିଖରେ ପାପଡ଼ାହାଣ୍ଡି ଥାନାରେ ବରଗଡ଼ ଅଞ୍ଚଳର ଜଣେ ବିବାହିତ ମହିଳାଙ୍କୁ ତାଙ୍କ ପରିବାର ଲୋକେ ଉଠାଇ ନେବାବେଳେ ପୋଲିସ ଉଦ୍ଧାରକରି ପାପଡ଼ାହାଣ୍ଡି ଥାନାକୁ ଆଣିଥିଲା। ପାପଡ଼ାହାଣ୍ଡି ଥାନାରେ ଉକ୍ତ ମହିଳାଙ୍କୁ ତାଙ୍କ ଅନିଚ୍ଛା ସତ୍ତ୍ୱେ ଏଏସ୍‌ପି ବଳ ପ୍ରୟୋଗକରି ଗାଡ଼ିରେ ବସାଇବା ସମୟରେ ଖବର ସଂଗ୍ରହ କରିବା ପାଇଁ ଯାଇଥିବା କେତେଜଣ ଖବରଦାତାଙ୍କୁ ସେ ମାଡ଼ ମାରିବା ଅଭିଯୋଗ ହୋଇଥିଲା। ଏହି ସମୟରେ ଜଣେ ମହିଳାଙ୍କୁ ଅସଦାଚରଣ କରିଥିବା ନେଇ ମଧ ତାଙ୍କ ବିରୋଧରେ ଅଭିଯୋଗ ଥିଲା।

# ଓଡ଼ିଶା-ଛତିଶଗଡ଼ ସୀମାନ୍ତରୁ ନଦୀ ସୁରକ୍ଷା ଅଭିଯାନ

**ଝାରସୁଗୁଡ଼ା ଅଫିସ,୨୧।୯**

ବିଶ୍ୱ ନଦୀ ଦିବସ ଉପଲକ୍ଷେ ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନ ଓଡ଼ିଶା-ଛତିଶଗଡ଼ ତରଫରୁ ଗତ ଅଗଷ୍ଟ ୭ରେ କଲିକତାଠାରେ ଜାତୀୟ ସ୍ତରୀୟ ନଦୀ ବଞ୍ଚାଅ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗତ ୧୦ରୁ ୨୫ତାରିଖ ବିଶ୍ୱ ନଦୀ ଦିବସ ପର୍ଯ୍ୟନ୍ତ ନଦୀ ବଞ୍ଚାଅ ସଚେତନତା ଅଭିଯାନ ପାଇଁ ନିଷ୍ପତ୍ତି ହୋଇଛି। ଏହି ଅନୁଯାୟୀ ଅଭିଯାନ ଆବାହକ ସୁଦର୍ଶନ ଛୋଟରାୟଙ୍କ ନେତୃତ୍ୱରେ ଏକ ୧୫ଜଣିଆ ଦଳ ଗତ ମଙ୍ଗଳବାର ଭୁବନେଶ୍ୱରରୁ ଆସି ଝାରସୁଗୁଡ଼ାରେ ପହଞ୍ଚିଛନ୍ତି। କର୍ମକର୍ତ୍ତା ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟ ଗୋଲେଇ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ନଦୀ ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି।

ଏହି ଅଭିଯାନ ଯାତ୍ରା ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜା ଛତିଶଗଡ ସୀମାନ୍ତବର୍ତ୍ତୀ ଓଡ଼ିଶାର ମହାନଦୀ ପ୍ରବେଶପଥ ସୁଖାଶୋଢା ଗ୍ରାମରେ ପହଞ୍ଚିଥିଲା। ସେଠାରେ




ଝାରସୁଗୁଡା ଗାନ୍ଧୀମୂର୍ତ୍ତି ନିକଟରୁ ସଚେତନତା ଅଭିଯାନ ଯାତ୍ରା ଆରମ୍ଭ ହୋଇଛି।

ନଦୀ ପ୍ରଭାବିତ ଗ୍ରାମବାସୀଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଖବରଦାତା ସମ୍ମିଳନୀରେ ଛୋଟରାୟ କହିଛନ୍ତି, ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ବିବାଦ ଦେଖାଦେଇଥିଲା। ୨୦୧୮ ମେ' ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁଖାଶୋଢା ଗ୍ରାମ ଗସ୍ତକରି ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହା ପାଣିର ଗାର ସଦୃଶ ହୋଇଛି। ଏହାଛଡା କେନ୍ଦ୍ର ସରକାର ୨୦୧୮ ଅଗଷ୍ଟ ୧୨ରେ ଏକ ଟ୍ରିବ୍ୟୁନାଲ ଗଠନ କରିଥିଲେ। ଇତିମଧ୍ୟରେ ସାଢେ ୪ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ସମସ୍ୟା ସମାଧାନ ହୋଇପାରିନାହିଁ। ଏହି ପରିପ୍ରେକ୍ଷୀରେ ମହାନଦୀ ବଞ୍ଚାଅ ଅଭିଯାନ ତରଫରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଡିସେମ୍ବର ୧୦ ବିଶ୍ୱ ମାନବ ଅଧିକାର ଦିବସ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଆବାହକ ଛୋଟରାୟ କହିଛନ୍ତି।

# ବେଦାନ୍ତ ବିଶ୍ୱବିଦ୍ୟାଳୟ ମାମଲାର ଶୁଣାଣି ସମାପ୍ତ

**ପୁରୀ ଅଫିସ,୨୧।୯**

**ସୁପ୍ରିମକୋର୍ଟରେ ହୋଇଥିଲା ମାମଲା**

ସୁପ୍ରିମକୋର୍ଟରେ ପୁରୀ-କୋଣାର୍କ ବେଳାଭୂମି ନିକଟରେ ପ୍ରସ୍ତାବିତ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ହଜାର ହଜାର ଏକର ଜମି ଅଧିଗ୍ରହଣକୁ ନେଇ ହୋଇଥିବା ମାମଲାର ୨୦ ତାରିଖ(ମଙ୍ଗଳବାର)ଠାରୁ ଶୁଣାଣି ଆରମ୍ଭ ହୋଇ ବୁଧବାର ସମାପ୍ତ ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ଏମ୍. ଆର୍. ଶାହା ଓ ଜଷ୍ଟିସ କୃଷ୍ଣ ମୁରାରୀଙ୍କ ଖଣ୍ଡପୀଠରେ ଏହି ଶୁଣାଣି ହୋଇଥିଲା। ପ୍ରଥମେ ଅନୀଲ ଅଗ୍ରୱାଲ ଫାଉଣ୍ଡେଶନ ପକ୍ଷରୁ ବରିଷ୍ଠ ଆଇନଜୀବୀ ଆର୍ଯ୍ୟମାନ ସୁନ୍ଦରମ ପ୍ରାୟ ୯୦ମିନିଟ ଧରି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ଜମି ଅଧିଗ୍ରହଣ ସପକ୍ଷରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଏହାପରେ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ଓ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ, ସଞ୍ଜୟ ପାରିଖ ମାନ୍ୟବର ଖଣ୍ଡପୀଠଙ୍କ ସମ୍ମୁଖରେ ପ୍ରାୟ ଦେଢ଼ ଘଣ୍ଟା ଧରି ଏହି ବିଶବିଦ୍ୟାଳୟ ପ୍ରତିଷ୍ଠା ଓ ଏଥିପାଇଁ ହୋଇଥିବା ଜମି ଗ୍ରହଣ ସମ୍ପୂର୍ଣ୍ଣ ବେଆଇନ ବୋଲି ଅନେକ ତଥ୍ୟ ସହ ତର୍କ ରଖିଥିଲେ। ଏଥିପାଇଁ ପ୍ରାୟ ୬ ହଜାର ପରିବାରର ୩୦ହଜାର ଲୋକ ନିଜର ଚାଷ ଜମି ହରାଇବା ସହ ସେମାନଙ୍କ ଜୀବିକା ଉଜୁଡ଼ିଯିବ। ବିଶ୍ୱବିଦ୍ୟାଳୟ ଉଦ୍ଦେଶ୍ୟ ନୁହେଁ, ବରଂ ପୁରୀ- କୋଣାର୍କ ବେଳାଭୂମି ନିକଟରେ ଥିବା ମୂଲ୍ୟବାନ ଜମିକୁ ଭିନ୍ନ ଭାବେ ବ୍ୟବହାର ଓ ବେପାର ହିଁ ଏକମାତ୍ର ଉଦ୍ଦେଶ୍ୟ। ଏହା ନିକଟରେ ଅଭୟାରଣ୍ୟ, ମୂଲ୍ୟବାନ ବାଲି ଓ ମଧୁର ଜଳର ଉତ୍ସ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବ ବୋଲି ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଫାଉଣ୍ଡେଶନ ଏପର୍ଯ୍ୟନ୍ତ କୌଣସି ସ୍ଥାନରେ ଏକ ଶିକ୍ଷାନୁଷ୍ଠାନ କରିବାର ଦୃଷ୍ଟାନ୍ତ ନ ଥିବା କଥା ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଥିଲେ। ଏଥିସହ ଜମି ଅଧିଗ୍ରହଣ ଆଇନ,



ପରିବେଶ ଆଇନ, ଫରେଷ୍ଟ ଆଇନ, କମ୍ପାନୀ ଆଇନ, ମାନବ ଅଧିକାର ଆଇନ ଇତ୍ୟାଦିର କିପରି ଉଲ୍ଲଂଘନ କରାଯାଇଛି, ସେ ସମ୍ପର୍କରେ ମଧ ସେ ଯୁକ୍ତି ରଖିଥିଲେ। ଆଇନଜୀବୀ ଚିନ୍ମୟ ମିଶ୍ର ଏହି ମାମଲାରେ ପ୍ରଶାନ୍ତ ଭୂଷଣଙ୍କୁ ସହାୟତା କରିଥିଲେ।

ମାନ୍ୟବର ଖଣ୍ଡପୀଠ ଅନୀଲ ଅଗ୍ରୱାଲ ଫାଉଣ୍ଡେଶନ, ଓଡ଼ିଶା ସରକାର ଓ ବେଦାନ୍ତ ବିଶ୍ୱବିଦ୍ୟାଳୟ ସଂଘର୍ଷ ସମିତି ପକ୍ଷରୁ ଜମି ହରାଇଥିବା ୧୧ଜଣ ଚାଷୀ, ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ପିଆଇଏଲ(ଜନସ୍ୱାର୍ଥ ମାମଲା) ସହ ୯ଟି ପିଟିଶନକୁ ଏକତ୍ର କରି ଶୁଣାଣି ଶେଷ ହୋଇଛି। ପ୍ରକାଶଥାଉକି, ଏହି ମାମଲା ୨୦୧୦ ମସିହାରୁ ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ରାୟ ବିରୋଧରେ ଅନୀଲ ଅଗ୍ରୱାଲ ଫାଉଣ୍ଡେଶନ ଓ ପରେ ଜବାବରେ ରାଜ୍ୟ ସରକାର ସର୍ବୋଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରିଥିଲେ। ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି, ଜମି ହରାଇଥିବା ଚାଷୀ ଓ ପୂର୍ବତନ ବିଧାୟକ ରଥଙ୍କ ପକ୍ଷରୁ ପ୍ରଶାନ୍ତ ଭୂଷଣଙ୍କ ସହ ଓକିଲ ସଞ୍ଜୟ ପାରିଖ ଓ ଚିନ୍ମୟ ମିଶ୍ର ଏହି ମାମଲା ପରିଚାଳନାରେ ସହଯୋଗ କରିଥିଲେ। ଏବେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଅପେକ୍ଷା।


## ନିର୍ବାଚନ ଅଧିକାରୀ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଖୋର୍ଦ୍ଧା

## ନିର୍ବାଚନ କାର୍ଯ୍ୟସୂଚୀର ବିଜ୍ଞାପନ

**ନୋଟିସ ସଂଖ୍ୟା-୧୦,** **ତା.୨୦.୦୯.୨୦୨୨**

ଓଡ଼ିଶା ସମବାୟ ସମିତି (କମିଟିର ନିର୍ବାଚନ) ନିୟମାବଳୀ, ୧୯୯୨ର ନିୟମ (୫) ଅନୁଯାୟୀ ଏବଂ ରାଜ୍ୟ ସମବାୟ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ନଂ.୨୫୬୩ SCEC/Election-II-୪/୨୦୨୨ ତା.୧୨.୦୮.୨୦୨୨ ରିଖରେ ପ୍ରଦତ୍ତ କ୍ଷମତା ବଳରେ ଆମ୍ଭେ ଶ୍ରୀ ମନୋଜ କୁମାର ପାଢ଼ୀ, OAS (SAG), ଅତିରିକ୍ତ ଜିଲ୍ଲାପାଳ ଖୋର୍ଦ୍ଧା ତଥା ନିର୍ବାଚନ ଅଧିକାରୀ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଖୋର୍ଦ୍ଧା, ସମସ୍ତ ସଭ୍ୟ/ସଭ୍ୟାଙ୍କ ଅବଗତି ନିମନ୍ତେ ଅନୁସୂଚୀ (କ) ପ୍ରକାରେ ନିର୍ବାଚନ କାର୍ଯ୍ୟକ୍ରମ ପ୍ରକାଶ କରୁଅଛୁ । ଉକ୍ତ ବ୍ୟାଙ୍କର ପରିଚାଳନା ପରିଷଦ ଗଠନ ନିମନ୍ତେ ୧୫ଟି ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ସଭ୍ୟ/ସଭ୍ୟାଙ୍କ ନିର୍ବାଚନ ଅନୁସୂଚୀ (ଖ) ପ୍ରକାରେ ଅନୁଷ୍ଠିତ ହେବ ।

**ଅନୁସୂଚୀ-(କ)**

| କ୍ର. ନଂ. | କାର୍ଯ୍ୟସୂଚୀ | ତାରିଖ | ସମୟ | ସ୍ଥାନ |
|---|---|---|---|---|
| ୧ | ପ୍ରାଥମିକ ଭୋଟର ତାଲିକା ପ୍ରକାଶନ (ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱତନ୍ତ୍ର ଭାବେ) | ୨୯.୦୯.୨୦୨୨ | ପୂର୍ବାହ୍ନ ୧୧ ଘଟିକା | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା ଏବଂ ସମସ୍ତ ଶାଖା କାର୍ଯ୍ୟାଳୟର ନୋଟିସ ବୋର୍ଡ |
| ୨ | ପ୍ରାଥମିକ ଭୋଟର ତାଲିକା ଉପରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରମାଣ ସହ ଲିଖିତ ଅଭିଯୋଗ ଦାଖଲ | ୩୦.୦୯.୨୦୨୨ ଠାରୁ ୦୩.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୩ | ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଅଭିଯୋଗର ଶୁଣାଣି ଓ ନିଷ୍ପତ୍ତି | ୦୬.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୪ | ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ | ୦୮.୧୦.୨୦୨୨ | ଅପରାହ୍ନ ଘ.୧୨.୩୦ ମିନିଟ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧାର ନୋଟିସ ବୋର୍ଡ |
| ୫ | ନିର୍ବାଚନ ଅଧିକାରୀଙ୍କ ନିକଟରେ ନିର୍ଦ୍ଧାରିତ ଫିସ୍ ଓ ଅମାନତ ସହ ମନୋନୟନ ପତ୍ର ଦାଖଲ | ୧୧.୧୦.୨୦୨୨ | ପୂର୍ବାହ୍ନ ଘ.୧୦.୩୦ମି ଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୬ | ମନୋନୟନ ପତ୍ରର ତାଲିକା ପ୍ରକାଶନ | ୧୧.୧୦.୨୦୨୨ | ଅପରାହ୍ନ ଘ.୫.୩୦ ମିନିଟ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧାର ନୋଟିସ ବୋର୍ଡ |
| ୭ | ମନୋନୟନ ପତ୍ର ଯାଞ୍ଚ ଓ ଏହା ଉପରେ ଉପଯୁକ୍ତ ପ୍ରମାଣ ସହ ଲିଖିତ ଅଭିଯୋଗ ଗ୍ରହଣ | ୧୩.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୮ | ଅଭିଯୋଗ ଉପରେ ନିର୍ବାଚନ ଅଧିକାରୀଙ୍କ ଶୁଣାଣି | ୧୪.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୯ | ଅଭିଯୋଗ ଖଣ୍ଡନ ଉପରେ ଶୁଣାଣି ଓ ନିର୍ବାଚନ ଅଧିକାରୀଙ୍କ ନିଷ୍ପତ୍ତି | ୧୫.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୧୦ | ସଠିକ ପ୍ରାର୍ଥୀ ତାଲିକା ପ୍ରକାଶନ (ଚିହ୍ନ ସହିତ) | ୧୬.୧୦.୨୦୨୨ | ଅପରାହ୍ନ ୩ ଘଟିକା | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧାର ନୋଟିସ ବୋର୍ଡ |
| ୧୧ | ମନୋନୟନ ପତ୍ର ପ୍ରତ୍ୟାହାର | ୧୭.୧୦.୨୦୨୨ | ପୂର୍ବାହ୍ନ ୧୦ ଘଟିକା ଠାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧା |
| ୧୨ | ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ସଂକେତ ସହ ପ୍ରକାଶନ | ୧୮.୧୦.୨୦୨୨ | ଅପରାହ୍ନ ୩ ଘଟିକା | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ଖୋରଧାର ନୋଟିସ ବୋର୍ଡ |
| ୧୩ | ଆବଶ୍ୟକ ସ୍ଥଳେ ଭୋଟ ଗ୍ରହଣ | ୩୦.୧୦.୨୦୨୨ | ପୂର୍ବାହ୍ନ ୭ ଘଟିକାଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବି.ଜେ.ବି.ଉଚ୍ଚ ବିଦ୍ୟାଳୟ, ଖୋରଧା |
| ୧୪ | ଭୋଟ ଗଣତି ଓ ଫଳାଫଳ ଘୋଷଣା | ୩୦.୧୦.୨୦୨୨ | ଭୋଟ ଗ୍ରହଣର ସମାପ୍ତି ପରେ | ବି.ଜେ.ବି.ଉଚ୍ଚ ବିଦ୍ୟାଳୟ, ଖୋରଧା |

**ଅନୁସୂଚୀ-(ଖ)**

**ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ପ୍ରାର୍ଥୀ ପରିଚାଳନା ପରିଷଦକୁ ନିର୍ବାଚିତ ହେବେ ।**

| ନିର୍ବାଚନ ମଣ୍ଡଳୀର ସଂଖ୍ୟା | କେଉଁ ବର୍ଗ ପାଇଁ ଉଦ୍ଦିଷ୍ଟ |
|---|---|
| ୧ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୨ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୩ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୪ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୫ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୬ | ଅନୁସୂଚିତ ଜାତି (Scheduled Caste) |
| ୭ | ମହିଳା (Women) |
| ୮ | ଅଣ ସଂରକ୍ଷିତ (Un Reserved) |
| ୯ | ଅଣ ସଂରକ୍ଷିତ (Un Reserved) |
| ୧୦ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ ମହିଳା (OBC/SEBC)(Women) |
| ୧୧ | ଅଣ ସଂରକ୍ଷିତ (Un Reserved) |
| ୧୨ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୩ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ ମହିଳା (OBC/SEBC)(Women) |
| ୧୪ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୫ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |

ବି.ଦ୍ର.(୧) ଚୂଡ଼ାନ୍ତ ଭୋଟର ତାଲିକାର କପି ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରୁ ପ୍ରାଧିକୃତ ଅଧିକାରୀଙ୍କଠାରୁ ନିର୍ଦ୍ଧାରିତ ମୂଲ୍ୟରେ ସଭ୍ୟ/ସଭ୍ୟାମାନେ କିଣିପାରିବେ ।

(୨) ଇଚ୍ଛୁକ ପ୍ରାର୍ଥୀମାନେ ଦରଖାସ୍ତ ସହ ଟ.୧୦/- ବ୍ୟାଙ୍କର ମୁଖ୍ୟ ଶାଖାରେ ଦାଖଲ କରି ବ୍ୟାଙ୍କର Establishment ବିଭାଗରୁ ମନୋନୟନ ପତ୍ର କ୍ରୟ କରିପାରିବେ ।

(୩) ସଂରକ୍ଷିତ ଆସନ (Reserved Seats) ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନେ ନିର୍ବାଚନ ଫିସ୍ ବାବଦକୁ ଟ.୧୨୦/- ଓ ଅମାନତ ବାବଦକୁ ଟ.୨୪୦/- ଓ ଅନ୍ୟାନ୍ୟ ଆସନ (Others Seats) ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ ନିର୍ବାଚନ ଫିସ୍ ବାବଦକୁ ଟ. ୬୦୦/- ଓ ଅମାନତ ବାବଦକୁ ଟ.୧୨୦୦/- ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଦାଖଲ କରି ଉକ୍ତ ରସିଦକୁ ମନୋନୟନ ପତ୍ର ସହ ଦାଖଲ କରିବେ (ମନୋନୟନ ପତ୍ର କ୍ରୟ ରସିଦ ଏଥିସହିତ ସଂଲଗ୍ନ କରାଯିବ) ।

(୪) ଭୋଟରମାନେ ଭୋଟଦାନ ସମୟରେ ଫଟୋ ଥିବା ପରିଚୟ ପତ୍ର ଯଥା : କିଷାନ କ୍ରେଡିଟ୍ କାର୍ଡ, ଫଟୋ ପରିଚୟ ପତ୍ର, ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପେନସନ ବହି କିମ୍ବା କେନ୍ଦ୍ର/ରାଜ୍ୟ ସରକାରଙ୍କ ପ୍ରଦତ୍ତ ଯେକୌଣସି ଫଟୋ ଥିବା ପରିଚୟ ପତ୍ର ଇତ୍ୟାଦି ଆଣିବେ ।

(୫) କୌଣସି ବ୍ୟକ୍ତି ଏକାଧିକ ସମିତିର ପ୍ରତିନିଧିତ୍ୱ କରୁଥିଲେ, କେବଳ ଗୋଟିଏ ସମିତି ପାଇଁ ନିର୍ବାଚନରେ ପ୍ରତିନିଧିତ୍ୱ କରିପାରିବେ, ତେଣୁ ସେ ଉକ୍ତ ସମିତିର ନାମ ଘୋଷଣା ପତ୍ର ମାଧ୍ୟମରେ ପ୍ରାଥମିକ ଭୋଟର ତାଲିକା ଉପରେ ଆପତ୍ତି ଅଭିଯୋଗ ସମୟରେ ଜଣାଇବେ, ନଚେତ ନିର୍ବାଚନ ଅଧିକାରୀ ଆଇନ ଅନୁସାରେ ନିଷ୍ପତ୍ତି ଗ୍ରହଣ କରିବେ ।

**ସ୍ୱା/-ଶ୍ରୀ ମନୋଜ କୁମାର ପାଢ଼ୀ, OAS (SAG),**
**ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ତଥା ନିର୍ବାଚନ ଅଧିକାରୀ,**
**ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଖୋର୍ଦ୍ଧା**

## ୨୬୩ ପଏଣ୍ଟ ଖସିଲା ବଜାର କାରବାର

ନୂଆଦିଲ୍ଲୀ: କ୍ରମାଗତ ୨ଦିନର ଭଲ ଫଳାଫଳ ପରେ ବୁଧବାର ଶେୟାର ବଜାରର କାରବାର ହ୍ରାସ ପାଇଥିଲା। ଫଳରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ କିଛି ପରିମାଣର ନିବେଶ ମଧ ହରାଇଛନ୍ତି। ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଷ୍ଟକ୍ ବଜାରର କାରବାର ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧%ର ବଜାର ଶେୟାର ହ୍ରାସ ଘଟିଛି। ବୁଧବାର ସେନ୍‌ସେକ୍ସ ୨୬୩ (୨୬୨.୯୬) ପଏଣ୍ଟ ଖସି ୫୯,୪୫୬.୭୮ ଅଙ୍କରେ କାରବାର ବନ୍ଦ ହୋଇଥିବା ବେଳେ ନିଫ୍ଟି-୫୦ରେ ମଧ ୯୮ (୯୭.୯୦) ପଏଣ୍ଟ ହ୍ରାସ ଘଟି ୧୭,୭୧୮.୩୫ ଅଙ୍କରେ ବଜାର ବନ୍ଦ ହୋଇଛି।

# ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲକୁ ବ୍ରାଣ୍ଡ ଆୱାର୍ଡ

ନୂଆଦିଲ୍ଲୀ,୨୧।୯

ଦେଶର ପ୍ରମୁଖ ଖାଇବାତେଲ କମ୍ପାନୀ ତଥା ଜେମିନି ଏଡିବଲସ ଆଣ୍ଡ ଫ୍ୟାଟ୍ ଇଣ୍ଡିଆ ଲିମିଟେଡ୍ (ଜିଏଫ୍ ଇଣ୍ଡିଆ) ର ଫ୍ଲାଗଶିପ୍ ବ୍ରାଣ୍ଡ ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲକୁ ସମ୍ମାନଜନକ 'ଏଆଇଏମ୍‌ଏ-ଆର୍‌କେ ସ୍ୱାମୀ ଉଚ୍ଚ ପ୍ରଦର୍ଶନକାରୀ ବ୍ରାଣ୍ଡ ଆୱାର୍ଡ-୨୦୨୨ ସମ୍ମାନରେ ସମ୍ମାନିତ କରାଯାଇଛି। ବିଶେଷକରି ଏଆଇଏମ୍‌ଏର ୪୯ତମ ଜାତୀୟ ପରିଚାଳନା ସମ୍ମିଳନୀର ଏକ ସ୍ୱତନ୍ତ୍ର ଅଧିବେଶନ ପରିପ୍ରେକ୍ଷୀରେ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀଙ୍କଠାରୁ ଫ୍ରିଡମ ହେଲ୍‌ଦି କୁକିଂ ଅଏଲସର ବରିଷ୍ଠ ଉପ ସଭାପତି (ସେଲ୍‌ସ ଆଣ୍ଡ ମାର୍କେଟିଂ) ପି. ଚନ୍ଦ୍ରଶେଖର ରେଡ୍ଡୀ ଗ୍ରହଣ କରିଥିଲେ।

ଏ ସମ୍ପର୍କରେ ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲ୍‌ସର ବରିଷ୍ଠ ଉପସଭାପତି (ସେଲ୍‌ସ ଆଣ୍ଡ ମାର୍କେଟିଂ) ପି. ଚନ୍ଦ୍ରଶେଖର ରେଡ୍ଡୀ କହିଛନ୍ତି, ଏଭଳି ଏକ ଜାତୀୟ ସମ୍ମାନ ପାଇଁ ଆମେ ଆନନ୍ଦିତ। ଫ୍ରିଡମ ସବୁବେଳେ ଗୁଣାତ୍ମକ ଓ ଗ୍ରାହକଙ୍କ ପସନ୍ଦ ଉପଯୋଗୀ ଉତ୍ପାଦ ବଜାରରେ ବିକ୍ରୟ କରାଇଥାଏ। ଏହି ସମ୍ମାନ ଗ୍ରାହକଙ୍କ ଭଲ ପାଇବା ଓ ବିଶ୍ୱାସ ଯୋଗୁ ମିଳିଥିବା ସେ ମତବ୍ୟକ୍ତ କରିଛନ୍ତି।

ଅପରପକ୍ଷରେ କମ୍ପାନୀ ୬,୫୦୦ କୋଟିରୁ ୧୦,୦୦୦ କୋଟିରୁ ଅଧିକ ଅଭିବୃଦ୍ଧି ପାଇଁ ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲସକୁ ଉକ୍ତ ପୁରସ୍କାର ପାଇଁ ଚୟନ କରାଯାଇଥିଲା। ଏଆଇଏମ୍‌ଏ-ଆର୍‌କେ ସ୍ୱାମୀ ପୁରସ୍କାର ୨୦୦୯ରେ ବିଜ୍ଞାପନ ଏଜେନ୍ସି ଆର୍‌କେ ସ୍ୱାମୀ ଅଲ ଇଣ୍ଡିଆ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା।



ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲକୁ 'ଏଆଇଏମ୍‌ଏ-ଆର୍‌କେ ସ୍ୱାମୀ ଉଚ୍ଚ ପ୍ରଦର୍ଶନକାରୀ ବ୍ରାଣ୍ଡ ଆୱାର୍ଡ-୨୦୨୨ ସମ୍ମାନରେ ସମ୍ମାନିତ କରାଯାଉଥିବା ବେଳେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ସଂକ୍ଷେପରେ

### ୩୦୦ କର୍ମଚାରୀଙ୍କୁ ଛଟେଇ କଲା ୱିପ୍ରୋ

ନୂଆଦିଲ୍ଲୀ,୨୧।୯: ଦେଶର ପ୍ରମୁଖ ଆଇଟି କମ୍ପାନୀ ୱିପ୍ରୋ ବୁଧବାର ପ୍ରାୟ ୩୦୦ କର୍ମଚାରୀଙ୍କୁ ଚାକିରିରୁ ଛଟେଇ କରିଛି। ବିଶେଷକରି ଉକ୍ତ କର୍ମଚାରୀମାନେ ମୁନଲାଇଟିଂ ବା ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ପାଇଁ କାମ କରୁଥିବା କାରଣରୁ ସେମାନଙ୍କୁ କମ୍ପାନୀରୁ ବାହାର କରିଦିଆଯାଇଛି। ଏ ସମ୍ପର୍କରେ ୱିପ୍ରୋର ଅଧକ୍ଷ ଋଷଦ ପ୍ରେମ୍‌ଜୀ କହିଛନ୍ତି, କୋଭିଡ୍ ପରଠାରୁ କେତେଜଣ କର୍ମଚାରୀଙ୍କ ବ୍ୟବହାରରେ ପରିବର୍ତ୍ତନ ଦେଖାଦେଇଥିଲା। ଫଳରେ ଆମର ଏକ ଅନ୍ତରୀଣ କମିଟି ଗତ କିଛି ମାସ ମଧରେ ପ୍ରାୟ ୩୦୦ କର୍ମଚାରୀଙ୍କୁ ଚିହ୍ନଟ କରିଥିଲା, ଯେଉଁମାନେ ସମାନ ସମୟରେ ଅନ୍ୟ କମ୍ପାନୀ ପାଇଁ କାମ କରୁଥିଲେ ବୋଲି କୁହାଯାଇଛି। ଉକ୍ତ କର୍ମଚାରୀମାନଙ୍କୁ କମ୍ପାନୀରୁ ବହିଷ୍କାର କରାଯାଇଛି। ପ୍ରଥମ ଥର ପାଇଁ କୌଣସି ଆଇଟି କମ୍ପାନୀ ମୁନ୍‌ଲାଇଟିଂ କାରଣରୁ ବ୍ୟାପକ ସଂଖ୍ୟାରେ କର୍ମଚାରୀଙ୍କ ଛଟେଇ କରିଛି।

### ସ୍ପାଇସ୍‌ଜେଟ୍ ଉପରେ ଡିଜିସିଏର କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୨୧।୯: ଗତ କିଛି ମାସ ବାରମ୍ବାର ତ୍ରୁଟି ଦେଖାଯିବା ପରେ ଘରୋଇ ବିମାନ ସେବା କମ୍ପାନୀ ସ୍ପାଇସ୍ ଜେଟ୍ ଉପରେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) କେତେକ କଟକଣା ଲଗାଇଛନ୍ତି। ଏପରିକି କମ୍ପାନୀର ୫୦% ବିମାନ ଉଡ଼ାଣ ଉପରେ ମଧ କଟକଣା ଜାରି ସାଙ୍ଗକୁ ଚଳିତ ବର୍ଷ ଅକ୍ଟୋବର ୨୯ ପର୍ଯ୍ୟନ୍ତ ଏହାର ଅଧା ବିମାନର ଉଡ଼ାଣକୁ ଡିଜିସିଏ ବନ୍ଦ କରିଛନ୍ତି। ସେହିଭଳି ଗତ ଜୁଲାଇ ମାସରେ ଡିଜିସିଏ ୨ମାସ ପାଇଁ କଟକଣା ଲଗାଇଥିବା ବେଳେ ବର୍ତ୍ତମାନ ଉକ୍ତ କଟକଣାର ସମୟସୀମାକୁ ବୃଦ୍ଧି କରାଯାଇଛି। ତେବେ ବିଭିନ୍ନ ପ୍ରକାର ଯାଞ୍ଚ ଏବଂ ସ୍ପାଇସ୍‌ଜେଟ୍ ଦ୍ୱାରା ଦାଖଲ ହୋଇଥିବା କାରଣ ଦର୍ଶାଅ ନୋଟିସର ଉତ୍ତରକୁ ଦୃଷ୍ଟିରେ ରଖି ନିରାପଦ ତଥା ନିର୍ଭରଯୋଗ୍ୟ ବିମାନ ପରିବହନ ସେବା ପାଇଁ ସ୍ପାଇସ୍‌ଜେଟ୍‌ର ପ୍ରସ୍ଥାନ ସଂଖ୍ୟା ୫୦% ମଧରେ ସୀମିତ ରଖିବାକୁ ଜୁଲାଇ ୨୭ରେ ଡିଜିସିଏ ନିର୍ଦ୍ଦେଶ ଦେଇଥିଲେ।

# ୨୩ରୁ ଜିଓ ମାର୍ଟରେ ପାର୍ବଣ ସେଲ୍

ନୂଆଦିଲ୍ଲୀ,୨୧।୯




ରିଲାଏନ୍ସ ଗ୍ରୁପ୍‌ର ରିଟେଲ ଚେନ୍ ଜିଓ ମାର୍ଟ ଏବଂ ସ୍ମାର୍ଟ ବଜାରରେ ପାର୍ବଣ ସେଲ୍ 'ତ୍ୟୋହାର ରେଡି ସେଲ୍' ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଚଳିତ ବର୍ଷର ପାର୍ବଣ (ନବରାତ୍ରି, ଦଶହରା, ଦୀପାବଳି) ଅବସରରେ ଉଭୟ ଜିଓ ମାର୍ଟ ଏବଂ ସ୍ମାର୍ଟ ବଜାର ପକ୍ଷରୁ ଆକର୍ଷଣୀୟ ଅଫର ମଧ ପ୍ରଦାନ କରାଯାଉଛି। ଏହି ଅଫର ଚଳିତ ମାସ ୨୩ରୁ ୨୭ ସେପ୍ଟେମ୍ବର ପର୍ଯ୍ୟନ୍ତ ସାରା ଦେଶର ଜିଓ ମାର୍ଟରେ ଉପଲବ୍ଧ ରହିବ। ଏପରିକି ଏହାର ୨୭୦୦ରୁ ଅଧିକ ସ୍ମାର୍ଟ ଷ୍ଟୋର ସମେତ ସ୍ମାର୍ଟ ବଜାର, ସ୍ମାର୍ଟ ସୁପର ଷ୍ଟୋର,ସ୍ମାର୍ଟ ପଏଣ୍ଟ ଏବଂ ରିଲାଏନ୍ସ ଫ୍ରେସ୍‌ଗୁଡିକରେ ମଧ ବୈଧ। ଏହି ଅଫର ଅବଧି ମଧରେ ଗ୍ରାହକ ବିଭିନ୍ନ ବର୍ଗର ପୋଷାକ (ଆପାରେଲ) ସାଙ୍ଗକୁ ଗୃହୋପକରଣ (ହୋମ୍ ଡେକର) ଫର୍ନିସିଂ ଇଲେକ୍ଟ୍ରୋନିକ୍ସ,ଗୋସେରି ଭଳି ଅନେକ କିଛି ସାମଗ୍ରୀ ସୁବିଧା ଓ ସୁଲଭ ମୂଲ୍ୟରେ ଉଭୟ ଅଫ୍‌ଲାଇନ ଏବଂ ଅନ୍‌ଲାଇନ (ଜିଓ ମାର୍ଟ ଆପ୍) ଜରିଆରେ ମଧ କାରବାର କରିପାରବେ ବୋଲି କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଅଭିନେତ୍ରୀ ଦିବ୍ୟା ଦତ୍ତା ଚଳିତ ପାର୍ବଣ ଅଭିଯାନରେ ସାମିଲ ହୋଇଛନ୍ତି। ସେହିଭଳି ପାର୍ବଣ ଅବସରରେ ଗ୍ରାହକ ମିଠା ଓ ଫଳ ଉପହାର ପ୍ୟାକେଟରେ ୫୦%ର ରିହାତି ପାଉଥିବା ବେଳେ ଆପାରେଲ ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଉପରେ ପ୍ରାୟ ୮୦% ପର୍ଯ୍ୟନ୍ତ ରିହାତି ରହିଛି।

# କଟକରେ ଜାୱା-ୟେଜ୍‌ଦିର ନୂତନ ଶୋ'ରୁମ୍

କଟକ,୨୧।୯

ଦେଶର ପ୍ରମୁଖ ପ୍ରିମିୟମ ବାଇକ ନିର୍ମାତା 'କ୍ଲାସିକ୍ ଲିଜେଣ୍ଡ ପ୍ରା.ଲି'ର ପ୍ରମୁଖ ବ୍ରାଣ୍ଡ ଜାୱା ଏବଂ ୟେଜ୍‌ଦିର ସ୍ୱୀକୃତିପ୍ରାପ୍ତ ଡିଲର 'ପିଏମ୍‌ଜି ଅଟୋମୋଟିଭ' ଆନୁକୂଲ୍ୟରେ ଏହି ନୂତନ ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଛି। ବୁଧବାର ସ୍ଥାନୀୟ ସତୀଚଉରାଠାରେ 'ପିଏମ୍‌ଜି ଅଟୋମୋଟିଭ' ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କମ୍ପାନୀର ଆଞ୍ଚଳିକ ମୁଖ୍ୟ ପ୍ରଦୀପ ଶର୍ମା, ଏଏସ୍‌ଏମ୍ ମନୋରଞ୍ଜନ ପଟ୍ଟନାୟକଙ୍କ ସମେତ ପିଏମ୍‌ଜି ଅଟୋମୋଟିଭର ଏମ୍‌ପି ମନୋରଞ୍ଜନ ଦାସ, ଗଣେଶ ଚନ୍ଦ୍ର ପାତ୍ର ଏବଂ ଜିଏମ୍ ବସନ୍ତ କୁମାର ଦେବତା ଓ ମ୍ୟାନେଜର ଦେବୀପ୍ରସାଦ ଓଝା ପ୍ରମୁଖଙ୍କ ଉପସ୍ଥିତିରେ ଏହାର ଉଦ୍‌ଘାଟନ କରାଯାଇଥିଲା। ଏଠାରେ ଉଭୟ ବ୍ରାଣ୍ଡର ଗାଡ଼ି ବିକ୍ରି ଓ ବିକ୍ରି ପରର ସେବା ସାଙ୍ଗକୁ ଗାଡ଼ିର ସମସ୍ତ ଯନ୍ତ୍ରାଂଶ ମଧ ଉପଲବ୍ଧ ରହିଛି। ସେହିଭଳି ଶୋ'ରୁମ୍‌ରେ ବର୍ତ୍ତମାନ ଜାୱା ମୋଟରସାଇକେଲର ୪ଟି ମଡେଲ ସାଙ୍ଗକୁ ୟେଜ୍‌ଦିର ୩ଟି ମଡେଲ ଭିନ୍ନ ଭିନ୍ନ ରଙ୍ଗରେ ମଧ ଉପଲବ୍ଧ ରହିଛି। ଉକ୍ତ ମଡେଲଗୁଡିକ ୨୯୩ ସିସିରୁ ଆରମ୍ଭକରି ୩୩୩ସିସି ମଧରେ ରହିଛି। ଏପରିକି ଉପରୋକ୍ତ ସମସ୍ତ ଗାଡ଼ିରେ ଲିକୁଡି କୁଲର ବ୍ୟବସ୍ଥା ରହିଛି। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ କମ୍ପାନୀର ସମଗ୍ର ଦେଶରେ ୧୦୦ଟି ଡିଲର ପଏଣ୍ଟ ଥିଲାବେଳେ ଓଡ଼ିଶାରେ ୧୦ଟି ଡିଲର ପଏଣ୍ଟ ରହିଥିବା ସୂଚନା ମିଳିଛି।



# ଗୌତମଙ୍କ ଦୈନିକ ଆୟ ୧୬୧୨ କୋଟି

ନୂଆଦିଲ୍ଲୀ,୨୧।୯

ଆଦାନୀ ଗ୍ରୁପ୍‌ର ଅଧକ୍ଷ ଗୌତମ ଆଦାନୀ ୨୦୨୧-୨୨ ମଧରେ ତାଙ୍କ ସମ୍ପତ୍ତି ପରିମାଣରେ ପ୍ରାୟ ୧୦.୯୪ ଟ୍ରିଲିୟନ ଡଲାର ବା ୧୫ ପ୍ରତିଶତରୁ ଅଧିକ ଯୋଗଦାନ କରିଛନ୍ତି। ଏପରିକି ବୁଧବାର ଆଇଆଇଏଫ୍‌ଏଲ୍ ୱେଲ୍‌ଥ ହୁରୁନ୍ ଇଣ୍ଡିଆ ଧନୀ ତାଲିକା-୨୨ ଅନୁସାରେ ଗୌତମ ଆଦାନୀ ବିଶ୍ୱର ୨ୟ ଧନୀବ୍ୟକ୍ତିର ମାନ୍ୟତା ହାସଲ କରିଛନ୍ତି। ଅପରପକ୍ଷରେ ଆଦାନୀଙ୍କ ମୋଟ ସମ୍ପତ୍ତି ପରିମାଣ ଅତି ଦ୍ରୁତଗତିରେ ବଢ଼ିଚାଲିଛି। ଫଳରେ ବର୍ଷକ ମଧରେ ତାଙ୍କର ମୋଟ ସମ୍ପତ୍ତି ପରିମାଣ ୨ଗୁଣିତ ହୋଇଯାଇଛି। ଏପରିକି ଗତ ବର୍ଷକ ମଧରେ ତାଙ୍କର ମୋଟ ସମ୍ପତ୍ତିରେ ୭୩ ବିଲିୟନ ଡଲାର ଯୋଗହୋଇଛିଅର୍ଥାତ୍ ଦିନକୁ ତାଙ୍କର ହାରାହାରି ଆୟ ୧୬୧୨ କୋଟି ଟଙ୍କା ରହିଛି ବୋଲି କୁହାଯାଇଛି।

# ମ୍ୟାନ୍‌କାଇଣ୍ଡ ଫାର୍ମା ପକ୍ଷରୁ ଡିଆର୍‌ଏଚ୍‌ପି ଦାଖଲ

ନୂଆଦିଲ୍ଲୀ,୨୧।୯

ଦେଶର ପ୍ରମୁଖ ଔଷଧ କମ୍ପାନୀ ମ୍ୟାନ୍‌କାଇଣ୍ଡ ଫାର୍ମା ଲିମିଟେଡ୍ ପକ୍ଷରୁ ବୁଧବାର ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। ଏପରିକି କମ୍ପାନୀ ତା'ର ଇନିସିଆଲ୍ ପବ୍ଲିକ୍ ଅଫର (ଆଇପିଓ)ରେ ୧ଟଙ୍କିଆ ଫେସ୍ ଭାଲ୍ୟୁ ଥିବା ୪୦,୦୫୮,୮୮୪ ଇକ୍ୱିଟି ଶେୟାରକୁ ବିକ୍ରି ପାଇଁ ଉପଲବ୍ଧ କରାଇବ। ଏଥିରେ ପ୍ରତିଷ୍ଠାତା ଓ ପୁରୁଣା ନିବେଶକମାନଙ୍କ ଶେୟାର ମଧ ସାମିଲ ରହିଛି। ସେହିଭଳି କମ୍ପାନୀ ବିଭିନ୍ନ ପ୍ରକାର ଔଷଧୀୟ ସାମଗ୍ରୀର ବିକାଶ, ଉତ୍ପାଦନ ଓ ମାର୍କେଟିଂ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ବିଭିନ୍ନ ଉପଭୋକ୍ତା ସ୍ୱାସ୍ଥ୍ୟସେବା ଉତ୍ପାଦ ମଧ ବିକ୍ରି କରୁଛି। ଏହି ଅଫର୍ ଫର୍ ସେଲ୍‌ରେ ଉପଲବ୍ଧ ହେବାକୁ ଥିବା ଶେୟାରଗୁଡ଼ିକ ମଧରେ ରମେଶ ଜୁନେଜାଙ୍କ ୩,୭୦୫,୪୪୩ ଇକ୍ୱିଟି ଶେୟାର, ରାଜୀବ ଜୁନେଜାଙ୍କ ୩,୫୦୫,୧୪୯ ଇକ୍ୱିଟି ଶେୟାର, ଶୀତଲ ଅରୋରାଙ୍କ ୨,୮୦୪,୧୧୯ ଇକ୍ୱିଟି ଶେୟାର, କେର୍ଣ୍ଣହିଲ୍ ସିଆଇପିଇଏଫ୍ ଲିମିଟେଡ୍‌ର ୧୭,୪୦୫,୫୫୯ ଇକ୍ୱିଟି ଶେୟାର, କେର୍ଣ୍ଣହିଲ୍ ସିଜିପିଇ ଲିମିଟେଡ୍‌ର ୨,୬୨୩,୮୬୩ ଇକ୍ୱିଟି ଶେୟାର, ବିଜ୍ ଲିମିଟେଡ୍‌ର ୯,୯୬୪,୭୧୧ ଇକ୍ୱିଟି ଶେୟାର ଓ ଲିଙ୍କ୍ ଇନ୍‌ଭେଷ୍ଟମେଣ୍ଟ ଟ୍ରଷ୍ଟର ୫୦,୦୦୦ ଇକ୍ୱିଟି ଶେୟାର ଅନ୍ତର୍ଭୁକ୍ତ ରହିଛି। ସେହିପରି କମ୍ପାନୀ ସ୍ଥାନୀୟ ବଜାର ଉପରେ ଗୁରୁତ୍ୱାରୋପ କରୁଥିବାରୁ ଚଳିତ ଆର୍ଥିକ ବର୍ଷରେ ଏହାର ମୋଟ ରାଜସ୍ୱର ୯୭.୬୦% ଭାରତର ଭାଗ ରହିଛି। ଏହି ଇସ୍ୟୁର ବୁକ୍ ରନିଂ ଲିଡ୍ ମ୍ୟାନେଜରମାନେ ହେଉଛନ୍ତି କୋଟାକ୍ ମହିନ୍ଦ୍ରା କ୍ୟାପିଟାଲ କମ୍ପାନୀ ଲିମିଟେଡ୍, ଆକ୍ସିସ୍ କ୍ୟାପିଟାଲ ଲିମିଟେଡ୍, ଆଇଆଇଏଫ୍‌ଏଲ୍ ସିକ୍ୟୁରିଟିଜ୍ ଲିମିଟେଡ୍, ଜେଫେରିଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଜେପି ମୋର୍ଗାନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଇତ୍ୟାଦି।

## ଫୁରସତ୍

# ସୁପରଷ୍ଟାରଙ୍କଠୁ କମ୍ ନ ଥିଲା ଲୋକପ୍ରିୟତା


ରାଜୁ ଶ୍ରୀବାସ୍ତବ

ନୂଆଦିଲ୍ଲୀ

ହିନ୍ଦୀ ଚଳଚ୍ଚିତ୍ର ଜଗତର ଜଣାଶୁଣା ଚେହେରା ରାଜୁ ଶ୍ରୀବାସ୍ତବଙ୍କର ପିଲାଟି ଦିନରୁ କମେଡ଼ି ପ୍ରତି ରୁଚି ରହିଥିଲା। ପ୍ରତିବର୍ଷ ସ୍କୁଲ ବାର୍ଷିକ ଉତ୍ସବକୁ ସେ ଅପେକ୍ଷା କରିଥାନ୍ତି। କାରଣ ତାହା ଗୋଟିଏ ମାଧମ ଥିଲା, ଯାହା ଦ୍ୱାରା ରାଜୁ ତାଙ୍କ ମିମିକ୍ରି ଦ୍ୱାରା ଲୋକଙ୍କୁ ହସାଇ ପାରୁଥିଲେ। ୧୯୬୩ରେ ଉତ୍ତର ପ୍ରଦେଶର ମଧବିତ୍ତ ପରିବାରରେ ତାଙ୍କର ଜନ୍ମ। ବାପା ରମେଶ ଚନ୍ଦ୍ର ଶ୍ରୀବାସ୍ତବ ଜଣେ ସରକାରୀ କର୍ମଚାରୀ ହେବା ସହ ଥିଲେ ଜଣେ କବି। ବାପାଙ୍କଠାରୁ ହିଁ ରାଜୁଙ୍କ ପାଖକୁ ରଚନାତ୍ମକ ଚିନ୍ତାଧାରା ଆସିଥିଲା। ପ୍ରକୃତ ନାଁ ସତ୍ୟ ପ୍ରକାଶ ଶ୍ରୀବାସ୍ତବ ହୋଇଥିଲେ ହେଁ ଦେଶରେ ରାଜୁ ଶ୍ରୀବାସ୍ତବ ଭାବେ ସେ ବେଶ୍ ଜଣାଶୁଣା।

### ଅଭିନୟ ପୂର୍ବରୁ ଚଳାଉଥିଲେ ଅଟୋ

ମନୋରଞ୍ଜନ ଜଗତରେ କ୍ୟାରିୟର୍ ତିଆରି କରିବା ଖୁବ୍ କଠିନ। କିନ୍ତୁ ସାରା ଦେଶରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ସେ ୧୯୮୨ରେ ଉତ୍ତର ପ୍ରଦେଶରୁ ଧାଇଁ ଆସିଥିଲେ ମାୟାନଗରୀ ମୁମ୍ବାଇ। ଏଥିଲାଗି ସୁପରହିଟ୍ ଫିଲ୍ମ 'ସୋଲେ' ଦେଖିବା ପରେ ସେ ବଲିଉଡ ପ୍ରତି ଆକୃଷ୍ଟ ହୋଇଥିଲେ ଆଉ ମନ ସ୍ଥିର କଲେ ଯେ, ସେ ବି ହିନ୍ଦୀ ମନୋରଞ୍ଜନ ଜଗତର ଜଣେ ଜଣାଶୁଣା କଳାକାର ହେବେ। ବିନା ରୋଜଗାରରେ ମୁମ୍ବାଇରେ ଚଳିବା କଷ୍ଟକର ହୋଇଥିବାବେଳେ ସେ ଅଟୋ ଚଲାଇବା ଆରମ୍ଭ କରିଥିଲେ। ବିଗ୍ ବି ଅମିତାଭ ବଚ୍ଚନଙ୍କ ନକଲ କରି ମଧ ସେ ଦୈନିକ ୫୦ରୁ ୧୦୦ ଟଙ୍କା ଆୟ କରୁଥିଲେ। ରାଜୁଙ୍କ ବିୟୋଗରେ ମନୋରଞ୍ଜନ ଇଣ୍ଡଷ୍ଟ୍ରିରୁ ଆରମ୍ଭ କରି ତାଙ୍କ ପ୍ରଶଂସକଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି।

### ସଫଳତା ଦେଇଥିଲା ରିଆଲିଟି ଶୋ'

ମିମିକ୍ରି ଜରିଆରେ ରାଜୁ କମେଡିର ପରିଭାଷାକୁ ବଦଳାଇ ଦେଇଥିଲେ। ମେନେ ପ୍ୟାର୍ କିଆ, ବାଜିଗର୍, ଆମ୍‌ଦାନୀ ଅଠନୀ ଖରଚା ରୁପୟା ଭଳି ଫିଲ୍ମରେ ରାଜୁ ପାର୍ଶ୍ୱ ଭୂମିକାରେ ଅଭିନୟ କରିବାର ସୁଯୋଗ ପାଇଲେ। ଏହାପରଠାରୁ ତାଙ୍କ କ୍ୟାରିୟରର ଚକ ଆଗକୁ ଗଡ଼ିବା ଆରମ୍ଭ ହୋଇଥିଲା। ୨୦୦୫ରେ ଟେଲିଭିଜନ୍‌ରେ ପ୍ରସାରିତ 'ଦ ଗ୍ରେଟ୍ ଇଣ୍ଡିଆନ୍ ଲାଫ୍ଟର ଚ୍ୟାଲେଞ୍ଜ' ତାଙ୍କ ପାଇଁ ସାଜିଥିଲା ସଫଳତାର ଶିଡ଼ି। ନିଜ ମିମିକ୍ରି ଜରିଆରେ ରାଜୁ ଏହି ଶୋ'ର ଫାଷ୍ଟ୍ ରନର୍ସଅପ୍ ହୋଇପାରିଥିଲେ। ଟିଭି କ୍ୟାରେକ୍ଟର ଗଜୋଧର ପାଇଁ ସେ ଖୁବ୍ ପ୍ରଶଂସା ସାଉଁଟିଥିବାବେଳେ ଏହା ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ମୃତିରେ ଅଭୁଲା ହୋଇ ରହିବ। ଏକାଧିକ କମେଡି ଷ୍ଟେଜ୍ ଶୋ' କରିଥିବା ରାଜୁ ରିଆଲିଟି ଶୋ'ରେ ମଧ ଅଂଶ ଗ୍ରହଣ କରିଥିଲେ। ବହୁ ଚର୍ଚ୍ଚିତ ରିଆଲିଟି ଶୋ' ବିଗ୍‌ବସ୍ ସିଜନ୍ ୩ ସାଙ୍ଗକୁ ୨୦୧୩ରେ ନଚ୍ ବଲିୟେ ସିଜନ୍ ୩ରେ ମଧ ସେ ସ୍ତ୍ରୀ ଶିଖାଙ୍କ ସହ ଭାଗ ନେଇଥିଲେ। ୧୯୯୩ରେ ରାଜୁ ଶିଖାଙ୍କୁ ବାହା ହୋଇଥିଲେ। ସେମାନଙ୍କର ଦୁଇ ସନ୍ତାନ ଅଛନ୍ତି।

ରାଜନୀତିରେ ମଧ ରାଜୁ ଖୁବ୍ ସକ୍ରିୟ। ୨୦୧୪ରେ ସମାଜବାଦୀ ପାର୍ଟି କାନପୁର ଲୋକ ସଭାରୁ ନିର୍ବାଚନ ଲଢ଼ିବା ପାଇଁ ଟିକେଟ ଦେଇଥିବାବେଳେ ରାଜୁ ତାକୁ ଫେରାଇ ଦେଇଥିଲେ। ସେହିବର୍ଷ ମାର୍ଚ୍ଚ ୧୯ରେ ରାଜୁ ଭାଜପା ଦଳରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ସ୍ୱଚ୍ଛ ଭାରତ ଅଭିଯାନର ବ୍ରାଣ୍ଡ ଆମ୍ବାସଡର କରାଯାଇଥିଲା।

# କଳାକାର ହେବା ସହଜ


ଆଭିକା ଗୋର

ମୁମ୍ବାଇ

ବର୍ତ୍ତମାନ ସମୟରେ କଳାକାର ହେବା ଅତି ସହଜ ବୋଲି ଦକ୍ଷିଣ ଭାରତୀୟ ଫିଲ୍ମ ଅଭିନେତ୍ରୀ ଆଭିକା ଗୋର ଏକ ସାକ୍ଷାତ୍‌କାରରେ କହିଛନ୍ତି। ସୋସିଆଲ ମିଡିଆରେ ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ସକ୍ରିୟ ଥିବାବେଳେ ଛୋଟ ଛୋଟ ଭିଡିଓ କରି ସୋସିଆଲ ମିଡିଆ ୟୁଜର୍ସ ଏବେ ଫେମସ୍ ହେବାରେ ଲାଗିଛନ୍ତି। ଯଦି ଜଣେ ବ୍ୟକ୍ତି ଏହା ଜରିଆରେ ପରିଚିତ ହୋଇପାରୁଛି, ତେବେ ସେହି ବ୍ୟକ୍ତିବିଶେଷଙ୍କୁ ଫିଲ୍ମ କିମ୍ବା ସିରିଏଲ୍‌ରେ କାମ କରିବାରେ ବିଳମ୍ବ ହୁଏ ନାହିଁ। ଅନ୍ୟପକ୍ଷେ ଲୋକ ଏବେ ଟିଭି ଛାଡ଼ି ଅଧିକ ସମୟ ଫୋନ୍‌ରେ ଦେଉଛନ୍ତି। ୟୁଟ୍ୟୁବ୍, ଇନ୍‌ଷ୍ଟାଗ୍ରାମ୍ ଭଳି ପ୍ଲାଟଫର୍ମରେ କୌଣସି ୟୁଜର୍ସ ଉତ୍ତମମାନର ଭିଡିଓ ତିଆରି କରୁଛନ୍ତି ଏବଂ ତାହା ଲୋକଙ୍କୁ ପସନ୍ଦ ଆସୁଛି, ତେବେ ସେମାନଙ୍କ ନିକଟକୁ ବଡ଼ ବ୍ରାଣ୍ଡର ଅଫର୍ ଆସିବା ଆରମ୍ଭ ହୋଇଥାଏ। ଜଣେ ଅଭିନେତା କିମ୍ବା ଅଭିନେତ୍ରୀ ନିଜ ଅଭିନୟ ଜରିଆରେ ଦର୍ଶକଙ୍କ ପ୍ରିୟଭାଜନ ହେବା ପରେ ସମାନ ଘଟଣା ତାଙ୍କ ସହ ଘଟେ। ସେମାନଙ୍କୁ ବହୁ ବ୍ରାଣ୍ଡର ଅଫର୍ ମିଳିବା ଆରମ୍ଭ ହୁଏ। ସେଥିଲାଗି ବର୍ତ୍ତମାନର ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର କୌଣସି ଅଭିନେତାଙ୍କଠୁ କମ୍ ନୁହନ୍ତି। ଟପ୍ ସିରିଏଲ୍ ବାଳିକା ବଧୂରେ ଆଭିକା ଶିଶୁ କଳାକାର ଭାବେ ଅଭିନୟ ଆରମ୍ଭ କରିଥିଲେ। ସେ ବର୍ତ୍ତମାନ ଦକ୍ଷିଣ ଭାରତୀୟ ଫିଲ୍ମରେ ବେଶ୍ ସକ୍ରିୟ।

# ହାରିବାନି ହରାଇବା

## ବିଶ୍ୱ ରୋଜ ଦିବସ

କର୍କଟ ପରି ସ୍ୱାସ୍ଥ୍ୟ ସମସ୍ୟାକୁ ଭୟ ନ କରି ଏହା ବିରୋଧରେ ଲଢ଼େଇ ଜାରି ରଖିବା ପାଇଁ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି କରାଯାଇଥାଏ। ଏହାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ୨୨ ସେପ୍ଟେମ୍ବରରେ ପାଳନ କରାଯାଉଥିବା ବିଶ୍ୱ ରୋଜ ଦିବସ ସମସ୍ତ କର୍କଟ ଆକ୍ରାନ୍ତଙ୍କ ପାଇଁ ଉତ୍ସର୍ଗୀକୃତ। ଏହି ଦିବସ ପାଳନର ଉଦ୍ଦେଶ୍ୟ ହେଉଛି କର୍କଟ ସମସ୍ୟାରେ ହାରିବାନି ବରଂ ଏହାକୁ ହରାଇବା। ଏହି ଦିନ ପାଳନ ମାଧମରେ ଏପରି ଆକ୍ରାନ୍ତଙ୍କ ଜୀବନରେ ସୁଖ ଏବଂ ଭରସା ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ସେମାନଙ୍କୁ ମନେପକାଇ ଦେଇଥାଏ ଯେ ସେମାନେ ନିଷ୍ଠା ଏବଂ ସକାରାତ୍ମକ ଭାବନା ମାଧମରେ କର୍କଟ ବିରୋଧରେ ଲଢ଼ି ବିଜୟୀ ହୋଇପାରିବେ। ୧୯୯୬ରେ ମୃତ୍ୟୁବରଣ କରିଥିବା କାନାଡାର ୧୨ ବର୍ଷ ବୟସ୍କ କର୍କଟ ଆକ୍ରାନ୍ତ ମେଲିଣ୍ଡା ରୋଜଙ୍କ ସମ୍ମାନାର୍ଥେ ବିଶ୍ୱ ରୋଜ ଦିବସ ପାଳନ କରାଯାଇଥାଏ। ଡାକ୍ତରମାନେ କହିଥିଲେ ଯେ ସେ କେବଳ କିଛି ସପ୍ତାହ ବଞ୍ଚିବେ, ମେଲିଣ୍ଡା ରୋଜ ତିନିବର୍ଷରୁ ଅଧିକ ସମୟ ଧରି ଲଢ଼େଇ ଜାରି ରଖିଥିଲେ।

ବିଶ୍ୱ ରୋଜ ଦିବସରେ ଲୋକମାନେ କର୍କଟ ଆକ୍ରାନ୍ତ ଏବଂ ସେମାନଙ୍କର ଯତ୍ନ ନେଉଥିବା ବ୍ୟକ୍ତିଙ୍କୁ ଗୋଲାପ, କାର୍ଡ ଏବଂ ଉପହାର ପ୍ରଦାନ କରିଥାନ୍ତି।

# ପୂର୍ବତନ ସ୍ୱାଧୀନ ବିଧାୟକ କପିଳ ନାରାୟଣଙ୍କ ପରଲୋକ



ନୂଆପଡ଼ା ଅଫିସ/ଖଡ଼ିଆଳ, ୨୧।୯(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ନିର୍ବାଚନ ମଣ୍ଡଳୀର ପୂର୍ବତନ ସ୍ୱାଧୀନ ବିଧାୟକ କପିଳ ନାରାୟଣ ତିୱାରୀଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୯୩ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ ଯୋଗୁ ଗତ କିଛିଦିନ ହେବ ସେ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ଏକ ଶୋଭାଯାତ୍ରାରେ ଖଡ଼ିଆଳ ଗାୟତ୍ରୀ ନଗରଠାରୁ ବାହାରି ତାଙ୍କ ପୈତୃକ ସ୍ଥାନ ୱାର୍ଡ ନମ୍ବର ୩ ପଟ୍ଟନାୟକପଡା ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ଅଞ୍ଚଳର ହଜାର ହଜାର ଲୋକ ତାଙ୍କ ଶେଷ ଦର୍ଶନ କରିଥିଲେ। ପରେ ହିନ୍ଦୁ ରୀତିନୀତିରେ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଛପଟେ ଥିବା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ପୁତୁରା ପଙ୍କଜ ତିୱାରୀ ମୁଖାଗ୍ନି ଦେଇଥିଲେ। ମନୋଜ ତିୱାରୀ, ନିରୁ ତିୱାରୀ, ବାବୁଲୁ ତିୱାରୀଙ୍କ ସହ ବନ୍ଧୁପରିଜନ ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ଖଡିଆଳ ଅତିରିକ୍ତ ତହସିଲଦାର ଭୂପେନ୍ଦ୍ର ସିଂ ଉପସ୍ଥିତ ଥିଲେ। ସ୍ୱର୍ଗତ ବିଧାୟକ ନାରାୟଣଙ୍କ ୨ ଝିଅ ଜଣେ କଟକ ଓ ଅନ୍ୟ ଜଣେ ମୁମ୍ବାଇରେ ରହୁଥିବାରୁ ତାଙ୍କ ପୁତୁରାମାନେ ସବୁ କାର୍ଯ୍ୟ ତୁଲାଉଛନ୍ତି।

୧୯୨୯ ଜୁନ ୧୪ରେ ଖଡ଼ିଆଳିରେ କପିଳ ନାରାୟଣ ତିୱାରୀ ଜନ୍ମ ଗ୍ରହଣ କରିଥିଲେ। ୧୯୭୭ ଜୁନ ୨୬ରେ ଖଡିଆଳ ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ସ୍କୁଲରେ ଅଧ୍ୟୟନ କରିବା ସମୟରୁ ଜନସେବାରେ ଲିପ୍ତ ଥିଲେ। ଗରିବ, ଅସହାୟ, ପଛୁଆବର୍ଗଙ୍କ ସେବା କରିବାରେ ସେ ସମାଜବାଦୀ ନେତା ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ ପଶ୍ଚିମ ଓଡ଼ିଶାର ସଂଗ୍ରାମୀ ନେତା ଭାବେ ବେଶ ପରିଚିତ ଥିଲେ। ୧୯୬୫ରେ ଅବିଭକ୍ତ କଳାହାଣ୍ଡି ଜିଲା ଚିରମରୁଡି ସମୟରେ ଲୋକଙ୍କୁ ପାଣି ମୁନ୍ଦାଏ ମିଳିବା କଷ୍ଟକର ଥିଲା। ସେହି ସମୟରେ କଳାହାଣ୍ଡି ସଂଗ୍ରାମୀ ବାର୍ତ୍ତା ରୂପେ ପାଏନ, ପୁଆଳ, ପଖାଳ ଦେ, ନାହିଁ ହେଲେ ଗାନ୍ଧୀବାଦୀ ଛାଡି ଦେ ବୋଲି ଗାଁ ଗାଁ ବୁଲି ନାରା ଦେଇ ଭୋକର ଭୂଗୋଳ କୁହାଯାଉଥିବା କଳାହାଣ୍ଡି ଜିଲାର ପିଲା ବିକ୍ରି, ଅନାହାର ମୃତ୍ୟୁ କଥା ବିଶ୍ୱ ଦରବାରକୁ ପହଞ୍ଚାଇବାର ମୁଖ୍ୟ ନାୟକ ଥିଲେ।

# ହାତୀ ପାଇଁ ସାରା ରାତି ଅଟକ

- ୧୪ଘଣ୍ଟା ପରେ ମୁକୁଳିଲେ ଫରେଷ୍ଟର, ବନ କର୍ମଚାରୀ
- ନିଆଁ ଜାଳି ଆତଙ୍କିତ ଅବସ୍ଥାରେ ରହୁଛନ୍ତି ଲୋକେ
- କ୍ଷତିପୂରଣ ଦାବିରେ ତାତିଲେ ଗ୍ରାମବାସୀ



ଉତ୍ତ୍ୟକ୍ତ ଲୋକଙ୍କ ସହ ବନ ବିଭାଗ ଅଧିକାରୀ ଆଲୋଚନା କରୁଛନ୍ତି।

ବାରିପଦା ଅଫିସ/ଠାକୁରମୁଣ୍ଡା, ୨୧।୯(ଡି.ଏନ.ଏ.)

ଝାଡ଼ଖଣ୍ଡୀ ହାତୀ ଭୟରେ ଶାନ୍ତିରେ ବଞ୍ଚି ପାରୁନାହାନ୍ତି ଲୋକେ। ଘର ଦ୍ୱାର ଭାଙ୍ଗୁଛି। ଫସଲ ଉଜୁଡୁଛି। କ୍ଷତି ପୂରଣ ମିଳୁନି କିମ୍ବା ହାତୀ ଘଉଡ଼ାଇବା ବ୍ୟବସ୍ଥା କରୁନାହିଁ ବନ ବିଭାଗ। ଏଭଳି ପୁଞ୍ଜୀଭୂତ ଅସନ୍ତୋଷକୁ ନେଇ ତାତିଛନ୍ତି ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଧୀନ ପୁରୁଣା ଦେଓଗାଁ ଅଞ୍ଚଳବାସୀ। ହାତୀ ଗତିବିଧି ଅନୁଧ୍ୟାନ କରିବାକୁ ଯାଇଥିବା ଫରେଷ୍ଟର ଓ ବନ କର୍ମଚାରୀମାନଙ୍କୁ ସାରା ରାତି ଅଟକ ରଖି ସେମାନେ ପ୍ରତିବାଦର ସ୍ୱର ଉଠାଇଛନ୍ତି। ଖବରପାଇ ଡିଏଫ୍ଓ ଶ୍ରୀକାନ୍ତ ନାୟକ, ରେଞ୍ଜର ପ୍ରଦୀପ ପୃଷ୍ଟି, ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ ଓ କରଞ୍ଜିଆ ଥାନାଧିକାରୀ ରଞ୍ଜନ ସେଠୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାରୁ ମଙ୍ଗଳବାର ରାତିରୁ ଅଟକ ଥିବା ବନ କର୍ମଚାରୀମାନଙ୍କୁ ୧୪ ଘଣ୍ଟା ପରେ ବୁଧବାର ପୂର୍ବାହ୍ନରେ ଲୋକେ ଛାଡ଼ିଥିଲେ।

ସୂଚନା ଅନୁଯାୟୀ, କରଞ୍ଜିଆ ବନଖଣ୍ଡ ଅଧୀନ ଦୁଧିଆଣୀ ରେଞ୍ଜରେ ଝାଡ଼ଖଣ୍ଡୀ ହାତୀପଲ ଦୀର୍ଘଦିନ ହେଲା ଆତଙ୍କ ଖେଳାଇ ଚାଲିଛନ୍ତି। ଘର ଭାଙ୍ଗିବା ସହ ଫସଲ ନଷ୍ଟ କରୁଥିବା ବେଳେ ହାତୀ ହାବୁଡ଼ରେ ପଡ଼ି ଲୋକଙ୍କ ପ୍ରାଣହାନି ଘଟୁଛି। ହାତୀ ଭୟରେ ଲୋକେ ରାତିରେ ଘର ଆଗରେ ନିଆଁ ଜାଳି ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ମଙ୍ଗଳବାର ରାତିରେ ପୁରୁଣା ଦେଓଗାଁ ନିକଟସ୍ଥ ହଳଦିଆପୋଷି ଗ୍ରାମରେ ହାତୀ ପଶିଥିବା ଖବରପାଇ ଦରି ଫରେଷ୍ଟର ଫାଗୁରାମ ବେଶ୍ରାଙ୍କ ସହ ୧୦ଜଣ ବନ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ବନ କର୍ମଚାରୀମାନଙ୍କୁ ଦେଖି ଗ୍ରାମବାସୀ ହାତୀର ଗତିବିଧି ଉପରେ ବନ ବିଭାଗ ଦୃଷ୍ଟି ଦେଉ ନ ଥିବା କହିବାରୁ କଥା କଟାକଟି ହୋଇଥିଲା। ଶତାଧିକ ଗ୍ରାମବାସୀ ରାତି ୩ଟାରୁ ବୁଧବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ୧୪ଘଣ୍ଟା ଧରି ଫରେଷ୍ଟରଙ୍କ ସହ ବନ କର୍ମଚାରୀଙ୍କୁ ଅଟକ ରଖିଥିଲେ।

ସୂଚନାଯୋଗ୍ୟ, ଏହି ରେଞ୍ଜରେ ୨୮ଟି ହାତୀ ଓ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରେ ୩ଟି ହାତୀ ରହି ଉତ୍ପାତ ଚଳାଇଛନ୍ତି। ମଙ୍ଗଳବାର ଦୁଧିଆଣୀ ରେଞ୍ଜ ଅଧୀନ ବାର୍ହାପାଣପଶି ଗ୍ରାମରେ ହାତୀ ଘର ଭାଙ୍ଗିବା ଦ୍ୱାରା କାନ୍ଥ ପଡ଼ି ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ପ୍ରାୟ ୧୦୦ଏକରରୁ ଊର୍ଦ୍ଧ୍ୱ ଜମିରେ ଫସଲ ନଷ୍ଟ ହୋଇଥିବା ବେଳେ ୭୦ରୁ ଅଧିକ ଘର ହାତୀ ଭାଙ୍ଗିଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଏ ସଂକ୍ରାନ୍ତରେ ରେଞ୍ଜର ପୃଷ୍ଟି କୁହନ୍ତି, ୩୦ଏକର ଜମିରେ ଧାନ ଓ ପରିବା ଫସଲ ହାତୀପଲ ନଷ୍ଟ କରିଥିବା ବେଳେ ପାଖାପାଖି ୨୫ଟି ଘର ଭାଙ୍ଗିଛନ୍ତି। ଖୁବ୍ ଶୀଘ୍ର ବିଭାଗ ପକ୍ଷରୁ କ୍ଷତିପୂରଣ ଯୋଗାଇ ଦିଆଯିବ।

# ମାଣ୍ଡିଆ ସ୍ନାକ୍ସ ସାମିଲ ଯୋଜନା

**ସବୁ ବିଭାଗକୁ କୃଷି ସଚିବଙ୍କ ଚିଠି**

ଭୁବନେଶ୍ୱର,୨୧।୯(ବ୍ୟୁରୋ)

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଆୟୋଜିତ ବୈଠକ ଏବଂ ସମ୍ମିଳନୀରେ ମାଣ୍ଡିଆରୁ ପ୍ରସ୍ତୁତ ସ୍ନାକ୍ସ ପରିବେଷଣ କରିବା ଦିଗରେ ବିଚାର କରିବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ବୁଧବାର ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଏବଂ ସଚିବଙ୍କୁ ଚିଠି ଲେଖିଛନ୍ତି। ପୁଷ୍ଟିରେ ଭରପୂର ମାଣ୍ଡିଆରୁ ପ୍ରସ୍ତୁତ ବିସ୍କୁଟ, ମିକ୍ସଚର, ଖୁରୁମା,ନିମିକି, ସେଉ, ପିଠା ଆଦି ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ଗ୍ରାହକଙ୍କ ମଧ୍ୟରେ ଏହା ବହୁଳ ଭାବରେ ଆଦୃତ ହେଉଛି। ଓଡ଼ିଶା ମିଲେଟ୍ ମିଶନ ଦ୍ୱାରା ପ୍ରଶିକ୍ଷିତ ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ମାଣ୍ଡିଆ ପ୍ରସ୍ତୁତ ସ୍ନାକ୍ସ ବିଭିନ୍ନ ବିଭାଗକୁ ଯୋଗାଣ ଏକ ବଡ଼ ଆର୍ଥିକ ସୁଯୋଗ ସୃଷ୍ଟି କରିବ ବୋଲି ପାଢ଼ୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଏହା ଲଘୁ ଶସ୍ୟର ଉପକାରିତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହିତ ମାଣ୍ଡିଆରୁ ସ୍ନାକ୍ସ ପ୍ରସ୍ତୁତିରେ ଅନେକଙ୍କୁ ଜୀବିକା ଯୋଗାଇଦେବ ବୋଲି ସେ ଚିଠିରେ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ଫ୍ଲାଗ୍‌ଶିପ୍ ଯୋଜନା ଓଡ଼ିଶା ମିଲେଟ୍ ମିଶନକୁ ରାଜ୍ୟର ୧୯ଟି ଜିଲାରେ କାର୍ଯ୍ୟକାରୀ କରାଯାଇଛି। ସମ୍ବେଦନଶୀଳ କୃଷକମାନଙ୍କ ଜୀବିକାର ଉନ୍ନତି ନିମନ୍ତେ ଓଡ଼ିଶା ମିଲେଟ୍ ମିଶନ ମାଣ୍ଡିଆକୁ ଚାଷରେ ଏବଂ ଜନସାଧାରଣଙ୍କ ଖାଦ୍ୟଥାଳିରେ ପୁନଃପ୍ରଚଳନ କରିବାକୁ ଲକ୍ଷ୍ୟ ରଖିଛି। ମିଲେଟ୍ ଚାଷକୁ ପ୍ରୋତ୍ସାହିତ କରିବା ଦିଗରେ ଓଡ଼ିଶା ମିଲେଟ୍ ମିଶନ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ସର୍ବୋତ୍ତମ ମଡେଲ ମଧ୍ୟରୁ ଗୋଟିଏ ବୋଲି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି। ଭାରତ ସରକାର ମିଲେଟ୍‌ର ପ୍ରୋତ୍ସାହନ ପାଇଁ ଓଡ଼ିଶା ମଡେଲକୁ ଆପଣେଇବା ପାଇଁ ଅନ୍ୟ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି।

ଜାତିସଂଘ ଦ୍ୱାରା ୨୦୨୩କୁ ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ଭାବରେ ଘୋଷଣା କରାଯାଇଛି। ଏହି ଆଉଟ୍‌ଲେଟ୍‌କୁ ଇଣ୍ଡିଆନ କାଉନ୍‌ସିଲ ଅଫ୍ ଏଗ୍ରିକଲଚରାଲ୍ ରିସର୍ଚ୍ଚ ଏବଂ ଭାରତ ସରକାରଙ୍କ ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମିଲେଟ୍‌କୁ ମୂଲ୍ୟଯୁକ୍ତ କରିବା ଦିଗରେ ସର୍ବୋତ୍ତମ ସ୍ୱୀକୃତି ମିଳିଛି। ଏଥିସହିତ କୃଷି ଭବନରେ ଆୟୋଜିତ ସମସ୍ତ ବୈଠକରେ ମିଲେଟ୍‌ରୁ ପ୍ରସ୍ତୁତ ସ୍ନାକ୍ସ ପରିବେଷଣ ଆରମ୍ଭ ହୋଇସାରିଛି ବୋଲି ପାଢ଼ୀ ଚିଠିରେ ଉଲ୍ଲେଖ କରିଛନ୍ତି।

# ବିପର୍ଯ୍ୟୟ ପରିଚାଳନା ଦକ୍ଷତା ବୃଦ୍ଧି ଖର୍ଚ୍ଚ ହେବ ୪୦୦ କୋଟି

ଭୁବନେଶ୍ୱର,୨୧।୯(ବ୍ୟୁରୋ)

ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିପର୍ଯ୍ୟୟ ପରିଚାଳନା ଦକ୍ଷତାକୁ ବୃଦ୍ଧି କରିବେ। ଅତ୍ୟାଧୁନିକ ଉପକରଣ କ୍ରୟ କରିବା ସହ ଓଡ୍ରାଫ୍ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କର ଦକ୍ଷତା ବଢ଼ାଇବାକୁ ଉନ୍ନତମାନର ତାଲିମ ଦିଆଯିବ। ଏହାଛଡ଼ା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରର ଆଗଧାଡ଼ି ସଂସ୍ଥାଗୁଡ଼ିକୁ ଆହୁରି ସଶକ୍ତ କରାଯିବ। ଏଥିପାଇଁ ରାଜ୍ୟ ସରକାର ପ୍ରାୟ ୪୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରିଛନ୍ତି ବୋଲି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି। ଏଥିସହିତ ସେ ରିଲିଫ୍, ପୁନରୁଦ୍ଧାର ଏବଂ ପ୍ରଭାବିତ ଲୋକଙ୍କ ସହାୟତା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନଙ୍କ ପକ୍ଷରୁ ଦିଆଯାଇଥିବା ସହାୟତା ରାଶିର ବିନିଯୋଗ ପ୍ରମାଣ ପତ୍ର(ୟୁସି) ଦେବାକୁ ବିଭିନ୍ନ ବିଭାଗକୁ କହିଛନ୍ତି। ବୁଧବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିପର୍ଯ୍ୟୟ ପରିଚାଳନା ରାଜ୍ୟ କାର୍ଯ୍ୟନିର୍ବାହୀ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଗତ ବର୍ଷା ଓ ବନ୍ୟାର ବିପର୍ଯ୍ୟୟ ପରବର୍ତ୍ତୀ ଆକଳନ କରିବାକୁ ନିଷ୍ପତ୍ତି ନିଆଯାଇଛି।

**ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟନିର୍ବାହୀ ବୈଠକ**

**ବନ୍ୟାପ୍ରବଣ ଗାଁ ଚିହ୍ନଟ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ**

ସହରାଞ୍ଚଳରେ ବର୍ଷା ଜଳ ବିନା ବାଧାରେ କିପରି ଯାଇପାରିବ ସେଥିପାଇଁ ଡ୍ରେନ୍ ଉପରୁ ସମସ୍ତ ଜବରଦଖଲ ହଟାଇବାକୁ ମୁଖ୍ୟ ଶାସନ ସଚିବ ଗୃହ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟାପ୍ରବଣ ଅଞ୍ଚଳରେ ଅଧିକ ସଂଖ୍ୟାରେ ବନ୍ୟା ଆଶ୍ରୟସ୍ଥଳ ନିର୍ମାଣ କରିବା ସହ ରାଜ୍ୟର କେଉଁ ଗ୍ରାମ ଅଧିକ ବନ୍ୟାପ୍ରବଣ ସେଗୁଡ଼ିକୁ ଚିହ୍ନଟ କରିବାକୁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ବରି, ଧାମନଗର, ଗୋପ ଏବଂ ଅନ୍ୟାନ୍ୟ ନଦୀକୂଳିଆ ବନ୍ଧଗୁଡ଼ିକୁ ଉଚ୍ଚା ଓ ସୁଦୃଢ଼ କରିବାକୁ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ଡିଜିପି ସୁନୀଲ ବଂଶଲ, ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ, ଗ୍ରାମ୍ୟ ଉନ୍ନୟନ ସଚିବ ସଞ୍ଜୟ ସିଂ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ପ୍ରମୁଖ ଯୋଗ ଦେଇଥିଲେ।

# ମତ୍ସ୍ୟ, ପ୍ରାଣୀ ସମ୍ପଦ ବିଭାଗରେ ୮୦୪ କର୍ମଚାରୀ ନିଯୁକ୍ତ

**ତୃଣମୂଳ ସ୍ତରରେ ପରିବର୍ତ୍ତନ ପାଇଁ କାମ କରଃ ମୁଖ୍ୟମନ୍ତ୍ରୀ**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସରେ ପ୍ରାଣୀଧନ ନିରୀକ୍ଷକ ଓ କନିଷ୍ଠ ଯନ୍ତ୍ରୀମାନଙ୍କୁ ଦିଗ୍‌ଦର୍ଶନ ଦେଉଛନ୍ତି। ନିକଟରେ ୫-ଟି ସଚିବ ଭି. କେ. ପାଣ୍ଡିଆନ।

ଭୁବନେଶ୍ୱର,୨୧।୯(ବ୍ୟୁରୋ)

ନବନିଯୁକ୍ତ ପ୍ରାଣୀ ଚିକିତ୍ସକ, ପ୍ରାଣୀଧନ ନିରୀକ୍ଷକ, କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଓ କନିଷ୍ଠ ଯନ୍ତ୍ରୀଙ୍କ ପାଇଁ ଆୟୋଜିତ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ କ୍ଷେତ୍ରକୁ ତୃଣମୂଳ ସ୍ତରରେ ଅଭିବୃଦ୍ଧିର ଏକ ଇଞ୍ଜିନ ବୋଲି ମତ ଦେଇଛନ୍ତି। ତୃଣମୂଳସ୍ତରରେ ପରିବର୍ତ୍ତନ ପାଇଁ କାର୍ଯ୍ୟ କର। ଏହି କାର୍ଯ୍ୟକ୍ରମ ଏକାସଙ୍ଗେ ଭୁବନେଶ୍ୱରର ଲୋକସେବା ଭବନ ସମ୍ମିଳନୀ କକ୍ଷ ଏବଂ ଜୟଦେବ ଭବନ ଠାରେ ଆୟୋଜିତ ହୋଇଯାଇଛି। ସବୁ ଜିଲାର ବିଭାଗୀୟ ଅଧିକାରୀମାନେ ଭିଡିଓ କନ୍‌ଫରେନ୍ସରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ମୋଟ ୧୪୬ ପ୍ରାଣୀ ଚିକିତ୍ସକ, ୫୮୮ ପ୍ରାଣୀଧନ ନିରୀକ୍ଷକ, ୬୭ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଓ ୩ କନିଷ୍ଠ ଯନ୍ତ୍ରୀ ନୂତନ ଭାବରେ ନିଯୁକ୍ତ ହୋଇଛନ୍ତି।

ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହିତ ମତ ବିନିମୟ କରି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କହିଥିଲେ, ସେମାନେ ଯେଭଳି ଏକ ସ୍ୱଚ୍ଛ ପ୍ରକ୍ରିୟାରେ ନିଯୁକ୍ତି ପାଇ ନିଜର ଦକ୍ଷତାର ପରିଚୟ ଦେଇପାରିଛନ୍ତି, ସେହିଭଳି ଚାକିରି କ୍ଷେତ୍ରରେ ମଧ୍ୟ ସ୍ୱଚ୍ଛତା ବଜାୟ ରଖି ରାଜ୍ୟବାସୀଙ୍କ ସେବା କରିବା ଜରୁରୀ। ୫-ଟି ଉପକ୍ରମ ଅନୁସରଣ କରି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ।

# ଶିକ୍ଷୟିତ୍ରୀଙ୍କୁ ଆକ୍ରମଣ କରି ଲୁଟ୍ ଉଦ୍ୟମ

**ବାଲେଶ୍ୱର ଅଫିସ, ୨୧।୯:** ବାଲେଶ୍ୱର ଜିଲା ଶିଳ୍ପାଞ୍ଚଳ ଥାନା ଅଧୀନ ରେମୁଣା ବାଇପାସ୍ ରୋଡ୍ ନରହରିପୁର ନିକଟସ୍ଥ ପେଟ୍ରୋଲ ପମ୍ପର ଅନତି ଦୂରରେ ସ୍କୁଟିରେ ଘରକୁ ଫେରୁଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ଆକ୍ରମଣ କରି ୩ଜଣ ଦୁର୍ବୃତ୍ତ ଲୁଟିବାକୁ ଉଦ୍ୟମ କରିଥିଲେ। ଘଟଣାସ୍ଥଳରେ ଲୋକେ ପହଞ୍ଚିବାରୁ ଦୁର୍ବୃତ୍ତମାନେ ସେଠାରୁ ଖସି ପଳାଇଥିଲେ। ଏନେଇ ଶିକ୍ଷୟିତ୍ରୀଜଣକ ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରେମୁଣା ବ୍ଲକ ନୂଆଗାଁ ପଞ୍ଚାୟତ ଆମୁଡ଼ିଆ ୟୁପି ସ୍କୁଲର ଶିକ୍ଷୟିତ୍ରୀ ହରପ୍ରିୟା ନାୟକ ବୁଧବାର ସ୍କୁଲ ଛୁଟି ପରେ ଅଚ୍ୟୁତପୁରସ୍ଥିତ ଘରକୁ ଫେରୁଥିଲେ। ଅପରାହ୍ନ ସାଢେ ୪ଟାରେ ସେ ନରହରିପୁର ନିକଟସ୍ଥ ପେଟ୍ରୋଲ ପମ୍ପର ଅନତି ଦୂରରେ ପହଞ୍ଚିଥିବାବେଳେ ଦୁଇଟି ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ହାତରେ ଥିବା ଭ୍ୟାନିଟି ଓ ମୋବାଇଲକୁ ଛଡ଼ାଇବା ପାଇଁ ଉଦ୍ୟମ କରୁଥିବା ବେଳେ ଜଣେ ଦୁର୍ବୃତ୍ତ ଭୁଜାଲିରେ ତାଙ୍କ ହାତକୁ ହାଣି ଦେଇଥିଲେ। ସେ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଛାଡ଼ି ପଳାଇଯାଇଥିଲେ। ଏନେଇ ଶିକ୍ଷୟିତ୍ରୀଜଣକ ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ପୋଲିସ ଅଭିଯୋଗପତ୍ର ପାଇଥିଲେ ମଧ୍ୟ କୌଣସି ମାମଲା ରୁଜୁ କରିନାହିଁ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
TELENGIRI CANAL DIVISION, AMBAGUDA, DIST.: KORAPUT
e-mail: setcdambaguda@gmail.com
e-Procurement Notice
Bid Identification No. SETCD-02/2021-22, Dated: 15.09.2022
No. A-516: Bid documents consisting of work, estimated cost, cost of bid document, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the works : Civil Works
2. No. of Works : 01 No.
3. Estimated Cost : Rs.41,42,450.00
4. Period of Completion : Two Calendar months
5. Date & Time of Bidding : From 11.00 hours of 28.09.2022 upto 17.30 hours of 11.10.2022
6. Last date & time for receipt of bids in portal : 11.10.2022 upto 17.30 hours
7. Bids received online shall be Opened on : 12.30 hours of 12.10.2022
8. Name & address of the Officer Inviting Bid : Superintending Engineer, Telengiri Canal Division, Ambaguda

Further details can be seen from the www.tendersodisha.gov.in.
Sd./- Superintending Engineer
Telengiri Canal Division, Ambaguda
OIPR-32434/11/0007/2223

GOVERNMENT OF ODISHA
OFFICE OF THE DIVISIONAL FOREST OFFICER,
BAMRA WILDLIFE DIVISION, BAMRA, SAMBALPUR
At/PO- Bamra, Dist- Sambalpur E-mail- dfobmbwl004@gmail.com
BID IDENTIFICATION No. 1F-BMB /02(online)/2022-23
E-Procurement Notice
No.208, Dated:20.09.2022
No.MM-161: The Divisional Forest Officer, Bamra Wildlife Division, Bamra, Sambalpur on behalf of Governor of Odisha invites Percentage Rate bids in single cover System in ONLINE MODE.

1. No. of Work :- 11(Eleven) Nos. Building work (composite)
2. Tender Cost :- Rs.6,000/-(each)
3. Class of Contractor :- "D"& "C" class Contractors
4. Availability of bid document in the website :- 18:00 Hours of 23.09.2022 to 17:00 Hours of 06.10.2022
5. Date of Opening of Tenders :- 11:30 Hours on dt. 07.10.2022.

6.The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/Cancellation of tender will be displayed in the website said only.
Sd./-Divisional Forest Officer, Bamra Wildlife Division
OIPR-08144/11/0003/2223

DIRECTOR LAND RECORDS & SURVEYS
BOARD OF REVENUE (LR&S WING), ODISHA, CUTTACK
TENDER CALL NOTICE
Tender Call Notice No. 4267 Date: 19.09.2022
No. F-266: Sealed tenders are invited for selection of firms/companies/agencies for printing, supply & transportation of poly coated printed envelopes (having size of length 14 inch, breadth of 10 inch & paper thickness of 100 GSM) to call Collectors of Odisha. The last date of submission of the tender is by 2.00 P.M. on 11.10.2022. For details of the tender document and downloading the documents please visit the website http://odisha.gov.in/tender and http://www.bor.nic.in.
Sd./- Director
Land Records & Surveys
Odisha, Cuttack
OIPR-24008/11/0002/2223

POVERTY & HUMAN DEVELOPMENT MONITORING AGENCY (PHDMA)
PLANNING & CONVERGENCE DEPARTMENT
GOVERNMENT OF ODISHA
Letter No. 707/19/22 Date: 19th Sept. 2022
SHORT QUOTATION CALL NOTICE
No. X-13: The undersigned is directed to invite sealed quotations in plain paper/letter pad from the intending registered Original Equipment Manufacturer (OEM)/Channel Partners/Authorized Distributors/Dealers/Suppliers having valid GST and PAN/TAN Nos. for supply of the Digital Cameras as per the specification given below.

| Sl. No. | Item/Specification | Quantity |
|---|---|---|
| 1 | Nikon Z30 Body with Nikkor Z DX 18-140mm/3.5-6.3 VR Lens | 10 Nos. |
| 2 | Canon 5D mark IV with 24-105 MM Kit Lens | 1 Number |

The Vendor shall quote their unit price of the above item inclusive of all taxes including provision of seamless services of the equipment during the warranty period. Further, the vendor should also submit non-refundable processing fees of Rs.1,000/- (Rupees one thousand only) in the form of Demand Draft drawn in favour of Poverty & Human Development Monitoring Agency (PHDMA) and payable at any Scheduled Bank having branch in Bhubaneswar along with their offer. The vendor should supply the equipment within 7 (Seven) days from the date of purchase order.
The quotation along with copy of Letter of Authorization, GST and PAN/TAN should reach the undersigned on or before Dt.26.09.2022 by 5.00 P.M. The undersigned reserves the right to accept/reject any or all of the quotations without assigning any reason thereof.
Sd./- Chief Accounts Officer
Dated the 19th.09.2022
OIPR-21016/11/0008/2223

GOVERNMENT OF ODISHA
FOREST, ENVIRONMENT & CLIMATE CHANGE DEPARTMENT
OFFICE OF THE DIVISIONAL FOREST OFFICER,
BOLANGIR FOREST DIVISION - 767001
Tel: - 06652-232948, Fax:-06652232948,
e-mail:- dfo-balangir@gov.in & dfobalangir@gmail.com
Bid Identification No. DFO.BLG 03 /2022-23 dated. 19.09.2022
Letter No. 6030 /1F, Dated, Bolangir the 19th September - 2022
No.MM-160: NOTICE INVITING TENDER

| Sl. No. | Name of the Work | Building Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs 10,65,487.00 /- lakhs |
| 2 | No. of Works | Two Forest Guard quarters, at Kantabanji and Lathore Ranges of Bolangir Forest Division |
| 3 | Period & time of Completion | 04 (Four) Calendar Months |
| 4 | Date & time of availability of the bid document in the portal | 22.09.2022 to 30.09.2022 |
| 5 | Last Date/Time for receipt of bids in the portal | Up to 5.00 PM of 30.09.2022 |
| 6 | Date & Time of bid opening | 11.30 hours on Dated. 01.10.2022 |
| 7 | Name & Address of the Officer Inviting Bid | Divisional Forest Officer, Bolangir Forest Division., Pin-767001 |

Others can be seen from Detailed Notice Inviting Tenders, available in website. www.tendersodisha.gov.in. Corrigendum if any, shall only be published in the above website.
Sd./-Divisional Forest Officer
OIPR-08061/11/0005/2223 Bolangir Forest Division

CONFISCATION NOTICE OF PASSENGER AUTO
No. MM-163: It is to inform all concerned through this publication that one Black Yellow Colour Bajaj Passenger Auto bearing Regd. Number OD 07 Y 1530, Engine Number: BBYWJE41014, Chassis Number: MD2A95AY4JWE84228 was seized on RD Road near Village: Biribadia for illegal transportation of Forest Produce i.e. Teak Planks - 12 Pcs. measuring to 3.506 Cft. & Jamu Plank - 04 Nos. measuring to 1.769 Cft. At the time of seizure 01 numbers accused persons was present on the spot i.e. (1) Sri Kailash Mallik, Age about 27 years, S/o. Nabin Mallik, Vill.: Biribadia, P.S.: Digapahandi, Dist.- Ganjam, the aforesaid vehicle along with the seized produce may confiscated for its involvement in OR Case No. 77 of 2021-22 of Digapahandi Range for non-submission of reply to show cause and non-attendance of the accused person/owner thereof on the date of hearing fixed before the forum of the Authorized Officer on dated 30.09.2022.
The final dated of hearing to the aforementioned case is fixed to 30.09.2022 at 11.00 A.M. in the forum of the Authorized Officer-cum-Assistant Conservator of Forests, Brahmapur Division for giving another opportunity of being heard in the matter. Failure to attend the hearing by any claimant/accused on the date fixed above and within 30 days from the date of publication of this notice in relation to the above vehicle, the vehicle may be confiscated under Section 56 of the Odisha Forest Act, 1972 exparte.
Sd./- Authorized Officer-cum-A.C.F.
Brahmapur Division
OIPR-08116/11/0017/2223

OFFICE OF THE COLLECTOR & DISTRICT MAGISTRATE, JHARSUGUDA, ODISHA
(Food Supplies & Consumer Welfare Section)
Advertisement No. 2560 Dated: 17.09.2022
ADVERTISEMENT FOR CONTRACTUAL ENGAGEMENT
No. F-265: In pursuance of Letter No. 13704 Dt.20.09.2021 of Food Supplies & Consumer Welfare Department, Government of Odisha, Bhubaneswar, application forms are invited from prospective eligible and experienced candidates for contractual engagement in the Post of "TECHNICAL SUPPORT STAFF" for District Project Management Unit (DPMU), Jharsuguda under Integrated Management of Public Distribution (IM-PDS) Scheme.
Information in details including job description, eligibility criteria & general instructions for submission of application(s) may be seen in District Website https://jharsuguda.nic.in.
The application shall be submitted through Speed Post/ Registered Post only addressed to **"Civil Supplies Officer, District Civil Supplies Office, Jharsuguda, Collectorate Building At: Jharsuguda (OMP Line), Dist.: Jharsuguda (Odisha), PIN - 768204"**.
**Closing date for submission of complete application in all respect is 7th October, 2022.**
Sd./- Collector, Jharsuguda
OIPR-24022/11/0003/2223





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଏଆଇଏଫ୍‌ଏଫ୍ ମହାସଚିବ ଶାଜି ପ୍ରଭାକରନ ଓ ସଭାପତି କଲ୍ୟାଣ ଚୌବେ। କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣାଙ୍କ ଉପସ୍ଥିତିରେ ପ୍ରଭାକରନ ଓ ଚୌବେ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ସହ ଚୌବେ, ପ୍ରଭାକରନଙ୍କ ଆଲୋଚନା

ଭୁବନେଶ୍ୱର, ୨୧ା୯ (କ୍ରୀଡ଼ା ପ୍ରତିନିଧି)

ସମ୍ପ୍ରତି ଓଡ଼ିଶା ଗସ୍ତରେ ଥିବା ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ସଭାପତି କଲ୍ୟାଣ ଚୌବେ ଓ ମହାସଚିବ ଶାଜି ପ୍ରଭାକରନ ବୁଧବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଓଡ଼ିଶାରେ ମହିଳା ଫୁଟବଲର ବିକାଶ ଏବଂ କଳିଙ୍ଗ କପ୍ ଫୁଟବଲ ଟୁର୍ନାମେଣ୍ଟର ପୁନଃଆରମ୍ଭ ସମ୍ପର୍କରେ ଆଲୋଚନା ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ କରି ଜଣାଇଛନ୍ତି। ଓଡ଼ିଶାର ସ୍ପୋର୍ଟିଂ ଇକୋସିଷ୍ଟମକୁ ପ୍ରଶଂସା କରିଥିବାରୁ ମୁଖ୍ୟମନ୍ତ୍ରୀ ଏହି ଦୁଇ ଫୁଟବଲ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସାକ୍ଷାତ ଅବସରରେ ଚୌବେ ଓ ପ୍ରଭାକରନଙ୍କୁ ମୁଖ୍ୟମନ୍ତ୍ରୀ ଉପହାର ସ୍ୱରୂପ ଜର୍ସି ପ୍ରଦାନ କରିଥିଲେ।

### କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ

ପରେ ଉଭୟ ଚୌବେ ଓ ପ୍ରଭାକରନ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଭାରତୀୟ ଫୁଟବଲର ଏହି ଦୁଇ ଶୀର୍ଷ ଅଧିକାରୀ ରାଜ୍ୟ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣାଙ୍କ ସହ ଆସନ୍ତା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଏବଂ ଓଡ଼ିଶାରେ ଫୁଟବଲର ସାମଗ୍ରିକ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଚୌବେ ଓ ପ୍ରଭାକରନ କଳିଙ୍ଗ ଷ୍ଟାଡିୟମର ଫୁଟବଲ ଗ୍ରାଉଣ୍ଡ ଏବଂ ଏହା ପରିସରରେ ଥିବା ଅନ୍ୟ ପ୍ରକଳ୍ପକୁ ବୁଲି ଦେଖିଥିଲେ। ରାଜ୍ୟ କ୍ରୀଡ଼ା ବିଭାଗ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ଅଧିକାରୀମାନେ ତାଙ୍କୁ ସହାୟତା କରିଥିଲେ।

# ଇଣ୍ଡିଆ କ୍ୟାପିଟାଲ୍ସର ପ୍ରଥମ ବିଜୟ

ଲକ୍ଷ୍ନୌ, ୨୧ା୯

ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଟି୨୦ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣରେ ପ୍ରଥମ ବିଜୟ ହାସଲ କରିଛି ଗୌତମ ଗମ୍ଭୀରଙ୍କ ଇଣ୍ଡିଆ କ୍ୟାପିଟାଲ୍ସ। ଇରଫାନ ପଠାନଙ୍କ ନେତୃତ୍ୱାଧୀନ ଭିଲୱାରା କିଙ୍ଗ୍ସକୁ ୭୮ ରନରେ ପରାସ୍ତ କରି ଦଳ ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ ଇରଫାନ। ସୋଲୋମନ୍ ମିରଙ୍କ ଦ୍ରୁତ ୮୨ ରନ ଜରିଆରେ କ୍ୟାପିଟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୧୯୮ ରନ କରିଥିଲା। ଜବାବରେ ଭିଲୱାରା କିଙ୍ଗ୍ସ ୧୯.୨ ଓଭରରେ ୧୨୦ ରନରେ ଅଲଆଉଟ ହୋଇଥିଲା।

### ଲିଜେଣ୍ଡ୍ସ ଲିଗ୍ କ୍ରିକେଟ

ଇଣ୍ଡିଆ କ୍ୟାପିଟାଲ୍ସର ନିୟମିତ ଅଧିନାୟକ ଗୌତମ ଗମ୍ଭୀର ଏହି ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିଥିଲେ। ଦୁଇ ଓପନର ଗମ୍ଭୀର(୧୨) ଓ ମିର(୮୨) ପ୍ରଥମ ଉଇକେଟରେ ଯୋଡିଥିଲେ ୨୪ ରନ୍। ୯ ବଲରୁ ଦୁଇ ଚୌକା ସହିତ ଗମ୍ଭୀର ପ୍ୟାଭିଲିୟନ ଫେରିବା ପରେ ଜିମ୍ବାୱେର ଦୁଇ ଖେଳାଳି ମିର ଓ ହାମିଲଟନ ମାସାକାଜା ମଙ୍ଗ ସମ୍ଭାଳିଥିଲେ। ଉଭୟ ଖେଳାଳି ୫୨ ବଲରେ ୧୦୫ ରନ୍ ଯୋଗ କରିବା ସହିତ ଏକ ବୃହତ୍ ସ୍କୋରର ମୂଳଦୁଆ ପକାଇଥିଲେ। ମିର ୩୮ ବଲ ଖେଳି ୭ ଚୌକା ଓ ୬ ଛକା ସହିତ ୮୨ ରନ୍ କରିଥିଲେ। ୩୦ ବଲ ଖେଳି ୪୮ ରନ କରିଥିବା ମାସାକାଜାଙ୍କୁ ଆଉଟ କରି ୟୁସୁଫ ପଠାନ ଏହି ଯୋଡି ଭାଙ୍ଗିଥିଲେ। ଏହାର ୨ ଓଭର ମଧ୍ୟରେ ମିରଙ୍କୁ ଆଉଟ କରିଥିଲେ ୟୁସୁଫ। ୧୩ ଓଭର ସୁଦ୍ଧା ୧୬୦ ରନ୍ କରିଥିବା କ୍ୟାପିଟାଲ୍ସ ମିର ଆଉଟ ହେବା ପରେ ଅନ୍ତିମ ୭ ଓଭରରୁ ମାତ୍ର ୩୮ ରନ୍ କରିଥିଲା। ଭିଲୱାରା କିଙ୍ଗସ୍ ପକ୍ଷରୁ ୟୁସୁଫ ପଠାନ ୨୮ ରନରେ ୩ଟି ଉଇକେଟ ନେଇଥିବା ବେଳେ ଟିନୋ ବେଷ୍ଟ ଓ ଟିମ୍ ବ୍ରେସନାନଙ୍କୁ ମିଳିଥିଲା ଗୋଟିଏ ଲେଖାଏ ସଫଳତା। ୧୯୯ ରନ ଲକ୍ଷ୍ୟର ପିଛା କରୁଥିବା ଭିଲୱାରା କିଙ୍ଗ୍ସର ଆରମ୍ଭ ଦୟନୀୟ ରହିଥିଲା। ଟୁର୍ନାମେଣ୍ଟର ସର୍ବାଧିକ ଉଇକେଟ ହାସଲକାରୀ ବୋଲର ପଙ୍କଜ ସିଂଙ୍କ ଘାତକ ବୋଲିଂ କାରଣରୁ ଦଳ ୨୪ ରନରେ ଦୁଇ ଓପନରଙ୍କୁ ହରାଇଥିଲା। ଦଳ ଏହି ବିପର୍ଯ୍ୟୟରୁ ମୁକୁଳି ନ ପାରି ନିୟମିତ ବ୍ୟବଧାନରେ ଉଇକେଟ ହରାଇ ଚାଲିଥିଲା। ୬୧ ରନରେ ଦଳର ୫ ବ୍ୟାଟର ପ୍ୟାଭିଲିୟନ ଫେରିବା ପରେ ପରାଜୟ ନିଶ୍ଚିତ ହୋଇଯାଇଥିଲା। ରଜତ ଭାଟିଆ, ପ୍ରବୀଣ ତାମ୍ବେ ଓ ପଙ୍କଜ ସିଂ ଦୁଇଟି ଲେଖାଏ ଏବଂ ଆସଲେ ନର୍ସ, ପ୍ରବୀଣ ଗୁପ୍ତା ଓ ଲିଆମ ପ୍ଲଙ୍କେଟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ସୋଲୋମନ୍ ମିରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।



ପ୍ଲେୟର ଅଫ୍ ଦ ମ୍ୟାଚ ସୋଲୋମନ୍ ମିର।

## ନର୍ଥ ଚ୍ୟାନେଲ ଅତିକ୍ରମ କଲେ ପ୍ରଥମ ଭାରତୀୟ ଯୋଡ଼ି

**ଗୁଆହାଟୀ,୨୧ା୯(ପି.ଟି.):** ଭାରତର ଦୁଇ ଦୂରଗାମୀ ସନ୍ତରଣକାରୀ ଆସାମର ଏଲଭିସ୍ ଅଲ ହଜାରିକା ଓ ପଶ୍ଚିମବଙ୍ଗର ରିମୋ ସାହା ପ୍ରଥମ ଭାରତୀୟ ଯୋଡି ଭାବରେ ୟୁରୋପର ନର୍ଥ ଚ୍ୟାନେଲ ଅତିକ୍ରମ କରି ଇତିହାସ ରଚିଛନ୍ତି। ଏହା ସହିତ ନିଜ ରାଜ୍ୟର ପ୍ରଥମ ସନ୍ତରଣକାରୀ ଭାବରେ ଉଭୟ ଏହି ରେକର୍ଡ କରିଛନ୍ତି। ପ୍ରଥମ ଏସୀୟ ଯୋଡି ଭାବରେ ଉଭୟ ଏହି ଚ୍ୟାନେଲ ଅତିକ୍ରମ କରିଥିବା ବେଳେ ୧୪ ଘଣ୍ଟା ୩୮ ମିନିଟ ସମୟ ନେଇଥିବା ହଜାରିକା ବୟସ୍କ ଭାରତୀୟ ଭାବରେ ନିଜ ନାମରେ ଏହି ରେକର୍ଡ କରିଛନ୍ତି। ୪୨ କିମିରୁ ଅଧିକ ଲମ୍ବା ରହିଥିବା ଏହି ଚ୍ୟାନେଲ ଅତିକ୍ରମ କରିବା ପାଇଁ ଉଭୟଙ୍କ ସମ୍ମୁଖରେ ବେଶ୍ ଚ୍ୟାଲେଞ୍ଜ ରହିଥିଲା। ଏହି ଚ୍ୟାନେଲଟି ଜେଲି ଫିଶରେ ଭର୍ତ୍ତି ରହିଥିବାରୁ ଏହା ସମସ୍ୟା ସୃଷ୍ଟି କରିଥିଲା। ପ୍ରତ୍ୟେକ ଦିନ କିଛି ଅଧିକ ପରିଶ୍ରମ କରି ସେ ନିଜକୁ ଏହି ସମୟ ପାଇଁ ପ୍ରସ୍ତୁତ ରଖିଥିଲେ ବୋଲି ହଜାରିକା କହିଛନ୍ତି। ପ୍ରଥମ ଆସାମୀୟ ଭାବେ ଏହି ସଫଳତା ଅର୍ଜନ କରିଥିବାରୁ ମୁଁ ଅତ୍ୟନ୍ତ ଖୁସି ବୋଲି ସେ କହିଥିଲେ। ଏହି ସଫଳତାକୁ ନିଜ ସ୍ତ୍ରୀ ପ୍ରଣମୀଙ୍କ ଜନ୍ମଦିନ ଉପହାର ଭାବରେ ସେ ଉତ୍ସର୍ଗ କରିଛନ୍ତି।

ରିଲେ ଟିମ୍‌ର ଅନ୍ୟତମ ସଦସ୍ୟ ରହିଥିବା ରିମୋ ସାହା ମଧ୍ୟ ପଶ୍ଚିମବଙ୍ଗର ପ୍ରଥମ ସନ୍ତରଣକାରୀ ଭାବେ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି।

# ହିତ୍, ଜୟଦେବ ସମ୍ମାନ ରଖିଲେ

କୋଏମ୍ବାଟୁର, ୨୧ା୯

ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଦୁଲିପ ଟ୍ରଫି କ୍ରିକେଟ ଫାଇନାଲ ବୁଧବାର ଆରମ୍ଭ ହୋଇଛି। ଅଜିଙ୍କ୍ୟ ରାହାନେ ଓ ଶ୍ରେୟସ ଆୟାରଙ୍କ ପରି ତାରକା ବ୍ୟାଟରମାନେ ପ୍ରଭାବୀ ବ୍ୟାଟିଂ କରିବାରେ ବିଫଳ ହୋଇଥିବାବେଳେ ପ୍ରଥମ ଦିବସ ଶେଷ ବେଳକୁ ପଶ୍ଚିମାଞ୍ଚଳ ପ୍ରଥମ ଇନିଂସରେ ୮ ଉଇକେଟ ହରାଇ ୨୫୦ ରନ ସଂଗ୍ରହ କରିଛି। ଗୁଜରାଟର ଯୁବ ଉଇକେଟ କିପର ହିତ୍ ପଟେଲ ୯୬ ଓ ଜୟଦେବ ଉନାଡକଟ ୩୯ ରନରେ ଅପରାଜିତ ରହି ଦଳର ସମ୍ମାନ ରଖିଛନ୍ତି।

ଟସ୍ ଜିତି ପଶ୍ଚିମାଞ୍ଚଳ ଅଧିନାୟକ ରାହାନେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ମାତ୍ର ଏହାକୁ ଭୁଲ୍‌ରେ ପରିଣତ କରିଥିଲେ ଦକ୍ଷିଣାଞ୍ଚଳ ବୋଲର। ଯୁବ ଓପନର ଯଶସ୍ୱି ଜୟସ୍ୱାଲ (୧ ରନ) ଓ ଅଭିଜ୍ଞ ପ୍ରିୟଙ୍କ ପଞ୍ଚଲ(୭) ଙ୍କୁ ଶୀଘ୍ର ପ୍ୟାଭିଲିୟନ ପଠାଇ ପଶ୍ଚିମାଞ୍ଚଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ଚିପୁରାପଲ୍ଲୀ ଷ୍ଟିଫେନ। ରାହାନେ ମଧ୍ୟ କ୍ରିଜରେ ତିଷ୍ଠିପାରି ନ ଥିଲେ। ସେ ବ୍ୟକ୍ତିଗତ ୮ ରନ କରି ବାସିଲ ଥାମ୍ପିଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଶ୍ରେୟସ ଆୟାର ଓ ସର୍ଫରାଜ ଖାଁ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଆୟାର ୩୭ ଓ ସର୍ଫରାଜ ୩୪ ରନକରି ଗୁଜରାଟର ବାମହାତୀ ସ୍ପିନର ରବିଶ୍ରୀନିବାସନ ସାଇ କିଶୋରଙ୍କ ଶିକାର ହୋଇଥିଲେ। ଶାମ୍ସ ମୁଲାନୀଙ୍କୁ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ପଥ ଦେଖାଇଥିଲେ ସାଇ କିଶୋର। ଫଳରେ ପଶ୍ଚିମାଞ୍ଚଳ ୧୦୧ ରନରେ ୬ଷ୍ଠ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ମିଡିଲ ଅର୍ଡରରେ ବ୍ୟାଟିଂ କରିବାକୁ ଆସିଥିବା ହିତ୍ ପଟେଲ ଧୈର୍ଯ୍ୟର ସହ ପ୍ରତିପକ୍ଷ ବୋଲରଙ୍କୁ ମୁକାବିଲା କରିଥିଲେ। ସେ ୮ ନମ୍ବର ବ୍ୟାଟର ଅତିତ୍ ସେଠ୍‌ଙ୍କ ସହ ୬୩ ରନର ଭାଗୀଦାରି ଗଢ଼ି ପଶ୍ଚିମାଞ୍ଚଳକୁ ଲଜ୍ଜାଜନକ ପରିସ୍ଥିତିରୁ ମୁକୁଳାଇ ଥିଲେ। ଅତିତ୍ ୨୫ ରନକରି ବାସିଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଲୋୟର ଅର୍ଡରରେ ତନୁଶ କୋଟିଆନ ମାତ୍ର ୨ ରନ କରିବାକୁ ସକ୍ଷମ ହୋଇଥିବାବେଳେ ଅଭିଜ୍ଞତାର ଉପଯୋଗ କରି ଦକ୍ଷିଣାଞ୍ଚଳ ବୋଲରଙ୍କୁ ସଫଳତାର ସହ ମୁକାବିଲା କରିଥିଲେ ସୌରାଷ୍ଟ୍ର ଭେଟେରାନ ଖେଳାଳି ଜୟଦେବ ଉନାଡକଟ। ହିତ୍ ପଟେଲ ଓ ଜୟଦେବ ଅସମାପ୍ତ ୯ମ ଉଇକେଟରେ ୮୩ ରନ ଯୋଗକରି କେବଳ ଯେ ପ୍ରଥମ ଦିବସରେ ଦଳକୁ ଅଲ୍‌ଆଉଟ ହେବାରୁ ରକ୍ଷା କରିଥିଲେ ତା’ ନୁହେଁ ଦଳକୁ ଏକ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର କରାଇଛନ୍ତି। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ହିତ୍ ପଟେଲ ୧୭୮ ବଲ୍‌ର ସମ୍ମୁଖୀନ ହୋଇ ୬ ଚୌକା ଓ ୧ ଛକା ସହାୟତାରେ ୯୬ ଓ ଜୟଦେବ ୩୯ (୬୪ ବଲ, ୩ ଚୌକା) ରନରେ ଅପରାଜିତ ରହିଥିଲେ। ଦକ୍ଷିଣାଞ୍ଚଳ ବୋଲରଙ୍କ ମଧ୍ୟରେ ସାଇ କିଶୋର ୩ଟି, ବାସିଲ ଥାମ୍ପି ଓ ଷ୍ଟିଫେନ ୨ଟି ଲେଖାଏ ଏବଂ କ୍ରିଷ୍ଣାପ୍ପା ଗୋଥାମ ଗୋଟିଏ ଉଇକେଟ ନେଇଥିଲେ।


ଅର୍ଦ୍ଧଶତକ ହାସଲପରେ ହିତ୍ ପଟେଲ।

### ଦୁଲିପ୍ ଟ୍ରଫି ଫାଇନାଲ

### ଅଜିଙ୍କ୍ୟ ରାହାନେ, ଶ୍ରେୟସ ଆୟାର ପ୍ରଭାବହୀନ

**ସଂକ୍ଷିପ୍ତ ସ୍କୋର**

ପଶ୍ଚିମାଞ୍ଚଳ ପ୍ରଥମ ଇନିଂସ: ୨୫୦/୮ (ହିତ୍ ପଟେଲ-୯୬*, ଜୟଦେବ ଉନାଡକଟ-୩୯*, ଶ୍ରେୟସ ଆୟାର-୩୭, ସର୍ଫରାଜ ଖାଁ-୩୪, ଆର. ସାଇ କିଶୋର-୩/୮୦, ବାସିଲ ଥାମ୍ପି-୨/୪୨, ଚିପୁରାପଲ୍ଲୀ ଷ୍ଟିଫେନ-୨/୨/୩୯, କ୍ରିଷ୍ଣାପ୍ପା ଗୋଥାମ-୧/୭୩)।

# ଡବ୍ଲ୍ୟୁଟିସି ଫାଇନାଲ ଭେନ୍ୟୁ ଘୋଷଣା

**ଦୁବାଇ, ୨୧ା୯ (ପି.ଟି.):** ଆଇସିସି ପକ୍ଷରୁ ୨୦୨୩ ଓ ୨୦୨୫ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ପାଇଁ ଭେନ୍ୟୁ ଘୋଷଣା କରାଯାଇଛି। ଜୁଲାଇରେ ବର୍ମିଂହାମରେ ହୋଇଥିବା ଆଇସିସିର ବାର୍ଷିକ ସାଧାରଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। ଇଂଲଣ୍ଡରେ ପରବର୍ତ୍ତୀ ଦୁଇ ସଂସ୍କରଣର ଫାଇନାଲ ଅନୁଷ୍ଠିତ ହେବ। ବୁଧବାର ଓଭାଲ ଓ ଲର୍ଡସକୁ ଯଥାକ୍ରମେ ୨୦୨୩ ଓ ୨୦୨୫ ପାଇଁ ଭେନ୍ୟୁ ଘୋଷଣା କରାଯାଇଛି। ଓଭାଲରେ କ୍ରିକେଟ ପାଇଁ ବେଶ୍ ଅନୁକୂଳ ପରିବେଶ ରହିଥିବା ବେଳେ ଏଠାକାର ବାତାବରଣ ମଧ୍ୟ ଭଲ। ତେଣୁ ୨୦୨୩ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଏଠାରେ ଆୟୋଜନ କରାଯିବ ବୋଲି ଆଇସିସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଓଫ୍ ଆଲାର୍ଡିସ୍ ପ୍ରକାଶ କରିଛନ୍ତି। ଏହା ପରେ ୨୦୨୫ର ଡବ୍ଲ୍ୟୁଟିସି ଫାଇନାଲ ମଧ୍ୟ କ୍ରିକେଟର ମକ୍କା ଲର୍ଡସରେ ଖେଳାଯିବ। ବିଗତ ବର୍ଷର ଫାଇନାଲ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚର ସଫଳତା କାରଣରୁ ପୁନର୍ବାର ଇଂଲଣ୍ଡରେ ମ୍ୟାଚ କରିବାକୁ ଆଇସିସି ନିଷ୍ପତ୍ତି ନେଇଥିଲା। ଦୁଇଟି ବର୍ଷର ଫାଇନାଲ ପାଇଁ ଭେନ୍ୟୁ ଘୋଷଣା କରାଯାଇଥିଲେ ହେଁ ବର୍ତ୍ତମାନ ଯାଏ ଫାଇନାଲିଷ୍ଟ ଚୂଡ଼ାନ୍ତ ହୋଇନାହାନ୍ତି।

# ମହାରାଷ୍ଟ୍ରର ଆୟୋଜକ ସହର ଭେନ୍ୟୁ ଲୋଗୋ ଉନ୍ମୋଚିତ

ମୁମ୍ବାଇ, ୨୧ା୯

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ପାଇଁ ବୁଧବାର ମହାରାଷ୍ଟ୍ରର ଆୟୋଜକ ସହର ଭେନ୍ୟୁ ଲୋଗୋ ଉନ୍ମୋଚନ କରିଛନ୍ତି ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମହାରାଷ୍ଟ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଗିରିଶ ମହାଜନ ଏବଂ ସ୍ଥାନୀୟ ଆୟୋଜକ କମିଟି ପ୍ରକଳ୍ପ ନିର୍ଦ୍ଦେଶକ ନନ୍ଦିନୀ ଆରୋରା ଉପସ୍ଥିତ ଥିଲେ। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଅକ୍ଟୋବର ୧୧ରୁ ୩୦ ପର୍ଯ୍ୟନ୍ତ ଓଡ଼ିଶା, ଗୋଆ ଓ ମହାରାଷ୍ଟ୍ରରେ ଅନୁଷ୍ଠିତ ହେବ। ଭାରତରେ ପ୍ରଥମଥର ପାଇଁ ଫିଫାର ଏହି ଜୁନିୟର ମହିଳା ବିଶ୍ୱକପ ଅନୁଷ୍ଠିତ ହେବାକୁ ଯାଉଛି। ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ତୃତୀୟ ସ୍ଥାନ ଏବଂ ଫାଇନାଲ ଅନୁଷ୍ଠିତ ହେବ। ପ୍ରକାଶଯୋଗ୍ୟ ଯେ, ମହାରାଷ୍ଟ୍ର ଓ ଗୋଆରେ ଦ୍ୱିତୀୟ ଥର ପାଇଁ କୌଣସି ଫିଫା ଇଭେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି। ପୂର୍ବରୁ ୨୦୧୭ରେ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ (ପୁରୁଷ) ଏହି ଦୁଇ ରାଜ୍ୟରେ ଅନୁଷ୍ଠିତ ହୋଇଥିଲା।

### ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ



ଲୋଗୋ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଅନ୍ୟମାନେ।

# ସେମିରେ ସୁନ୍ଦରଗଡ଼-ସମ୍ବଲପୁର, କିଟ୍-ଦେବଗଡ଼

ଭୁବନେଶ୍ୱର, ୨୧ା୯ (କ୍ରୀଡ଼ା ପ୍ରତିନିଧି)

### ରାଜ୍ୟ ଜୁନିୟର ହକି

ହକି ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ରାଜ୍ୟ ଜୁନିୟର ହକି ଚାମ୍ପିୟନଶିପର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ଗୁରୁବାର ସୁନ୍ଦରଗଡ଼-ସମ୍ବଲପୁର ଏବଂ କିଟ୍-ଦେବଗଡ଼ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ। କିଟ୍ ଷ୍ଟାଡିୟମରେ ମ୍ୟାଚ ୨ଟି ଯଥାକ୍ରମେ ଅପରାହ୍ନ ୩ଟା୩୦ ଓ ୫ଟାରେ ଅନୁଷ୍ଠିତ ହେବ। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସୁନ୍ଦରଗଡ଼ ୫-୨ ଗୋଲରେ ସମ୍ବଲପୁରର ଶହୀଦ ମାଧୋ ସିଂ ହକି ଏକାଡେମୀକୁ ହରାଇଥିବାବେଳେ ଦେବଗଡ଼ ୨-୦ରେ ଢେଙ୍କାନାଳ, ସମ୍ବଲପୁର ୩-୦ରେ ଅନୁଗୋଳ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ୪-୩ ଗୋଲରେ ଝାରସୁଗୁଡ଼ାକୁ ପରାସ୍ତ କରିଛି।

# ଦଳ ଘୋଷଣା କଲା ଭାରତ

### ମହିଳା ଏସିସି ଟି୨୦ ଚାମ୍ପିୟନଶିପ୍

**ନୂଆଦିଲ୍ଲୀ,୨୧ା୯(ପି.ଟି.):** ବିସିସିଆଇ ପକ୍ଷରୁ ବୁଧବାର ଏସିସି ମହିଳା ଟି୨୦ ଚାମ୍ପିୟନଶିପ୍ ପାଇଁ ଦଳ ଘୋଷଣା କରାଯାଇଛି। ବାଂଲାଦେଶର ସିଲହଟରେ ଆସନ୍ତା ଅକ୍ଟୋବର ୧-୧୫ ଯାଏ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ। ଇଂଲଣ୍ଡ ଗସ୍ତରେ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳିଥିବା ୧୫ ଜଣିଆ ଦଳ ଭାରତ ଅପରିବର୍ତ୍ତିତ ରଖିଥିବା ବେଳେ କେବଳ ତାନିଆ ଭାଟିଆ ଓ ସିମରନ ବାହାଦୁରଙ୍କୁ ରିଜର୍ଭ ଖେଳାଳି ରଖାଯାଇଛି। ରାଉଣ୍ଡ ଅକ୍ଟୋବର ୭ ତାରିଖରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏହା ପୂର୍ବରୁ ଭାରତ ମାଲେସିଆ (ଅକ୍ଟୋବର ୩) ଓ ୟୁଏଇ (ଅକ୍ଟୋବର ୪) ସହିତ ମ୍ୟାଚ୍ ଖେଳିବ। ଅକ୍ଟୋବର ୮ରେ ଆୟୋଜକ ବାଂଲାଦେଶ ଏବଂ ଅକ୍ଟୋବର ୧୦ରେ ଥାଇଲାଣ୍ଡ ବିପକ୍ଷରେ ଖେଳିବ ହରମନପ୍ରୀତ କୌରଙ୍କ ଭାରତ। ଅକ୍ଟୋବର ୧୩ରେ ସେମିଫାଇନାଲ ଓ ୧୫ ତାରିଖରେ ଫାଇନାଲ ଖେଳାଯିବ।

**ଭାରତୀୟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା(ଉପ ଅଧିନାୟିକା), ଦୀପ୍ତି ଶର୍ମା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ୍, ସବ୍ବିନେନି ମେଘନା, ରିଚା ଘୋଷ (ଉଇକେଟକିପର), ସ୍ନେହ ରାଣା, ଦୟଲାନ ହେମଲତା,ମେଘନା ସିଂ, ରେଣୁକା ଠାକୁର, ପୂଜା ବସ୍ତ୍ରକାର, ରାଜେଶ୍ୱରୀ ଗାଏକ୍ୱାଡ, ରାଧା ଯାଦବ, କେ. ପି. ନବଗିରେ।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।

Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Market Complex, B wing, Bangalore, Karnataka-400021
8901110759

ଧନ କୁବେର ଫାଇନାନ୍ସ
30000 ରୁ 50 ଲକ୍ଷ ପର୍ଯ୍ୟନ୍ତ ଋଣ । ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଉଦ୍ୟୋଗ, ଗୃହ ଋଣ, ଇଟାଭାଟି ଋଣ, 36 ଘଣ୍ଟାରେ 2% ସୁଧ 50% ରିହାତି (ସିବିଲ ଖରାପ ଥିବା ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)
9457203304

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ଗୋପିନାଥ ହୋତା
ଆବିର୍ଭାବ : ତା.୧୬.୦୩.୧୯୫୫
ତିରୋଧାନ : ତା.୧୩.୧୦.୨୦୨୦
ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲା, ଆପଣଙ୍କର ଦିବଂଗତ ଆତ୍ମାର ଚିରଶାନ୍ତି ଓ ସଦଗତି ପାଇଁ ଇଶ୍ୱରଙ୍କ ଚରଣାବିନ୍ଦରେ ଅଶ୍ରୁଭରା ପାର୍ଥନା
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ
ଧ-୧୫୭୮

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ କନକଲତା ମହାପାତ୍ର
୨୪୦/୧୪, ଏରୋଡ୍ରମ ଏରିଆ, ଭୁବନେଶ୍ୱର
ଆବିର୍ଭାବ- ୨୦.୧୦.୧୯୩୭
ତିରୋଧାନ- ୧୧.୦୯.୨୦୨୨
ଆପଣଙ୍କର ଅମରଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦ ରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ
ପୁତ୍ର-ପୁତ୍ରବଧୂ:
ଅସିତ୍-ମିତୁ, ତୁଷାର-ମିତା, ସମର-ଅନୀତା, ଅରୁଣ-ସୁସ୍ମିତା
କନ୍ୟା-ଜାମାତା: ଅନୁରାଧା-ଶିବପ୍ରସାଦ
ନାତି, ନାତୁଣୀ, ନାତୁଣୀଜ୍ୱାଇଁ, ନାତୁଣୀବୋହୂ:
ପୁପୁଲ୍-ଶଙ୍କର, ସୁମନ୍-ପ୍ରଶାନ୍ତି, ପିକୁନ୍-ମନୀଷା, ଅନିଶ୍-ସୁଚିତା, ଶିବଜିତ୍, ଆଦିତ୍ୟ, ମନୀଷା, ଶ୍ୱେତା, ସାତ୍ତ୍ୱିକା
ଅଣନାତି: ଅଦ୍ୱୈତ, ଆରବ୍
ଧ-୧୫୭୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ ଚନ୍ଦ୍ରଭାନୁ ଦାସ
ପ୍ଲଟ୍ ନଂ.: ୫୧୨, ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୦.୦୩.୧୯୬୧
ତିରୋଧାନ: ୦୩.୧୦.୨୦୨୧
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ସମସ୍ତଙ୍କୁ ଭଲପାଇବା କେବେ ବି ଭୁଲି ହେବ ନାହିଁ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
-: ଶୋକ ସନ୍ତପ୍ତ :-
ପୁତ୍ର: ଶ୍ରୀକୃଷ୍ଣ ଆଶ୍ରିତ ଦାସ, ବନ୍ଧୁ ଓ ପରିବାରବର୍ଗ
ଧ-୧୫୮୦

# ହସ ସୌଦାଗର ରାଜୁ

ମଞ୍ଚ ଉପରେ ହେଉ ଅବା ବଡ଼ ପରଦା, ତାଙ୍କୁ ଦେଖିଲେ ଯେ କେହି ହସି ହସି ବେଦମ ହୋଇଯିବ। ତାଙ୍କର କହିବା ଶୈଳୀ ଥିଲା ନିଆରା ଆଉ ସେଥିରେ ଭରି ରହିଥିଲା ହସର ମହକ। ମିମିକ୍ରି କରିବାରେ ସେ କେତେ ଧୁରନ୍ଧର ତାହା କହିବା ବାହୁଲ୍ୟ। ନିକଟରେ କିଛିଦିନ ଧରି ଗୁରୁତର ଅସୁସ୍ଥ ରହି ସେ ଚିକିତ୍ସିତ ହେଉଥିଲେ। ହେଲେ ଶେଷରେ ସେ ଅଫେରା ରାଇଜର ଯାତ୍ରୀ ସାଜିଛନ୍ତି। ସେ ହେଉଛନ୍ତି ହସର ସୌଦାଗର ସତ୍ୟ ପ୍ରକାଶ ଶ୍ରୀବାସ୍ତବ ଓରଫ ରାଜୁ ଶ୍ରୀବାସ୍ତବ...

**କାନପୁରରୁ ମୁମ୍ବାଇ:** ରାଜୁ ଶ୍ରୀବାସ୍ତବ ଉତ୍ତର ପ୍ରଦେଶର କାନପୁର ସହରରେ ୧୯୬୩ ଡିସେମ୍ବର ୨୫ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ରମେଶ ଚନ୍ଦ୍ର ଶ୍ରୀବାସ୍ତବ ଥିଲେ ଜଣେ କବି। ୧୯୮୨ରେ ମୁମ୍ବାଇ ଆସିଥିଲେ ରାଜୁ। ପେଟ ପୋଷିବାକୁ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡ଼ିଥିଲା।

**ଅଟୋ ଚାଳକରୁ ଅଭିନେତା:** ମୁମ୍ବାଇ ଆସିବା ପରେ କିଛି ରୋଜଗାର କରିବା ଲାଗି ସେ ଅଟୋ ଚଲାଉଥିଲେ। ତା' ପରେ ଆକ୍ଟିଂ ପ୍ରତି ମନବଳାଇଲେ। ସେତେବେଳେ ଛୋଟ ଛୋଟ ଭୂମିକାରେ ଅଭିନୟ କରିଥିଲେ। ଏନ୍. ଚନ୍ଦ୍ରାଙ୍କ ସୁପରହିଟ୍ ଫିଲ୍ମ 'ତେଜାବ'ରେ ତାଙ୍କୁ ମିଳିଥିଲା ଅପୂର୍ବ ସୁଯୋଗ।

**ଦ ଗ୍ରେଟ୍ ଇଣ୍ଡିଆନ୍ ଲାଫ୍ଟର ଶୋ':** କମେଡିଆନ୍ ଭାବରେ ନିଜକୁ ପରିଚିତ କରାଇବା ପୂର୍ବରୁ କେତେକ ଟିଭି ରିଆଲିଟି ଶୋ'ରେ ମଧ୍ୟ ଅଂଶଗ୍ରହଣ କରିଥିଲେ ରାଜୁ। ଷ୍ଟାର ୱାନ୍ ଚାନେଲରେ ୨୦୦୫ରେ ପ୍ରସାରିତ 'ଦ ଗ୍ରେଟ୍ ଇଣ୍ଡିଆନ୍ ଲାଫ୍ଟର ଶୋ' ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା।





ଅମିତାଭ ବଚ୍ଚନଙ୍କ ସହ ରାଜୁ



(ବାମରୁ) କନ୍ୟା, ସ୍ତ୍ରୀ ଏବଂ ପୁତ୍ରଙ୍କ ସହ ରାଜୁ

## ମିମିକ୍ରି ବାଦ୍‌ଶାହା

ଯେତେବେଳେ ସେ ଯେଉଁ ଷ୍ଟେଜ୍ ଶୋ' କଲେ ସେତେବେଳେ କମେଡି ସହ ମିମିକ୍ରି ମଧ୍ୟ କରୁଥିଲେ। ତାଙ୍କ କ୍ୟାରିୟରର ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ଅମିତାଭଙ୍କ ମିମିକ୍ରି କରି ସାଉଁଟିଥିଲେ ଅନେକ ପ୍ରଶଂସା। ବଲିଉଡ୍‌ର ଷ୍ଟାଣ୍ଡ-ଅପ୍ କମେଡିଆନ୍‌ଙ୍କ ମଧ୍ୟରେ ସେ ସବୁଠାରୁ ଅଧିକ ପାରିଶ୍ରମିକ ପାଉଥିଲେ। କମେଡିଆନ୍ ଭାବରେ କେବଳ ନିଜ ଦେଶରେ ନୁହେଁ ବିଦେଶରେ ମଧ୍ୟ ତାଙ୍କର ସୁଖ୍ୟାତି ଥିଲା।

## ଅଭିନୀତ ପ୍ରମୁଖ ଚଳଚ୍ଚିତ୍ର

'ତେଜାବ', 'ମୈନେ ପ୍ୟାର୍ କିୟା', 'ବାଜିଗର', 'ମିଷ୍ଟର ଆଜାଦ', 'ଅଭୟ', 'ଆମଦାନୀ ଆଠନି ଖର୍ଚ୍ଚା ରୁପୟା', 'ୱା ତେରା କ୍ୟା କହେନା', 'ମେଁ ପ୍ରେମ୍ କି ଦିୱାନୀ ହୁଁ', 'ଜାହାଁ ଜାୟେଗା ହମେ ପାୟେଗା' ଆଦି ଚଳଚ୍ଚିତ୍ର।

**ଛୋଟ ପରଦା:** 'ଦେଖ ଭାଇ ଦେଖ', 'ଶକ୍ତିମାନ', 'ଦ ଗ୍ରେଟ୍ ଇଣ୍ଡିଆନ୍ ଲାଫ୍ଟର ଚାଲେଞ୍ଜ', 'ବିଗ୍ ବସ୍-୩', 'କମେଡି ସର୍କସ', 'ନାଚ୍‌ବଲିୟେଁ', 'ଗ୍ୟାଙ୍ଗସ ଅଫ୍ ହସିପୁର (ହୋଷ୍ଟ), 'ଅଦାଲତ'।

**ଅନୁପ୍ରାଣିତ କରିଥିଲା 'ଶୋଲେ':** ବଲିଉଡ୍‌ର ବ୍ଲକବଷ୍ଟର ଫିଲ୍ମ 'ଶୋଲେ'କୁ ଦେଖିବା ପରେ ଜଣେ ଅଭିନେତା ହେବାର ସ୍ୱପ୍ନ ରାଜୁଙ୍କ ମନରେ ଆହୁରି ଦୃଢ଼ୀଭୂତ ହୋଇଥିଲା। ଏଥିରେ ଅମିତାଭଙ୍କ ବଚ୍ଚନଙ୍କ ଭୂମିକା ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା।

**ଅଭୁଲା ୫୦ ଟଙ୍କା:** ଅଭିନୟ ଗୁରୁ ଅମିତାଭ ବଚ୍ଚନଙ୍କ ଡାଏଲଗ୍‌କୁ ମିମିକ୍ରି କରି ବେଶ୍ ପ୍ରଶଂସିତ ହୋଇଥିଲେ ରାଜୁ। ଏଥିରେ ତାଙ୍କୁ ପ୍ରଥମ ପାରିଶ୍ରମିକ ମିଳିଥିଲା ମାତ୍ର ୫୦ ଟଙ୍କା।

**ଅପେକ୍ଷା ୧୨ ବର୍ଷର:** ନିଜ ପ୍ରେମକୁ ସାକାର କରିବା ଲାଗି ତାଙ୍କୁ ଦୀର୍ଘ ୧୨ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା। ଶେଷରେ ୧୯୯୩ ମେ ୧୭ରେ ପ୍ରେମିକା ଶିଖା ତାଙ୍କର ଧର୍ମପତ୍ନୀ ସାଜିଥିଲେ। ଏବେ ତାଙ୍କର ପୁଅ ଆୟୁଷ୍ମାନ ଏବଂ ଝିଅ ଅନ୍ତରା ଅଛନ୍ତି।

**ଅଧୁରା ରହିଲା ସ୍ୱପ୍ନ:** ଉତ୍ତରପ୍ରଦେଶ ଚଳଚ୍ଚିତ୍ର ଉନ୍ନୟନ ନିଗମର ଚେୟାରମ୍ୟାନ ଭାବରେ ସେ କାର୍ଯ୍ୟରତ ଥିଲେ। ଏହି ରାଜ୍ୟରେ ଏକ ଫିଲ୍ମସିଟି ନିର୍ମାଣ ପାଇଁ ସେ ଦିନରାତି ଏକାଠି କରିଦେଇଥିଲେ। ଏବେ ସେ ଯେଉଁ ରାଇଜକୁ ଯାଇଛନ୍ତି ସେଠାରୁ କେହି କେବେ ଫେରି ଆସିପାରିବ ନାହିଁ, ହେଲେ ଜଣେ ଲୋକପ୍ରିୟ କମେଡିଆନ୍ ଭାବରେ ତାଙ୍କର ସ୍ଥାନ ଅପୂରଣୀୟ ହୋଇରହିବ।

---

## ପରଦାରେ..

# ବାଳୀ



'ବାଳୀ' ଫିଲ୍ମରେ ସୂର୍ଯ୍ୟକାନ୍ତ

ସବୁ ପ୍ରତୀକ୍ଷାର ଅନ୍ତ ଘଟାଇ ଓଡ଼ିଆ ସିନେମା 'ବାଳୀ-ଦ ସେଭିୟର' ଆସନ୍ତା କାଲି ପରଦା ଉପରକୁ ଆସୁଛି। ଏହି ଫିଲ୍ମଟିକୁ ପ୍ରଯୋଜନା କରିବା ସହ ତାହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସୂର୍ଯ୍ୟକାନ୍ତ ସାମଲ। ପୁଣି ଠିକ୍ ସେମିତି ଯେଉଁ ଭୂମିକାରେ ଅଭିନୟ କରିବାକୁ ସେ ମନ ବଳାଇଥିଲେ ତାହା ପୂରଣ ହୋଇଛି। ଏଥିରେ ଜଣେ ସାଧାରଣ ଯୁବକ ଭୂମିକାରେ ସେ ଅଭିନୟ କରୁଛନ୍ତି। ଏକ ବସ୍ତିବାସିନ୍ଦାର ସୁରକ୍ଷା ପାଇଁ ଯୁବକ ଜଣକ କିପରି ନିଜ ଜୀବନକୁ ବାଜି ଲଗାଇ ଦେଉଛି ତାହା ଏଥିରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ମାମା ସାମଲ। ଏଥିରେ ମାମା ଜଣେ ଜର୍ନାଲିଷ୍ଟ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମ ସମ୍ପର୍କରେ ସୂର୍ଯ୍ୟକାନ୍ତ କହନ୍ତି, 'ଏହାର କାହାଣୀ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। କେବଳ କାହାଣୀ ନୁହେଁ, ସଞ୍ଜୟ ସିତୁଙ୍କ ସ୍ୱର ସଂଯୋଜନାରେ ଗୀତଗୁଡ଼ିକ ମଧ୍ୟ ବେଶ୍ ଶ୍ରୁତିମଧୁର ହୋଇଛି।' ସୂର୍ଯ୍ୟକାନ୍ତ-ମାମା ଯୋଡ଼ି ବ୍ୟତୀତ ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ଜୟ ପ୍ରକାଶ ଦାସ, ସ୍ମିତା ମହାନ୍ତି, ହରିହର ମହାପାତ୍ର, ଚିନ୍ତାମଣି ବିଶ୍ୱାଳ, ବାପି ରୟ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ସୂର୍ଯ୍ୟକାନ୍ତ ସାମଲଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି କେ. ମୁରଲୀକ୍ରିଷ୍ଣା।

## ନୂଆ ସିନେମା

# ଲିଙ୍ଗରାଜ ମନ୍ଦିର

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନାଁରେ ଓଡ଼ିଆ ସିନେମା ନିର୍ମିତ ହେବାକୁ ଯାଉଛି। ଏହାର ଟାଇଟଲ ରହିଛି 'ଲିଙ୍ଗରାଜ ମନ୍ଦିର'। ଏହାର ଅଡିଓ ରେକର୍ଡିଂ କାମ ଇତିମଧ୍ୟରେ ଆରମ୍ଭ ହୋଇଛି। ଏକ ବଳିଷ୍ଠ ପ୍ରେମ କାହାଣୀକୁ ନେଇ ସିନେମାଟିର କାହାଣୀ ଗତିଶୀଳ। କେବଳ ସେତିକି ନୁହେଁ, ଅନେକ ବର୍ଷ ତଳର ଐତିହାସିକ ତଥ୍ୟ ମଧ୍ୟ ଏଥିରେ ସ୍ଥାନ ପାଇଛି। ମିଳିଥିବା ସୂଚନା ଅନୁସାରେ ଲିଙ୍ଗରାଜ ମନ୍ଦିର ନିକଟ ଖୋଳିବା ସମୟରେ ଏକ ପଥର ମୂର୍ତ୍ତିଟିଏ ମିଳୁଛି। ପରବର୍ତ୍ତୀ ସମୟରେ ଉକ୍ତ ମୂର୍ତ୍ତିର ପ୍ରାଚୀନ ଇତିହାସ ଜଣାପଡୁଛି। ମୂର୍ତ୍ତିଟି କାହାର ଏବଂ ମାଟି ତଳେ ତାହାକୁ କାହିଁକି ଓ କିଏ ପୋତିଥିଲା ତାହା ସିନେମାର ଶେଷଯାଏ ଦେଖିଲେ ଜଣାପଡ଼ିବ ବୋଲି କହନ୍ତି ଏହାର ପ୍ରଯୋଜକ ଏ. ସଞ୍ଜୁ। ସଂଯୋଜିତ ଛଅଟି ଗୀତକୁ ସ୍ୱର ଦେଉଛନ୍ତି ଗୁଡ୍‌ଲି ରଥ। ସିନେମାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସାଉଥ୍ ସିନେମାର ପ୍ରଖ୍ୟାତ ନିର୍ଦ୍ଦେଶକ ରବି ରୟାଲ। ରାଜଶେଖର ସହ ପ୍ରଯୋଜକ ଥିବା ବେଳେ ୱାଇ ରେଡ୍ଡୀ କ୍ୟାମେରା, ଚିତ୍ତରଞ୍ଜନ ଆଚାର୍ଯ୍ୟ ପ୍ରଡକ୍ସନ ଡିଜାଇନର ଓ ପ୍ରଣୟ ଜେଠି କ୍ରିଏଟିଭ ହେଡ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଆସନ୍ତା ଜାନୁୟାରୀରୁ ସିନେମାର ଶୁଟିଂ ଆରମ୍ଭ ହେବ। ଭୁବନେଶ୍ୱର, ଗଡ଼ମଧୁପୁର, କୋରାପୁଟ, ଜୟପୁର, ରାୟଗଡ଼ା ଓ ମୁମ୍ବାଇରେ ସିନେମାର ଶୁଟିଂ ହେବ। ଭୂମିକା ଦାଶ ଏଥିରେ ଏକ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ତା' ସହ ଅତିଶୀଘ୍ର ବଲିଉଡ୍ ଓ ଓଲିଉଡ୍ କଳାକାର ଚୟନ କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ଭୂମିକା

# କିଆରା ଯାହା ଖୋଜୁଥିଲେ...

ବେଳେବେଳେ ମଣିଷ ଯାହା ଖୋଜୁଥାଏ, ତାହା ହାତପାଆନ୍ତାରେ ମିଳିଯାଏ। ଦେଖୁନାହାନ୍ତି, ଯେଉଁଭଳି ଭୂମିକା ପାଇଁ ସେ ଚାହିଁ ବସିଥିଲେ ତାହା କେମିତି ତାଙ୍କୁ ମିଳିଯାଇଛି। କଥା କ'ଣ କି କରନ୍ ଜୋହରଙ୍କ ନିର୍ମାଣାଧୀନ ଫିଲ୍ମ 'ଗୋବିନ୍ଦା ମେରେ ନାମ'ରେ ତାଙ୍କୁ ଦେଖିବାକୁ ମିଳିବ। ଏହି ଚିତ୍ରରେ କିଆରାଙ୍କ ବ୍ୟତୀତ ଭିକି କୌଶଲ ଏବଂ ଭୂମି ପେଦେନକର ମଧ୍ୟ ଅଭିନୟ କରୁଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ଶଶାଙ୍କ ଖୈତାନ। ତେବେ ଏହି ଫିଲ୍ମରେ କିଆରାଙ୍କୁ ଏକ ଭିନ୍ନ ଧରଣର ରୋମାଣ୍ଟିକ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଏ ନେଇ ସେ କହନ୍ତି, 'ବର୍ତ୍ତମାନ ସେହି ରୋଲ୍ ବିଷୟରେ ସବିଶେଷ ସୂଚନା ଦେଉନାହିଁ। ଯେତେବେଳେ ଫିଲ୍ମଟି ରିଲିଜ ହେବ ସେତେବେଳେ ଦର୍ଶକ ତାହାକୁ ଦେଖିଲା ପରେ ମୋ' ଭୂମିକା ବିଷୟରେ ଜାଣିପାରିବେ। ଏଥିରେ କେବଳ ମୋ' ଭୂମିକା ନୁହେଁ, ଫିଲ୍ମର କାହାଣୀ ମଧ୍ୟ ବେଶ୍ ଦମ୍‌ଦାର। ବିଶେଷଭାବରେ ଯୁବପିଢ଼ୀଙ୍କୁ ଏହି ଫିଲ୍ମଟି ଶତ ପ୍ରତିଶତ ଏଣ୍ଟରଟେନ୍‌ମେଣ୍ଟ ଦେବ ବୋଲି ମୋର ଆଶା ରହିଛି। ତେବେ ଫିଲ୍ମଟି ପରଦା ଉପରକୁ ଆସିବା ପରେ ହିଁ ସବୁକିଛି ଜଣାପଡିବ।' ଅନ୍ୟପକ୍ଷରେ ଜୁଗଜୁଗ ଜିୟୋ'ରେ ବରୁଣ ଧାୱନଙ୍କ ନାୟିକା ସାଜିଛନ୍ତି କିଆରା।



କିଆରା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୨/୨୦୨୨ Bhubaneswar, Thursday, September 22/ 2022

# ଆଇଓଏ ସଭାପତି ପଦରୁ ଓହରିଲେ ଅନିଲ ଖାନ୍ନା

**ନୂଆଦିଲ୍ଲୀ,୨୧।୯(ପି.ଟି.)**

ବରିଷ୍ଠ କ୍ରୀଡା ପ୍ରଶାସକ ଅନିଲ ଖାନ୍ନା ବୁଧବାର ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ)ର କାର୍ଯ୍ୟକାରୀ ସଭାପତି ପଦରୁ ଓହରି ଯାଇଛନ୍ତି। କାର୍ଯ୍ୟକାରୀ ସଭାପତିଙ୍କୁ ଗ୍ରହଣ କରିବା ପ୍ରସ୍ତାବକୁ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି) ପକ୍ଷରୁ ଅଗ୍ରାହ୍ୟ କରାଯିବା ପରେ ବୁଧବାର ଖାନ୍ନା ଇସ୍ତଫା ପ୍ରଦାନ କରିଛନ୍ତି। ଡିସେମ୍ବର ସୁଦ୍ଧା ନିର୍ବାଚନ କରା ନ ଗଲେ ଆଇଓଏକୁ ନିଲମ୍ବନ କରିବା ପାଇଁ ଆଇଓସି ପକ୍ଷରୁ ସେପ୍ଟେମ୍ବର ୮ରେ ଚେତାବନୀ ଦିଆଯାଇଥିଲା। ଆଇଓଏ ମୁଖ୍ୟ ଭାବରେ ନରିନ୍ଦର ବାତ୍ରାଙ୍କୁ ସର୍ବୋଚ୍ଚ କୋର୍ଟ ଅଯୋଗ୍ୟ ଘୋଷିତ କରିବା ପରେ କାର୍ଯ୍ୟକାରୀ ସଭାପତି ଭାବରେ ଖାନ୍ନା ଦାୟିତ୍ୱ ଗ୍ରହଣ କରିଥିଲେ। ଆଇଓଏର ବରିଷ୍ଠ ଉପସଭାପତି ରହିଥିବା ଖାନ୍ନା ଆଇଓସିର ଏହି ନିଷ୍ପତ୍ତିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖାନ୍ନା କହିଥିଲେ, ଆଇଓସିର ନିଷ୍ପତ୍ତିରେ ମୁଁ ସହମତି ପ୍ରକାଶ କରୁଛି। ତେବେ ଗୋଟିଏ ଦେଶର କ୍ରୀଡା ସମ୍ବିଧାନ କ'ଣ ରହିବ ଏବଂ ଜାତୀୟ ଅଲିମ୍ପିକ୍ କମିଟି ଗଠନର ଅନ୍ତିମ ନିଷ୍ପତ୍ତି କାହା ନିକଟରେ ରହିବ ବୋଲି ସେ ପ୍ରଶ୍ନ କରିଥିଲେ।

୨୦୧୧ରେ ମଧ କାର୍ଯ୍ୟକାରୀ ସଭାପତି ରହିଥିଲି ଏବଂ ସମାନ ସଂହିତା ଆଧାରରେ ମୁଁ ମଧ ଦାୟିତ୍ୱ ଗ୍ରହଣ କରିଥିଲି। ସଭାପତି ଭାବରେ ତାଙ୍କୁ କିଛି ସମୟ ପାଇଁ ଦାୟିତ୍ୱ ଦିଆଯାଇଥିବା ବେଳେ ଏହା କିଭଳି ସମସ୍ୟା ସୃଷ୍ଟି କଲା ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ୨୦୧୦ ରାଜ୍ୟଗୋଷ୍ଠୀ ଦୁର୍ନୀତି ମାମଲାରେ ସୁରେଶ କାଲମାଡି ଗିରଫ ହେବା ପରେ ତାଙ୍କ ସ୍ଥାନରେ ଭି.କେ. ମାଲହୋତ୍ରା କାର୍ଯ୍ୟକାରୀ ସଭାପତି ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ସେପ୍ଟେମ୍ବର ୮ରେ ଆଇଓସି ପକ୍ଷରୁ ଲେଖା ଯାଇଥିବା ଚିଠିରେ କାର୍ଯ୍ୟକାରୀ ସଭାପତି ପଦକୁ ଅଗ୍ରାହ୍ୟ କରାଯିବା ସହିତ ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟା ଆଇଓଏ ଓ ଆଇଓସି ମଧ୍ୟରେ ଯୋଗାଯୋଗର ମାଧ୍ୟମ ରହିବେ ବୋଲି ଦର୍ଶାଯାଇଥିଲା। ଏହି ମାମଲାର ସମାଧାନ ବାହାରିବା ପରେ ମୋର ପ୍ରଶ୍ନ ରହିବ କି ଦେଶର ସମ୍ବିଧାନ ବଡ ନା ଆଇଓସିର ନିଷ୍ପତ୍ତି। ବିଗତ ଦୁଇ ବର୍ଷ ଧରି ଆଇଓଏ କଠିନ ପରସ୍ଥିତି ମଧ୍ୟରେ ଗତି କରୁଛି ବୋଲି ପ୍ରକାଶ କରିଥିଲେ ଏହି ପୂର୍ବତନ ସର୍ବଭାରତୀୟ ଟେନିସ ସଙ୍ଗଠନ ମୁଖ୍ୟ।






ଶତକୀୟ ଭାଗୀଦାରି ଅବସରରେ ହରଲୀନ ଦେଓଲ ଓ ହରମନପ୍ରୀତ କୌର।

# ଝୁଲଣଙ୍କୁ ସିରିଜ ବିଜୟ ଭେଟି

**କାଣ୍ଟରବରି, ୨୧।୯**

ସେଣ୍ଟ ଲରେନ୍ସ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମହିଳା କ୍ରିକେଟ ମ୍ୟାଚରେ ଭାରତ ୮୮ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ଏଥିସହ ଭେଟେରାନ ଦ୍ରୁତ ବୋଲର ଝୁଲଣ ଗୋସ୍ୱାମୀଙ୍କୁ ସିରିଜ ବିଜୟ ଭେଟି ଦେଇଛି ହରମନପ୍ରୀତ କୌରଙ୍କ ଭାରତୀୟ ଦଳ। ଝୁଲଣଙ୍କର ଏହା ହେଉଛି କ୍ୟାରିୟରର ଶେଷ ସିରିଜ। ହରମନପ୍ରୀତଙ୍କ ଶତକ ଏବଂ ହରଲୀନ ଦେଓଲଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୩୩ ରନକରିଥିଲା। ବିଦେଶ ମାଟିରେ ଭାରତର ଏହାଥିଲା ସର୍ବାଧିକ ସ୍କୋର। ବୃହତ୍ ଲକ୍ଷ୍ୟର ପିଛାକରି ଇଂଲଣ୍ଡ ୪୪.୨ ଓଭରରେ ୨୪୫ ରନ କରି ଅଲ୍ଆଉଟ ହୋଇ ଯାଇଥିଲା। ରେଣୁକା ସିଂ ଘାତକ ବୋଲିଂ କରି ଇଂଲଣ୍ଡକୁ ବ୍ୟାକ୍ଫୁଟକୁ ଠେଲି ଦେଇଥିଲେ। ସେ ୫୭ ରନ ବିନିମୟରେ ୪ଟି ଉଇକେଟ ନେଇଥିଲେ। ଇଂଲଣ୍ଡ ପକ୍ଷରୁ ଡାନିଏଲ ଓ୍ୱାଟ ସର୍ବାଧିକ ୬୫ ରନ କରିଥିଲେ। ଶେଷଥରପାଇଁ ଭାରତୀୟ ମହିଳା ଦଳ ୧୯୯୯ରେ ଇଂଲଣ୍ଡରେ ୨-୧ରେ ସିରିଜ ବିଜୟୀ ହୋଇଥିଲା।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ମାତ୍ର ୧୨ ରନରେ ଶେଫାଳି ବର୍ମାଙ୍କ ଉଇକେଟ ହରାଇ ଥିଲେ ହେଁ ସ୍ମୃତି ମନ୍ଧାନା ଓ ୟାସ୍ତିକା ଭାଟିଆ ସତର୍କତାର ସହ ବ୍ୟାଟିଂ କରି ସମ୍ଭାବ୍ୟ ବିପଦକୁ ଏଡ଼ାଇଥିଲେ। ଭାଟିଆ ୨୬ ଏବଂ ସ୍ମୃତି ୪୦ ରନ କରି ଆଉଟ ହୋଇଯିବାରୁ ୯୯ ରନରେ ଭାରତ ୩ୟ ଉଇକେଟ ହରାଇଥିଲା। ହରମନପ୍ରୀତ କିନ୍ତୁ ଦୃଢ଼ ବ୍ୟାଟିଂ କରିଥିଲେ। ତାଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ ହରଲୀନ ଦେଓଲ। ଦୁହେଁ ୪ର୍ଥ ଉଇକେଟରେ ୧୧୩ ରନର ଭାଗୀଦାରି ଗଢ଼ି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ଦେଓଲ ୫୮ ରନକରି ଆଉଟ ହୋଇଥିଲେ ହେଁ ହରମନପ୍ରୀତ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଭାରତର ରନ ସଂଖ୍ୟାକୁ ୩୦୦ ଅତିକ୍ରମ କରାଇଥିଲେ। ୧୧୧ଟି ବଲ୍ର ସମ୍ମୁଖୀନ ହୋଇଥିବା ହରମନପ୍ରୀତ ୧୮ ଚୌକା ଓ ୪ ଛକା ସହାୟତାରେ ୧୪୩ ରନରେ ଅପରାଜିତ ରହିଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ଲୌରେନ ବେଲ୍, କେଟ୍ କ୍ରସ୍, ଫ୍ରେୟା କେମ୍ପ, ଚାର୍ଲୋଟି ଡିନ୍ ଓ ସୋଫି ଏକେଲଷ୍ଟୋନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୩୩୩/୫ (ହରମନପ୍ରୀତ କୌର-୧୪୩*, ହରଲୀନ ଦେଓଲ-୫୮, ସ୍ମୃତି ମନ୍ଧାନା-୪୦, ଲୌରେନ ବେଲ୍-୧/୭୯, କେଟ୍ କ୍ରସ୍-୧/୬୮, ଫ୍ରେୟା କେମ୍ପ-୧/୮୨, ଚାର୍ଲୋଟି ଡିନ୍-୧/୩୯ ଓ ସୋଫି ଏକେଲଷ୍ଟୋନ-୧/୬୪)। ଇଂଲଣ୍ଡ ୪୪.୨ ଓଭରରେ ୨୪୫/ଅଲ୍ଆଉଟ (ଡାନିଏଲ ଓ୍ୱାଟ-୬୫, ଆଲିସେ କାପ୍ସେ-୩୯, ଆମି ଜୋନ୍ସ-୩୯, ରେଣୁକା ସିଂ-୪/୫୭, ଦୟଲନ ହେମଲତା-୨/୬, ଦୀପ୍ତି ଶର୍ମା-୧/୪୦, ଶେଫାଳି ବର୍ମା-୧/୫)।

# ନିଜକୁ ଦୂରେଇ ରଖିଲା ଫେଡେରେଶନ

**ଲକ୍ଷ୍ନୌ,୨୧।୯(ପି.ଟି.)**

ଉତ୍ତରପ୍ରଦେଶର ସାହାରନପୁରରେ କବାଡି ଖେଳାଳିଙ୍କୁ ଟଏଲେଟରେ ଖାଦ୍ୟ ପରଷା ଯାଉଥିବା ବିବାଦରୁ ନିଜକୁ ଦୂରେଇ ଦେଇଛନ୍ତି ଆମେଚ୍ୟୁର କବାଡି ଫେଡେରେଶନ ଅଫ୍ ଇଣ୍ଡିଆ (ଏକେଏଫ୍ଆଇ) ଓ ଉତ୍ତର ପ୍ରଦେଶ ରାଜ୍ୟ କବାଡି ସଂଘ। ବୁଧବାର ଉଭୟ ସଂଘ ଏହି ଟୁର୍ନାମେଣ୍ଟ ସହିତ ତାଙ୍କର କୌଣସି ସମ୍ପୃକ୍ତି ନ ଥିବା ସ୍ପଷ୍ଟ କରିଛନ୍ତି।

## ଟଏଲେଟ୍ରେ ଖାଦ୍ୟ ପରଷାଯିବା ପ୍ରସଙ୍ଗ

ସାହାରନପୁରରେ ୧୬ ବର୍ଷରୁ କମ ବାଳିକା ସବ୍ଜୁନିୟର କବାଡି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଟଏଲେଟରେ ଖାଦ୍ୟ ରଖାଯାଇଥିବା ଭିଡିଓ ଭାଇରାଲ ହେବା ପରେ ଦାୟିତ୍ୱରେ ଅବହେଳା ପାଇଁ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ସୋମବାର ଜଣେ ଜିଲା କ୍ରୀଡା ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଖାଦ୍ୟ ପରିବେଷଣକାରୀ କ୍ୟାଟରରଙ୍କୁ ମଧ ସମଦଶା ଭୋଗିବାକୁ ପଡିଛି। ଅନ୍ୟପକ୍ଷରେ କେନ୍ଦ୍ର କିମ୍ବା ରାଜ୍ୟ କବାଡି ସଂଘ ପକ୍ଷରୁ ଏହି ଟୁର୍ନାମେଣ୍ଟ ପାଇଁ ଅନୁମତି ଦିଆଯାଇ ନ ଥିବା ସ୍ପଷ୍ଟ କରିଛନ୍ତି ଉତ୍ତର ପ୍ରଦେଶ ରାଜ୍ୟ କବାଡି ସଂଘ ସମ୍ପାଦକ ରାଜେଶ କୁମାର ସିଂ। ରାଜ୍ୟ ସରକାରଙ୍କ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା।

କ୍ରୀଡାବିତ୍ଙ୍କ ପ୍ରତି ଏଭଳି ଅପମାନଜନକ ବ୍ୟବହାର ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ଏହି ଟୁର୍ନାମେଣ୍ଟଟି ଆୟୋଜନ କରାଯାଇଛି। ଏ ନେଇ ଆମ ନିକଟରୁ କୌଣସି ଅନୁମତିପତ୍ର ନିଆଯାଇନଥିବା କହିଛନ୍ତି ଏକେଏଫ୍ଆଇ ମୁଖ୍ୟ ଏସ୍. ପି. ଗର୍ଗ। ଉଲ୍ଲେଖଯୋଗ୍ୟ ଯେ, ୨୦୧୮ରୁ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗର୍ଗ ଏକେଏଫ୍ଆଇ ପରିଚାଳନା ଦାୟିତ୍ୱରେ ରହିଛନ୍ତି। ଏକେଏଫ୍ଆଇର ନିଜସ୍ୱ ୧୬ ବର୍ଷରୁ କମ୍ ଓପନ ଚାମ୍ପିୟନଶିପ୍ ରହିଛି। ତେଣୁ ଏହି ଟୁର୍ନାମେଣ୍ଟ ଆୟୋଜନରେ କିମ୍ବା ଏହାର ଆୟୋଜକଙ୍କ ସହିତ ଏକେଏଫ୍ଆଇ କୌଣସି ପ୍ରକାରରେ ସମ୍ପୃକ୍ତ ନୁହେଁ। ଏପରିକି ଫେଡେରେଶନର ବାର୍ଷିକ କ୍ୟାଲେଣ୍ଡରରେ ଏହି ଟୁର୍ନାମେଣ୍ଟର କୌଣସି ଚିହ୍ନବର୍ଣ୍ଣ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଟୁର୍ନାମେଣ୍ଟ ଆୟୋଜନ କରାଯାଉଥିବାରୁ କେବଳ ଟେକ୍ନିକାଲ ସପୋର୍ଟ ଏବଂ ଚୟନ କମିଟିକୁ ପଠାଯାଇଥିଲା।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଅବକାରୀ ଚଢ଼ାଉ: ୬ ହଜାର ଲିଟର ପୋଚ ନଷ୍ଟ



**ବେଗୁନିଆ/ବୋଲଗଡ଼,୨୧।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ପକ୍ଷରୁ ବୁଧବାର ବେଗୁନିଆ ଥାନା ଅଧୀନ ମାଣିବନ୍ଧ ଓ ଦଦରାକାନ୍ଥ ଗ୍ରାମ ସହ ବୋଲଗଡ଼ ଥାନା ଅନ୍ତର୍ଗତ ଅସରଳା ଗ୍ରାମରେ ଚଢ଼ାଉ କରାଯାଇଥିଲା। ଏଥିରେ ୬ ହଜାର ଲିଟର ପୋଚ ନଷ୍ଟ କରାଯିବା ସହ ୩୫୦ ଲିଟର ଦେଶୀ ରନ୍ଧାମଦ ଜବତ ହୋଇଛି। ଜବତ ମଦ ସହ ରନ୍ଧା ସାମଗ୍ରୀର ମୂଲ୍ୟ ୩ ଲକ୍ଷ ୫୨ ହଜାର ୫ଶହ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ତେବେ ଘଟଣାସ୍ଥଳରୁ କାହାରିକୁ ଗିରଫ କରାଯାଇନାହିଁ। ଅବକାରୀ ଇନ୍ସପେକ୍ଟର(ମୋବାଇଲ) ରାଜଶେଖର ସ୍ୱାଇଁଙ୍କ ନେତୃତ୍ୱରେ ଏସ୍ଆଇ ବି. ମନୋଜ କୁମାର, ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ, ବେଗୁନିଆ ଓଆଇସି ରାଜେନ୍ଦ୍ର ସେସ୍‌ଙ୍କ ସହିତ ଖୋର୍ଦ୍ଧା, ଜଟଣୀ, ବାଲୁଗାଁ, ଟାଙ୍ଗୀ ଓ ବେଗୁନିଆ ଅବକାରୀ କର୍ମଚାରୀ ଏହି ଚଢ଼ାଉରେ ସାମିଲ ଥିଲେ।

### କୁକୁଡ଼ାଚାଷୀଙ୍କ ବୈଠକ

**ନିରାକାରପୁର,୨୧।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ଟୁବୁରି ପାହାଡ଼ସ୍ଥିତ ମହାବୀରଙ୍କ ମନ୍ଦିର ପ୍ରାଙ୍ଗଣରେ ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକର କୁକୁଡ଼ା ଚାଷ ମାଲିକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁଶାନ୍ତ କୁମାର ପଟ୍ଟନାୟକ ଏବଂ ମହେଶ୍ୱର ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଶତାଧିକ କୁକୁଡ଼ା ଚାଷୀ ଯୋଗଦେଇଥିଲେ। ଚାଷୀମାନଙ୍କୁ ଶୋଷଣ କରାଯାଉଥିବା ବିରୋଧରେ ସ୍ୱର ଉତ୍ତୋଳନ କରାଯିବ ବୋଲି ଆଲୋଚନା ହୋଇଥିଲା। ପ୍ରଶାନ୍ତ କୁମାର ଜେନା, ପ୍ରକାଶ କୁମାର ବେହେରା, ଆଦିକନ୍ଦ ମହାପାତ୍ର, ମୃତ୍ୟୁଞ୍ଜୟ ପଟ୍ଟନାୟକ, ରୁଦ୍ର ପଟ୍ଟନାୟକଙ୍କ ସମେତ ଅନେକ ଚାଷୀ ସେମାନଙ୍କ ମତାମତ ରଖିଥିଲେ।

### ଶିଶୁ ନିର୍ଯାତନା, ଉତ୍ପୀଡ଼ନ ଶୀର୍ଷକ ମିଡିଆ କର୍ମଶାଳା

**ଖୋର୍ଦ୍ଧା ଅଫିସ,୨୧।୯:** ଖୋର୍ଦ୍ଧା ଉଦ୍ୟାନ କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସାମାଜିକ ଅନୁଷ୍ଠାନ ପିକକ୍ ଆନୁକୂଲ୍ୟରେ ଶିଶୁ ଯୌନ ନିର୍ଯାତନା ଓ ଉତ୍ପୀଡ଼ନ ଶୀର୍ଷକ ମିଡିଆ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏନ୍ଏସିଜି ଇଭାକ୍ ଇଣ୍ଡିଆ ଓ ୱାର୍ଲଡ ଭିଜନ ଇଣ୍ଡିଆ ପ୍ରଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ସଂସ୍ଥାର ରାଜ୍ୟ ସଂଯୋଜକ ଚନ୍ଦନ କୁମାର ନାୟକ ସ୍ୱାଗତ ଭାଷଣରେ ରାଜ୍ୟ ଓ କେନ୍ଦ୍ରରେ ଶିଶୁ ଉତ୍ପୀଡ଼ନ, ଯୌନ ନିର୍ଯାତନାଜନିତ ପରିସଂଖ୍ୟାନ ଉପସ୍ଥାପନ କରିଥିଲେ। ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି କର୍ମଶାଳାରେ ଅଧକ୍ଷତା କରି ରାଜ୍ୟରେ ଘଟୁଥିବା ଶିଶୁ ଯୌନ ନିର୍ଯାତନା ରୋକିବା ଦିଗରେ ଗଣମାଧମର ଏକ ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଶିଶୁ ସୁରକ୍ଷା ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ହରିହର ନାୟକ ପୋକ୍‌ସୋ ଆକ୍ଟ ସମ୍ପର୍କରେ କହିଥିବା ବେଳେ ବିନୋଦ ଦାସ ଧନ୍ୟବାଦ ଦେଇଥିଲେ।

# ଡାକ୍ତରଙ୍କ ବିରୋଧରେ ଓଏଚ୍ଆର୍‌ସିରେ ଅଭିଯୋଗ

**ଗର୍ଭପାତ ପାଇଁ ଔଷଧ ଦେବା ଘଟଣା**
- ସମ୍ପୃକ୍ତ ଡାକ୍ତରଙ୍କୁ ବହିଷ୍କାର କରାଯାଇଛି: ସିଡିଏମ୍ଓ
- ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି

**ଖୋର୍ଦ୍ଧା ଅଫିସ,୨୧।୯**

ଟଙ୍କା ଲୋଭରେ ଜଣେ ଡାକ୍ତର ଗର୍ଭବତୀଙ୍କୁ ଘରୋଇ ହସ୍ପିଟାଲକୁ ପଠାଇଦେଲେ। ତ୍ରୁଟିପୂର୍ଣ୍ଣ ଅଲଟ୍ରାସାଉଣ୍ଡ ରିପୋର୍ଟକୁ ଆଧାର କରି ମହିଳାଙ୍କୁ ଗର୍ଭପାତ ପାଇଁ କହିବା ସହ ଔଷଧ ମଧ ଦେଲେ। ହେଲେ ପରବର୍ତ୍ତୀ ସମୟରେ ସମ୍ପୃକ୍ତା ମହିଳାଙ୍କ ଯନ୍ତ୍ରଣା ବଢ଼ିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସ ମେଡିକାଲ ନେଇଥିଲେ। ସେଠାରେ ମହିଳା ଜଣକ ଏକ ଶିଶୁକନ୍ୟାଙ୍କୁ ଜନ୍ମ ଦେଇଥିଲେ। ଏଭଳି ଅଭିଯୋଗ ଖୋର୍ଦ୍ଧା ଜିଲା ସଦର ମହକୁମା ଗୋପବନ୍ଧୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଠିକାରେ ନିୟୋଜିତ କାର୍ଯ୍ୟରତ ଡାକ୍ତରଙ୍କ ବିରୋଧରେ ଆସିଛି। ସମ୍ପୃକ୍ତ ଡାକ୍ତର ଏବଂ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ପରିବାର ଲୋକେ ସିଡିଏମ୍ଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ସିଡିଏମ୍ଓ ଡା. ଆର୍ତ୍ତବନ୍ଧୁ ନାୟକ ସମ୍ପୃକ୍ତ ଡାକ୍ତରଙ୍କୁ କାର୍ଯ୍ୟରୁ ବହିଷ୍କୃତ କରିବା ସହ ଅଲଟ୍ରାସାଉଣ୍ଡ ରିପୋର୍ଟ ତର୍ଜମା କରି ଖୁବ୍‌ଶୀଘ୍ର ତଦନ୍ତ ରିପୋର୍ଟ ପ୍ରଦାନ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଏଭଳି ତ୍ରୁଟିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ପୁରୀ ସ୍ଥିତ ସଚେତନ ନାଗରିକ ମଞ୍ଚ। ସମ୍ପୃକ୍ତ ଡାକ୍ତର ଏବଂ ଘରୋଇ ହସ୍ପିଟାଲ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆରସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି ମଞ୍ଚର ସମ୍ପାଦକ ପ୍ରସନ୍ନ ଦାଶ।

ଏଥିରେ ଦର୍ଶାଯାଇଛି ଯେ, ଜଟଣୀ ବ୍ଲକ ତିରିମଲ ଗ୍ରାମର ରଞ୍ଜନ ପ୍ରଧାନ ସ୍ତ୍ରୀଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। କାର୍ଯ୍ୟରତ ଡାକ୍ତର ତାଙ୍କୁ ଘରୋଇ କ୍ଲିନିକ୍‌ରେ ଅଲଟ୍ରାସାଉଣ୍ଡ ପରାମର୍ଶ ଦେଇଥିଲେ। ତେବେ ଭୁଲ ରିପୋର୍ଟକୁ ଆଧାର କରି ଗର୍ଭପାତ ପାଇଁ କହିଥିଲେ। ପରବର୍ତ୍ତୀ ସମୟରେ ସମ୍ପୃକ୍ତା ମହିଳା ଏମ୍ସରେ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ସରକାରୀ ମେଡିକାଲରେ ଚିକିତ୍ସା ସେବା ଉପଲବ୍ଧ ସତ୍ତ୍ୱେ ସମ୍ପୃକ୍ତ ଡାକ୍ତର ଘରୋଇ କ୍ଲିନିକ କାହିଁକି ପଠାଇଲେ ଏହାର ତଦନ୍ତ କରାଯାଉ। ଅଲଟ୍ରାସାଉଣ୍ଡ କରିଥିବା ହସ୍ପିଟାଲର କ୍ଲିନିକାଲ ଏଷ୍ଟାବ୍ଲିଶ୍‌ମେଣ୍ଟ ନିୟମ ପ୍ରକାରେ ବୈଧ ଲାଇସେନ୍ସ ଯାଞ୍ଚ କରାଯାଉ। ଜୀବିତ ଶିଶୁକୁ ରିପୋର୍ଟରେ ମୃତ ଦର୍ଶାଇଥିବା ହସ୍ପିଟାଲକୁ ସିଲ୍ ସହ ଭୁଲ ରିପୋର୍ଟ ଦେଇଥିବା ଡାକ୍ତରଙ୍କ ଲାଇସେନ୍ସ ରଦ୍ଦ କରାଯାଉ। ସମ୍ପୃକ୍ତ ହସ୍ପିଟାଲ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଭୁଲ ରିପୋର୍ଟ ପ୍ରସ୍ତୁତ କରିଥିବା ସମ୍ପୃକ୍ତ ସଂସ୍ଥାର ମାଲିକଙ୍କଠାରୁ ପୀଡ଼ିତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ ବୋଲି ପ୍ରସନ୍ନ ଦାବି କରିଛନ୍ତି। ସିଡିଏମ୍ଓ ନାୟକ କୁହନ୍ତି, ଏଭଳି ଅଭିଯୋଗ ପାଇବା ପରେ ତୁରନ୍ତ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ କରାଯିବ। ସରକାରୀ କିମ୍ବା ଘରୋଇ କ୍ଲିନିକ୍ କାହାକୁ ମଧ ଏଭଳି କାର୍ଯ୍ୟ ପାଇଁ ଛଡ଼ାଯିବ ନାହିଁ। ରିପୋର୍ଟକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଥାଉ କି, ଖୋର୍ଦ୍ଧା ସହରରେ ବହୁ ଘରୋଇ ହସ୍ପିଟାଲ, କ୍ଲିନିକ ଏବଂ ଡାଇଗ୍ନୋଷ୍ଟିକ କେନ୍ଦ୍ର ବିନା ପଞ୍ଜୀକରଣ, କ୍ଲିନିକାଲ ଏଷ୍ଟାବ୍ଲିଶ୍‌ମେଣ୍ଟରେ ଚାଲିଥିବା ବେଳେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଗିରଫ



ଗିରଫ ଅଭିଯୁକ୍ତ ଏବଂ ଜବତ ୬ ବାଇକ୍।

**ବୋଲେରୋ ଚୋରି ଘଟଣା**
- ଅଭିଯୁକ୍ତଦ୍ୱୟଙ୍କ ନାଁରେ ୨୨ ମାମଲା ରହିଛି
- ୬ ବାଇକ୍, ମୋବାଇଲ ଫୋନ ଜବତ

**ଜଟଣୀ,୨୧।୯(ଡି.ଏନ୍.ଏ.)**

ବୋଲେରୋ ଗାଡ଼ି ଚୋରି ଘଟଣାରେ ଜଟଣୀ ପୋଲିସ ବୁଧବାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଜଟଣୀ ବ୍ଲକ ଅନ୍ତର୍ଗତ ବେଣାପଞ୍ଜାରୀ ଗ୍ରାମ ଗଡ଼ସାହିର ବିଶ୍ୱଜିତ୍ ପାଲ୍‌ଟାସିଂହ ଓରଫ ପିଣ୍ଟୁ (୨୨) ଏବଂ ବଡ଼ମସ୍‌ଜିଦ ସାହିର ମହମ୍ମଦ ମୁସ୍ତାକ (୨୦)। ଏମାନଙ୍କ ନିକଟରୁ ୬ଟି ବାଇକ୍ ଓ ଗୋଟିଏ ମୋବାଇଲ ଫୋନ୍ ଜବତ ହୋଇଛି। ଏ ନେଇ ଜଟଣୀ ଥାନାରେ ମାମଲା (ନଂ.୧୮୧/୨୨)ରୁଜୁ ପରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ଏମାନଙ୍କ ନାମରେ ଜଟଣୀ ଥାନା, ଖୋର୍ଦ୍ଧା, ପୁରୀ, ଶହୀଦନଗର, କଣାସ, କଟକ, ନିମାପଡ଼ା, ବ୍ରହ୍ମପୁର ଆଦି ଥାନାରେ ମାମଲା ରହିଛି। ସେଥିମଧ୍ୟରୁ ମୁସ୍ତାକ୍‌ଙ୍କ ବିରୋଧରେ ୧୫ଟି ଏବଂ ବିଶ୍ୱଜିତ୍‌ଙ୍କ ନାମରେ ୭ଟି ମାମଲା ରହିଥିବା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି। ସୂଚନାଥାଉ କି, ଗତ ୧୪ ତାରିଖରେ ଏହି ଥାନା ଅଧୀନ ମଧୁସୂଦନନଗରର ଦିଲୀପ କୁମାର ଭୁଜବଳ ତାଙ୍କ ବୋଲେରୋ ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ବୋଲେରୋକୁ ଜବତ କରିଥିଲା। ତେବେ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୁସ୍ତାକ୍ ଏବଂ ପାଲ୍‌ଟାସିଂହ ଫେରାର ଥିଲେ।

# ୬ ଦଫା ଦାବିରେ ଶ୍ରମିକ ୟୁନିୟନର ଧାରଣା




ମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

**ଜଟଣୀ,୨୧।୯(ଡି.ଏନ୍.ଏ.)**

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଶ୍ରମିକ ୟୁନିୟନ ପକ୍ଷରୁ ୬ ଦଫା ଦାବିରେ ବୁଧବାର ସ୍ଥାନୀୟ ମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଓଭରଟାଇମ୍ ଭତ୍ତା, ଟ୍ରାଭେଲ ଏବଂ ମାଇଲେଜ ଭତ୍ତା, ଦୁଇବର୍ଷ ଧରି ବନ୍ଦ ରହିଥିବା ଏମ୍‌କେଜି ପ୍ରଦାନ, ସିଭିଲ ଇଞ୍ଜିନିୟରଙ୍କୁ ହାରାଶ୍ ବନ୍ଦ ଆଦି ଦାବି ରହିଛି। ଏହି ଅବସରରେ ମଣ୍ଡଳ ପ୍ରବନ୍ଧକ ରିଙ୍କେଶ ରୟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତୁରନ୍ତ ଦାବିଗୁଡ଼ିକ ପୂରଣ ନ ହେଲେ ଆଗାମୀ ୨୬ ତାରିଖରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ହଙ୍ଗର ଷ୍ଟ୍ରାଇକ୍ କରିବେ ବୋଲି ଶ୍ରମିକ ୟୁନିୟନର ମହାସଚିବ ପ୍ରଦୀପ କୁମାର ପାଟଶାହାଣୀ କହିଛନ୍ତି। ଏହି ଧାରଣାରେ ଶ୍ରମିକ ୟୁନିୟନ ଓପନ୍ ଲାଇନ ସମ୍ପାଦକ ଏନ୍.କେ. ପରିଡ଼ା, ଶ୍ରମିକ ୟୁନିୟନ ହେଡ୍‌କ୍ୱାର୍ଟର ସମ୍ପାଦକ ଅମିତ କୁମାର ଦାଶ, ଶିବପ୍ରସାଦ ବେହେରା, ସଚ୍ଚିଦାନନ୍ଦ ରାଉତ, ଇତିଶ୍ରୀ ନିବେଦିତା ସାହୁ, ନିରଞ୍ଜନ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ଥିଲେ।

# ଡିସେମ୍ବରରେ ବିଜେବି ହାଇସ୍କୁଲର ୧୨୫ତମ ଜୟନ୍ତୀ ଉତ୍ସବ

**ଖୋର୍ଦ୍ଧା ଅଫିସ,୨୧।୯**

ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ଉଚ୍ଚ ବିଦ୍ୟାଳୟର ୧୨୫ତମ ଜୟନ୍ତୀ ପାଇଁ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଛାତ୍ର ସଂସଦର ସଭାପତି ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ପୌରୋହିତ୍ୟ କରିଥିଲେ। ବୈଠକ ପ୍ରାରମ୍ଭରେ ପ୍ରଧାନ ଶିକ୍ଷକ ସେକ୍ ଗହର ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିଲେ। ସଂସଦର ସଂଯୋଜକ ପୂର୍ବତନ ଏସ୍‌ପି ଦେବପ୍ରସାଦ ମଜୁମ୍‌ଦାର ଆଗାମୀ କାର୍ଯ୍ୟକ୍ରମର ରୂପରେଖ ଉପସ୍ଥାପନ କରିଥିଲେ। ଡିସେମ୍ବର ଶେଷ ସପ୍ତାହରେ ୩ ଦିନ ଧରି ଏହି ଉତ୍ସବ ପାଳନ କରାଯିବ। ଉତ୍ସବରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରାଯିବା ନେଇ ସ୍ଥିର ହୋଇଛି। ଏ ନେଇ ସମସ୍ତ କାର୍ଯ୍ୟକ୍ରମ ଅକ୍ଟୋବର ୨୦ ସୁଦ୍ଧା ଶେଷ କରାଯିବ। ଆସନ୍ତା ସାଧାରଣ ବୈଠକରେ ସମସ୍ତ ସବ୍‌କମିଟି ଗଠନ କରାଯାଇ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ। ପୂର୍ବତନ ଏୟାର ମାର୍ଶାଲ ଜ୍ୟୋତି ନାରାୟଣ ବର୍ମନ ପିତାଙ୍କ ସ୍ମୃତିରେ ୫୦ ହଜାର ଟଙ୍କା 'ମୋ ସ୍କୁଲ' ପାଣ୍ଠିକୁ ଦାନ କରିଥିଲେ। ଐତିହାସିକ ପ୍ରଫେସର ନାରାୟଣ ରାଓ, ରାଜ୍ୟ ଖାଦ୍ୟ କମିଶନର ପ୍ରମୋଦ କୁମାର ମେକାପ, ପୂର୍ବତନ ରାଜ୍ୟ ମୁଖ୍ୟ ବନ ସଂରକ୍ଷକ ଡ. ବିଜୟ କୁମାର ପଟ୍ଟନାୟକ, ପୂର୍ବତନ ମିଲିଟାରି ମେଡିକାଲର ଡିଜି ଡା. ରାଜେନ୍ଦ୍ର କୁମାର ସାମନ୍ତରାୟ, ଶିକ୍ଷାବିତ୍ ବୈକୁଣ୍ଠ ନାଥ ରାଜଗୁରୁ, କ୍ରୀଡ଼ାବିତ୍ ଦିଲୀପ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉତ୍ସବର ସ୍ମରଣିକା ପ୍ରକାଶନ ପାଇଁ ପୂର୍ବତନ ଛାତ୍ର ଓ ୧୯୬୫ ପୂର୍ବର ଛାତ୍ରୀଛାତ୍ରମାନେ ଲେଖାର ହାର୍ଡ କପି ପ୍ରଧାନ ଶିକ୍ଷକ, ବିଜେବି ହାଇସ୍କୁଲ, ଖୋରଧା-୭୫୨୦୫୫ ଓ ସଫ୍ଟ କପି gopalkrishna690@gmail.com ମାଧ୍ୟମରେ ନଭେମ୍ବର ୧୫ ସୁଦ୍ଧା ପଠାଇବାକୁ ଛାତ୍ର ସଂସଦର ସମ୍ପାଦକ ଗୋପାଳକୃଷ୍ଣ ଦାସ ନିବେଦନ କରିଛନ୍ତି। ବିମଳ ଚନ୍ଦ୍ର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ଫସିଲା ଟ୍ରକ୍, ଅଟିକଲା ଯାନବାହନ



ଉତ୍ତ୍ୟକ୍ତ ଲୋକେ ଟ୍ରକର ସମ୍ମୁଖ କାଚ ଭାଙ୍ଗି ଦେଇଛନ୍ତି।

**ଖୋର୍ଦ୍ଧା ଅଫିସ,୨୧।୯**

**ଉତ୍ତ୍ୟକ୍ତ ଲୋକେ ଟ୍ରକ୍ କାଚ ଭାଙ୍ଗିଦେଲେ**

ଖୋର୍ଦ୍ଧା ସହରରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଖୋର୍ଦ୍ଧା-ନୟାଗଡ଼ ଜାତୀୟ ରାଜପଥ, ଟ୍ରାଫିକ୍ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ, ଚଣ୍ଡିତୁଆ ଛକ ରାସ୍ତାରେ ଟ୍ରାଫିକ ଅଣାୟତ୍ତ ହୋଇପଡୁଛି। ସହର ଦେଇ ଭାରିଯାନ ଯାତାୟାତ ଯୋଗୁ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ବୁଧବାର ଭୁବନେଶ୍ୱର ପଟୁ ମୁକୁନ୍ଦପ୍ରସାଦ ଦେଇ ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡ ଅଭିମୁଖେ ଯାଉଥିବା ଏକ ଟ୍ରକ୍ ଟ୍ରାଫିକ ଛକ ନିକଟରେ ଫସିଯାଇଥିଲା। ରାସ୍ତାର ଉଭୟପଟେ ଉଠା ଦୋକାନ ଏବଂ ରାସ୍ତା ସଂକୀର୍ଣ୍ଣ ଯୋଗୁ ଟ୍ରକ୍ ଟ୍ରାଫିକ ଛକରେ ଦୀର୍ଘ ସମୟ ଧରି ଅଟକି ରହିଥିଲା। ଫଳରେ କିଛି ସମୟ ପାଇଁ ଯାନବାହନ ଅଟକି ରହିଥିଲା। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଟ୍ରକ୍‌ର ଆଗ କାଚ ଭାଙ୍ଗିଦେଇଥିଲେ। ଟ୍ରାଫିକ ପୋଲିସ ଲୋକଙ୍କୁ ବୁଝାଶୁଝା କରି ରାସ୍ତାରୁ ଯାନବାହନକୁ ଅନ୍ୟପଟେ ପଠାଇ ଟ୍ରକ୍‌କୁ ବସ୍‌ଷ୍ଟାଣ୍ଡ ଆଡ଼କୁ ଯିବା ପାଇଁ ରାସ୍ତା କ୍ଲିଅର କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ସକାଳ ୮ରୁ ରାତି ୮ଟା ପର୍ଯ୍ୟନ୍ତ ଖୋର୍ଦ୍ଧା-ନୟାଗଡ଼ ରାସ୍ତା ଏବଂ ଟ୍ରାଫିକ ଛକ, ସମବାୟ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତା ଗହଳି ରହୁଛି। ସକାଳ ୮ରୁ ରାତି ୧୦ଟା ପର୍ଯ୍ୟନ୍ତ ଭାରିଯାନ ସହରକୁ ପ୍ରବେଶ ଉପରେ କଟକଣା ପାଇଁ ସ୍ଥାନୀୟ ବ୍ୟବସାୟୀ ଦାବି କରିଛନ୍ତି।

# ୨ରେ ଗାନ୍ଧୀ ଶାନ୍ତି ଅହିଂସା ସଦ୍‌ଭାବନା ଯାତ୍ରା

**କାଇପଦରରୁ ଆରମ୍ଭ ହୋଇ ମାଣିକଗୋଡ଼ାରେ ସରିବ**

**ବୋଲଗଡ଼,୨୧।୯(ଡି.ଏନ୍.ଏ.)**

ବୋଲଗଡ଼ସ୍ଥିତ ଗାନ୍ଧୀ ମଣ୍ଡପଠାରେ ବୁଧବାର ଗାନ୍ଧୀ ଶାନ୍ତି ଅହିଂସା ସଦ୍‌ଭାବନା ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଆଦର୍ଶରେ ଅନୁପ୍ରାଣିତ ହୋଇ ଜାତି ବର୍ଣ୍ଣ ନିର୍ବିଶେଷରେ ଶାନ୍ତି, ଅହିଂସା ଓ ସଦ୍‌ଭାବନା ବଜାୟ ରଖିବା ପାଇଁ ଏହି ଯାତ୍ରାର ପ୍ରୟାସ କରାଯାଇଛି ବୋଲି ସାମାଜିକ କର୍ମୀ ରାମଶଙ୍କର କହିଛନ୍ତି। ଗାନ୍ଧୀ ଜୟନ୍ତୀ (ଅକ୍ଟୋବର ୨) ରେ ଏହି ଯାତ୍ରା ଖୋର୍ଦ୍ଧାର କାଇପଦରସ୍ଥିତ ପୀରବାବାଙ୍କ ପୀଠରୁ ଆରମ୍ଭ ହେବ। ୪ ତାରିଖରେ ବୋଲଗଡ଼ ନିକଟ ଚୁଡ଼ା ଗ୍ରାମରେ ପହଞ୍ଚିବ। ସ୍ଥାନୀୟ ଗାନ୍ଧୀପ୍ରେମୀ ଏଥିରେ ସାମିଲ ହୋଇ ଚୁଡ଼ା ଗ୍ରାମ ପରିକ୍ରମା କରିବା ପରେ ବୋଲଗଡ଼ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିଠାରୁ ଖଦିକେନ୍ଦ୍ର ସମ୍ମୁଖରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିଠାରେ ପହଞ୍ଚିବା ପରେ ସାଧାରଣ ସଭା କରାଯିବ। ପରେ ଏଠାରୁ ଭୀମପଡ଼ା, ଦିବ୍ୟସିଂପୁର ଶାସନ ଦେଇ ମାଣିକଗୋଡ଼ାରେ ଏହି ସଦ୍‌ଭାବନା ଯାତ୍ରା ପହଞ୍ଚିବ ବୋଲି ବୈଠକରେ ସ୍ଥିର ହୋଇଛି। ବିଶେଷ ଭାବେ କାଇପଦରସ୍ଥିତ ପୀରବାବାଙ୍କ ପୀଠ ଉଭୟ ମୁସଲମାନ ଏବଂ ହିନ୍ଦୁ ସମ୍ପ୍ରଦାୟର ଆସ୍ଥାର ପ୍ରତୀକ ଭାବେ ପରିଗଣିତ ହେଉଥିବା ବେଳେ ଏହି ଯାତ୍ରା ସେଠାରୁ ଆରମ୍ଭ ହେବାକୁ ରହିଛି। ସେହିପରି ମାଣିକାଗୋଡ଼ା ଗ୍ରାମରେ ବହୁ ବର୍ଷ ଧରି ଭାଇଚାରାର ସମ୍ପର୍କ ସୁଦୃଢ଼ ରହିଛି। ଦଶହରା ପର୍ବରେ ଦଳବେହେରା ଉପାଧିପ୍ରାପ୍ତ ମୁସଲମାନ ଅପରାଜିତା ହୋମରେ କର୍ତ୍ତା ହେବା ହିନ୍ଦୁ ମୁସଲମାନ ସାମ୍ପ୍ରଦାୟର ସଦ୍‌ଭାବନାର ନିଦର୍ଶନ ଭାବେ ଏକତା ଓ ସଂହତିର ପ୍ରତୀକ କାହିଁ କେଉଁ ସମୟରୁ ଚାଲିଆସୁଛି। ସେହିପରି ଚୁଡ଼ା ଗ୍ରାମରେ ହିନ୍ଦୁ ଓ ମୁସଲମାନ ଉଭୟ ସାମ୍ପ୍ରଦାୟର ବସତି ରହିଥିବା ବେଳେ ଏଠାରେ ଉଭୟ ସମ୍ପ୍ରଦାୟ ମଧ୍ୟରେ ଭାଇଚାରା ଭାବ ସଦ୍‌ଭାବନା ରହି ଆସିଛି। ସାମାଜିକ କର୍ମୀ ରାମଶଙ୍କରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଐତିହାସିକ ରବୀନ୍ଦ୍ର କୁମାର ପରିଡ଼ା, ଶିକ୍ଷାବିତ୍ ହରିବନ୍ଧୁ ସାହୁ, ବାଲ୍ମୀକି ବଳିୟାରସିଂହ, ଗୋପୀନାଥ ଖାଡ଼ଙ୍ଗା, ଭକ୍ତବଲ୍ଲଭ ପଟ୍ଟନାୟକ, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ବୈକୁଣ୍ଠ ମହାରଣା, ବୈକୁଣ୍ଠ ମହାପାତ୍ର, ସଂସାରୀ ସାହୁ, ବାବୁଲି ପ୍ରଧାନଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

**ଟାଙ୍ଗୀ(ଖୋର୍ଦ୍ଧା),୨୧।୯(ଡି.ଏନ୍.ଏ.)**

ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ବ୍ଲକ ସ୍ତରୀୟ 'ଧାରଣୀୟ ବିକାଶରେ ବିଜ୍ଞାନ, ପ୍ରତିବଦ୍ଧତା ଓ ଆହ୍ୱାନ' ଶୀର୍ଷକ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ବ୍ଲକଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ ସେମିନାରକୁ ଉଦ୍‌ଘାଟନ କରିଥିଲେ। ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧାପକ ରଞ୍ଜନ ମହାପାତ୍ର ଓ ଅଧାପିକା ସୁଚିତ୍ରାମୟୀ ଜଗଦେବ ବିଚାରକଭାବେ ଯୋଗଦେଇଥିଲେ। ବଳରାମ ଦେବ ବିଦ୍ୟାପୀଠର ଦଶମ ଶ୍ରେଣୀ ଛାତ୍ର ପପୁନ ପାତ୍ର ପ୍ରଥମ ସ୍ଥାନ ହାସଲ କରିଥିଲେ। ଏଥିରେ ମୋଟ ୯ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ ପଲାଇ କାର୍ଯ୍ୟକ୍ରମ ସଂଯୋଜନା, ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

# ମୁକ୍ତାପୁରରେ ବଢୁଛି ହାତୀ ଉପଦ୍ରବ

**ବନ ବିଭାଗକୁ ଦୋଷ ଦେଲେ ଚାଷୀ**

**ନିରାକାରପୁର,୨୧।୯(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ଭୂଷଣ୍ଡପୁର ଫରେଷ୍ଟ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରି କି ପାଚେରି ଓ ଘର ଭାଙ୍ଗି ଦେଉଥିବା ନଜିର ରହିଛି। ମଙ୍ଗଳବାର ହଜ୍ ପଞ୍ଚାୟତ ମୁକ୍ତାପୁର ଗ୍ରାମରେ ଦୁଇଟି ହାତୀ ପଶି ବିଲରେ ଧାନଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଛନ୍ତି। ଗ୍ରାମର ନୀଳକଣ୍ଠ ଜେନା, କିଶୋର ଜେନା, ମାଗୁଣି ଜେନା, ଗଦାଧର ଜେନା, ନାରାୟଣ ଜେନା ପ୍ରମୁଖ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି। ତେବେ ବନ ବିଭାଗର ଅବହେଳା ଯୋଗୁ ହାତୀ ଫସଲ ନଷ୍ଟ କରୁଛନ୍ତି ବୋଲି କେତେଜଣ ଚାଷୀ ଅଭିଯୋଗ ଆଣିଛନ୍ତି। ବନ କର୍ମଚାରୀଙ୍କୁ ଫୋନ୍ କଲେ ଉଠାଉନାହାନ୍ତି। ହାତୀଙ୍କ ଗତିବିଧି ଜାଣିବାକୁ ଏକ ହ୍ୱାଟ୍‌ସ ଆପ୍‌ରେ ଗ୍ରୁପ୍ କରାଯାଇଥିଲେ ମଧ ସେଥିରେ କୌଣସି ସୂଚନା ଦିଆ ଯାଉନାହିଁ ବୋଲି ଚାଷୀ କହିଛନ୍ତି। ଏନେଇ ଭୂଷଣ୍ଡପୁର ଫରେଷ୍ଟର ରାକେଶ କୁମାର ପଣ୍ଡା କୁହନ୍ତି, ମୁକ୍ତାପୁର ଅଞ୍ଚଳକୁ ହାତୀ ଏତେ ଯାଉ ନ ଥିବା ବେଳେ ଗୟାବନ୍ଧ, ନାରଗୋଦା, ଓଳସିଂହ, କମାଗୁରୁ ଟାଙ୍କୋଳ ଅଞ୍ଚଳରେ ଅଧିକ ସମୟ ରହୁଛନ୍ତି। ହାତୀ ଥିବା ଖବର ପାଇ ବନ କର୍ମଚାରୀ ପହଞ୍ଚିଲେ ବିଲ ଜଗିବାକୁ ଚାଷୀମାନେ କହୁଛନ୍ତି। ଚାଷୀମାନେ ଆଣିଥିବା ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି।



ମୁକ୍ତାପୁରରେ ହାତୀ ନଷ୍ଟ କରିଥିବା ଧାନ ଫସଲ।

# ଶିକ୍ଷା ବିକାଶର ଚାବିକାଠି

**ବୋଲଗଡ,୨୧।୯(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସମନ୍ୱୟ ସମିତି ଆନୁକୂଲ୍ୟରେ ମାଟ୍ରିକ୍ ପରୀକ୍ଷାର କୃତୀ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ଉତ୍ସବ ବାଙ୍କୋଇ ସରକାରୀ ନୋଡାଲ ହାଇସ୍କୁଲର ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ କୁଳମଣି ହୋତାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପ୍ରଧାନ ଶିକ୍ଷକ ବହୁଲ୍ ହାସନ ଖାଁ, ମୁଖ୍ୟ ବକ୍ତା ଡା. ସଦାନନ୍ଦ ମିଶ୍ର, ଅତିଥିଭାବେ ଶିକ୍ଷାବିତ୍ ହରିହର ତ୍ରିପାଠୀ, ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ସୁମନ୍ତ ଛୋଟରାୟ, ମାଧବ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଉତ୍ସବ ପ୍ରାରମ୍ଭରେ ଦିବଂଗତ ବରିଷ୍ଠ ନାଗରିକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉତ୍ସବରେ ସଭାପତି କୁଳମଣି ହୋତା ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷକ ନନ୍ଦକିଶୋର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଶିକ୍ଷାବିତ୍ ଡ. କୃଷ୍ଣଚନ୍ଦ୍ର ପଟ୍ଟନାୟକ ଜଗନ୍ନାଥ ବନ୍ଦନା ଗାନ କରିଥିବା ବେଳେ ନନ୍ଦକିଶୋର ନାୟକ ଗୀତା ଓ ବେଦ ପାଠ କରିଥିଲେ। ୧୦୮ ଜଣ ବରିଷ୍ଠ ନାଗରିକ ଯୋଗଦେଇ ବାର୍ଦ୍ଧକ୍ୟଜନିତ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ୬ ମେଧାବୀ ଛାତ୍ରୀଛାତ୍ର ଆଦିତ୍ୟ ପ୍ରସାଦ ନିକାପ, ଶ୍ରୀତିଶ ପ୍ରଧାନ, ଶ୍ରୁତିରଞ୍ଜନ ପଣ୍ଡା, ବିଶ୍ୱଜିତ୍ ସୁବୁଦ୍ଧି, ଅଲିଭା ସ୍ୱାଇଁ ଓ ପୁଷ୍ପଲତା ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ କୈଳାସ ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ନବକିଶୋର ଗୁମାନ୍‌ସିଂହ, ବସନ୍ତ ସୁନ୍ଦରାୟ, ବାନାମ୍ବର ମହାରଣା, ପ୍ରଫୁଲ୍ଲ କୁମାର ହୋତା, ଜଗନ୍ନାଥ ଭୁଜବଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷା ବିକାଶ ରୋଜଗାରର ଚାବିକାଠି ହୋଇଥିବାରୁ ଶିକ୍ଷା ଅଧ୍ୟୟନ କରିବାକୁ ମୁଖ୍ୟ ଅତିଥି ମିଶ୍ର ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷାବିତ୍ ଜୟକୃଷ୍ଣ ଫତେସିଂହ ଧନ୍ୟବାଦ ଦେଇଥିଲେ।




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

## ବିଜ୍ଞାନ ମେଳାରେ ୫୯ ପ୍ରକଳ୍ପ ପ୍ରଦର୍ଶିତ

ମଙ୍ଗୁଳି, (ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କନ୍ଦରକଣାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବୁଧବାର ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ଆଶୁତୋଷ ମିଶ୍ର ଏହାକୁ ଉଦ୍ଘାଟନ କରିଥିଲେ। ଏଥିରେ ମୋଟ୍ ୫୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ଅଧକ୍ଷା ଦୀପା ମହାନ୍ତି, ଜିଲା ପରିଷଦ ସଦସ୍ୟା ଜୟଶ୍ରୀ ପ୍ରଧାନ, ପରିଚାଳନା କମିଟି ସଦସ୍ୟ ବିଭୂତି ଭୂଷଣ ସାହୁ ପ୍ରମୁଖ ଉକ୍ତ ପ୍ରକଳ୍ପକୁ ବୁଲି ଦେଖିଥିଲେ। କନିଷ୍ଠ ବିଭାଗରେ ସାଇପାୟୁଷ ମହାନ୍ତି, ଭକ୍ତି ସ୍ୱରୂପ, ଯସ୍ମିନ ପ୍ରୀତମ ସାହୁ ଏବଂ ବରିଷ୍ଠ ବିଭାଗରେ ସୌମ୍ୟଶ୍ରୀ ସାହୁ, ସାରଦା ପ୍ରସାଦ ନାୟକ ଓ ସୃଷ୍ଟିରାଗିନୀଙ୍କ ପ୍ରକଳ୍ପ ବ୍ଲକସ୍ତରୀୟ ବିଜ୍ଞାନମେଳା ପାଇଁ ମନୋନୀତ ହୋଇଛି।

**ସଂକ୍ଷେପରେ**

## କେନାଲକୁ ଡେଇଁ ବ୍ୟକ୍ତି ନିଖୋଜ

କଟକ ସଦର, ୨୧।୯(ଡି.ଏନ୍.ଏ.): କନ୍ଦରପୁର ଥାନା ଅନ୍ତର୍ଗତ ଅଥଙ୍ଗାସ୍ଥିତ ମାଛଗାଁ କେନାଲକୁ ବୁଧବାର ଜଣେ ବ୍ୟକ୍ତି ଡେଇଁ ନିଖୋଜ ହୋଇଯାଇଛନ୍ତି। ସେ ହେଲେ କିଶନନଗର ଥାନା ଅନ୍ତର୍ଗତ ପ୍ରହରାଜପୁର ଅଞ୍ଚଳର ଟୁକୁନା ବେହେରା(୪୫)। ସେ ଦିନ ମଜୁରିଆ ଭାବେ କାମ କରନ୍ତି। ସକାଳେ ସେ ପୋଲ ଉପରୁ ପାଣିକୁ ଡେଇଁ ପଡିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ବିରିଡି ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ରିପୋର୍ଟ ଲେଖାଯିବାବେଳକୁ ତାଙ୍କର ପତ୍ତା ମିଳିପାରିନାହିଁ। ତେବେ ସେ କେଉଁ କାରଣ ପାଇଁ ପାଣିକୁ ଡେଇଁଲେ ତାହାର କାରଣ ଜଣାପଡିନାହିଁ।

## ୫-ଟି କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

କଟକ ସଦର, ୨୧।୯(ଡି.ଏନ୍.ଏ.): କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ବୁଧବାର ୫ନଂ. ଜିଲା ପରିଷଦ ଜୋନ୍‌ର ୪ଟି ହାଇସ୍କୁଲ ପରିଦର୍ଶନ କରି ୫-ଟି କାର୍ଯ୍ୟର ସମୀକ୍ଷା କରିଥିଲେ। କିଛିଦିନ ତଳେ ଅଥଙ୍ଗାସ୍ଥିତ ଚିନ୍ତାମଣି ସ୍ମୃତି ବାଳିକା ବିଦ୍ୟାଳୟ, ସିଦ୍ଧେଶ୍ୱରପୁରର ଗୋପାଳ ସ୍ମୃତି ବିଦ୍ୟାପୀଠ, ଆୟତପୁର ନୋଡାଲ ହାଇସ୍କୁଲ ଓ ବିରିବବାଟୀର ରତ୍ନାକର ବିଦ୍ୟାମନ୍ଦିରକୁ ୫-ଟିରେ ସାମିଲ କରାଯାଇଥିଲା। ଉକ୍ତ ସ୍କୁଲଗୁଡିକର ଭିତ୍ତିଭୂମି ବିକାଶ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କ ସହିତ ବିଧାୟକ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ରାଜୀବ ଲୋଚନ ପରିଡ଼ା, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମାହାଲୀ, ଜିଲା ବିଜେଡି ସାଧାରଣ ସମ୍ପାଦକ ସମର ବେହେରା, ଆମ୍ଭାର ସଭାପତି ରଜନୀକାନ୍ତ ସାହୁ, ମିଶନ ଶକ୍ତି ସଂଯୋଜକ ଶରତ ରାୟଙ୍କ ସମେତ ସରପଞ୍ଚମାନେ ଉପସ୍ଥିତ ଥିଲେ।

## ଶାରଦୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ

ଫୁଲନଖରା, ୨୧।୯(ଡି.ଏନ୍.ଏ.)- କଟକ ସଦର ଥାନା ଅନ୍ତର୍ଗତ ଭାଣପୁରଠାରେ ବୁଧବାର ମଧାହ୍ନରେ ଭାଣପୁର ମହାଦେବ ପୂଜା କମିଟି ଓ ଗ୍ରାମ ଉନ୍ନୟନ କମିଟିର ମିଳିତ ସହଯୋଗରେ ଶାରଦୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାଦେବ ପୂଜା କମିଟି ସଭାପତି ପ୍ରମୋଦ କୁମାର ଓଝା ଅଧକ୍ଷତା କରିଥିଲେ। କମିଶନରେଟ୍ ପୋଲିସର କଟକ ଜୋନ୍-୪ ଏସିପି ଚନ୍ଦନ ଘଡେଇ, କଟକ ସଦର ଥାନା ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର, ସିଏମ୍‌ସି ୫୮ନଂ. ୱାର୍ଡର କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ମହମ୍ମଦ୍ ସିଦ୍ଦିକ, ଶରତ ଚନ୍ଦ୍ର ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚଳିତବର୍ଷ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଉପରେ ମତବ୍ୟକ୍ତ କରିଥିଲେ। ଏଥିପାଇଁ ଗ୍ରାମର ସମସ୍ତ ଯୁବକ, ମୁରବି, ମହାଦେବ ପୂଜା କମିଟିର କର୍ମକର୍ତ୍ତା ଓ ପୋଲିସ ପ୍ରଶାସନର ସହଯୋଗ ରହିବା ଦରକାର। ପୂଜା କମିଟି ସମ୍ପାଦକ ଅଜିତ୍ କୁମାର ରାଉତ ଧନ୍ୟବାଦ ଦେଇଥିଲେ।



ଷୋଳପୂଜା ଅବସରରେ ବୁଧବାର ମା' କଟକଚଣ୍ଡୀଙ୍କ ଉଗ୍ରତାରା ବେଶ ।



ମା' ଗଡଚଣ୍ଡୀଙ୍କ କାଳୀ ବେଶ ।



ଝାଞ୍ଜିରିମଙ୍ଗଳାଙ୍କ ବଗଳାମୁଖୀ ବେଶ ।



ବାସନ୍ତୀ ଦୁର୍ଗାଙ୍କ ମହାତ୍ରିପୁରା ବେଶ ।



ପୀଠାପୁରସ୍ଥିତ ଧାକୁଲେଇଙ୍କ ରୁଦ୍ରାଣୀ ବେଶ



ବାଙ୍କୀର ମା' ଚର୍ଚ୍ଚିକାଙ୍କ ପଞ୍ଚମ ଦିନର ବେଶ

# 'ଦେଶ ପ୍ରଗତିର ପ୍ରତୀକ ନାରୀଶକ୍ତି'

କଟକ ଅଫିସ,୨୧।୯:

ସମାଜ ଗଠନରେ ନାରୀର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ନାରୀ ଶକ୍ତିର ଅଭ୍ୟୁଦୟ ସମାଜକୁ ଆଗକୁ ଯିବାରେ ବହୁ ଭାବେ ସହାୟକ ହୋଇଛି। ଦେଶ ପ୍ରଗତିର ପ୍ରତୀକ ନାରୀଶକ୍ତି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। କଟକ ମହାନଗର ତୈଳିକ ବୈଶ୍ୟ ସମାଜ ଆନୁକୂଲ୍ୟରେ ସ୍ଥାନୀୟ ସହୀଦ ଭବନରେ ଇଂ. କରିସ୍ମା ସାହୁ ସ୍ମାରକୀ ତୈଳିକ ମହିଳା ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ କହିଥିଲେ, ଦେଶ ଓ ଜାତି ପ୍ରତି ମଣିଷର କର୍ତ୍ତବ୍ୟନିଷ୍ଠା ରହିବା ଆବଶ୍ୟକ। ନାରୀ ହେଉଛି ଶାନ୍ତି, ମୈତ୍ରୀର ଆଧାର। ବେଦ, ବେଦାନ୍ତ ଓ ଉପନିଷଦର ବାଣୀକୁ ଅବତାରଣା କରି ଉତ୍କଳ ମାଟି ହିଁ କେବଳ ମା'ଙ୍କୁ ସମ୍ମାନ ଦେଇଛି ବୋଲି ରାଜ୍ୟପାଳ କହିଥିଲେ। ଏଥିରେ ସମ୍ମାନିତ ଅତିଥି



ସମ୍ମିଳନୀରେ ଅନୁଷ୍ଠାନର ମୁଖପତ୍ର 'ସାଧବାଣୀ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ଇଂ. କରିସ୍ମା ସାହୁ ସ୍ମାରକୀ ତୈଳିକ ମହିଳା ସମ୍ମିଳନୀ**

ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ କହିଥିଲେ, ଓଡ଼ିଆ ଜାତିର ଐତିହ୍ୟ ଓ ପରମ୍ପରା ମହାନ୍। ତାହାକୁ ବଜାୟ ରଖିବାରେ ସମସ୍ତଙ୍କର ଦାୟିତ୍ୱ ରହିଛି। ଅନ୍ୟତମ ସମ୍ମାନିତ ଅତିଥି ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ କହିଥିଲେ, ନାରୀ ଶକ୍ତିକୁ ନେଇ ଭାରତ ସମୃଦ୍ଧି ଦିଗରେ ଗତି କରୁଛି। ମହିଳା ସଂଗଠନ ସଭାନେତ୍ରୀ ସୁପ୍ରଭା ସାହୁ ଅଧକ୍ଷତା କରିଥିଲେ। ସଙ୍ଗଠନ ସମ୍ପାଦିକା ବିଦ୍ୟୁଲତା ସାହୁ ସ୍ୱାଗତ ଭାଷଣ, ମହାନଗର ତୈଳିକ ବୈଶ୍ୟ ସମାଜ ସଭାପତି ଡା. ଉତ୍ତମ ଚରଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଆଦର୍ଶ ଦମ୍ପତି ଭାବେ ବୃନ୍ଦାବନ ସାହୁ ଓ ଦମୟନ୍ତୀ ସାହୁ, ପ୍ରଫେସର ଅନନ୍ତ ସାହୁ ଓ ଶାନ୍ତିସୁଧା ସାହୁ, ସୁରେନ୍ଦ୍ର ସାହୁ ଓ ସୁଚିତ୍ରା ସାହୁ, ଅମ୍ରିତା ଦାସ ଓ ସୁଦୀପ୍ତା ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ସୁମନ ସାହୁଙ୍କ ସମ୍ପାଦନାରେ ଅନୁଷ୍ଠାନର ମୁଖପତ୍ର 'ସାଧବାଣୀ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ତୈଳିକ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପିଠାମିଠାର ପ୍ରଦର୍ଶନୀକୁ ରାଜ୍ୟପାଳ ବୁଲି ଦେଖିଥିଲେ। ସମ୍ପାଦକ ସରୋଜ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଆଣ୍ଟି ରାଗିଂ, ସାଇବର ଅପରାଧ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବ

କଟକ ଅଫିସ,୨୧।୯

**ଶୈଳବାଳା କଲେଜରେ ସଚେତନତା କାର୍ଯ୍ୟକ୍ରମ**

ଶୈଳବାଳା ମହିଳା ସ୍ୱାୟଂଶାସିତ ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟରେ ଆଣ୍ଟି ରାଗିଂ ଓ ସାଇବର ଅପରାଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ଗାୟତ୍ରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିସିପି ପିନାକ ମିଶ୍ର ମୁଖ୍ୟ ଅତିଥିଭାବରେ ଯୋଗଦେଇ କହିଥିଲେ, କଟକର ପ୍ରତ୍ୟେକ ସ୍କୁଲ ଏବଂ କଲେଜରେ ଆଣ୍ଟି ରାଗିଂ ଓ ସାଇବର ଅପରାଧ ସମ୍ପର୍କରେ ସଚେତନ କରାଯିବ। ବିଶେଷକରି ଛାତ୍ରୀଛାତ୍ରମାନେ ସାଇବର ଅପରାଧ ଓ ର୍‍ୟାଗିଂର ଶିକାର ହେଉଛନ୍ତି । ଏପରି କି କେତେକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଥିବାବେଳେ ଆଉ କେତେକ ନିଜ ଲକ୍ଷ୍ୟ ପଥରୁ ବିଚ୍ୟୁତ ହେଉଛନ୍ତି। ଏପରିସ୍ଥଳେ କଟକ କମିଶନରେଟ୍ ପୋଲିସ ପକ୍ଷରୁ ମେଗା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିସହିତ ପ୍ରତି ସ୍କୁଲ ଓ କଲେଜରେ ଆଗାମୀ ଦିନରେ ଗୋଟିଏ ଲେଖାଏ ସାଇବର କ୍ଲବ ଖୋଲିବା ନେଇ କମିଶନରେଟ୍ ପୋଲିସର ଯୋଜନା ରହିଥିବା ଡିସିପି କହିଛନ୍ତି। ଆଣ୍ଟିର୍‍ୟାଗିଂ ସେଲ୍‌ର ସଂଯୋଜିକା ଇନ୍ଦୁରେଖା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ. ସଂଘମିତ୍ରା ପଣ୍ଡା ଧନ୍ୟବାଦ ଦେଇଥିଲେ।



ଓଡ଼ିଶା ହାଇକୋର୍ଟ ବାର୍ କନ୍‌ଭେନ୍‌ଶନ୍ ହଲ୍‌ରେ ବୁଧବାର ଅନୁଷ୍ଠିତ ବରିଷ୍ଠ ଆଇନଜୀବୀ ସୁବାସଚନ୍ଦ୍ର ଲାଲ୍ ମେମୋରିଆଲ୍ ବକ୍ତୃତାମାଳାରେ ଯୋଗ ଦେଇଥିବା ଅତିଥିମାନେ ।




କଟକ ଖାନ୍‌ନଗର ସରକାରୀ ହାଇସ୍କୁଲରେ ୪୮ତମ ରାଜ୍ୟସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀର ବୁଧବାର ଉଦ୍‌ଯାପନୀ ସମାରୋହରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

## ଜାତିଆଣ ଆକ୍ଷେପ ମାମଲା ଦୋଷମୁକ୍ତ ହେଲେ ପଞ୍ଚାୟତର ପୂର୍ବତନ ସମ୍ପାଦକ

କଣ୍ଟାପଡା,୨୧।୯(ଡି.ଏନ୍.ଏ.)

କଟକସ୍ଥିତ ଅତିରିକ୍ତ ଜିଲାଜଜ୍ କୋର୍ଟରେ ଜାତିଆଣ ଆକ୍ଷେପ ମାମଲାର ଶୁଣାଣି ମଙ୍ଗଳବାର ହୋଇଥିଲା। ଅତିରିକ୍ତ ଜିଲାଜଜ୍ ଗୁଣ୍ଡିଚା ସାମନ୍ତସିଂହାର ଏହି ମାମଲାର ଶୁଣାଣି କରି କଣ୍ଟାପଡା ବ୍ଲକ ବାଗଲପୁର ପଞ୍ଚାୟତର ପୂର୍ବତନ ସମ୍ପାଦକଙ୍କୁ ଦେଷମୁକ୍ତ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ବାଗଲପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଚପଳା ଭୋଇ ସରକାରୀ ଯୋଜନାରେ ହୋଇଥିବା ଏକ ଅନିୟମିତତା ସମ୍ପର୍କିତ ଚିଠି ପାଇ ୨୦୧୬ ଅଗଷ୍ଟ ୧୦ ତାରିଖରେ ଉକ୍ତ ପଞ୍ଚାୟତର ସମ୍ପାଦକ ରଙ୍କନିଧି ସେନାପତିଙ୍କୁ ପଚାରିଥିଲେ। ତେବେ ସମ୍ପାଦକ ରଙ୍କନିଧି ତାଙ୍କୁ ଚିଠିର ଉତ୍ତର ଦେବା ପରିବର୍ତ୍ତେ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ ବୋଲି ଚପଳା ଓଲଟପୁର ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ କଟକସଦର ଉପଖଣ୍ଡ ପୋଲିସ ଅଧିକାରୀ କୋର୍ଟରେ ମାମଲାର ଚାର୍ଜସିଟ ଦାଖଲ କରିଥିଲେ। ଅତିରିକ୍ତ ଜିଲାଜଜ୍ ସାମନ୍ତସିଂହାରଙ୍କ ଅଦାଲରେ ମାମଲାର ବିଚାର ହୋଇଥିଲା। ତେବେ ସାକ୍ଷୀଙ୍କ ବୟାନରେ ତାଳମେଳ ନ ରହିବାରୁ ଅଦାଲତ ରଙ୍କନିଧିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ରଙ୍କନିଧିଙ୍କ ପକ୍ଷରୁ ଆଇନଜୀବୀ ଅଭିରାମ ପାତ୍ର ମାମଲା ପରିଚାଳନା କରୁଥିଲେ।

## ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ପ୍ରଶିକ୍ଷଣ ନେଲେ କ୍ଲଷ୍ଟର କୋଅର୍ଡିନେଟର

କଟକ ଅଫିସ, ୨୧।୯

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଚାଲିଥିବା କ୍ଲଷ୍ଟର କୋଅର୍ଡିନେଟରଙ୍କ ୩ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବୁଧବାର ଥିଲା ଦ୍ୱିତୀୟ ଦିନ। ପ୍ରଥମେ ସେମାନେ ସହରର ବିଭିନ୍ନ ୱାର୍ଡ ସମେତ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମ୍‌ସିସି)ଗୁଡିକ ବୁଲି ଦେଖିଥିଲେ। ପରେ କାଳୀଗଳି, ମର୍କତନଗର, ସତୀଚୌରା, ଦେଉଳସାହି ଅଞ୍ଚଳ ପରିଦର୍ଶନ କରି ସ୍ୱଚ୍ଛସାଥି ଓ ଲୋକମାନଙ୍କ ସହ ଆଲୋଚନା କରିଥିଲେ । ସହରରେ କିଭଳି ଭାବେ ସ୍ୱଚ୍ଛତା ବଜାୟ ରଖାଯାଇପାରିବ ଓ ଡୋର୍ ଟୁ ଡୋର୍ ଅଳିଆ ସଂଗ୍ରହ ହେବ ସେଥିପାଇଁ ସ୍ୱଚ୍ଛସାଥୀଙ୍କୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଆବର୍ଜନାକୁ ଡଷ୍ଟବିନରେ ରଖି ଅଳିଆ ସଂଗ୍ରହ ଗାଡ଼ିରେ ଦେବାକୁ ଲୋକଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଶେଷରେ ସିଏମ୍‌ସି ବିଜୁ ଭବନରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପାନୀୟ ଜଳ ଯୋଗାଣ ନେଇ କ୍ଲଷ୍ଟର କୋଅର୍ଡିନେଟରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସିଏମ୍‌ସି ଡେପୁଟି କମିଶନର ସଞ୍ଜୀବିତା ରାୟଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

# ପୂଜାମଣ୍ଡପକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ହେବ

କଟକ ଅଫିସ,୨୧।୯

କଟକ ମହାନଗର ନିଗମ(ସିଏମ୍‌ସି) ସମ୍ମିଳନୀ କକ୍ଷରେ ଶାନ୍ତି କମିଟି କର୍ମକର୍ତ୍ତା ଓ ଟାଟା ପାୱାର ଅଧିକାରୀମାନଙ୍କୁ ନେଇ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦଶହରା ଉପଲକ୍ଷେ ସମସ୍ତ ପୂଜାମଣ୍ଡପକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଓ ସଂଯୋଗରେ ପୂର୍ଣ୍ଣ ସହାୟତା ଯୋଗାଇ ଦିଆଯିବାକୁ ଟାଟା ପାୱାର କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଶାନ୍ତି କମିଟି, ପୂଜା କମିଟି କର୍ମକର୍ତ୍ତା ଓ ସହରବାସୀ ଏହି କାର୍ଯ୍ୟରେ ସମ୍ପୂର୍ଣ୍ଣ ସହାୟତା କରିବେ। ଏଥିପାଇଁ କୌଣସି ବିତର୍କ ନ କରିବାକୁ ଶାନ୍ତି କମିଟିର କର୍ମକର୍ତ୍ତା ସମସ୍ତ ପୂଜା କମିଟି କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି। ମେୟର ସୁବାସ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଦାସ, କାର୍ଯ୍ୟକାରୀ ସଭାପତି ବିଜୟ କୁମାର ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, କୋଷାଧକ୍ଷ ଶିବରଞ୍ଜନ ସାହୁ, ଦେବେନ୍ଦ୍ର କାହାଳି, ଚୌଧୁରୀ ବଜାର କମିଟି ସଭାପତି ଦେବାଶିଷ ରାୟ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସିଂହ, ଟାଟା ପାୱାରର କମର୍ସିଆଲ ମୁଖ୍ୟ ପ୍ରବୀନ ବର୍ମା, କଟକ ବିଦ୍ୟୁତ୍ ବିଭାଗ ଦେବାଶିଷ ପଟ୍ଟନାୟକ, ନିର୍ବାହୀ ଯନ୍ତ୍ରୀ ଦୀପକ ରାଉତ ଓ ଚନ୍ଦ୍ରଭାନୁ ମହାନ୍ତି ପ୍ରମୁଖ ୭ଯୋଗ ଦେଇଥିଲେ।

## ୨ ବାଇକ ଜବତ, ଯୁବକ ଗିରଫ

କଟକ ଅଫିସ,୨୧।୯:

ବାଇକ୍ ଚୋରି ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଜଣେ ଯୁବକଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ କଟକ ସଦର ଥାନା ଅନ୍ତର୍ଗତ ସୁଭଦ୍ରାପୁରର ଅଭିନାଶ ସାମଲ। ତାଙ୍କଠାରୁ ୨ଟି ଚୋରି ବାଇକ୍ ଜବତ ହୋଇଛି। ଚୌଦ୍ୱାର ଥାନା ଅନ୍ତର୍ଗତ ଗୋଡ଼ିପାଟଣା ଗ୍ରାମର ମାନସ ସାମଲ ସ୍ତ୍ରୀଙ୍କୁ ନେଇ ଗତ ୧୯ ତାରିଖରେ ବାଇକ୍‌ରେ ଏସ୍‌ସିବି ମେଡିକାଲ ଆସିଥିଲେ। ସେଠାରୁ ତାଙ୍କ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

# 'ହିନ୍ଦୀର ପ୍ରସାର ପାଇଁ ସମସ୍ତେ ଯତ୍ନଶୀଳ ହୁଅନ୍ତୁ'

କଟକ ଅଫିସ, ୨୧।୯

ସ୍ଥାନୀୟ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ହିନ୍ଦୀ ବିଭାଗ ପକ୍ଷରୁ ହିନ୍ଦୀ ଦିବସ ସମାରୋହ ବୁଧବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ଅବ୍‌ଦୁଲ ଉସ୍‌ମାନ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ ରାଷ୍ଟ୍ରଭାଷା ହିନ୍ଦୀର ପ୍ରଚାର ଓ ପ୍ରସାର ପାଇଁ ସମସ୍ତେ ଯତ୍ନଶୀଳ ହେବାକୁ କହିଥିଲେ। ଏଥିସହ ନାରୀ ଶିକ୍ଷା ଓ ନାରୀ ସଶକ୍ତୀକରଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନର ଅଧକ୍ଷ ଡ. ସତ୍ୟନାରାୟଣ ପଣ୍ଡା ଯୋଗଦେଇ ହିନ୍ଦୀ ଭାଷାର ଉଦ୍ଭବ ଓ କ୍ରମବିକାଶ ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଯୋଗଦେଇ ଛାତ୍ରୀମାନଙ୍କୁ ସଫଳତାର ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡା. ରବି ରଞ୍ଜନ ସାହୁ ଯୋଗଦେଇ ହିନ୍ଦୀ ଦ୍ୱାରା ହିଁ ଦେଶକୁ ଏକତା ସୂତ୍ରରେ ବାନ୍ଧି ରଖିବା ସମ୍ଭବ ହୋଇପାରିବ ବୋଲି କହିଥିଲେ। ହିନ୍ଦୀ ବିଭାଗ ମୁଖ୍ୟ ଅଧ୍ୟାପିକା ଡ. ପ୍ରମୋଦିନୀ ସାହୁ ବିବରଣୀ ପାଠ ଓ ଅଧ୍ୟାପିକା ବିଷ୍ଣୁପ୍ରିୟା ମଙ୍ଗରାଜ ଧନ୍ୟବାଦ ଦେଇଥିଲେ।



ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହିନ୍ଦୀ ଦିବସ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

# ୭ ଗାଡ଼ି, ଅଳଙ୍କାର ଜବତ: ୪ ଗିରଫ

ଫୁଲନଖରା, ୨୧।୯(ଡି.ଏନ୍.ଏ.)

ଗାଡ଼ି ଓ ସୁନା ଅଳଙ୍କାର ଚୋରି କରିବା ଅଭିଯୋଗରେ କଟକ ସଦର ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୋରାପୁଟ ଜିଲା ଲକ୍ଷ୍ମୀପୁର ଥାନା ଅଞ୍ଚଳର ଅବ୍‌ଦୁଲ ନାଦୀ ଖାଁ(୧୯), କଟକ ଜିଲା ଜଗତ୍‌ପୁର ଥାନା ଅନ୍ତର୍ଗତ ନୂଆସାହିର ଦେବାଶିଷ ଭୂୟାଁ(୧୯), ଗଣିପୁରର ବିନୋଦ ବିହାରୀ ବିଶ୍ୱାଳ,(୩୦) ଓ କେନ୍ଦ୍ରାପଡ଼ା ଗରାପୁର ଅଞ୍ଚଳର ଏସ୍‌କେ. ରୁସ୍ତମ(୩୭)। ସେମାନଙ୍କଠାରୁ ୨ଟି କାର, ଗୋଟିଏ ବୋଲେରୋ, ଦୁଇଟି ପିକ୍‌ଅପ୍ ଭ୍ୟାନ, ୨ଟି ବାଇକ୍, ୬୧.୨୮ ଗ୍ରାମ୍ ସୁନା ଅଳଙ୍କାର ସହ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି ବୋଲି କଟକ ସଦର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ଅଗଷ୍ଟ ୨୧ ତାରିଖ ବିଳମ୍ବିତ ରାତିରେ କଟକ ସଦର ଥାନା ଅନ୍ତର୍ଗତ ଅଢାଳିଆ ମୌଜାର ରମେଶ ସାହୁଙ୍କ ଘର ସମ୍ମୁଖରୁ ତାଙ୍କର କାର୍(ଓଆର୍୨୧-୭୪୭୯) ଚୋରି ହୋଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୬୬/୨୨) ରୁଜୁ କରିଥିଲା। ପରେ ଚୋରି ହୋଇଥିବା କାର୍‌କୁ ଜବତ କରିବା ସହ ରୁସ୍ତମଙ୍କୁ ଗିରଫ କରିଥିଲା। ତଦନ୍ତବେଳେ ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ଥିବା ଜଣାପଡିଥିଲା। ପରେ ପୋଲିସ ଅବ୍‌ଦୁଲ, ଦେବାଶିଷ ଓ ବିନୋଦଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ସୁନା ଅଳଙ୍କାର ସହ ଆଉ ୬ଟି ଗାଡ଼ି ଜବତ କରିଥିଲା। ଅବ୍‌ଦୁଲଙ୍କ ନାଁରେ ଆନ୍ଧ୍ରପ୍ରଦେଶ, ଶ୍ରୀକାକୁଲମ ସହିତ ଓଡ଼ିଶାର ବିଭିନ୍ନ ଥାନାରେ ୧୭ଟି ମାମଲା ରହିଥିବା ଡିସିପି ମିଶ୍ର ସୂଚନା ଦେଇଛନ୍ତି।





ଗିରଫ ୪ ଅଭିଯୁକ୍ତ । କାର୍, ବାଇକ୍ ଜବତ

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୨୨ ସେପ୍ଟେମ୍ବର, ୨୦୨୨



## ୩୪ନଂ. ଜୋନ ସାଙ୍ଗଠନିକ ବୈଠକ

ବାଙ୍କୀ,(ସ୍ୱ.ପ୍ର): ବାଙ୍କୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩୪ନମ୍ବର ଜୋନ୍ ତଥା ଭାଜପା ସାଂଗଠନିକ ସୁବର୍ଣ୍ଣପୁର ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ମଣ୍ଡଳ ସଭାପତି ପ୍ରସନ୍ନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିନୋଦ ଦାସ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିଲା ସାଧାରଣ ସଂପାଦକ ରାମନାରାୟଣ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢ଼ୀ ଯୋଗଦେଇ ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ବାଙ୍କୀ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ତଥା ଜିଲା ଉପସଭାପତି ଆଲୋକଚନ୍ଦ୍ର ମହାନ୍ତି, ବିଧାନସଭା କ୍ଷେତ୍ର ସଂଯୋଜକ ଉତ୍କଳମଣି ମନ୍ତ୍ରୀ, ଜିଲା ସଂପାଦକ ପ୍ରଭାସ ରାଉତ, ସଂପାଦିକା ସୁଜାତା ପରିଡା, ନିରୋଜ ସ୍ୱାଇଁ, ହେମନ୍ତ କୁମାର ଜେନାଙ୍କ ସମେତ କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ସଂକ୍ଷେପରେ

### ଭାଜପା କଟକ ନଗର ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ

କଟକ ଅଫିସ, ୨୧।୯: ଭାରତୀୟ ଜନତା ପାର୍ଟି (ଭାଜପା) କଟକ ନଗର ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ ସ୍ଥାନୀୟ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଦିଲ୍ଲୀର ବିଶିଷ୍ଟ ସାମାଜିକ କର୍ମୀ ରାଗିଣୀ ତିୱାରି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗରିବ, କୃଷକ, ଯୁବକ, ମହିଳା, ସୈନିକଙ୍କ ସୁରକ୍ଷା ପାଇଁ ବିଭିନ୍ନ ଯୋଜନା କରିଛନ୍ତି ବୋଲି ସେ କହିଥିଲେ। ଏହି ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଦଳର ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ଅନ୍ୟତମ ବକ୍ତା ଦିଲୀପ ମଲ୍ଲିକଙ୍କ ସହିତ ପୂର୍ବତନ ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନ, ସବ୍ୟସାଚୀ ମହାପାତ୍ର, ବରିଷ୍ଠ ଅଧିବକ୍ତା ମିଳନ ବଡୁ ଓ ଗୁରୁଦତ୍ତ କର ଉପସ୍ଥିତ ଥିଲେ। କର୍ପୋରେଟର ଲକ୍ଷ୍ମୀଧର ବେହେରା ସ୍ୱାଗତ ଭାଷଣ ଓ ଗଗନ ଓଝା ଧନ୍ୟବାଦ ଦେଇଥିଲେ।

### ଷ୍ଟେଟ୍ ବ୍ୟାଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ମାହାଙ୍ଗା,୨୧।୯(ସ୍ୱ.ପ୍ର): ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଉଦା ପଞ୍ଚାୟତସ୍ଥିତ ତ୍ରିବେଣୀଶ୍ୱରଠାରେ ଥିବା ଚଷାଖଣ୍ଡ ଷ୍ଟେଟବ୍ୟାଙ୍କର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କ ଶାଖା ପରିଚାଳକ ପ୍ରଦୀପ କୁମାର କହଁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ସର୍କଲର ମୁଖ୍ୟ ପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଧାରଣ ପ୍ରବନ୍ଧକ ପୁନମ ବାଲାମ ଏମ, ସହ ସାଧାରଣ ପ୍ରବନ୍ଧକ ସଞ୍ଜୟ କୁମାର ଝା, ଜଗତ୍‌ସିଂହପୁର ଆଞ୍ଚଳିକ ପ୍ରବନ୍ଧକ ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଉପ ପ୍ରବନ୍ଧକ ଅଶୋକ କୁମାର ନାୟକ, ସିନିୟର ଆସୋସିଏଟ ପ୍ରଦ୍ୟୁମ୍ନ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଶିକ୍ଷା, ମୁଦ୍ରା, ଗୃହ ଓ ଯାନ ଋଣ ବାବଦକୁ ୧.୫ କୋଟି ଟଙ୍କା ଋଣ ପ୍ରଦାନ କରିଥିଲେ। ଏଥିରେ ବ୍ୟାଙ୍କର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ପୋଷାକ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର

ତିଗିରିଆ,୨୧।୯ (ଡି.ଏନ.ଏ.): ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, କଟକ ପକ୍ଷରୁ ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାଠାରେ ୬ ସପ୍ତାହ ବ୍ୟାପୀ ଉଦ୍ୟୋଗୀ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବୁଧବାର ଶୁଭାରମ୍ଭ ହୋଇଛି। ଏଥିରେ ଏମ୍‌ଏସ୍‌ଏମ୍‌ଇ, ଡିଆଇ-ଡିଏଫ୍‌ଓ କଟକର ନିର୍ଦ୍ଦେଶକ ଇଂ. ଭବାନୀ ପ୍ରସାଦ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ଜାଫର ଖାଁ, ମୁଖ୍ୟବକ୍ତା ଭାବେ ଜାତୀୟ ପ୍ରଶିକ୍ଷକ ତଥା ସାମାଜିକ କର୍ମୀ ସୁବ୍ରତ କୁମାର ଭୂୟାଁ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଉଦ୍ୟୋଗ ସ୍ଥାପନ ଓ ଏହାର ଆନୁଷଙ୍ଗିକ ବିକାଶ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଏହି ଶିବିରରେ ୩୦ଜଣ ପ୍ରଶିକ୍ଷାର୍ଥୀଙ୍କୁ ବହୁବିଧ ପୋଷାକ ପ୍ରସ୍ତୁତି ଓ ଉଦ୍ୟୋଗ ସ୍ଥାପନ ବିଷୟରେ ୬ସପ୍ତାହ ପ୍ରଶିକ୍ଷଣ ଦିଆଯିବ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବିଲାସିନୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଯୁବ ସଂଯୋଜକ ପ୍ରଶାନ୍ତ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କୁଲ ଭିଡ଼କୁ ନିୟନ୍ତ୍ରଣ କରିବେ ସିକ୍ୟୁରିଟି ଗାର୍ଡ

## ପ୍ରଶିକ୍ଷଣ ଦେଲା ଟ୍ରାଫିକ୍ ପୋଲିସ

- ୧୪ ସ୍କୁଲର ୫୬ ସିକ୍ୟୁରିଟି ଗାର୍ଡଙ୍କୁ ଏସ୍‌ପିଓ ମାନ୍ୟତା
- ସ୍ୱତନ୍ତ୍ର ଜ୍ୟାକେଟ୍ ପିନ୍ଧି ଟ୍ରାଫିକ୍ ପରିଚାଳନା କରିବେ


ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଟ୍ରାଫିକ୍ ପୋଲିସ ସହ ସିକ୍ୟୁରିଟି ଗାର୍ଡମାନେ।

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ରାଜଧାନୀରେ ଏକାଧିକ ସ୍କୁଲ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ରହିଛି। ସ୍କୁଲ ଖୋଲିବା ଏବଂ ଛୁଟି ହେବା ସମୟରେ ସେହି ରାସ୍ତାରେ ପ୍ରବଳ ଗହଳି ହୋଇଥାଏ। ସ୍କୁଲ ନିକଟବର୍ତ୍ତୀ ରାସ୍ତାରେ ଅଭିଭାବକମାନେ ବେଆଇନ ପାର୍କିଂ କରିଥାନ୍ତି। ଗାଡ଼ିଗୁଡ଼ିକୁ ବେଆଇନ ପାର୍କିଂ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଭିଡ଼ ଏବଂ ଅନ୍ୟ ଗାଡ଼ି ଚଳାଚଳ ଯୋଗୁ ସ୍କୁଲ ନିକଟରେ ପୂର୍ବରୁ ଅନେକ ଦୁର୍ଘଟଣା ଘଟିବାର ନଜିର ରହିଛି। ଏବେ ଏପରି ପରିସ୍ଥିତିରେ ସ୍କୁଲରେ ନିଯୁକ୍ତ ସିକ୍ୟୁରିଟି ଗାର୍ଡମାନେ ଟ୍ରାଫିକ୍ ପୋଲିସର ଭୂମିକା ତୁଲାଇବେ। କମିଶନରେଟ ପୋଲିସ ପକ୍ଷରୁ ଭୁବନେଶ୍ୱରର ଭିନ୍ନ ଭିନ୍ନ ୧୪ଟି ସ୍କୁଲର ୫୬ଜଣ ସିକ୍ୟୁରିଟି ଗାର୍ଡଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏଥିସହ ସିକ୍ୟୁରିଟି ଗାର୍ଡଙ୍କୁ ଓଡ଼ିଶା ଅର୍ବାନ୍ ପୋଲିସ ଆକ୍ଟର ସେକ୍ସନ୍-୧୩ ଅନୁଯାୟୀ ଏସ୍‌ପିଓ (ସ୍ପେଶାଲ ପୋଲିସ ଅଫିସର) ମାନ୍ୟତା ଦିଆଯାଇଛି। ଟ୍ରାଫିକ୍ ପୋଲିସ କର୍ମଚାରୀମାନେ ସ୍କୁଲକୁ ଯାଇ ମଙ୍ଗଳବାର ଓ ବୁଧବାର ପ୍ରଶିକ୍ଷଣ ଦେଇଥିଲେ। ଭିଡ଼କୁ ନିୟନ୍ତ୍ରଣ, ପାର୍କିଂ ପରିଚାଳନା, ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଏବଂ ବିଭିନ୍ନ ଗାଡ଼ିକୁ କିପରି ବାଟ କଢ଼େଇବେ ଆଦି ଶିଖିଥିଲେ। ଟ୍ରାଫିକ୍ କର୍ମଚାରୀମାନେ ସିକ୍ୟୁରିଟି ଗାର୍ଡଙ୍କୁ ଏ ସଂକ୍ରାନ୍ତରେ ବିଭିନ୍ନ ଦିଗକୁ ନେଇ ଗୁରୁମନ୍ତ୍ର ଦେଇଥିଲେ। ଏଥିସହ ଟ୍ରାଫିକ୍ ପୋଲିସ ପକ୍ଷରୁ ଏସ୍‌ପିଓ ମାନ୍ୟତା ପାଇଥିବା ଉପରୋକ୍ତ ସିକ୍ୟୁରିଟି ଗାର୍ଡଙ୍କୁ ସ୍ୱତନ୍ତ୍ର ଜ୍ୟାକେଟ୍ ଦିଆଯାଇଛି। ସିକ୍ୟୁରିଟି ଗାର୍ଡମାନେ ଏହି ଜ୍ୟାକେଟ୍ ପିନ୍ଧି ସ୍କୁଲରେ କାର୍ଯ୍ୟ କରିବା ସହ ଟ୍ରାଫିକ୍ ପରିଚାଳନା ନିର୍ବାହ କରିବେ।

ଏ ସଂକ୍ରାନ୍ତରେ ଭୁବନେଶ୍ୱର ଟ୍ରାଫିକ୍ ଏସିପି ସ୍ୱସ୍ତିକ ପଣ୍ଡା କହିଛନ୍ତି, ଏହି ପ୍ରଶିକ୍ଷଣ ସହ ଏସ୍‌ପିଓ ମାନ୍ୟତା ଦେବାକୁ ବିଭିନ୍ନ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। ଆଗକୁ ଅନ୍ୟ ସ୍କୁଲ ସିକ୍ୟୁରିଟି ଗାର୍ଡମାନେ ମଧ୍ୟ ଏହି ପ୍ରଶିକ୍ଷଣ ନେବେ। ଆବଶ୍ୟକ ପଡ଼ିଲେ ଏସ୍‌ପିଓ ମାନ୍ୟତା ପାଇଥିବା ସିକ୍ୟୁରିଟି ଗାର୍ଡମାନେ ଆମ ସାହାଯ୍ୟ ମଧ୍ୟ ନେଇପାରିବେ। ଏହି ପ୍ରଶିକ୍ଷଣ ନେବା ପାଇଁ ଆମ ପକ୍ଷରୁ ଉତ୍ସାହ କରାଯାଉଥିବା ସେ କହିଛନ୍ତି।

# ଆନ୍ତଃଜିଲା ଲୁଟ୍ ଅଭିଯୁକ୍ତ ଗିରଫ

ସାଲେପୁର,୨୧।୯(ଡି.ଏନ୍.ଏ.)


ଅଭିଯୁକ୍ତ ସେକ୍ ଅଲିଜା।

ସାଲେପୁରରୁ ଜଣେ ମହିଳାଙ୍କ ବେକରୁ ଚେନ୍ ଝାମ୍ପି ନେଇଥିବା ଆନ୍ତଃଜିଲା ଲୁଟ ଅଭିଯୁକ୍ତଙ୍କୁ କଟକ ସଦର ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ସେକ ଅଲିଜା।

ସାଲେପୁର ପୋଲିସର ସୂଚନା ଅନୁଯାୟୀ, ଗତ ୨୮ତାରିଖରେ କଟକ ମଙ୍ଗଳାବାଗ ଅଞ୍ଚଳର ଲକ୍ଷ୍ମୀପ୍ରିୟା ସାହୁ ଓ ତାଙ୍କ ସ୍ୱାମୀ ସାଲେପୁରରେ ଥିବା ଏକ ହୋମିଓ କ୍ଲିନିକ୍‌କୁ ଆସି ଔଷଧ ନେଇ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଏକ କାରରେ ଆସି ସେକ୍ ଅଲିଜା ଓରଫ୍ ସେକ ଜାଫର ଓରଫ୍ ସେକ ଜବାର ଓରଫ୍ ସେକ ପାପୁ ଲକ୍ଷ୍ମୀପ୍ରିୟାଙ୍କ ବେକରୁ ପ୍ରାୟ ୨୦ଗ୍ରାମ ଓଜନର ସୁନା ଚେନ୍ ଝାମ୍ପି ନେଇଥିଲେ। ଏ ନେଇ ଲକ୍ଷ୍ମୀପ୍ରିୟା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେସ ନଂ-୨୫୯/୨୦୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ସେକ ଅଲିଜାଙ୍କ ଘର କୋରାପୁଟର ଲକ୍ଷ୍ମୀପୁର ଅଞ୍ଚଳରେ ହୋଇଥିବା ବେଳେ ସେ ଦୀର୍ଘବର୍ଷ ଧରି ଭୁବନେଶ୍ୱରର ଯଦୁପୁରରେ ରହି ବିଭିନ୍ନ ଅପରାଧରେ ସକ୍ରିୟ ଥିଲେ। ସେ ବିଭିନ୍ନ ଅଞ୍ଚଳରେ ନାମ ପରିବର୍ତ୍ତନ କରି ଅପରାଧ ଘଟାଉଥିଲେ। ଗତ ଦୁଇଦିନ ତଳେ କଟକ ସଦର ଅଞ୍ଚଳରେ ୪ରୁ ଊର୍ଦ୍ଧ୍ୱ ୪ଚକିଆ ଗାଡ଼ି ଚୋରି ଘଟଣାରେ ଗିରଫ ହେବା ପରେ ସାଲେପୁର ଥାନା ସମେତ ବିଭିନ୍ନ ଅଞ୍ଚଳରେ ଚୋରି ଓ ଲୁଟ୍ ଘଟଣା ଘଟାଇଥିବା ପୋଲିସ ନିକଟରେ ପ୍ରକାଶ କରିଥିଲେ। ସାଲେପୁର ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ କଟକ ସଦର ଥାନାରେ ପହଞ୍ଚି ଲକ୍ଷ୍ମୀପ୍ରିୟାଙ୍କ ବେକରୁ ଝାମ୍ପି ନେଇଥିବା ସୁନା ଚେନ୍ ଘଟଣାରେ ସେ ସଂପୃକ୍ତ ଥିବା ପ୍ରକାଶ କରିବା ସହ ଉକ୍ତ ଦିନ ସାଲେପୁର ଓ ଜପକୁଦ ଅଞ୍ଚଳରେ ଥିବା ଏକ ପେଟ୍ରୋଲ ଟାଙ୍କିରେ ୨ ହଜାର ଟଙ୍କାର ପେଟ୍ରୋଲ ପକାଇ ଟଙ୍କା ନଦେଇ ବନ୍ଧୁକ ଦେଖାଇ ଖସି ଆସିଥିଲେ ବୋଲି କହିଛନ୍ତି।

# ଓଏଚଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ପରିବାର

ବାଙ୍କୀ,୨୧।୯(ସ୍ୱ.ପ୍ର)

ଡମପଡ଼ା-ଚନ୍ଦକା ଅଭୟାରଣ୍ୟରୁ ଅଗଷ୍ଟ ୨୮ରେ ସାନମୁଣ୍ଡୁଳୀ ଗ୍ରାମର ବୃଦ୍ଧ ନନ୍ଦକିଶୋର ବେହେରା ନିଖୋଜ ହୋଇଯାଇଥିଲେ। ଏହି ଘଟଣାକୁ ୨୫ ଦିନ ବିତିଯାଇଥିଲେ ମଧ୍ୟ ନନ୍ଦଙ୍କୁ ଠାବ କରିବାରେ ବନ ବିଭାଗ ଓ ପୋଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପୋଲିସ ଓ ବନ ବିଭାଗ ପକ୍ଷରୁ ତଦନ୍ତରେ ଶିଥିଳତା ଅଭିଯୋଗ କରି ନନ୍ଦଙ୍କ ପରିବାର ଲୋକଙ୍କ ସହିତ କେତେକ ସାମାଜିକ କର୍ମୀ ବୁଧବାର ରାଜ୍ୟ ମାନବାଧିକାର ଆୟୋଗ (ଓଏଚଆରସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନାଯୋଗ୍ୟ, ଡମପଡା-ଚନ୍ଦକା ଅଭୟାରଣ୍ୟ ମଧ୍ୟରେ ୫ ପଡ଼ାକୁ ଲୁଗା ବ୍ୟବସାୟ ପାଇଁ ନନ୍ଦ ଯାଇଥିବା ବେଳେ ନିଖୋଜ ହୋଇଯାଇଥିଲେ। ତାଙ୍କ ନିଖୋଜ ନେଇ ନାନା ଚର୍ଚ୍ଚା ହୋଇଥିଲା। ଜଙ୍ଗଲରେ ବଙ୍ଗପାଣି ଘାଟି ନିକଟରେ ନନ୍ଦଙ୍କ ଲୁନା, ଲୁଙ୍ଗି, ଚପଲ ପଡ଼ିଥିଲା। କିଛି ଦୂରରେ ଏକ ଅଜଗର ପେଟ ଫୁଲାଇ ପଡ଼ିଥିବାରୁ ନନ୍ଦଙ୍କୁ ସେ ଗିଳିଦେଇଥିବା ଚର୍ଚ୍ଚା ହୋଇଥିଲା। ଅଜଗରର ପେଟ ସ୍କାନିଂ କିମ୍ବା ଏକ୍ସରେ ପାଇଁ ବନ ବିଭାଗକୁ ଗୁହାରି କରିଥିଲେ ମଧ୍ୟ ବିଭାଗ ଏହାକୁ ଏଡ଼ାଇ ଯାଇଥିଲା। ପରେ


ନନ୍ଦ କିଶୋରଙ୍କ ପରିବାର ଲୋକ ଓଏଚଆରସିଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି।

## ନନ୍ଦ କିଶୋର ନିଖୋଜ ଘଟଣା

ତାଙ୍କୁ କେହି ମାରି ପୋତି ଦେଇଥାଇପାରେ ବୋଲି ଚର୍ଚ୍ଚା ହେବାରୁ ନନ୍ଦଙ୍କ ପୁତୁରା ରାମଚନ୍ଦ୍ର ବାଙ୍କୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କି ବନ ବିଭାଗ ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରେ ପରିବାର ଲୋକ କଟକ ଜିଲାପାଳ ଭବାନୀ ଶଙ୍କର ଚଇନି, କଟକ ଗ୍ରାମାଞ୍ଚଳ ଏସପି ଯୁଗଳ କିଶୋର ବିନିଥ, ପୋଲିସ ଡିଜି ସୁନୀଲ ବଂଶଲଙ୍କୁ ଭେଟି ଅଭିଯୋଗ କରିଥିଲେ। ମାତ୍ର କୌଣସି ସୁଫଳ ମିଳିଲା ନାହିଁ। ତେଣୁ ପୋଲିସ ଓ ବନ ବିଭାଗ ଉପରେ ଆସ୍ଥା ହରାଇ ବୁଧବାର ଅଦ୍ୱୈତ୍ୱ ଫାଉଣ୍ଡେସନର ମହାସଚିବ ନଳିନୀ ରାୟ ଓ ସାମାଜିକ କର୍ମୀ ଗୌତମ ମିଶ୍ରଙ୍କ ସହଯୋଗରେ ନନ୍ଦକିଶୋରଙ୍କ ପତ୍ନୀ ସରସ୍ୱତୀ (୭୧), ପୁତୁରା ରାମଚନ୍ଦ୍ର ରାଜ୍ୟ ମାନବ ଅଧିକାର ଆୟୋଗଙ୍କୁ ଭେଟି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଦାବି କରିଛନ୍ତି। ଆୟୋଗଙ୍କ ପକ୍ଷରୁ ରେଜିଷ୍ଟ୍ରାର ରାଜୀବ ଲୋଚନ ସାହୁ କହିଛନ୍ତି ଖୁବଶୀଘ୍ର ତଦନ୍ତ ପ୍ରକ୍ରିୟା ଚାଲୁ କରାଯିବ ଓ ପରିବାର ଲୋକଙ୍କୁ ନ୍ୟାୟ ପ୍ରଦାନ କରାଯିବ।

# ପୁରାତନ ଛାତ୍ରୀଛାତ୍ରଙ୍କ ବୈଠକ

କଟକ ସଦର, ୨୧।୯(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ଆୟଉପୁର ହାଇସ୍କୁଲ ପୁରାତନ ଛାତ୍ରୀଛାତ୍ରମାନଙ୍କର ଏକ ବୈଠକ ମଙ୍ଗଳବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ରଘୁନାଥ ସାସମଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ପୁରାତନ ଛାତ୍ରୀଛାତ୍ରମାନେ ଯୋଗଦେଇ ବିଗତ ଦିନର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ହୃଷୀକେଶ ଜେନା, ଉପ ସଭାପତି ରାକେଶ ବେହେରା, ସଂଯୋଜକ ବିରଞ୍ଚି ବେହେରା ଓ ମହିଳା ପ୍ରତିନିଧି ଭାବେ ସସ୍ମିତା ମହାପାତ୍ର ମନୋନୀତ ହୋଇଥିଲେ। ସେହିପରି ଉପଦେଷ୍ଟା ମଣ୍ଡଳୀରେ ସୂର୍ଯ୍ୟନାରାୟଣ ମହାପାତ୍ର, ଭାସ୍କର ବେହେରା ଓ ନିମାଇଁ ମହାପାତ୍ର, ସହାୟକ ଭାବେ ବର୍ଷା ମହାରଣା, ପ୍ରକାଶ ଦାଶ ମନୋନୀତ ହୋଇଥିଲେ। ଶିକ୍ଷକ ଉମାକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

# ନୃତ୍ୟ, ନାଟକରେ ସଚେତନତା ବାର୍ତ୍ତା

କଟକ ଅଫିସ, ୨୧।୯

## ବିଶ୍ୱ ଆଲଜିମର୍ସ ଦିବସ

ଡ୍ରିମ୍‌ସ ସ୍କୁଲ ଆଣ୍ଡ କଲେଜ ଅଫ୍ ନର୍ସିଂ ଆନୁକୂଲ୍ୟରେ ବିଶ୍ୱ ଆଲଜିମର୍ସ ଦିବସ ସୋଲରସ୍ଥିତ ସେବକ ଜରା ନିବାସଠାରେ ବୁଧବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜରାନିବାସର ତତ୍ତ୍ୱାବଧାରକ ସୁରେଶ ଚନ୍ଦ୍ର ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଡ. ପି. କଙ୍ଗେଶ୍ୱରୀ, ଖବରଦାତା କାର୍ତ୍ତିକ ରାଉତ, ଶିକ୍ଷାବିତ୍ ଭରତ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲଜିମର୍ସ ରୋଗରେ ପୀଡିତ ବ୍ୟକ୍ତିଙ୍କ ଚିକିତ୍ସା ଓ ଉପଯୁକ୍ତ ସେବାଯତ୍ନ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ନୃତ୍ୟ ଓ ନାଟକ ମାଧ୍ୟମରେ ଆଲଜିମର୍ସ ସମ୍ପର୍କିତ ସଚେତନତା ବାର୍ତ୍ତା ଦେଇଥିଲେ। ବିଏସ୍‌ସି ନର୍ସିଂ ତୃତୀୟ ବର୍ଷ ଛାତ୍ରୀ ବିଜୟଲକ୍ଷ୍ମୀ ବେହେରା ଆଲଜିମର୍ସ ରୋଗ ବିଷୟରେ କହିଥିଲେ। ମାନସିକ ସ୍ୱାସ୍ଥ୍ୟ ବିଭାଗର ସହକାରୀ ପ୍ରାଧ୍ୟାପିକା ସ୍ମୃତିଶ୍ରୀ ପି ଦଳାଇ, ପ୍ରଶିକ୍ଷିକା ସ୍ମୃତିରେଖା ପରିଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଫାଇନାଲରେ ମା'ମଙ୍ଗଳା କ୍ଲବ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ବାଙ୍କୀ,୨୧।୯(ସ୍ୱ.ପ୍ର)

## ବାଙ୍କୀ ମହୋତ୍ସବ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବାଙ୍କୀ ମହୋତ୍ସବ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ବାରଙ୍ଗ ଗୋବିନ୍ଦପୁର ଫୁଟବଲ୍ କ୍ଲବ ଓ ବାରଙ୍ଗ ବେଲଗଛିଆ ବେଲେଶ୍ୱର କ୍ଲବ ମଧ୍ୟରେ କଚେରି ପଡିଆଠାରେ ପ୍ରଥମ ସେମିଫାଇନାଲ୍ ଖେଳ ବୁଧବାର ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳକୁ ସମାଜସେବୀ ଜୟପ୍ରକାଶ ମିଶ୍ର ଉଦଘାଟନ କରିଥିବା ବେଳେ ଅଶୋକ କୁମାର ରାଉତ, ସୁରେନ୍ଦ୍ର କୁମାର ମିଶ୍ର ଓ ସଦାଶିବ ଦାଶ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ମହୋତ୍ସବ ଉପସଭାପତି ସନ୍ତୋଷ କୁମାର ରଣା ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ରେଫରି ଭାବରେ କୃପାସିନ୍ଧୁ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ବାଦଲ୍ ନାୟକ, ଆଦର୍ଶ ମହାପାତ୍ର ସହଯୋଗ କରିଥିଲେ। ପ୍ରଥମାର୍ଦ୍ଧରେ ଗୋବିନ୍ଦପୁର ଦଳ ବେଲଗଛିଆ ଦଳକୁ ୩-୧ଗୋଲରେ ହରାଇଥିଲା। ଦ୍ୱିତୀୟାର୍ଦ୍ଧ ଖେଳରେ ବାରଙ୍ଗ ବ୍ଲକ ଗୋଠପୁରର ମା' ମଙ୍ଗଳା କ୍ଲବ ଓ ଗୋବିନ୍ଦପୁର ଦଳ ସହିତ ପ୍ରତିଯୋଗିତା ହୋଇଥିଲା। ଏହି ଖେଳରେ ମା'ମଙ୍ଗଳା କ୍ଲବ ୧-୦ଗୋଲରେ ବିଜୟୀ ହୋଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା।

# ଗୁଳିକାଣ୍ଡର ୯ ବର୍ଷ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

ଚୌଦ୍ୱାର,୨୧।୯(ଡି.ଏନ୍.ଏ.)

ଦୀର୍ଘ ୯ ବର୍ଷ ତଳେ ଜଣେ ବ୍ୟକ୍ତିଙ୍କୁ ଗୁଳି କରି ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଚୌଦ୍ୱାର ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ କଟକ ଜିଲା ଖୁଣ୍ଟୁଣୀ ଥାନା ଅଧୀନ ଖଣ୍ଡୁଆଳି ଗ୍ରାମର କାହ୍ନୁ ଚରଣ ମହାନ୍ତି। ପୋଲିସ ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଧୀନ ଜୁଆଣିଆଁ ଗ୍ରାମର ବିଷ୍ଣୁ ଚରଣ ସାମଲ ଚୌଦ୍ୱାର ଗ୍ରୀଡ୍ କଲୋନୀରେ ରହୁଥିଲେ। ୨୦୧୩ ଜୁନ୍ ୧୬ ତାରିଖ ରାତିରେ ଅଭିଯୁକ୍ତ କାହ୍ନୁ ଓ ତାଙ୍କ ଭାଇ ସଞ୍ଜୟ ମହାନ୍ତି ନିଶାସକ୍ତ ଅବସ୍ଥାରେ ବିଭିନ୍ନ ମାରଣାସ୍ତ୍ର ଧରି ବିଷ୍ଣୁଙ୍କ ଘରେ ପଶି ପରିବାର ଲୋକଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ବିଷ୍ଣୁ ଓ ତାଙ୍କ ପୁଅ ଅଜୟ ପ୍ରତିବାଦ କରିବାରୁ ସେମାନଙ୍କୁ ଜୀବନରୁ ମାରିଦେବାକୁ ଉଭୟ ଧମକ ଦେଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଅଜୟ ସେମାନଙ୍କୁ ଘଉଡ଼େଇବାକୁ ଚେଷ୍ଟା କରୁଥିବାବେଳେ କଲୋନୀର ଅନତି ଦୂରରେ ଅଭିଯୁକ୍ତ ୨ଜଣ ତାଙ୍କ ଉପରକୁ ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ଏଥିରେ ଅଜୟ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୧୪/୧୩) ରୁଜୁ କରିଥିଲା। ଏହାପରେ ସଞ୍ଜୟ କୋର୍ଟରେ ଆତ୍ମସମର୍ପଣ କରିଥିବାବେଳେ କାହ୍ନୁ ଫେରାର ଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରିଛି।

# ନୂତନ ତହସିଲଦାରଙ୍କ ଯୋଗଦାନ

ସାଲେପୁର, ୨୧।୯ (ଡି.ଏନ୍.ଏ.)



ଦୀର୍ଘଦିନ ଧରି ସାଲେପୁର ତହସିଲଦାରଙ୍କ ପଦବୀ ଖାଲି ପଡିଥିବା ବେଳେ ବୁଧବାର ଶିବ ମଲ୍ଲିକ ଯୋଗଦେଇଛନ୍ତି। ପୂର୍ବରୁ ଥିବା ତହସିଲଦାର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ନିଶ୍ଚିନ୍ତକୋଇଲି ବିଡିଓ ଭାବେ ବଦଳି ହେବା ପରେ ଏହି ପଦବୀ ଖାଲିପଡ଼ିଥିଲା। ମଲ୍ଲିକ ଏହା ପୂର୍ବରୁ କେନ୍ଦ୍ରାପଡ଼ା ଜିଲା ଉପନିବନ୍ଧକ ଭାବେ କାର୍ଯ୍ୟ କରୁଥିଲେ।

# ଆନ୍ତର୍ଜାତିକ ଶାନ୍ତି ଦିବସ

ବାଙ୍କୀ,୨୧।୯(ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ଓ ରେଞ୍ଜର ସଂସ୍ଥା ଆନୁକୂଲ୍ୟରେ ଆନ୍ତର୍ଜାତିକ ଶାନ୍ତି ଦିବସ ବୁଧବାର ପାଳିତ ହୋଇଛି। ଆଲୋଚନାଚକ୍ରରେ ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ସଭାପତିତ୍ୱ କରି ଆନ୍ତର୍ଜାତିକ ଶାନ୍ତି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ମୁଖ୍ୟ ବକ୍ତା ଭାବେ ଡ. ଶ୍ରୀକାନ୍ତ ଦାଶ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତି ହିଁ ଏକମାତ୍ର ଶାନ୍ତିର ମାଧ୍ୟମ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡ.ବିଶ୍ୱରଞ୍ଜନ ସାହୁ ଯୋଗଦାନ କରି ଶାନ୍ତିର ବାର୍ତ୍ତା ପ୍ରଦାନ କରିଥିଲେ। ରେଞ୍ଜର ଲିଡର ଅଧ୍ୟାପିକା ଦେବସ୍ମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



ମହାବିଦ୍ୟାଳୟରେ ରୋଭର ଓ ରେଞ୍ଜର ପକ୍ଷରୁ ଅନୁଷ୍ଠିତ ଆନ୍ତର୍ଜାତିକ ଶାନ୍ତି ଦିବସରେ ଅତିଥି।

# ଆଲୋକୀକରଣ, ପାନୀୟଜଳ ପ୍ରକଳ୍ପରେ ଖର୍ଚ୍ଚ ହେବ ୧.୧୫ କୋଟି

ସାଲେପୁର,୨୧।୯ (ଡି.ଏନ୍.ଏ.)

ସାଲେପୁର ବ୍ଲକ ଅନ୍ତର୍ଗତ ଦ୍ୱୀପାଞ୍ଚଳରେ ଥିବା ତରିତୋ ଓ ରଟିଲୋ ପଞ୍ଚାୟତରେ ଆଲୋକୀକରଣ ଓ ପାନୀୟ ଜଳ ପ୍ରକଳ୍ପ ନିମନ୍ତେ ଖର୍ଚ୍ଚ ହେବ ୧.୧୫ କୋଟି ଟଙ୍କା। ଏହି ପ୍ରକଳ୍ପଗୁଡ଼ିକ ପାଇଁ ବୁଧବାର ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଭିତ୍ତିପ୍ରସ୍ତର ଓ ଶିଳାନ୍ୟାସ କରିଛନ୍ତି। ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ତରିତୋ ପଞ୍ଚାୟତର ମୁର୍କୁଣ୍ଡି ଗ୍ରାମକୁ ସାମିଲ କରିବା ସହ ୪୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥାର ଶିଳାନ୍ୟାସ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ବିଶ୍ୱାଳ, ଜିଲାପରିଷଦ ସଭ୍ୟା ନମିତା ସେଠୀ, ସାଲେପୁର ବିଡିଓ ସୂର୍ଯ୍ୟକାନ୍ତ ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ନାୟକ, ତରିତୋ ସରପଞ୍ଚ ଜିନ୍ ସେଠୀ, ସମିତିସଭ୍ୟା ରଶ୍ମିତା ବେହେରା, ବରିଷ୍ଠ ନାଗରିକ ଗୋପୀନାଥ ପୁହାଣ, ମୁରଲୀଧର ରାୟଗୁରୁ, ଶିକ୍ଷାବିତ୍ ହେମନ୍ତ କୁମାର ନନ୍ଦ, ଯୁବ ସମାଜସେବୀ ଲୋଲୁପ କୁମାର ବିଶ୍ୱାଳ,କାର୍ଯ୍ୟକାରିଣୀ ସଦସ୍ୟ ନମିତା ଦଳେଇ, ରଶ୍ମିତା ବିଶ୍ୱାଳ, ୱାର୍ଡସଭ୍ୟସଭ୍ୟା ଝିଲ୍ଲୀ ଭୋଇ, ପ୍ରଭାତ କୁମାର ମଲ୍ଲିକ, ମାନସୀ ବେହେରା, ନମିତା ବେହେରା, ଅନୁପମା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରଟିଲୋ ପଞ୍ଚାୟତରେ ୭୫ଲକ୍ଷ ଟଙ୍କା ବ୍ୟୟରେ ବିଶୁଦ୍ଧ ପାନୀୟଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ମିଶନ୍ ଶକ୍ତି ଗୃହକୁ ଉଦଘାଟନ କରିଥିଲେ। ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଜ୍ୟୋତିରଞ୍ଜନ ଦାଶ, ସହକାରୀ ଯନ୍ତ୍ରୀ ସମରେଶ ଭୂୟାଁ, ସରପଞ୍ଚ ମନୋରଞ୍ଜନ ସ୍ୱାଇଁ, ସମିତି ସଭ୍ୟା ଗୀତାଞ୍ଜଳି ଆଚାର୍ଯ୍ୟ, ପୁରୁଣାହାଟ ସରପଞ୍ଚ ଅଶୋକ ଭୂୟାଁ, ସମିତିସଭ୍ୟା ଗିରିଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ମିଶନ୍ ଶକ୍ତି ପଡ଼ିଆରେ ଅନୁଷ୍ଠିତ ମହିଳା ସମାବେଶରେ ବିଧାୟକ ବେହେରା ଯୋଗଦେଇ ରଟିଲୋ ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତରେ ପରିଣତ କରିବା ପାଇଁ ଆହ୍ୱାନ କରିଥିଲେ। ଯୁବନେତା ଚିରଞ୍ଜନ ପୁହାଣ, ନିରଞ୍ଜନ ସାହୁ, ଧ୍ରୁବଚରଣ ମହାପାତ୍ର, କବି ବର୍ଦ୍ଧନ, ବୈରାଗୀ ଜେନା, ସନାତନ ଜେନା, ପ୍ରଦୀପ୍ତ ଦାଶ, ଅଭିରାମ ସେଠୀ, ଅରବିନ୍ଦ ନାୟକ, ବସନ୍ତ ନାୟକ, ରମେଶ ଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ବେହେରା, ଭାସ୍କର ରାଉତ, ନିରଞ୍ଜନ ବିଶ୍ୱାଳ, କବିତା ସାହୁ, ସ୍ୱପ୍ନାରାଣୀ ଦାଶ, ସୁକାନ୍ତ ଭୋଇ, ସନାତନ ଭୋଇ, ସୁକାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।


ମହିଳା ସମାବେଶରେ ବିଧାୟକ ପ୍ରଶାନ୍ତ ବେହେରା ଓ ଅନ୍ୟମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୨ ସେପ୍ଟେମ୍ବର ୨୦୨୨

## ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ଗୁରୁତର

ନିମାପଡ଼ା,(ଡି.ଏନ୍.ଏ.): ଚାରିଛକ-ଗୋପ ରାସ୍ତାର ଛଣିଜଙ୍ଗ ଛକ ନିକଟରେ ବୁଧବାର ମଧାହ୍ନରେ ଏକ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ଚାରିଛକ ଫାଣ୍ଡି ଅନ୍ତର୍ଗତ ତମ୍ପାଲୋ ପଞ୍ଚାୟତ ଅନ୍ତର୍ଗତ ସୁଦରଖ ଗ୍ରାମର ହିମାଂଶୁ ମହାନ୍ତି(୨୨)। ଏନେଇ ପୋଲିସ ଏକ ମାମଲା(ନଂ.୩୨୨/୨୨)ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଥାଉ କି, ହିମାଂଶୁ ଛଣିଜଙ୍ଗ ବଜାର ରାସ୍ତା କଡରେ ବାଇକ ରଖି ଛିଡା ହୋଇଥିଲେ। ସେହି ସମୟରେ ଗୋପରୁ ଚାରିଛକ ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ହିମାଂଶୁଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚାରିଛକ ମେଡିକାଲପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।






୨୧।୯।୨୦୨୨

| | |
|---|---|
| ୩,୯୨,୮୪୩ ଟଙ୍କା | |
| ସୁନା | ୩୫.୫୮୦ ଗ୍ରାମ |
| ରୁପା | ୫୦୦ ଗ୍ରାମ |

# ଘର ବିକ୍ରି ନାମରେ ୧.୧୦ କୋଟି ଠକେଇ

**ଇ-ଷ୍ଟାମ୍ପ ଲାଇସେନ୍ସ କରିବାକୁ କହି ନେଇଥିଲେ ୬୦ ଲକ୍ଷ**

ପୁରୀ ଅଫିସ,୨୧।୯

ପୁରୀ ସଦରଥାନା ଅନ୍ତର୍ଗତ ନୀଳଚକ୍ର ନଗରର ହିମାଂଶୁ ଶେଖର ମହାନ୍ତି ଏକ ବଡ଼ ଧରଣର ଠକାମିର ଶିକାର ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ଉତ୍ତରା ନିକଟରେ ଏକ ଘର କିଣାଇ ଦେବାକୁ କହି ନିମାପଡ଼ା ଅଞ୍ଚଳର ଜଣେ ବ୍ୟକ୍ତି ଗତ ୩ମାସ ମଧ୍ୟରେ ୧କୋଟି ୧୦ ଲକ୍ଷ ଟଙ୍କା ଠକି ନେଇଯାଇଥିବା ହିମାଂଶୁ କହିଛନ୍ତି। ଏ ନେଇ ସେ ଥାନାରେ ଅଭିଯୋଗ କରିଥିବା ବେଳେ ଠକଜଣକ ଏବେ ଫେରାର ହୋଇଯାଇଛନ୍ତି। ଏପରିକି ଏହି ଠକେଇରେ ବ୍ୟକ୍ତିଙ୍କ ପରିବାର ଲୋକ ମଧ୍ୟ ସହଯୋଗ କରିଥିବା କହିଛନ୍ତି।

ଅଭିଯୋଗ ଅନୁଯାୟୀ, ହିମାଂଶୁ ଏକ ଘର କିଣିବା ପାଇଁ ଚାହୁଁଥିଲେ। ଏଭଳି ସମୟରେ ନିମାପଡ଼ାର ଉମାକାନ୍ତ ମହାନ୍ତିଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଉତ୍ତରା ଛକଠାରେ ଉମାକାନ୍ତଙ୍କ ମାଙ୍କ ନାମରେ ଥିବା ଏକଚାଳିଆସ୍ଥିତ ସ୍ଥିତିବାନ ଖାତା ନମ୍ବର ୨୪୭, ଚକ ନମ୍ବର ୮୦/୩୫୮, ପ୍ଲଟ ନମ୍ବର ୩୩୩/୯୦୩ ୫.୫ ଡିସିମିଲରେ ଏକ ଦୋତାଲା ଘର ବିକ୍ରି ହେଉଥିବା ନେଇ ହିମାଂଶଙ୍କୁ କହିଥିଲେ। ହିମାଂଶୁ ଏଥିପାଇଁ ରାଜି ହେବା ପରେ ଚୁକ୍ତିପତ୍ର ମାଧ୍ୟମରେ ପ୍ରଥମେ ୧କୋଟି ୭ ଲକ୍ଷ ପରେ ଆଉ ୩ ଲକ୍ଷ ଉମାକାନ୍ତଙ୍କୁ ଦେଇଥିଲେ। ଏଥିସହ ଘରର ରେଜିଷ୍ଟ୍ରି କରିବା ଏବଂ ବାଲିଅନ୍ତା, ବାଲିପାଟଣାର ସବରେଜିଷ୍ଟ୍ରିରେ ଇ-ଷ୍ଟାମ୍ପ ଲାଇସେନ୍ସ କରିବା ପାଇଁ ପୁଣି ୬୦ ଲକ୍ଷ ଟଙ୍କା ଉମାକାନ୍ତ ନେଇଥିଲେ। ପରେ ଘରର କାଗଜପତ୍ର ମାଗିବାରେ ଉମାକାନ୍ତ ଆଉ ଦେଖା ଦେଇ ନ ଥିଲେ। ଏପରିକି ଇ-ଷ୍ଟାମ୍ପ ଲାଇସେନ୍ସ ମଧ୍ୟ ଜାଲିଆତି ଥିବା ହିମାଂଶୁ ଜାଣିପାରିଥିଲେ। ଏ ନେଇ ହିମାଂଶୁ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୨୬/୨୨) ରୁଜୁ କରି ତଦନ୍ତ କରି ଉମାକାନ୍ତଙ୍କୁ ଗିରଫ କରିଥିଲେ। ହେଲେ ପରେ ଉମାକାନ୍ତଙ୍କ ଜଣେ ଭାଇ ଥାନାକୁ ଆସି ଏକ ଚୁକ୍ତିପତ୍ର ଲେଖି ୨ ଦିନ ଭିତରେ ହିମାଂଶୁଙ୍କ ନାମରେ ରେଜିଷ୍ଟ୍ରି କରିବା ପାଇଁ କଥା ଦେଇ ଜାମିନରେ ନେଇଥିଲେ। କିନ୍ତୁ ପରେ ହିମାଂଶୁଙ୍କ ନାମରେ ସେହି ଘରକୁ ରେଜିଷ୍ଟ୍ରି ନ କରି ଅନ୍ୟ ଜଣଙ୍କ ନାମରେ ରେଜିଷ୍ଟ୍ରି କରି ନେଇଥିଲେ। ଏ ନେଇ ହିମାଂଶୁ ହାଇକୋର୍ଟରେ ମଧ୍ୟ ଏକ ଅଭିଯୋଗ କରିଥିଲେ। ତେଣୁ ପୋଲିସ ପ୍ରଶାସନ ଉପଯୁକ୍ତ ତଦନ୍ତ କରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ହିମାଂଶୁ ଅନୁରୋଧ କରିଛନ୍ତି।




ହାସ୍ୟ ଅଭିନେତା ରାଜୁ ଶ୍ରୀବାସ୍ତବଙ୍କ ବିୟୋଗରେ ପୁରୀ ବେଳାଭୂମିରେ ବୁଧବାର ଅନ୍ତର୍ଜାତୀୟ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳା ଦ୍ୱାରା ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## କାଠି ଦେବତା ଭାବେ ପୂଜାପାଆନ୍ତି ମା' କୁଞ୍ଜେଶ୍ୱରୀ

କଣାସ,୨୧।୯(ସ୍ୱ.ପ୍ର.)

କଣାସ ଅଞ୍ଚଳର ଆରାଧ୍ୟା ଠାକୁରାଣୀ ମା' କୁଞ୍ଜେଶ୍ୱରୀଙ୍କ ବର୍ଷସାରା ବିଭିନ୍ନ ପର୍ବପର୍ବାଣି ପାଳନ କରାଯାଏ। ତେବେ ଆଶ୍ୱିନ ମାସର ୧୬ପୂଜାରେ ମା' ୭ଦିନ ଧରି କାଠି ଦିଅଁ ଭାବେ ପୂଜାପାଆନ୍ତି। ପୂଜାର ଶୁକ୍ଳପକ୍ଷ ଦ୍ୱିତୀୟାଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ମା' କାଠିଦିଅଁ ଭାବେ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ଏଥିସହ ୫ମୀ, ୬ଷ୍ଠୀ, ୭ମୀ, ୮ମୀ ତିଥିରେ ମା' ୧୬ଖଣ୍ଡ ଗ୍ରାମ ବୁଲି ଦୁଆରି ଭୋଗ ଖାଆନ୍ତି। ପ୍ରଥା ଅନୁଯାୟୀ, ଦ୍ୱିତୀୟା ତିଥିରେ ଠାକୁରାଣୀଙ୍କ ୧୬ଫୁଟ୍ ଲମ୍ବର ଏକ ବାଉଁଶ କାଠି ବାଲିପାଟଣା ଗ୍ରାମର ସୁବୁଦ୍ଧି ପରିବାରରୁ ମା'ଙ୍କ ସେବକ ଏବଂ ପୂଜାରୀ ପୂଜାର୍ଚ୍ଚନା କରିବା ପରେ ମନ୍ଦିରକୁ ଆସିଥାଏ। ବିଶ୍ୱକର୍ମା କାଠିଦିଅଁ ଖୋରା କରିବା ପରେ ସେବକମାନେ କାଠିକୁ ଗଙ୍ଗାଜଳରେ ଧୋଇବା ପରେ ଫୁଲ, ଚନ୍ଦନ, ଅଗୁର ଦେଇ ମା'ଙ୍କୁ ନୂତନ ବସ୍ତ୍ର ପିନ୍ଧାନ୍ତି। ମା'ଙ୍କ



ନିକଟରେ କାଠିକୁ ସମର୍ପଣ କରି ବେଢା ପରିକ୍ରମା କରାଇଥାନ୍ତି। ଏହି କାଠି ଦେବତାଙ୍କୁ ଦର୍ଶନ କରିବା ପାଇଁ ଅଞ୍ଚଳର ବହୁ ଭକ୍ତ ରୁଣ୍ଡ ହୁଅନ୍ତି ଏବଂ କାଠିଦିଅଁ ଗ୍ରାମକୁ ଗ୍ରାମ ଭୋଗ ଖାଇବା ସମୟରେ ମାନସିକ ରଖିଥିବା ଭକ୍ତମାନେ କାଠିକୁ ନୂଆବସ୍ତ୍ର ଅର୍ପଣ କରିଥାଆନ୍ତି।

## ଅପରାଧୀ ଶଶି ସମ୍ବଲପୁର ଜେଲ ସ୍ଥାନାନ୍ତର

ପୁରୀ ଅଫିସ,୨୧।୯

ପୁରୀ ଜେଲ୍‌ରେ ଗ୍ୟାଙ୍ଗୱାର ଆଶଙ୍କା ଥିବାରୁ ପୂର୍ବରୁ ଜେଲରେ ଥିବା ଅପରାଧୀ ପପୁ ବରାଳଙ୍କୁ ଖାରପଡ଼ା ଜେଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେହିଭଳି ପୁରୀ ଜେଲରେ ଥିବା ଅପରାଧୀ ଶଶି ଓରଫ ଶଶାଙ୍କ ଶେଖର ନାୟକଙ୍କୁ ବୁଧବାର ସମ୍ବଲପୁର ସର୍କଲ ଜେଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ପୁରୀ ପୋଲିସ ପକ୍ଷରୁ ସୂଚନା ମିଳିଛି।

ଜେଲ୍ ଭିତରେ ପପୁ ବରାଳଙ୍କୁ ଆକ୍ରମଣ ହେବା ପରେ ଶଶିଙ୍କୁ ଆକ୍ରମଣ ହେବା ନେଇ ଜେଲ କର୍ତ୍ତୃପକ୍ଷ ସୁରାକ ପାଇଥିଲେ। ଯେଉଁଥିପାଇଁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଦିଆଯାଇଥିଲା। ବିଭାଗର ନିର୍ଦ୍ଦେଶକ୍ରମେ ଶଶିକୁ ସମ୍ବଲପୁର ସ୍ଥାନାନ୍ତର କରାଯାଇଛି। ସମ୍ବଲପୁର ସର୍କଲ ଜେଲ୍‌ରେ ତାଙ୍କୁ ହାଇସିକ୍ୟୁରିଟିରେ ରଖାଯିବ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ଏ ସମ୍ପର୍କରେ ଜେଲର ଅକ୍ଷୟ ଜେନା କହିଛନ୍ତି, ଆବଶ୍ୟକସ୍ଥଳେ କଏଦୀମାନଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରାଯାଇଛି। ପୂର୍ବରୁ ଏକାଧିକ କଏଦୀ ଏଭଳି ସ୍ଥାନାନ୍ତର ହୋଇଥିବା ସେ କହିଛନ୍ତି। ଅପରାଧୀ ଶଶିଙ୍କ ଘର ପୁରୀ ଟାଉନ ଥାନା ଅନ୍ତର୍ଗତ ପଥୁରିଆସାହିରେ। ସହରରେ ଦାଦାବଟି ଆଦାୟ କରିବା ସହ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ସେ ଲିପ୍ତ ରୁହନ୍ତି। ଗତ ଏପ୍ରିଲରେ ବଟି ଆଦାୟ କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ହାତରେ ଧରାପଡ଼ି ଜେଲ ଯାଇଥିଲେ। ସେବେଠାରୁ ବିଚାରାଧୀନ କଏଦୀ ଭାବେ ପୁରୀ ଜେଲରେ ରହିଆସୁଥିଲେ। ଶଶି ନାଁରେ ମଙ୍ଗେଶ୍ୱର ଥାନା, ପୁରୀସଦର, କୁମ୍ଭାରପଡ଼ା ଟାଉନ ଥାନାରେ ୧୫ରୁ ଉର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ବୋମା ମାଡ଼, ଦାଦାବଟି ମାମଲା ମଧ୍ୟ ରହିଛି। ତେଣୁ ତାଙ୍କ ବିରୋଧରେ ଏନ୍‌ଏସ୍‌ଏ(ଜାତୀୟ ନିରାପତ୍ତା ଆଇନ) ଲଗାଇବା ପାଇଁ ଗତ ମେ'ରେ ପୋଲିସ ପକ୍ଷରୁ ସରକାରଙ୍କୁ ଜଣାଇ ଦିଆଯାଇଥିଲା। ଜୁନରେ ବିଚାର କମିଟି ଶଶି ବିରୋଧରେ ଏନ୍‌ଏସ୍‌ଏ ଲଗାଇଛନ୍ତି ।

## ୭ ମାସର ଛେଳିକୁ ଅଜଗର ଗିଳିବା ନେଇ ଚର୍ଚ୍ଚା

ଗୋପ,୨୧।୯(ଡି.ଏନ୍.ଏ.)

ଗୋପ ଥାନା ଅନ୍ତର୍ଗତ ମଦରଙ୍ଗ ନିକଟ ପରାଳ ପଦ୍ମ ପୋଖରୀ ନିକଟରେ ବୁଧବାର ସନ୍ଧ୍ୟାରେ ଗୋଟିଏ ଅଜଗର ଏକ ୭ ମାସର ଛେଳିକୁ ଗିଳି ଦେଇଥିବା ନେଇ ଚର୍ଚ୍ଚା ହେଉଛି। ଯାହାକୁ ନେଇ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ପ୍ରକାଶ ଯେ, ମଦରଙ୍ଗ ଗାଁ ନିକଟସ୍ଥ ଚଢ଼େଇ ଗାଁର ଜଣେ ବ୍ୟକ୍ତି ତାଙ୍କର କେତୋଟି ଛେଳିକୁ ଚରାଇବାକୁ ନେଇଥିଲେ। ସେ ଛେଳି ଛାଡ଼ିଦେଇ ବସିଥିବା ବେଳେ ଏକ ଅଜଗର ସାପ ପଦ୍ମ ପୋଖରୀ ନିକଟସ୍ଥ ଏକ ପାଣି ଯୋଡ଼ରୁ ଆସି ନିକଟରେ ଚରୁଥିବା ଗୋଟିଏ ୭ ମାସର ଛେଳିକୁ ଗିଳି ଦେଇଥିଲା। ଛେଳିଙ୍କ ଶବ୍ଦ ଶୁଣି ଚରାଇବାକୁ ନେଇଥିବା ବ୍ୟକ୍ତି ପାଟି କରିବାରୁ ସାପଟି ଛେଳିକୁ ଧରି ଯୋଡ଼ ମଧ୍ୟକୁ ଚାଲିଯାଇଥିଲା। ପରେ ଘଟଣାସ୍ଥଳରେ ନିକଟସ୍ଥ ଗାଁ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ହେଲେ ଏବେ ଏହି ଅଞ୍ଚଳରେ କେତେଜଣ ଏହି ଘଟଣାକୁ ନେଇ ଗୁଜବ କହୁଥିବା ବେଳେ ଗ୍ରାମରେ ଭୟର ବାତାବରଣ ମଧ୍ୟ ଦେଖାଦେଇଛି। ଏହି ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଚାଷ ଜମିରେ ଅଜଗର ସାପ ଯିବା ଦେଖିଥିବା କହୁଛନ୍ତି। ପ୍ରକାଶଥାଉ କି, ୨ ବର୍ଷ ତଳେ ଏହି ଅଞ୍ଚଳ ନେତପୁର ନିକଟସ୍ଥ କୁଶଭଦ୍ରା ନଦୀରୁ ଗୋଟିଏ ଅଜଗର ସାପ ଜାଲରେ ପଡିବା ପରେ କୋଣାର୍କ ଜଙ୍ଗଲ ବିଭାଗ ଅଧିକାରୀମାନେ ଆସି ଅଜଗରକୁ ନେଇଥିଲେ। ବିଭିନ୍ନ ସମୟରେ କୁଶଭଦ୍ରା ନଦୀର ବନ୍ୟାଜଳରେ ସାପ, ବିଭିନ୍ନ ଜନ୍ତୁ ଏ ଅଞ୍ଚଳକୁ ଆସିବା ବହୁ ନଜିର ମଧ୍ୟ ରହିଛି। କିନ୍ତୁ ଏବେ ସାପ ଗୁଜବକୁ ନେଇ ମଦରଙ୍ଗ, କୁଆଁପଡା, ପରାଳ, ଚଢେଇ ଗାଁ, ସୁଜାନଗର ଗାଁରେ ଭୟ ଦେଖା ଦେଇଛି।



ମା' ବାଙ୍କୀମୁହାଣ ରାମଚଣ୍ଡୀଙ୍କ କାତ୍ୟାୟନୀ ବେଶ।

## ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖା ପରିଚାଳକଙ୍କ ବଦଳି

**ଏସ୍‌ଏଚ୍‌ଜି ମହିଳାଙ୍କ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ଘଟଣା**

ଗୋପ,୨୧।୯(ଡି.ଏନ୍.ଏ.)

ଗୋପ ବ୍ଲକ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ମହିଳାଙ୍କ କେତେକ କାମକୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଶାଖା ପରିଚାଳକ ଜାଣିଶୁଣି ନ କରିବା ଅଭିଯୋଗ ହୋଇଥିଲା। ଏପରିକି ପ୍ରତିବାଦରେ ଏସ୍‌ଏଚ୍‌ଜି ମହିଳାମାନେ ବ୍ୟାଙ୍କ ସମ୍ମୁଖରେ ଧାରଣା ମଧ୍ୟ ଦେଇଥିଲେ। ଏହି ଘଟଣା ପରେ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗୋପସ୍ଥିତ ପଞ୍ଜାବ ବ୍ୟାଙ୍କର ଶାଖା ପରିଚାଳକଙ୍କୁ ବଦଳି କରିଦିଆଯାଇଛି। ପ୍ରକାଶ ଯେ, ଗୋପ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏ ଅଞ୍ଚଳର ଏକ ପୁରାତନ ବ୍ୟାଙ୍କ ଭାବେ କାର୍ଯ୍ୟ କରୁଥିବା ବେଳେ ଏହି ବ୍ୟାଙ୍କରେ ୫୦ ହଜାରରୁ ଅଧିକ ଜମା ଖାତା ରହିଛି। ବିଶେଷ କରି ଏହି ବ୍ୟାଙ୍କରେ ଗୋପ ବ୍ଲକର ୩ ପଞ୍ଚାୟତର ୪୦୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ୫ ହଜାରରୁ ଅଧିକ ଜମା ଖାତା ମଧ୍ୟ ରହିଛି। ସରକାର ମହିଳା ଗୋଷ୍ଠୀଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ଋଣ ସହିତ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେଉଥିଲେ ମଧ୍ୟ ଗୋପର ଏହି ବ୍ୟାଙ୍କରେ ଥିବା ଶାଖା ପରିଚାଳକ ଗୋଷ୍ଠୀର କୌଣସି କାର୍ଯ୍ୟ କରୁ ନ ଥିବା ମହିଳାମାନେ ବାରମ୍ବାର ଅଭିଯୋଗ କରୁଥିଲେ। ଏ ପ୍ରସଙ୍ଗରେ ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି ଜିଲାପାଳଙ୍କଠାରୁ ଆରମ୍ଭ କରି ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ ୧୯ ତାରିଖରେ ହଜାରରୁ ଉର୍ଦ୍ଧ୍ୱ ମହିଳା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଶାଖା ପରିଚାଳକଙ୍କୁ ଘେରି ଯିବା ସହ କାର୍ଯ୍ୟକୁ ୨ଘଣ୍ଟା ପର୍ଯ୍ୟନ୍ତ ବନ୍ଦ କରିଦେଇଥିଲେ। ଫଳରେ ସମ୍ପୃକ୍ତ ବ୍ୟାଙ୍କ ଶାଖା ପରିଚାଳକ ସବ୍ୟସାଚୀ ସେଠୀ ୮ ଦଫା ସମ୍ବଳିତ ଏକ ଦାବିପତ୍ର ଅନୁସାରେ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ବିକ୍ଷୋଭରୁ ହଟିଥିଲେ। ହେଲେ ଏହି ଘଟଣାର କିଛିଦିନ ପରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷ ସମ୍ପୃକ୍ତ ଶାଖା ପରିଚାଳକ ସେଠୀଙ୍କୁ ବଦଳି କରିଛନ୍ତି। ତାଙ୍କ ସ୍ଥାନରେ ନୂତନ ଭାବେ ସତ୍ୟନାରାୟଣ ଘଡ଼େଇଙ୍କୁ ବ୍ୟାଙ୍କ ଶାଖା ପରିଚାଳକ ଦାୟିତ୍ୱ ମିଳିଛି।

## ରୋଟାରୀର ଡିଷ୍ଟ୍ରିକ୍ଟ ସ୍ତରୀୟ ଶାନ୍ତି ଆଲୋଚନାଚକ୍ର

ପୁରୀ ଅଫିସ,୨୧।୯

ସେପ୍ଟେମ୍ବର ୨୧ ଅନ୍ତର୍ଜାତୀୟ ଶାନ୍ତି ଦିବସ ଅବସରରେ ପୁରୀ ରୋଟାରୀ କ୍ଲବ ଆନୁକୂଲ୍ୟରେ ରୋଟାରୀ ଡିଷ୍ଟ୍ରିକ୍ଟ ସ୍ତରୀୟ ଶାନ୍ତି ଆଲୋଚନାଚକ୍ର ବୁଧବାର ସ୍ଥାନୀୟ ହୋଟେଲରେ ଆୟୋଜିତ ହୋଇଯାଇଛି। ଏଥିରେ ରୋଟାରୀ କ୍ଲବ ପୁରୀର ସଭାପତି ରୋଟାରିଆନ୍ କମଳେନ୍ଦୁ ଦାଶ ଅଧକ୍ଷତାରେ କାର୍ଯ୍ୟକ୍ରମରେ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ପ୍ରଭୁଦତ୍ତ ସୁବୁଦ୍ଧି ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଦାଶ ବେନହୁର ଭାବେ ସୁପରିଚିତ ଶିଶୁ ସାହିତ୍ୟିକ ଅଧ୍ୟାପକ ଜୀତେନ୍ଦ୍ର ନାରାୟଣ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କୋଲକାତା ସଲ୍ଟଲେକ୍ ସିଟି ରୋଟାରୀ କ୍ଲବର ଡ. ସୋମା ଜୟସ୍ୱାଲ ଯୋଗଦେଇଥିଲେ। ରୋଟାରୀର ସିଦ୍ଧାନ୍ତ ଓ ଭାରତୀୟ ଦର୍ଶନକୁ ପାଥେୟ କରି ସମାଜକୁ ଯଥାସମ୍ଭବ ପ୍ରତିଦାନ ଦେବା ସହ ଅନ୍ୟ ପ୍ରତି ଈର୍ଷା ନ କଲେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ନୀଳାଚଳ ନାରୀସେବା ସମିତି ସଭାନେତ୍ରୀ କୁନ୍ତଳା ଆଚାର୍ଯ୍ୟ ଏବଂ ପୁରୀର ଜଣାଶୁଣା ମଞ୍ଚ ସଂଯୋଜକ ସାହିତ୍ୟିକ ଶ୍ୟାମପ୍ରକାଶ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଚିତ୍ରାଙ୍କନରେ ବିଶ୍ୱମ୍ଭର ବିଦ୍ୟାପୀଠର ବିଷ୍ଣୁ ଦାସ୍ ପ୍ରଥମ, ପୁରୀ ଜିଲା ସ୍କୁଲର ସ୍ୱୟଂପ୍ରଭା ମଲ୍ଲ ଦ୍ୱିତୀୟ, ଭଗବତୀ ବିଦ୍ୟା ନିକେତନର ସ୍ୱାଗତିକା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ସ୍ଲୋଗାନ୍ ପ୍ରତିଯୋଗିତାରେ ପୋଲିସ ନୋଡାଲ ହାଇସ୍କୁଲର ସାନ୍ତନୁ ସାହୁ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟର ଦୀପ୍ତିମୟୀ ମହାନ୍ତି ଦ୍ୱିତୀୟ ଓ ପୋଲିସ୍ ନୋଡାଲ୍ ହାଇସ୍କୁଲର କପିଳେନ୍ଦ୍ର ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଭାରେ ୩୨୬୨ର ଶାନ୍ତି କମିଟି ଅଧକ୍ଷ ସନ୍ତୋଷ ପାତ୍ର, କ୍ଲବର ଶାନ୍ତି କମିଟି ଅଧକ୍ଷ ଜୟ ଦାସଗୁପ୍ତା, ଉପାଧକ୍ଷ ରବିନାରାୟଣ ମିଶ୍ର ଓ ଶାନ୍ତି କମିଟି ଉପଦେଷ୍ଟା କୈଳାସ କାନୁନ୍‌ଗୋ ଉପସ୍ଥିତ ଥିଲେ। ସଭାକୁ ଶୁଭ୍ରାଂଶୁ ଶେଖର ମହାପାତ୍ର ପରିଚାଳନା କରିଥିଲେ।

## ଓଡ଼ିଶା ଯୁବ ଚେତନା ସଂଗଠନର ଜିଲାପାଳଙ୍କୁ ଦାବିପତ୍ର

ପୁରୀ ଅଫିସ,୨୧।୯

ପୁରୀ ସହରରେ ବର୍ଷ ବର୍ଷ ଧରି ଥିବା ଜନସାଧାରଣଙ୍କ ନାମରେ ମୁକ୍ତ ଦେୟରେ ସରକାର ପଟ୍ଟା ପ୍ରଦାନ କରିବାକୁ ଦାବି କରି ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ବୁଧବାର ଜିଲାପାଳଙ୍କ ଜରିଆରେ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ ଏବଂ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ରଙ୍କ ଅଭିଯୋଗ ଅନୁଯାୟୀ, ପୁରୀର ସ୍ଥାୟୀବାସିନ୍ଦା, ସାତ ସାହି ମଣିଷ, ସେବାୟତ ଯେଉଁମାନେ ମଠ, ମନ୍ଦିର ବା ପୌରାସଂସ୍ଥାରୁ ରେଜେଷ୍ଟ୍ରି କବଲାରେ ଜମି କିଣିଛନ୍ତି। ଯେଉଁ ଜମି ମଠ ବା ମନ୍ଦିର ସରକାରଙ୍କ ଏଣ୍ଡାଓମେଣ୍ଟ ବିଭାଗଠାରୁ ଅନୁମତି ଆଣି କିଣାବିକା ହୋଇଛି। ଯେଉଁ କବଲା ମାଧ୍ୟମରେ ସରକାର ବହୁ ଟଙ୍କା ରାଜସ୍ୱ ପାଇଛନ୍ତି। ୩୦ବର୍ଷ ଧରି ସେମାନଙ୍କ ଜମିର ରୟତ ସତ୍ୱ ବିଲୋପ ହେବ କାହିଁକି। ସରକାରୀ ଜମି ଜବରଦଖଲ କରିଥିବା ବସ୍ତିବାସିନ୍ଦାଙ୍କୁ କେଉଁ ନ୍ୟାୟରେ ସରକାର ସ୍ଥାୟୀ ପଟ୍ଟା ଦେଉଛନ୍ତି। ଏହି ଅନ୍ୟାୟର ସ୍ଥାୟୀ ସମାଧାନ ପାଇଁ ସରକାର ତୁରନ୍ତ ଶ୍ରୀମନ୍ଦିର ପ୍ରଶାସନରେ ଅନ୍ୟୂନ୍ୟ ୧୦ଜଣ ନୂଆ ରାଜସ୍ୱ ଅଧିକାରୀ ଅବସ୍ଥାପିତ କରନ୍ତୁ। ସେହିପରି ବାସଗୃହ କରି ବର୍ଷ ବର୍ଷ ଧରି ରହୁଥିବା ଲୋକଙ୍କ ନାଁରେ ମୁକ୍ତଦେୟରେ ପଟ୍ଟା ପ୍ରଦାନ କରନ୍ତୁ। ଯଦି ସମାଧାନ ଶୀଘ୍ର ନ କରନ୍ତି, ପୁରୀର ସମସ୍ତ ସଂଗଠନ ଏକାଠି ହୋଇ ରାସ୍ତାକୁ ଓହ୍ଲାଇବୁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବଚସାରୁ ଗୃହଦାହ, ଜଣେ ଆହତ

ନିମାପଡ଼ା,୨୧।୯(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ଖେଲାର ପେଟ୍ରୋଲ ପମ୍ପଠାରେ ଜଣେ ଟ୍ରକ ଡ୍ରାଇଭରଙ୍କ ସହ ଧନୁଆଁ ପଞ୍ଚାୟତର ଗରପଦା ଗ୍ରାମର ଜୟଦେବ ପ୍ରଧାନ ଓ ତାଙ୍କର ୨ ବନ୍ଧୁଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ବଚସାରୁ ଜୟଦେବ କ୍ରୋଧାନ୍ୱିତ ହୋଇ ଟ୍ରକ ଚାଳକ ନିରଞ୍ଜନ ରାଉତରାୟଙ୍କୁ ମାଡ ମାରି କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଖବରପାଇ ଟ୍ରକ ମାଲିକ ସୁକାନ୍ତ ରାଉତରାୟ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଏଥିରେ ଜୟଦେବ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ସୁକାନ୍ତଙ୍କ ଘରେ ମଙ୍ଗଳବାର ବିଳମ୍ବିତ ରାତିରେ ପହଞ୍ଚି ତାଙ୍କ କବାଟରେ ପେଟ୍ରୋଲ ପକାଇ ନିଆଁ ଲଗାଇଦେଇଥିଲେ। ଏହି ଅଗ୍ନିକାଣ୍ଡରେ ସୁକାନ୍ତ ପୋଡି ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏଥିରେ ସୁକାନ୍ତଙ୍କ ଘରର କବାଟ, ଲୁଗାପଟା ଆଦି ପୋଡିଯାଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା ବେଳକୁ ଏ ସମ୍ପର୍କରେ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

### ଜୁଆ ଖେଳି ୩ ଗିରଫ

ପୁରୀ ଅଫିସ,୨୧।୯: ବେଆଇନ ଭାବରେ ଜୁଆ ଖେଳିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସେହି ଥାନା ଅନ୍ତର୍ଗତ ଗୌଡ଼ବାଡ଼ ସାହି ମହେଶ୍ୱର ନଗରର ଛୋଟୁ ସରକାର ଓରଫ ସୁଶାନ୍ତ(୨୮), ଜନମଙ୍ଗଳ ସମିତି ଲେନ୍‌ର ସୁରଜ ମଣ୍ଡଳ(୩୬) ଏବଂ ଲହରି କମ୍ପ୍ଲେକ୍ସ ନିକଟର ଲିପୁ ରାଉତ(୨୩)। ଏନେଇ ପୋଲିସ ଏକ ମାମଲା (ନଂ. ୧୨୦/୨୨) ରୁଜୁ କରିଛି। ପୋଲିସ ସେମାନଙ୍କ ନିକଟରୁ ୧୨ଶହ ଟଙ୍କା, ୬ ଗୋଟି ଜୁଆପାଲି ଗୋଟି, ୨ ଗୋଟି ଜୁଆପାଲି, ଗୋଟିଏ ମଟକା, ଗୋଟିଏ ମୋବାଇଲ ଫୋନ ଏବଂ ୨ଟି ବାଇକ୍ ଜବତ କରିଛି। ସୂଚନା ଅନୁଯାୟୀ, ବୁଧବାର ପ୍ରାୟ ଅପରାହ୍ନ ୨ଟା ୩୦ ସମୟରେ ପୋଲିସ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ ମହେଶ୍ୱର ନଗର ଅଞ୍ଚଳର ୩ଜଣ ବ୍ୟକ୍ତି ବେଆଇନ ଭାବେ ଜୁଆ ଖେଳୁଥିଲେ। ପୋଲିସ କୌଣସି ସୂତ୍ରରୁ ଖବରପାଇ ଉକ୍ତ ସ୍ଥାନରେ ପହଞ୍ଚି ଚଢ଼ାଉ କରି ୩ଜଣଙ୍କୁ କାବୁ କରିଥିଲା।

### ଧାରଣୀୟ ବିକାଶ ପାଇଁ ମୌଳିକ ବିଜ୍ଞାନ ପାଠ୍ୟଚକ୍ର

ଡେଲାଙ୍ଗ,୨୧।୯(ଡି.ଏନ୍.ଏ.)- ଡେଲାଙ୍ଗ ଷ୍ଟେଶନ ସନ୍ନିକଟ ରାଧାକାନ୍ତ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ପାଠ୍ୟଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୪୫ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। 'ଧାରଣୀୟ ବିକାଶ ପାଇଁ ମୌଳିକ ବିଜ୍ଞାନ' ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ ଭୋଇଙ୍କ ସଭାପତିତ୍ୱରେ ଏବିଇଓ ଯୁଧିଷ୍ଠିର ପରିଡା, ବିଚାରକ ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଗନ୍ଧର୍ବ ଜେନା, ଡେଲାଙ୍ଗ ମହାବିଦ୍ୟାଳୟ ଅଧାପିକା ସ୍ନେହାଞ୍ଜଳି ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ପାଠ୍ୟଚକ୍ରରେ ରାଧାକାନ୍ତ ବିଦ୍ୟାପୀଠର ଛାତ୍ର ପୂର୍ଣ୍ଣଚନ୍ଦ୍ର ରାୟ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ମଞ୍ଚ ପରିଚାଳନା କରିଥିବାବେଳେ ଶ୍ରୀଧର ପ୍ରଧାନ ଏଥିରେ ସହଯୋଗ କରିଥିଲେ। ଏହା ସହିତ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନୀ ଉପରେ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ସିନିୟର ପ୍ରବନ୍ଧ ପ୍ରତିଯୋଗିତାରେ କୃଷ୍ଣାଞ୍ଜଳି ସ୍ୱାଇଁ, ଜୁନିୟରରେ ସୃଷ୍ଟି ସମ୍ପନ୍ନା ପଣ୍ଡା, ବକ୍ତୃତାରେ ସୋନି ବେହେରା, ଶ୍ରଦ୍ଧାଞ୍ଜଳି ବସ୍ତିଆ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିଲେ।




ପୁରୀ ରେଲୱେ ଆର୍‌ପିଏଫ୍ ପକ୍ଷରୁ ପୁରୀରେ ଥିବା ଏକ ବୃଦ୍ଧାଶ୍ରମରେ ଆର୍‌ପିଏଫ୍‌ର ପ୍ରତିଷ୍ଠା ଦିବସ ପାଳନ କରିବା ସହ ଅନ୍ତେବାସୀଙ୍କୁ ଅନ୍ନଦାନ କରାଯାଉଛି।




ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ବୁଧବାର ପୁରୀ ବାଙ୍କୀମୁହାଣ ଓ ନଳାବନ୍ତି ଏସ୍‌ଡିଏ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ପ୍ରତିଯୋଗୀ।